


▶ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-201 ◆BHUBANESWAR ◆THURSDAY ◆16 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୦୧ ◆ଭୁବନେଶ୍ୱର ◆ଗୁରୁବାର ◆୧୬ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ୮ ବର୍ଷର ପିଲାକୁ ଝୁଣି ଖାଇଗଲେ କୁକୁର

■ **ନୂଆପଡା/କୋମନା, ୧୫ ।୧ (ସମିସ):** ଜଣେ ୮ ବର୍ଷର ଶିଶୁକୁ କୁକୁର କାମୁଡ଼ି ଖାଇଛି । ନୂଆପଡ଼ା ଜିଲ୍ଲା କୋମନା ଥାନା ଅଞ୍ଚଳରୁ ଏକ ପରିବାର କର୍ଣ୍ଣାଟକର ଇଟାଭାଟିରେ କାମ କରୁଥିବା ସମୟରେ ତାଙ୍କ ଶିଶୁଙ୍କୁ କୁକୁର କାମୁଡ଼ି ଜୀଅନ୍ତା ଖାଇଯିବା ଭଳି ଏକ ଛାତିଥରା ଘଟଣା ଘଟିଛି । ନୂଆପଡ଼ା ଜିଲ୍ଲା ଢୋର୍ଲାମୁଣ୍ଡା ଗାଁର ମାଲଭଟା ପଡ଼ାର ହନସିଂ ମାଝୀ, ସ୍ତ୍ରୀ ନୂତନୀ ଏବଂ ପୁଅ ସୁଶାନ୍ତଙ୍କୁ ନେଇ କର୍ଣ୍ଣାଟକର କୁପଲ ଜିଲ୍ଲା ଜିନ୍ଦଗିରି ଗାଁର ଇଟାଭାଟିରେ କାମ କରୁଥିଲେ । ବୁଧବାର ମଧ୍ୟାହ୍ନରେ ପୁଅ ସ୍ଥାନୀୟ ଏକ ଦୋକାନକୁ କିଛି ସାମଗ୍ରୀ କିଣିବାକୁ ଯାଇଥିବା ସମୟରେ ବାଟରେ ବୁଲାକୁକୁରମାନେ ଆକ୍ରମଣ କରିଥିଲେ । ତଳେ ପକାଇ କାମୁଡ଼ି ଜୀବନ ନେବା ପରେ ଦେହର ଅର୍ଦ୍ଧାଧିକ ଅଂଶକୁ ଖାଇଯାଇଥିଲେ । ପରିବାର ଲୋକ ଆସି ଦେଖିଲାବେଳକୁ ଜୀବନ ଚାଲିଯାଇଥିଲା । ହସ୍ପିଟାଲକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ମୃତଦେହର ବ୍ୟବଚ୍ଛେଦ ଚାଲିଥିବା ପରିବାର ଲୋକ ଫୋନ ଯୋଗେ ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି । ଖବରରୁ ପ୍ରକାଶ ଯେ, ଆଜିକୁ ▶ପୃଷ୍ଠା-୭



## ଗିରଫ ହେଲେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍

■ **ସିଓଲ, ୧୫।୧ (ଏଜେନ୍ସି):** ଶେଷରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ ସୁକ୍ ୟୋଲ ବୁଧବାର ଗିରଫ ହୋଇଛନ୍ତି । ୟୁନ ଦକ୍ଷିଣ କୋରିଆରେ ସାମରିକ ଶାସନ ଘୋଷଣା କରିବା ପରେ ଉଭୟ ବିରୋଧୀ ଏବଂ ଶାସକ ଦଳ ସଦସ୍ୟଙ୍କ ଦ୍ୱାରା ତୀବ୍ର ସମାଲୋଚନାର ପାତ୍ର ହେବା ସହିତ ବିବାଦୀୟ ହୋଇପଡ଼ିଥିଲେ । ପରେ ପରେ ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରସ୍ତାବ ପାରିତ ହୋଇଥିଲା । ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦକ୍ଷିଣ କୋରିଆ ଅଦାଲତ ନିର୍ଦ୍ଦେଶ ଦେବା ପରେ କିଛି ଦିନ ତଳେ ୟୁନଙ୍କୁ ଗିରଫ କରିବାକୁ ପୁଲିସ ତାଙ୍କ ବାସଭବନରେ ପହଞ୍ଚିଥିଲା । ହେଲେ ସେତେବେଳେ ୟୁନଙ୍କୁ ସମର୍ଥକମାନେ ତୀବ୍ର ବିରୋଧ କରିବା ସହିତ ସୁରକ୍ଷାକର୍ମୀମାନେ ମଧ୍ୟ ବିରୋଧ କରିଥିଲେ । ଏଥିପାଇଁ ସାରା ଦେଶରେ ବିକ୍ଷୋଭ କରାଯିବା ସହ ୟୁନ୍‌ଙ୍କ ସମର୍ଥକମାନେ ରାଜରାସ୍ତାକୁ ଓହ୍ଲାଇ ହର୍‌ତାଳ କରିବା ଆରମ୍ଭ କରିଥିଲେ । ସେତେବେଳେ ପୁଲିସ ନାଚାର ହୋଇ ଫେରି ଆସିଥିଲେ ହେଁ ଦ୍ୱିତୀୟ ଉପକ୍ରମରେ ପୁଲିସ ୟୁନଙ୍କୁ ବୁଧବାର ଗିରଫ କରିଛି ।



### ସ୍ଥିର ହୋଇନାହିଁ ପାଠ୍ୟକ୍ରମ, ଛପା ହୋଇନାହିଁ ବହି

# ବିନା ପ୍ରସ୍ତୁତିରେ ଏନ୍‌ଇପି ବିଜ୍ଞପ୍ତି

■ **ଭୁବନେଶ୍ୱର, ୧୫ ।୧ (ସମିସ):** ପିଲାମାନଙ୍କ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ ହୋଇ ନାହିଁ, ବହି ଛପା ଯାଇ ନାହିଁ । ସ୍କୁଲମାନଙ୍କରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ପାଇ ନାହାନ୍ତି । ମାତ୍ର ରାଜ୍ୟ ସରକାର ପ୍ରାଥମିକ ଓ ମାଧ୍ୟମିକସ୍ତରରେ ୨୦୨୦ ଜାତୀୟ ଶିକ୍ଷାନୀତି (ଏନ୍‌ଇପି)କୁ ପ୍ରଚଳନ ନିମନ୍ତେ ଆନୁଷ୍ଠାନିକ ନିଷ୍ପତ୍ତି ନେଇଛନ୍ତି । ଏଥି ନିମନ୍ତେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି । ଗତ ନଭେମ୍ବର ମାସରେ ଉଚ୍ଚଶିକ୍ଷାରେ ଏନ୍‌ଇପି ୨୦୨୦ କାର୍ଯ୍ୟାନ୍ୱୟନ ନିଷ୍ପତ୍ତି ହୋଇଥିଲେ ହେଁ ତାହା ଏଯାଏ ଝୁଲନ୍ତା ଅବସ୍ଥାରେ ରହିଛି । ତତ୍‌କାଳୀନ ରାଜ୍ୟପାଳ ପ୍ରସ୍ତାବକୁ ଅନୁମୋଦନ ନ କରିବାରୁ ତାହା ବିଧାନସଭାରେ ଆଗତ ହୋଇ ପାରିଲା ନାହିଁ । ଏବେ ରାଜ୍ୟ ସରକାର ବିନା ପ୍ରସ୍ତୁତିରେ ଜାତୀୟ ଶିକ୍ଷାନୀତି ଲାଗୁ ନିମନ୍ତେ ନେଇଥିବା ନିଷ୍ପତ୍ତି ରାଜ୍ୟର ଶିକ୍ଷା ବ୍ୟବସ୍ଥା ଉପରେ ନକରାତ୍ମକ ପ୍ରଭାବ ପକାଇବା ଆଶଙ୍କା ସୃଷ୍ଟି ହୋଇଛି । ବିନା ଭିତ୍ତିଭୂମିରେ ଏନ୍‌ଇପି ଲାଗୁ କରିବା ନିଷ୍ପତ୍ତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ରୁଗ୍‌ଣ କରିପାରେ ବୋଲି ଶିକ୍ଷାବିତ୍ ଓ ଅଭିଭାବକ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଜାତୀୟ ଶିକ୍ଷାନୀତି ଲାଗୁ ହେବା ପରେ ରାଜ୍ୟର ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ହେବ ଓ ପାଠପଢ଼ା ଢାଞ୍ଚାରେ ପ୍ରଥମଥର ୩ରୁ ୬ ବର୍ଷିଆ ପିଲାଙ୍କୁ ଏଥିରେ ସାମିଲ କରାଯାଇଛି । ନୂତନ ଢ଼ାଞ୍ଚା ଅନୁଯାୟୀ ଜଣେ ପିଲା ୩ ବର୍ଷରେ ନାମ ଲେଖାଇବ । ପ୍ରଥମ ତିନି ବର୍ଷ ଯଥାକ୍ରମେ ଅଙ୍ଗନବାଡ଼ି, ପ୍ରାକ୍ ବିଦ୍ୟାଳୟ ଓ ବାଲବାଟିକା ପଢ଼ିବ । ତାପରେ ପ୍ରଥମ ଓ ଦ୍ୱିତୀୟ

ଏ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଏନ୍‌ଇପି ଲାଗୁ ହେବା ପରେ ରାଜ୍ୟର ବିଦ୍ୟାଳୟ ଶିକ୍ଷାକୁ ସୁଦୃଢ଼ ହେବ । ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦେବା ସହିତ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ ହେବ । ମାତ୍ର ଏନ୍‌ଇପି ଲାଗୁ



**୧୦+୨ ବଦଳରେ ୫+୩+୩+୪ ଢାଞ୍ଚାରେ ପାଠ ପଢ଼ିବେ ପିଲା**

**୬ ବର୍ଷ ପରିବର୍ତ୍ତେ ୩ ବର୍ଷ ବୟସରେ ସ୍କୁଲରେ ନାମଲେଖା ବ୍ୟବସ୍ଥା**

**ସ୍କୁଲମାନଙ୍କରେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନକୁ ଦିଆଯିବ ପ୍ରାଥମିକତା**

ପରିବର୍ତ୍ତନ ହେବ ବୋଲି କୁହାଯାଉଛି । ପୂର୍ବରୁ ୧୦+୨ ଢ଼ାଞ୍ଚାରେ ପିଲାମାନେ ପାଠ ପଢୁଥିଲେ । ମାତ୍ର ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହେବା ପରେ ଏହା ୫+୩+୩+୪ ଢ଼ାଞ୍ଚାକୁ ପରିବର୍ତ୍ତନ କରାଯିବ । ଏହାକୁ ଯଥାକ୍ରମେ ପ୍ରାରମ୍ଭ ବା ମୌଳିକ, ପ୍ରସ୍ତୁତି, ମଧ୍ୟ ଓ ମାଧ୍ୟମିକସ୍ତର ଭାବେ ନାମକରଣ କରାଯାଇଛି । ଶ୍ରେଣୀ ପଢ଼ିବେ । ଅର୍ଥାତ ପ୍ରଥମ ୫ ବର୍ଷିଆ ସ୍ଲଟ୍‌ରେ ପିଲା ୮ ବର୍ଷ ବୟସ ପର୍ଯ୍ୟନ୍ତ ପଢ଼ିବ । ଦ୍ୱିତୀୟ ୩ ବର୍ଷିଆ ସ୍ଲଟ୍‌ରେ ତୃତୀୟରୁ ପଞ୍ଚମ, ତୃତୀୟ ସ୍ଲଟ୍‌ରେ ଷଷ୍ଠରୁ ଅଷ୍ଟମ ଏବଂ ଶେଷ ୪ ବର୍ଷିଆ ସ୍ଲଟ୍‌ରେ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବା ୧୮ ବର୍ଷ ପର୍ଯ୍ୟନ୍ତ ପଢ଼ିବେ ଛାତ୍ରଛାତ୍ରୀ । କରିବା ପାଇଁ ରାଜ୍ୟରେ ପର୍ଯ୍ୟାପ୍ତ ଭିତ୍ତିଭୂମିର ଅଭାବ ରାଜ୍ୟ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ । ଆଉ ଅଢ଼େଇ ମାସ ପରେ ୨୦୨୫-୨୬ ଶିକ୍ଷା ବର୍ଷ ଆରମ୍ଭ ହେବାକୁ ଥିବାବେଳେ ନୂତନ ପାଠ୍ୟକ୍ରମ ପ୍ରସ୍ତୁତ ହୋଇ ନାହିଁ କି ପାଠ୍ୟପୁସ୍ତକ ନିର୍ଣ୍ଣୟ କରାଯାଇ ନାହିଁ । ନୂଆ ପାଠ୍ୟକ୍ରମରେ ▶ପୃଷ୍ଠା-୭

## ପୁଣି ବଢ଼ିଲା କେଜ୍ରିୱାଲ, ସିସୋଦିଆଙ୍କ ଅଡୁଆ

■ **ନୂଆଦିଲ୍ଲୀ, ୧୫ ।୧ (ସମିସ):** ଦିଲ୍ଲୀ ନିର୍ବାଚନକୁ ଆଉ କିଛି ଦିନ ବାକିଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ପୁଣି ଅଡୁଆରେ ପଡ଼ିଛନ୍ତି । ତାଙ୍କ ପାଇଁ ଅଡୁଆ ବଢ଼ାଇଛନ୍ତି କେନ୍ଦ୍ର ସରକାର । ଦିଲ୍ଲୀ ଅବକାରୀ ଦୁର୍ନୀତିରେ ହୋଇଥିବା ଅର୍ଥ ହେରଫେର ମାମଲାରେ ତାଙ୍କ ବିରୋଧରେ ମକଦ୍ଦମା ଚଳାଇବା ଲାଗି କେନ୍ଦ୍ର ଗୃହ ବିଭାଗ ଏନଫୋର୍ସମେଣ୍ଟ ଡାଇରେକଟୋରେଟ୍ (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ବା ଇଡିକୁ ଅନୁମତି ପ୍ରଦାନ କରିଛନ୍ତି । ଅନ୍ୟତମ ଆପ୍ ନେତା ତଥା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ବିରୋଧରେ ମଧ୍ୟ ଏହି ମାମଲାରେ ମକଦ୍ଦମା ଲାଗି କେନ୍ଦ୍ର ଅନୁମତି ଦେଇଛି । ଏହାକୁ ନେଇ ଦିଲ୍ଲୀ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଥିବା ବେଳେ କେଜ୍ରିୱାଲ ପାଲଟା ଅଭିଯୋଗ କରିଛନ୍ତି ଯେ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଛନ୍ତି ।

ଅବକାରୀ ଦୁର୍ନୀତି ମାମଲାରେ ଉଭୟ ନେତା ଗିରଫ ହୋଇଥିଲେ ଏବଂ ବର୍ତ୍ତମାନ ସେମାନେ ଜାମିନରେ ଅଛନ୍ତି ।



### ମକଦ୍ଦମା ପାଇଁ ଇଡିକୁ କେନ୍ଦ୍ରର ଅନୁମତି

ଅର୍ଥ ହେରଫେର ମାମଲାରେ ଏହି ଦୁଇ ନେତାଙ୍କ ବିରୋଧରେ ମକଦ୍ଦମା ଲାଗି ସିବିଆଇ ଭଳି ଇଡିକୁ ମଧ୍ୟ କେନ୍ଦ୍ର ସରକାରରୁ ଅନୁମତି ଆଣିବାକୁ ପଡ଼ିବ ବୋଲି ଗତ ନଭେମ୍ବର ମାସରେ ସୁପ୍ରିମ କୋର୍ଟ ଶୁଣାଣି ବେଳେ କହିଥିଲେ । ଇଡି ଏହି ମାମଲାରେ କେଜ୍ରିୱାଲଙ୍କୁ ମାଷ୍ଟରମାଇଣ୍ଡ ବୋଲି ଦର୍ଶାଇଥିଲା । ତେବେ କେନ୍ଦ୍ରର ଅନୁମତି ନଥିବାରୁ ଦିଲ୍ଲୀ ଅଦାଲତରେ କେଜ୍ରିୱାଲଙ୍କ ବିରୋଧରେ ଚାର୍ଜ ଫ୍ରେମ୍ ▶ପୃଷ୍ଠା-୭

### ଗୁଣିଗାରେଡ଼ିରୁ ୩ ହତ୍ୟା ମାମଲା

## ଫାଶୀଦଣ୍ଡ କୋହଳ; ୯ ଜଣଙ୍କୁ ଆଜୀବନ ଜେଲ୍

■ **କଟକ/ଗୁଣୁପୁର, ୧୫ ।୧ (ସମିସ):** ଗୁଣିଗାରେଡ଼ି ସନ୍ଦେହରୁ ରାୟଗଡ଼ା ଜିଲ୍ଲାରେ ୩ଜଣଙ୍କୁ ହତ୍ୟା କରାଯାଇଥିବା ମାମଲାରେ ୯ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତ ଫାଶୀ ଦଣ୍ଡ ପ୍ରଦାନ କରିଥିବା ବେଳେ ଆଜି ହାଇକୋର୍ଟ ଏହି ଦଣ୍ଡାଦେଶକୁ କୋହଳ କରିଛନ୍ତି । ଡାହାଣୀ ହତ୍ୟା ନିରୋଧ ଆଇନ୨୦୧୩ (ଓଡ଼ିଶା ପ୍ରିଭେନସନ ଅଫ ଉଇଚ ହଣ୍ଟିଂ ଆକ୍ଟ-୨୦୧୩)ର ଧାରା ୪ରେ ଅଭିଯୁକ୍ତଙ୍କୁ ହାଇକୋର୍ଟ ଦୋଷମୁକ୍ତ କରିଥିଲେ ହେଁ ଭାରତୀୟ ପିଙ୍ଗଳ କୋଡ ଧାରା ୩୦୨/୩୪୨/୩୬୪/୩୬୫/୨୦୧/୫୦୬/୩୪ରେ ନିମ୍ନ ଅଦାଲତଙ୍କ ଦୋଷୀ ସାବ୍ୟସ୍ତ ଆଦେଶକୁ କାଏମ ରଖିଛନ୍ତି । ଫାଶୀ ଦଣ୍ଡ ବଦଳରେ ସମସ୍ତ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ । ହତ୍ୟା ଅଭିଯୁକ୍ତ ଡେଙ୍ଗୁନ ଶବର,ଅଜନ୍ତା ଶବର, ପ୍ରଧାନ୍ତୁ ଶବର, ଦାଲସା ଶବର, ମାଲକୁ ଶବର, ବୁବୁନା ଶବର, ଲକିଆ ଶବର ଓ ଇରୁ ଶବରଙ୍କ ପକ୍ଷରୁ ରାୟଗଡା

**ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ**

ଦୌରା ଜଜ୍‌ଙ୍କ ଫାଶୀଦଣ୍ଡାଦେଶକୁ ଚାଲେଞ୍ଜ କରି ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅଭିଯୁକ୍ତ ମାନଙ୍କୁ ପ୍ରତିଟି ହତ୍ୟା ପାଇଁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ଖଣ୍ଡପୀଠ । ଅଭିଯୁକ୍ତ ଆବେଦନକାରୀଙ୍କ ▶ପୃଷ୍ଠା-୭

## ବ୍ୟବସାୟୀଙ୍କୁ ସଂଘବଦ୍ଧ ଆକ୍ରମଣ; ୧୫ ଲକ୍ଷ ଲୁଟ୍

■ **ଉମରକୋଟ, ୧୫।୧ (ସମିସ):** ନବରଙ୍ଗପୁର ଜିଲ୍ଲାରେ ଥମୁନି ଲୁଟେରାଙ୍କ ଆତଙ୍କରାଜ । ଦୁଇଦିନ ତଳେ ନବରଙ୍ଗପୁର ସଦରମହକୁମାରେ ଜଣେ ବ୍ୟବସାୟୀଙ୍କ ଘରୁ ଲୁଟ୍ ଘଟଣାକୁ ୪୮ ଘଣ୍ଟା ନପୁରୁଣୁ ବୁଧବାର ପୁଣି ଜିଲ୍ଲାର ରାଇଘର ଥାନା ଛତାବେଢ଼ା ସାପ୍ତାହିକ ବଜାରରେ ଦିନ ଦ୍ୱିପହରରେ ବ୍ୟବସାୟୀଙ୍କୁ ସଂଘ ବଦ୍ଧ ଆକ୍ରମଣ କରି ମୁଖାପିନ୍ଧା ଦୁର୍ବୃତ୍ତମାନେ ୧୫ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୂଚନାନୁଯାୟୀ, ରାଇଘର ବ୍ଲକର ପଠାଣ ସାହିରେ ରହୁଥିବା ବ୍ୟବସାୟୀ ଅବଦୁଲ ଆନସାରି ନିଜ ଦୁଇ ଜଣ କର୍ମଚାରୀ ଗୁଡ୍ଡୁ ଧୋବା ଓ ୟୁନୁଷ ଲାଠିଆଙ୍କ ସହ ପାରୁଆ ପଞ୍ଚାୟତର ଛତାବେଢ଼ା ସାପ୍ତାହିକ ହାଟକୁ ଯିବା ସମୟରେ ଗ୍ରାମ ନିକଟରେ ମୁଖା ପିନ୍ଧା ୬ ଜଣ ବ୍ୟକ୍ତି ସେମାନଙ୍କୁ ଅଟକାଇଥିଲେ । ସେମାନେ ଅତର୍କିତ ଭାବେ ସଂଘବଦ୍ଧ ହୋଇ ବାଇକରେ ବସିଥିବା ତିନି ଜଣଙ୍କୁ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରି ଟଙ୍କା ବ୍ୟାଗ ଧରି ଚମ୍ପଟ ମାରିଥିଲେ । ଗୁରୁତର ଅବସ୍ଥାରେ ଅବଦୁଲ ଅନସାରି ରାଇଘର ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଛନ୍ତି । ପୁଲିସ ଅବଦୁଲଙ୍କ ଦୁଇ ସହଯୋଗୀଙ୍କୁ ପଚରାଉଚରା କରିଛି ।

## ଶ୍ରୀମନ୍ଦିର ଗର୍ଭଗୃହରେ ଟଳିପଡ଼ିଲେ ସେବାୟତ



### ହସ୍ପିଟାଲରେ ମୃତ ଘୋଷଣା କଲେ ଡାକ୍ତର

■ **ପୁରୀ, ୧୫।୧ (ସମିସ):** ଶ୍ରୀମନ୍ଦିରରେ ଘଟିଛି ଅଭାବନୀୟ ଘଟଣା । ମହାପ୍ରଭୁଙ୍କ ସେବା କରୁଥିବା ବେଳେ ଟଳି ପଡିଥିଲେ ଜଣେ ସେବାୟତ । ସଙ୍ଗେ ସଙ୍ଗେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ସମ୍ପୃକ୍ତ ସେବାୟତ ଜଣଙ୍କ ହେଲେ ସୁଆରବଡୁ ସେବାୟତ ଜଗନ୍ନାଥ ମେକାପ (୪୪) । ତାଙ୍କର ମୃତ୍ୟୁ କିପରି ହୋଇଛି ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି ।

ମଧ୍ୟାହ୍ନ ଧୂପ ପାଇଁ ଗର୍ଭଗୃହରେ ପାଣି ପକାଇ ସଫା କରୁଥିଲେ ସୁଆର ବଡୁ ସେବାୟତ ଜଗନ୍ନାଥ । ଏହି ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତଳେ ପଡିଯାଇଥିଲେ । ଅନ୍ୟ ସେବକମାନେ ତାଙ୍କୁ ସଙ୍ଗେ ସଙ୍ଗେ ବାହାରକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ୍ ଅଗ୍ରୱାଲ, ଶ୍ରୀମନ୍ଦିର କମାଣ୍ଡର ପ୍ରମୁଖ ହସ୍ପିଟାଲକୁ ଯାଇ ତାଙ୍କ ପରିବାରକୁ ଶାନ୍ତ୍ୱନା ଦେଇଛନ୍ତି ।

ଅନ୍ୟଜଣେ ସୁଆର ବଡୁ ସେବାୟତ କହିଛନ୍ତି, ଭକ୍ତଙ୍କ ପ୍ରବଳ ଗହଳି ହେଉଛି । ଅଙ୍ଗାରକାମ୍ଳ ଗ୍ୟାସ୍‌ରେ ନିଶ୍ୱାସ ନେବା ବି କଷ୍ଟକର ହୋଇପଡିଲାଣି । ସମୟ ଆସିବ ଆମର ମଧ୍ୟ ଏହିଭଳି ପରିସ୍ଥିତି ହେବ । ଦୀର୍ଘ ସମୟ ଧରି ମନ୍ଦିରରେ ରହୁଛୁ । ହେଲେ ଆମ ସ୍ୱାସ୍ଥ୍ୟ ପ୍ରତି କେହି ଯତ୍ନବାନ ନାହାନ୍ତି । ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ହୃଦ୍‌ରୋଗକୁ ନେଇ ଦୁଇବର୍ଷ ପୂର୍ବରୁ ସେ ଚିକିତ୍ସିତ ଥିଲେ । ମଝିରେ ମଝିରେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା ▶ପୃଷ୍ଠା-୭

## ଇଭି କିଣିବା ନାଁରେ ଅର୍ଥ ଟଳୁ

### ୧୫ ଲକ୍ଷ ଲେଖାଏଁ ବାଣ୍ଟିନେଲେ ପଞ୍ଚାୟତିରାଜ ବିଭାଗ ବାବୁ

■ **ଭୁବନେଶ୍ୱର, ୧୫।୧ (ସମିସ):** ବୈଦ୍ୟୁତିକ ଯାନ (ଇଭି) ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ବିଭାଗ ଅଧିକାରୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ବିନା ସୁଧରେ ଲକ୍ଷଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି । ମାତ୍ର ବାବୁମାନେ ସରକାରଙ୍କଠାରୁ ନେଉଥିବା ଅଗ୍ରୀମ ଅର୍ଥରେ ଇଭି କିଣିବା ପରିବର୍ତ୍ତେ ଏହାକୁ ଅନ୍ୟ କାର୍ଯ୍ୟରେ ବିନିଯୋଗ କରୁଛନ୍ତି । ବ୍ୟବସ୍ଥା ଅନୁସାରେ ଇଭି କିଣିବା ପରେ ଏ ସଂକ୍ରାନ୍ତ କାଗଜପତ୍ର ସମ୍ପୃକ୍ତ ଅଧିକାରୀ ନିଜ ବିଭାଗ ନିକଟରେ ଦାଖଲ କରିବା କଥା, ମାତ୍ର ବାବୁମାନେ ଏହି କାଗଜପତ୍ର ଦାଖଲ କରୁନାହାନ୍ତି ଓ ବିଭାଗ ମଧ୍ୟ ଏହାକୁ ଯାଞ୍ଚ କରୁନାହିଁ । ପରେ ଏହି ଘଟଣା ଜଣା ପଡ଼ିବା ପରେ ଜଣକା ୧୫ ଲକ୍ଷ ଟଙ୍କା ଲେଖାଏଁ ଇଭି ଅଗ୍ରୀମ ନେଇଥିବା ଅଧିକାରୀଙ୍କୁ ସୁଧ

**ସୁଧ ସହ ଅର୍ଥ ଫେରସ୍ତ ପାଇଁ ନିର୍ଦ୍ଦେଶ ପରେ ବି ଖାତିର ନାହିଁ**

**ପୂର୍ବରୁ ପୂର୍ତ୍ତ ବିଭାଗରେ ବି ଘଟିଥିଲା ଅନୁରୂପ ଅନିୟମିତତା**

ସହ ଟଙ୍କା ଫେରାଇବାକୁ ଦିଆଯାଇଥିବା ନିର୍ଦ୍ଦେଶକୁ ମଧ୍ୟ କାର୍ଯ୍ୟକାରୀ କରାଯାଉ ନାହିଁ । ମିଛ ତଥ୍ୟ ଦେଇ ୧୫ ଲକ୍ଷ ଟଙ୍କା ଲେଖାଏଁ ଅଗ୍ରୀମ ନେଇଥିବା ଅଧିକାରୀଙ୍କ ପ୍ରତି ସରକାରଙ୍କ ଅନୁକମ୍ପା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ମିଳିଥିବା ସୂଚନା ଅନୁଯାୟୀ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗର ୬ ଜଣ ଅଧିକାରୀଙ୍କୁ ଇଭି କ୍ରୟ କରିବା ପାଇଁ ଅର୍ଥ ବିଭାଗର ଅନୁମୋଦନ ପରେ ୧୫ ଲକ୍ଷ ଲେଖାଏଁ ଟଙ୍କା ଅଗ୍ରୀମ ଅର୍ଥ ପ୍ରଦାନ କରାଯାଇଥିଲା । ନିୟମ ଅନୁଯାୟୀ ଗାଡ଼ି କ୍ରୟ ପାଇଁ ଅଗ୍ରୀମ ନେଇଥିବା ନେଇଥିବା ଅଧିକାରୀମାନେ ୬ ମାସ ମଧ୍ୟରେ ଗାଡ଼ି କିଣି, ଗାଡ଼ିର ପଞ୍ଜିକରଣ ଓ ବୀମା ପ୍ରମାଣପତ୍ର କାର୍ଯ୍ୟାଳୟରେ ଦାଖଲ କରିବେ ବୋଲି ସର୍ତ୍ତ ରଖା ଯାଇଥିଲା । ଏପରିକି ଧାର୍ଯ୍ୟ ଅବଧି ମଧ୍ୟରେ ସମ୍ପୃକ୍ତ ଅଧିକାରୀ ଗାଡ଼ି ନ କିଣିଲେ ୧୨ ପ୍ରତିଶତ ▶ପୃଷ୍ଠା-୭

**ପୋଲାଭରମ ପ୍ରକଳ୍ପ**

## ଓଡ଼ିଶାର ଉଦ୍‌ବେଗକୁ ନିଘା ନାହିଁ

### ଶୀଘ୍ର ପ୍ରକଳ୍ପ ସାରିବାକୁ ଜଳଶକ୍ତି ମନ୍ତ୍ରଣାଳୟର ପରାମର୍ଶ

■ **ଭୁବନେଶ୍ୱର, ୧୫।୧ (ସମିସ):** ୨୦୨୬ ଡିସେମ୍ବର ମାସ ମଧ୍ୟରେ ପୋଲାଭରମ ପ୍ରକଳ୍ପ ସାରିବାକୁ ଆନ୍ଧ୍ର ଅଣ୍ଟା ଭିଡ଼ିଛି । ଏହା ବିରୋଧରେ ତତ୍‌କାଳୀନ ବିଜେଡି ସରକାର କରିଥିବା ଦାବି ଓ ଆପତ୍ତିକୁ କେନ୍ଦ୍ର ସରକାର ଉପେକ୍ଷା କରି ଚାଲିଛନ୍ତି । ପୋଲାଭରମ ଯୋଗୁଁ ମାଲକାନଗିରି ଜିଲ୍ଲାର ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହେବା ସହ ହଜାର ହଜାର ଆଦିବାସୀ ପରିବାର ଗୃହଶୂନ୍ୟ ହେବା ଆଶଙ୍କା ସତ୍ତ୍ୱେ ରାଜ୍ୟ ସରକାର ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରି ପରୋକ୍ଷରେ ଆନ୍ଧ୍ରକୁ ସମର୍ଥନ କରିବା ପରି କାମ କରୁଛନ୍ତି । ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳର ପ୍ରତିନିଧିମାନେ ଗତମାସରେ ଦିଲ୍ଲୀ ଯାଇ ବିଭିନ୍ନ ମନ୍ତ୍ରଣାଳୟ ନିକଟରେ ଓଡ଼ିଶାର ଉଦ୍‌ବେଗ ଉପସ୍ଥାପନ କରିଥିଲେ ଏଥିରେ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରୁଛନ୍ତି । କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ସଂସଦୀୟ ଷ୍ଟାଣ୍ଡିଂ କମିଟି ଆନ୍ଧ୍ର ପ୍ରଦେଶ ଗସ୍ତରେ ଆସି ପୋଲାଭରମ ପ୍ରକଳ୍ପର

**▶ ଓଡ଼ିଶାବାସୀଙ୍କ ସ୍ୱାର୍ଥ ରକ୍ଷାରେ ବିଫଳ ରାଜ୍ୟ ସରକାର**

**▶ କେନ୍ଦ୍ର ନିକଟରେ ବାରମ୍ବାର ଦାବି କରି ଆସୁଛି ବିଜେଡି**

**▶ ଗତ ମାସରେ କେନ୍ଦ୍ରର ବିଭିନ୍ନ ମନ୍ତ୍ରାଳୟରେ କରିଥିଲା ଦାବି**

ମଧ୍ୟ କେନ୍ଦ୍ର ସରକାର ରହସ୍ୟମୟ ଭାବରେ ନିରବ ରହିଛନ୍ତି । ଏହାର ସୁଯୋଗ ନେଇ ଆନ୍ଧ୍ର ଏହି ପ୍ରକଳ୍ପକୁ ଯଥାଶୀଘ୍ର ସାରିବାକୁ ଲକ୍ଷ୍ୟ ରଖିଥିବା ବେଳେ କେନ୍ଦ୍ର ସରକାର ସମୀକ୍ଷା କରିଛନ୍ତି । ବିଜେପି ସାଂସଦ ରାଜୀବ ପ୍ରତାପ ରୁଡ୍ଡିଙ୍କ ଅଧ୍ୟକ୍ଷତାରେ ଏହି ୧୦ ଜଣିଆ କମିଟି ପୋଲାଭରମ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ନିକଟରୁ ପ୍ରକଳ୍ପ ବାବଦରେ ସମସ୍ତ ତଥ୍ୟ ପଚାରି ବୁଝିବା ସହ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

ବିଡ଼ମ୍ବନା ହେଉଛି ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ପ୍ରକଳ୍ପ ପରିଦର୍ଶନ ସହ ଆନ୍ଧ୍ର ପ୍ରଦେଶର ଜଳସମ୍ପଦ ଅଧିକାରୀଙ୍କ ଓଡ଼ିଶାର ଉଦବେଗ ବିଷୟରେ ଆଲୋଚନା କରିଥିଲେ ହେଁ ପ୍ରକଳ୍ପ କାମ ତ୍ୱରିତ୍ କରିବାକୁ କମିଟି ଆନ୍ଧ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ଏପରିକି ପ୍ରତି ୩ ମାସରେ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ କମିଟି ସମୀକ୍ଷା କରିବ ବୋଲି ନିଜ ଆଡୁ ପ୍ରସ୍ତାବ ଦେଇଛି । ଯାହାକୁ ନେଇ ବୁଦ୍ଧିଜୀବୀ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ▶ପୃଷ୍ଠା-୭

## ଛଳ କରି ଛୁଟି ନେଉଥିଲେ...



ସାଧାରଣତଃ ଅସୁସ୍ଥତା, ସମ୍ପର୍କୀୟଙ୍କ ମୃତ୍ୟୁ ଭଳି ଅନ୍ୟାନ୍ୟ ମିଛ କହି ତଥା ବାହାନା ଦେଖାଇ ଅନେକ ଲୋକ ଅଫିସ୍‌ରୁ ଛୁଟି ନେଇଥାନ୍ତି। ତେବେ କର୍ମଚାରୀଙ୍କ ଏଭଳି ଛୁଟି ନେବା ପ୍ରକ୍ରିୟାକୁ ଦେଖି ଜର୍ମାନୀର ନିଯୁକ୍ତି ବଜାରରେ ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଅସୁସ୍ଥତାକୁ ଦର୍ଶାଇ ଦୀର୍ଘ ସମୟ ପାଇଁ ଛୁଟି ନେଉଥିବା କର୍ମଚାରୀଙ୍କ ଉପରେ କମ୍ପାନିଗୁଡ଼ିକ ଗୁଇନ୍ଦାଗିରିରେ କଡ଼ା ନଜର ରଖୁଛନ୍ତି। ତେଣୁ ଏ ଲାଗି କମ୍ପାନିଗୁଡ଼ିକ ପ୍ରାଇଭେଟ୍ ଡିଟେକ୍ଟିଭ୍ ନିଯୁକ୍ତି ଦେଉଛନ୍ତି। କମ୍ପାନିଗୁଡ଼ିକ କର୍ମଚାରୀଙ୍କ ପଛରେ ଗୁଇନ୍ଦା ପଠାଇ ଛୁଟି ପଛର ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରୁଛନ୍ତି। ଅବଶ୍ୟ ଏହିସବୁ ଗୁଇନ୍ଦାମାନେ କର୍ମଚାରୀଙ୍କ ମିଛକୁ ଧରିବାରେ ମଧ୍ୟ ସଫଳ ହୋଇଛନ୍ତି। କର୍ମଚାରୀଙ୍କୁ ସତରେ ଛୁଟିର ଆବଶ୍ୟକତା ଅଛି ନା ସେମାନେ କେବଳ ଛୁଟି ପାଇଁ ବାହାନା କରୁଛନ୍ତି, ତାହା ସେମାନେ ଜାଣିବାକୁ ଚେଷ୍ଟା କରୁଛନ୍ତି। ତେବେ କର୍ମଚାରୀଙ୍କର ଏ ପ୍ରକାର ବିନା କାରଣରେ ଛୁଟି ଯୋଗୁଁ ଅନେକ କମ୍ପାନିକୁ ବହୁ କ୍ଷତିର ସାମ୍ନା କରିବାକୁ ପଡୁଛି। ସେହିପରି ଅନେକ ଏଭଳି ଏଜେନ୍ସି ଅଛନ୍ତି, ଯେଉଁମାନେ କି ବର୍ଷକୁ ହଜାରରୁ ଅଧିକ ଏଭଳି ମାମଲାରେ ନିଜ ସେବା ପ୍ରଦାନ କରିଛନ୍ତି। ଅନ୍ୟପଟେ ଜର୍ମାନୀରେ ଅସୁସ୍ଥତା ଯୋଗୁଁ ଛୁଟିରେ ଯାଉଥିବା କର୍ମଚାରୀଙ୍କୁ ପୂରା ସପ୍ତାହର ଦରମା ମିଳିଥାଏ। ଏହି କାରଣରୁ କମ୍ପାନିକୁ ଆର୍ଥିକ ଚାପ ସହିବାକୁ ପଡ଼ିଥାଏ। ତେଣୁ କମ୍ପାନିଗୁଡ଼ିକ ଛୁଟିରେ ଯାଉଥିବା କର୍ମଚାରୀଙ୍କ ପଛରେ ଗୁଇନ୍ଦା ଲଗାଇ ଦେଉଛନ୍ତି।

## 'ଚାମୁଣ୍ଡା'କୁ ଶାହାରୁଖ୍‌ଙ୍କ ନା



ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍, ଦିନେଶ ବିଜାନଙ୍କ ଫିଲ୍ମ 'ଚାମୁଣ୍ଡା'ର ଅଫର୍‌କୁ ପ୍ରତ୍ୟାଖ୍ୟାନ କରିଥିବା କଥା ସାମାଜିକ ଗଣମାଧ୍ୟମରେ ଆଲୋଚନା ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା, ଏଥିରେ ଶାହାରୁଖଙ୍କ ସହ ଲିଡ୍ ରୋଲରେ ଆଲିଆ ଭଟ୍ଟ ନଜର ଆସିଥାନ୍ତେ। ଦିନେଶ ଓ ଅମର କୌଶିକ ଏହି ହରର୍ କମେଡି ଫିଲ୍ମରେ ଶାହାରୁଖଙ୍କୁ ନେବାକୁ ଇଚ୍ଛା କରୁଥିଲେ, କିନ୍ତୁ ସେ ଏଥିପାଇଁ ରାଜିନାହାନ୍ତି। ୨୦୨୬ରେ ପରଦାକୁ ଆସିବ 'ଚାମୁଣ୍ଡା'। ଏଥିରେ ଆଲିଆଙ୍କ ସହ ଅକ୍ଷୟ କୁମାର, ବରୁଣ ଧୱନ୍, ଶ୍ରଦ୍ଧା କପୁର, ରାଜକୁମାର ରାଓ, କିଆରା ଆଡଭାନୀ, ପଙ୍କଜ ତ୍ରିପାଠୀ ପ୍ରମୁଖ ନଜର ଆସିବେ। ଶାହାରୁଖ୍ ଶେଷ ଥର ପାଇଁ ରାଜକୁମାର ହିରାନୀଙ୍କ ଫିଲ୍ମ 'ଡଙ୍କି'ରେ ନଜର ଆସିଥିଲେ। ସେ ଏବେ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ସେ ତାଙ୍କ ଝିଅ ସୁହାନା ଖାନ୍‌ଙ୍କ ସହ ନଜର ଆସିବେ। ଦିନେଶଙ୍କ ପ୍ରଡକ୍ସନ୍ ହାଉସ୍ ମ୍ୟାଡକକ୍ ଫିଲ୍ମସ୍ ୮ଟି ନୂଆ ହରର୍ କମେଡି ଫିଲ୍ମ ନିର୍ମାଣ କରୁଛି। ଏହି ଫିଲ୍ମଗୁଡ଼ିକ ୨୦୨୫ରୁ ୨୦୨୮ ମଧ୍ୟରେ ନିର୍ମାଣ କରାଯିବ।

## ଏଆଇ ରୋବଟ୍ ପ୍ରଣୟୀ 'ଆରିଆ'

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରଭାବ ଦ୍ରୁତ ଭାବେ ସମଗ୍ର ବିଶ୍ୱରେ ଦେଖିବାକୁ ମିଳୁଛି। ଏହି କ୍ରମରେ ଆମେରିକାର ଟେକ୍ କମ୍ପାନି 'ରିୟଲବୋଟିକ୍ସ' ଏକ ନିଆରା ଏଆଇ ରୋବଟ୍ ପ୍ରେମିକା ତିଆରି କରିଛି। ଏହାର ନାଁ 'ଆରିଆ।' ଏହି ରୋବଟ୍‌ଟିର ବିଶେଷତ୍ୱ ହେଉଛି, ଏହା ଅବିକଳ ମଣିଷଙ୍କ ଭଳି ହିଁ କଥାବାର୍ତ୍ତା କରେ। ସରଳ ଭାଷାରେ କହିଲେ, ଏହା ମଣିଷର ଅଭିବ୍ୟକ୍ତିକୁ ଦେଖାଇବାକୁ ସକ୍ଷମ। କେବଳ ସେତିକି ନୁହେଁ, ଏହା ନିଜର ଆବେଗ ଓ ଭାବନାକୁ ବି ପରିପ୍ରକାଶ କରିଥାଏ। କମ୍ପାନି ଦାବି କରିଛି, ଏହା ଭରସାଯୋଗ୍ୟ ସାଥୀ ଭାବେ ଜଣକ ସହ ସବୁବେଳେ ପାଖରେ ରହିବ। ଏହା ରୋମାଣ୍ଟିକ୍ ସାଥୀ ଭଳି ହୋଇପାରେ। ଅର୍ଥାତ୍ ଏହା ପ୍ରେମିକ ତଥା ପ୍ରେମିକା ଭଳି ବି ବ୍ୟବହାର ପ୍ରଦର୍ଶନ କରିପାରେ। ତେବେ ବାସ୍ତବ ମଣିଷଙ୍କ ଭଳି ଅନୁଭବ ପ୍ରଦାନ କରିବା ପାଇଁ ଏହାକୁ ସେଭଳି ଭାବେ ଡିଜାଇନ୍ କରାଯାଇଛି। ମୁଖ୍ୟତଃ କମ୍ପାନିର ମୂଳ ଉଦ୍ଦେଶ୍ୟ ହେଉଛି, ଏଭଳି ରୋବଟ୍ ତିଆରି କରିବା, ଯାହାକୁ ମଣିଷଠାରୁ ଅଲଗା କରିବା ଅସମ୍ଭବ। ଏହା କେବଳ ମୁହଁର ଭଙ୍ଗୀକୁ ନକଲ କରି ନ ଥାଏ, ବରଂ ମଣିଷଙ୍କ ଭଳି ପ୍ରତିକ୍ରିୟା ପ୍ରଦାନ କରେ। ଏହାର ପୂରା ଶରୀରରେ ୧୭ଟି ମୋଟର ଲାଗିଛି। ଏହା ବେକ ବୁଲାଇବା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପରେ ସାହାଯ୍ୟ କରେ। ସେହିପରି ମଣିଷ ନିଜ ଅନୁସାରେ, ଏହାର ମୁହଁ, କେଶରଙ୍ଗ ଏବଂ ହେୟାର୍ ଷ୍ଟାଇଲ୍‌କୁ ବି ପରିବର୍ତ୍ତନ କରିପାରିବ। ତେବେ 'ଆରିଆ'ର ମୂଲ୍ୟ ୧.୫ କୋଟି ରଖାଯାଇଛି। କମ୍ପାନି ଏହାକୁ ତିନିଟି ଭର୍ସନ୍‌ରେ ପରିଚିତ କରାଇଛି। ଅନ୍ୟପଟେ ଏହି ରୋବଟ୍‌କୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି।



## କ୍ଷଣିକ ସମ୍ପର୍କର ନୂଆ ପରିଭାଷା ନାନୋସିପ୍

ଆଗରୁ ପ୍ରେମ ନିବେଦନ କରିବା ପାଇଁ ମାସ ମାସ, ବର୍ଷ ବର୍ଷ ଲାଗିଯାଉଥିଲା। ଦୀର୍ଘଦିନର ପ୍ରେମ ସମ୍ପର୍କ ଯଦି ବିବାହର ରୂପ ନେଉଥିଲା ତାକୁ ଏକ ବଡ଼ ଉପଲବ୍ଧି କୁହାଯାଉଥିଲା। କିନ୍ତୁ ଆଜିକାଲି ପ୍ରେମ ସମ୍ପର୍କ ଯେତେ ଶୀଘ୍ର ଗଢ଼ି ଉଠୁଛି, ସେତେଶୀଘ୍ର ଭାଙ୍ଗି ମଧ୍ୟ ଯାଉଛି। ଏବେ ସାମାଜିକ ଗଣମାଧ୍ୟମରେ ଏଭଳି ଏକ ସମ୍ପର୍କ ବେଶ୍ ଟ୍ରେଣ୍ଡ କରିବାରେ ଲାଗିଛି। ଏହାକୁ 'ନାନୋସିପ୍' କହୁଛନ୍ତି। ଏଭଳି ସମ୍ପର୍କ ବହୁତ କମ୍ ସମୟ ପାଇଁ ଗଢ଼ି ଉଠିଥାଏ। ନାନୋର ଅର୍ଥ କମ୍ ଓ ସିପ୍‌ର ଅର୍ଥ ରିଲେସନ୍‌ସିପ୍। ଏଭଳି ସମ୍ପର୍କ ମୁଖ୍ୟତଃ ଡେଟିଂ ଆପ୍, ପାର୍ଟି, କ୍ଲବ୍ କିମ୍ବା ରେଷ୍ଟୋରାଁରୁ ଆରମ୍ଭ ହୋଇଥାଏ। ଏହା କେତେ ମିନିଟ୍ କିମ୍ବା କେତେ ଘଣ୍ଟାର ବାର୍ତ୍ତାଳାପ ପରେ ଶେଷ ହୋଇଯାଏ। ଏହାକୁ ମାଇକ୍ରୋ ରିଲେସନ୍‌ସିପ୍ କୁହନ୍ତି। ଜଣାଶୁଣା ଡେଟିଂ ଆପ୍ 'ଟିଣ୍ଡର' ୨୦୨୪ ପାଇଁ ଏକ ରିପୋର୍ଟ ଜାରି କରିଛି। ଏଥିରେ କମ୍ ସମୟର ସମ୍ପର୍କକୁ ଯୁବପିଢ଼ି ଅଧିକ ପସନ୍ଦ କରୁଥିବା କଥା କୁହାଯାଇଛି। ଏହି ସର୍ଭେରେ ୟୁକେ, ଯୁକ୍ତରାଷ୍ଟ୍ର ଆମେରିକା ଓ ଅଷ୍ଟ୍ରେଲିଆର ୮୦୦୦ ଯୁବଯୁବତୀଙ୍କୁ ସାମିଲ କରାଯାଇଥିଲା। ଏପରି ପିଢ଼ି ଜଲଦି ନୂଆ ନୂଆ ଲୋକଙ୍କ ସହ ଡେଟ୍‌ରେ ଯିବାକୁ ଇଚ୍ଛା କରନ୍ତି। ଡିଜିଟାଲ ଏଜ୍‌ର ଏହି ରିଲେସନ୍‌ସିପ୍‌କୁ 'ନାନୋସିପ୍' ନାମ ଦିଆଯାଇଛି। ବେଳେବେଳେ ଏହି ସମ୍ପର୍କ ଟେକ୍ସଟ୍ ମେସେଜ୍‌ରେ ବି ଶେଷ ହୋଇଯାଏ। ଜଣକୁ ଗୁଡ୍ ନାଇଟ୍, ଗୁଡ୍ ମର୍ଣ୍ଣିଂ ମେସେଜ୍ କରି କିଛିଦିନ ପରେ ଭୁଲିଯିବା। ସବୁଠୁ ବଡ଼ କଥା ହେଉଛି, ଏଭଳି ସମ୍ପର୍କରେ ଯୁବକ ଯୁବତୀମାନେ ସେମାନଙ୍କର ମନର କଥା ତାଙ୍କ ସାଥୀକୁ ଜଣାଇବାକୁ ଦିଅନ୍ତିନି। ତେବେ ଏଭଳି ସମ୍ପର୍କ ଯୋଗୁଁ ଯୁବପିଢ଼ି ଅଧିକ ଅବସାଦର ଶିକାର ହେଉଛନ୍ତି ବୋଲି ମନୋଚିକିତ୍ସକମାନେ କହୁଛନ୍ତି।



## ହସ ବି ନେଇପାରେ ଜୀବନ



ହସିବା ସ୍ୱାସ୍ଥ୍ୟ ପାଇଁ ହିତକର। ଏହା ମଧ୍ୟ ଏକ ପ୍ରକାର ଯୋଗ। ଏ କଥା ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଯୋଗବିତ୍ କହନ୍ତି। ତେବେ ଜଣେ ସୁସ୍ଥ ମଣିଷ ପକ୍ଷେ ହସିବା ଜରୁରି। ସେହିପରି ହସୁ ନ ଥିବା ବ୍ୟକ୍ତି ସବୁବେଳେ ଗମ୍ଭୀର ଓ ଉଦାସରେ ରହନ୍ତି। ଏଭଳି ଲୋକଙ୍କ ଆଖପାଖରେ କମ୍ ଲୋକ ନଜର ଆସିଥାନ୍ତି। ତେବେ ଅନେକ ସମୟରେ ଅତ୍ୟଧିକ ହସିବା ଯୋଗୁଁ ମଣିଷର ମୃତ୍ୟୁ ହୋଇଥାଏ। ଅବଶ୍ୟ ହସିହସି ଲୋକଙ୍କ ମୃତ୍ୟୁବରଣକୁ ନେଇ ଅନେକ ଘଟଣା ବି ଅଛି। ୧୯୭୫ରେ ଆଲେକ୍ସ ମିଶେଲ ନାମକ ଜଣେ ବ୍ୟକ୍ତି ଟିଭି ଶୋ' 'ଦ ଗୁଡିଜ୍'ର ଏକ ଅଧ୍ୟାୟ ଦେଖି ଏଭଳି ଭାବେ ହସିଥିଲେ ଯେ, ତାଙ୍କର ପ୍ରାଣହାନି ଘଟିଥିଲା। 'ଲଙ୍ଗ୍ କ୍ୟୁଟି ସିଣ୍ଡ୍ରୋମ' ନାମକ ହୃଦ୍‌ରୋଗ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଏ। ସେହିପରି ଡ୍ୟାମନୋଏନ୍ ସେନ୍ ଓମ୍ ନାମକ ଆଉ ଜଣେ ବ୍ୟକ୍ତି ଲଗାତାର ଦୁଇ ମିନିଟ୍ ପର୍ଯ୍ୟନ୍ତ ଜୋର୍‌ରେ ହସି ସବୁଦିନ ପାଇଁ ଆଖି ବୁଜିଥିଲେ। ଏହିପରି ଆହୁରି ଅନେକ ମାମଲା ଅଛି। ତେବେ ଜୋର୍‌ରେ ହସିବା ଦ୍ୱାରା ମଣିଷର ମୃତ୍ୟୁ କାହିଁକି ହେଉଛି, ତାହାକୁ ନେଇ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ। ବେଳେବେଳେ ଜୋର୍‌ରେ ବା ଅଧିକ ହସିବା ଦ୍ୱାରା ପେଟ ଚାପି ହୋଇଥାଏ। ଏଣୁ ଏହି ସମୟରେ ଲୋକେ ହସ ଚାପିକୁ ଚେଷ୍ଟା ମଧ୍ୟ କରନ୍ତି। ଜୋର୍‌ରେ ହସିଲେ ଶ୍ୱାସନଳୀ ଫୁଲିଯାଏ, ଫଳରେ ଶ୍ୱାସକ୍ରିୟା ଠିକ୍‌ଭାବେ ହୋଇପାରେ ନାହିଁ ଏବଂ ଜୀବନ ଚାଲିଯାଏ। ଅନ୍ୟପଟେ ଅତ୍ୟଧିକ ହସିବା ଯୋଗୁଁ ଫୁସଫୁସ୍, ହୃଦୟ ଏବଂ ମସ୍ତିଷ୍କ ଉପରେ ଚାପ ପଡ଼ିଥାଏ। ଏହାଦ୍ୱାରା ଶ୍ୱାସକ୍ରିୟା ଅଟକି ଯିବା ଏବଂ ହୃଦ୍‌ଘାତ ଭଳି ସ୍ଥିତି ସୃଷ୍ଟି ହୋଇଥାଏ। ବିଶେଷଜ୍ଞଙ୍କ ଅନୁସାରେ, ହସିବା ଭଲ, କିନ୍ତୁ ଆବଶ୍ୟକତାଠୁ ଅଧିକ ଜୋର୍‌ରେ ହସିବା ଦ୍ୱାରା ହୃଦ୍‌ଘାତ କିମ୍ବା ନିଃଶ୍ୱାସ ରୋକିଯିବା ଭଳି ସମସ୍ୟା ଦେଖାଯାଏ। ଏଣୁ ହସିବା ବେଳେ ହସ ଉପରେ ନିୟନ୍ତ୍ରଣ ରକ୍ଷା କରିବା ଦରକାର ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## କ୍ଷତି ପହଞ୍ଚାଏ ରାତିସାରା ୱାଇ-ଫାଇ ଚଳାଇବା ଅଭ୍ୟାସ





ଆଧୁନା ସମସ୍ତଙ୍କ ହାତରେ ସ୍ମାର୍ଟଫୋନ୍। ଏଥିଯୋଗୁଁ ଏବେ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର କରାଯାଉଛି। ଇଣ୍ଟରନେଟ୍‌ର ଅଧିକ ବ୍ୟବହାର ଯୋଗୁଁ ୱାଇଫାଇର ବ୍ୟବହାର ମଧ୍ୟ ବଢ଼ିଯାଇଛି। ୱାଇଫାଇ ଏମିତି ଏକ ସେବା, ଯାହା ୨୪ଘଣ୍ଟା ଧରି ଇଣ୍ଟରନେଟ୍ ଉପଲବ୍ଧ କରାଏ। ଏଥିପାଇଁ ଅଧିକାଂଶ ନିଜ ଘରେ ୱାଇ ଫାଇ ରାଉଟର ମେସିନ୍ ଲଗାଇଥାନ୍ତି। ଏମିତି ଅନେକ ଅଛନ୍ତି, ଯେଉଁମାନେ ଫିଲ୍ମ ଦେଖିବା ପାଇଁ ରାତିସାରା ୱାଇଫାଇ ରାଉଟର ମେସିନ୍‌କୁ ଅନ୍ ରଖିଥାନ୍ତି। ହେଲେ ରାତିରେ ଶୋଇବା ସମୟରେ ୱାଇଫାଇ ରାଉଟର ଅନ୍ କରି ରଖିବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ୱାଇଫାଇର ରାଉଟର୍‌ରୁ ରେଡିଓ ତରଙ୍ଗ ବାହାରୁଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ତରଙ୍ଗ ସମ୍ପର୍କରେ ଆସିଲେ ମଣିଷର ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏନେଇ ନ୍ୟାଶନାଲ ହେଲ୍‌ଥ ଲାଇବ୍ରେରୀରେ ଛପାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି ଯେ, ୩୪ ବର୍ଷୀୟ ପାଞ୍ଚ ଜଣ ଯୁବକ ୱାଇଫାଇ ରାଉଟର ପାଖେ ପାଞ୍ଚ ରାତି ବିତାଇଥିଲେ। ଏହି ସମୟରେ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିବା ସହ ଏଥିଯୋଗୁଁ ସେମାନଙ୍କ ଠାରେ ଅନିଦ୍ରା ସମସ୍ୟା ଦେଖାଯାଇଥିଲା। କେବଳ ସେତିକି ନୁହେଁ, ରାତି ସାରା ୱାଇଫାଇ ଅନ୍ କରି ରଖିବା ଦ୍ୱାରା ଏଥିରୁ ବାହାରୁଥିବା କ୍ଷତିକାରକ ବିକିରଣ ମନୁଷ୍ୟ ମସ୍ତିଷ୍କ ଉପରେ ପ୍ରଭାବ ପକାଇପାରେ। ଏହାଦ୍ୱାରା ଥକ୍କାପଣ, ନିଦ ନ ହେବା, ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିବା ଯୋଗୁଁ ମୁଣ୍ଡବିନ୍ଧା, ମୁଣ୍ଡ ଘୂରାଇବା, ମାନସିକ ଚାପ ଆଦି ସମସ୍ୟା ହୋଇପାରେ। ୱାଇ-ଫାଇ ନେଟ୍‌ୱର୍କ ସହିତ ସଂଯୋଗ ସ୍ମାର୍ଟଫୋନ୍ ଲ୍ୟାପ୍‌ଟପ୍ ଏବଂ ଅନ୍ୟାନ୍ୟ ଉପକରଣରୁ ଉତ୍ପନ୍ନ ହେଉଥିବା ଚୁମ୍ବକୀୟ ତରଙ୍ଗ ମନୁଷ୍ୟ ସ୍ୱାସ୍ଥ୍ୟକୁ ବିଗିଡ଼ାଇପାରେ। ଫଳରେ ଉଚ୍ଚ ରକ୍ତଚାପ, ହୃଦ୍ ସମ୍ବନ୍ଧୀୟ ସମସ୍ୟା ହେବା ସହ ଏହା ରୋଗପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିପାରେ। ଏଥିରୁ ସୁରକ୍ଷା ପାଇଁ ରାତିରେ ଶୋଇବା ସମୟରେ ରାଉଟରକୁ ବନ୍ଦ କରିବା ଅଭ୍ୟାସ ରଖିବା ଭଲ। ଯଦି ସ୍ମାର୍ଟଫୋନ୍ ବ୍ୟବହାର କରୁଥାନ୍ତି, ତେବେ ଶୋଇବା ସମୟରେ ଇଣ୍ଟରନେଟ୍ ଅଫ୍ କରିବା ଆବଶ୍ୟକ। ସେହିଭଳି ୱାଇଫାଇ ରାଉଟରକୁ ଶୟନ କକ୍ଷରୁ ଦୂରରେ ରଖିବା ଆବଶ୍ୟକ।

## ଏଠାରେ ଭାଗ୍ୟ-ଭବିଷ୍ୟ ଗଣନା ମନା

ଜ୍ୟୋତିଷ ଶାସ୍ତ୍ରରେ ବ୍ୟକ୍ତିର ରାଶି ଅନୁସାରେ ଭବିଷ୍ୟତର ସୂଚନା ତଥା ଶୁଭାଶୁଭ ଫଳ ନିର୍ଣ୍ଣୟ କରାଯାଇଥାଏ। କେହି କେହି ହସ୍ତରେଖା ଆଧାରରେ ବି ଭବିଷ୍ୟବାଣୀ କରିଥାନ୍ତି। ଏହାକୁ ଅନେକ ପେସା ଭାବେ ମଧ୍ୟ ଗ୍ରହଣ କରିଥାନ୍ତି। କିନ୍ତୁ ଏପରି ଏକ ଜାଗା ଅଛି, ଯେଉଁଠି ଭବିଷ୍ୟତ କଥା କହୁଥିବା ଲୋକଙ୍କୁ ଦଣ୍ଡ ମିଳିଥାଏ। ଯୁକ୍ତରାଷ୍ଟ୍ର ଆମେରିକାର ଓରେଗନ ରାଜ୍ୟରେ ୟାମହିଲ ନାମକ ସହରରେ ଭାଗ୍ୟ ବିଷୟରେ କହିବା, ଭବିଷ୍ୟବାଣୀ କରିବା କିମ୍ବା ହାତ ଦେଖି ଭଲ-ମନ୍ଦ କହିବା, ଜ୍ୟୋତିଷ କାମ କଲେ ଜଣେ ବ୍ୟକ୍ତିଙ୍କୁ ଦଣ୍ଡିତ ହେବାକୁ ପଡ଼ିଥାଏ। ଏହି ସହରରେ ଜ୍ୟୋତିଷ ବିଦ୍ୟା, ଟେରୋ କାର୍ଡ ରିଡିଂ ବିଜ୍ଞାନ ସମ୍ମତ ନୁହେଁ ବୋଲି ବିଚାର କରାଯାଏ। ତେଣୁ ଏପରି କାର୍ଯ୍ୟରେ ସାମିଲ ହେବା ଅପରାଧ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଥାଏ। ଟେରୋ କାର୍ଡ ରିଡିଂ, ରାଶିଫଳ ବିଷୟରେ କହିବା, ଭବିଷ୍ୟ ଆକଳନ ଆଦି ବେଆଇନ ବୋଲି ଆକଳନ କରାଯାଏ। ଏହି ସହରରେ ଏପରି କାର୍ଯ୍ୟକଳାପକୁ ନିଷିଦ୍ଧ କରିବାକୁ ଏକ ସ୍ୱତନ୍ତ୍ର ଆଇନ ରହିଛି। ଆଇନ ଅନୁଯାୟୀ, ଭାଗ୍ୟ ବିଷୟରେ କହିବା ପରି ଜ୍ୟୋତିଷ, ହସ୍ତରେଖା ବିଜ୍ଞାନ, ଦିବ୍ୟଦୃଷ୍ଟି, ଟେରୋ କାର୍ଡ ରିଡିଙ୍ଗ ବିଜ୍ଞାନସମ୍ମତ ନୁହେଁ। ତେଣୁ ଏସବୁ ମଧ୍ୟରୁ ଯେକୌଣସି ସାଧନ କରିବା ଆଇନ ବିରୁଦ୍ଧ ହୋଇଥାଏ। ଏଠାକାର ଆଇନ ଅନୁଯାୟୀ, ଯେକୌଣସି ମାଧ୍ୟମରେ ଅତୀତ ଘଟଣାର ବିଶ୍ଳେଷଣ, କୌଣସି ବ୍ୟକ୍ତିଙ୍କ ଚରିତ୍ର ତଥା ବ୍ୟକ୍ତିତ୍ୱ ବିଶ୍ଳେଷଣ, ଭବିଷ୍ୟତ ବିଷୟରେ କହିବା, ଏଭଳି ବିଦ୍ୟା ଅର୍ଜନ କରି ଚୋରି ହୋଇଥିବା ସମ୍ପତ୍ତି ବିଷୟରେ ଜାଣିବା, ଭବିଷ୍ୟତରେ ଘଟିବାକୁ ଯାଉଥିବା କୌଣସି ଘଟଣା ବିଷୟରେ ସୂଚନା ଦେବାକୁ ପ୍ରୟାସ କରିବା ଆଦି ଅବୈଧ ହୋଇଥାଏ। ତେଣୁ ଏହି ନିୟମ ଭାଙ୍ଗିଲେ ଜଣଙ୍କୁ ଜେଲ୍ ଯିବାକୁ ପଡ଼ିପାରେ।



## ଆଜିର ଇତିହାସ

- ୧୬୮୧: ମହାରାଷ୍ଟ୍ରର ରାୟଗଡ଼ କିଲ୍ଲାରେ ଛତ୍ରପତି ଶିବାଜୀଙ୍କ ପୁତ୍ର ଶମ୍ଭାଜୀଙ୍କର ରାଜ୍ୟାଭିଷେକ ହୋଇଥିଲା।
- ୧୭୬୧: ଇଂରେଜମାନେ ଫ୍ରାନ୍ସ କବ୍‌ଜାରୁ ପଣ୍ଡିଚେରୀକୁ ଛଡ଼ାଇ ନେଲେ।
- ୧୯୨୦- ଜର୍ଜିଆ ସ୍ୱାଧୀନ ହେଲା।
- ୧୯୩୮: ପ୍ରଖ୍ୟାତ ବଙ୍ଗଳା ସାହିତ୍ୟିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପରଲୋକ।
- ୧୯୮୫- ଥାଇଲାଣ୍ଡରେ ଶିକ୍ଷକ ଦିବସ ପାଳନ ଆରମ୍ଭ।
- ୧୯୮୯: ସୋଭିଏତ୍ ସଂଘ ଦ୍ୱାରା ମଙ୍ଗଳ ଗ୍ରହ ପାଇଁ ଦୁଇ ବର୍ଷ ମାନବ ଅଭିଯାନ ଯୋଜନା ଘୋଷଣା କଲା।
- ୨୦୦୩: ଦ୍ୱିତୀୟ ଥର ମହାକାଶକୁ ଯାତ୍ରା କଲେ କଳ୍ପନା ଚାୱଲା।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ବନ୍ଧୁମିଳନ ଯୋଗ ରହିଛି।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ପାକ୍ସରେ ସରିବାକୁ ବସିଲାଣି ଧାନକିଣା

# ସରକାର ରୋକିପାରିଲେନି କଟ୍‌ନୀଛଟ୍‌ନୀ

**ବଲାଙ୍ଗିର/ସଇଁତଲା,୧୫।୧(ସମିସ):** ବଲାଙ୍ଗିର ଜିଲ୍ଲାରେ କାମ କଲାନି ସରକାରୀ ନିର୍ଦ୍ଦେଶ। ଗୋଟିଏ ପଟେ ରାଜ୍ୟ ସରକାର ଚାଷୀଙ୍କ ଧାନ କଟ୍‌ନୀଛଟ୍‌ନୀ ହେବନାହିଁ, ଧାନରମାନ ନିର୍ଦ୍ଧାରଣ କରାଯିବ,ବେଖାତିର କରୁଥିବା ମିଲର ଓ ମଣ୍ଡି କର୍ମଚାରୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ଏହାର ଖୋଲା

**ମଣ୍ଡିରେ ପଡ଼ିରହିଛି ହଜାର ହଜାର କୁଇଣ୍ଟାଲ ଧାନ**

ଉଲ୍ଲଂଘନ ହୋଇଛି। ଜିଲ୍ଲାର ସାନ ମଣ୍ଡିମାନଙ୍କରେ ଆଉ କିଛି ଦିନରେ ଧାନ କିଣା ସରିଯିବ। ସେହି ମଣ୍ଡିମାନଙ୍କରେ ମଧ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀ ଜାରି ରହିଥିବା ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସରକାରୀ ନିର୍ଦ୍ଦେଶ ପାଳନ କରିନଥିବା ଅଧିକାରୀ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶ୍ନ ଉଠିଛି। ସେହିପରି ସଇଁତଲା ବ୍ଲକ୍ ଧରବଗଡ଼ ପଞ୍ଚାୟତ ଅଞ୍ଚଳରେ ଚାଷୀମାନେ ଧାନ ବିକ୍ରିୟ କରିନପାରି ମଣ୍ଡିରେ ହାତ ଦେଇ ବସିଥିବା ଦେଖିବାକୁ ମିଳିଛି।

ଲୋଇସିଂହା ବ୍ଲକ୍‌ରେ ଥିବା ଗଡଶଙ୍କର ଡୁଙ୍ଗୁରିପାଲି ଓ ରେଙ୍ଗାଲି ପାକ୍ସରେ ବର୍ତ୍ତମାନ ସୁଦ୍ଧା ପ୍ରାୟତଃ ମିଳିଥିବା ଟାର୍ଗେଟ ଅନୁସାରେ ଧାନକିଣା ସଂପୂର୍ଣ୍ଣ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ



ଗଡଶଙ୍କର ଡୁଙ୍ଗୁରିପାଲି ପାକ୍ସରେ ମାହୁରବେଡା, ବାନିପାଲି ଓ ରେଙ୍ଗାଲି ପଞ୍ଚାୟତର ବାଘଡୁଙ୍ଗୁରୀ ଗାଁର ୩୧୫ ପଞ୍ଜିକୃତ ଚାଷୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୬୩ ଚାଷୀ ଧାନ ବିକ୍ରୀ କରିସାରିଛନ୍ତି। ଚଳିତ ଖରିଫ ପାଇଁ ୧୧ହଜାର୯୬୦ କ୍ୱିଣ୍ଟାଲ ଧାନକିଣା ଟାର୍ଗେଟ ଦିଆଯାଇଥିବା ବେଳେ ୧୦ ହଜାର ୯୫୭ କ୍ୱିଣ୍ଟାଲ ଧାନକିଣା ସାରିଲାଣି। ଆଉ ମାତ୍ର କିଛି କ୍ୱିଣ୍ଟାଲ ଧାନକିଣି ଦେଲେ ଧାନକିଣା ଟାର୍ଗେଟ ପୂରଣ ହେବାକୁ ଥିବା ବେଳେ ଉକ୍ତ ମଣ୍ଡିରେ ସମସ୍ତ ଚାଷୀଙ୍କ ଧାନ କ୍ୱିଣ୍ଟାଲ ପିଛା ତିନିରୁ ସାଢେ ତିନି କେଜି କଟ୍‌ନୀ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ରେଙ୍ଗାଲି ପାକ୍ସରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଉକ୍ତ ଦୁଇ ପାକ୍ସ ଦାୟିତ୍ୱରେ ଜଣେ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ଡୁଙ୍ଗୁରିପାଲି ପାକ୍ସ ସମ୍ପାଦକ ଶୋଭାବନ ପଧାନ ରେଙ୍ଗାଲି ପାକ୍ସ ଦାୟିତ୍ୱରେ ରହିଛନ୍ତି। ଏନେଇ ତାଙ୍କୁ ପଚାରିବାରୁ ୩ କେଜି କଟ୍‌ନି କରାଯାଇଛି। ଆଉ ଅଳ୍ପ ଧାନ କିଣିବା ବାକି ରହିଛି ଖୁବ ଶୀଘ୍ର ମଣ୍ଡି ବନ୍ଦ ହେବ ବୋଲି କହିଛନ୍ତି। ତେବେ କଟ୍‌ନୀଛଟ୍‌ନୀ ଅଭିଯୋଗକୁ ସ୍ୱୀକାର କରିଛନ୍ତି।

ସେହିପରି ସଇଁତଲା ବ୍ଲକ୍ ଧରବଗଡ଼ ପଞ୍ଚାୟତ ଅଞ୍ଚଳରେ ଚାଷୀମାନେ ଧାନ ବିକ୍ରିୟ କରିନପାରି ମଣ୍ଡିରେ ହାତ ଦେଇ ବସିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଧରବଗଡ଼ ପଞ୍ଚାୟତରେ ଥିବା ସମବାୟ ସମିତି ତରଫରୁ ଧାନ କିଣା ସରିଯାଇଛି। ପଞ୍ଚାୟତର ମାଁ ମାଣିକେଶ୍ୱରୀ ସଙ୍ଘ ସହାୟକ ଗୋଷ୍ଠୀ ତରଫରୁ ଧାନ କିଣା ଚାଲିଛି। ବୁଧବାର ଦିନ ଉକ୍ତ ସଙ୍ଘ ସହାୟକ ଗୋଷ୍ଠୀ କରିଥିବା ମଣ୍ଡି ନିକଟରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିରହିଛି। ଚାଷୀମାନେ ଶୀତ, କାକରକୁ ଭ୍ରୂକ୍ଷେପ ନ କରି ଧାନକୁ ରାତିସାରା ଜଗି ରହୁଛନ୍ତି। ସଙ୍ଘ ସହାୟକ ଗୋଷ୍ଠୀର ସମ୍ପାଦିକା ଶୁଭଲେଶୀ ମେହେରଙ୍କୁ ଏ ବିଷୟରେ ପଚାରିବାରୁ ଧାନ କିଣିବାକୁ ଆମ ପାଖରେ ଟାର୍ଗେଟ ନ ଥିବାରୁ ଆମ୍ଭେ ଚାଷୀଙ୍କ ଧାନ କିଣି ପାରୁନାହୁଁ।ଏ ଦିଗରେ ପ୍ରଶାସନ ଧାନ ଦେବାକୁ ବାରମ୍ବାର କହିଲେ ମଧ୍ୟ କେହି ଶୁଣୁ ନ ଥିବା କହିଛନ୍ତି। ସଇଁତଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ନାହାକଙ୍କୁ ପଚାରିବାରୁ ଟାର୍ଗେଟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିବା ବେଳେ ସନ୍ଧ୍ୟା ସୁଦ୍ଧା ଟାର୍ଗେଟ ଆସିବ ବୋଲି କହିଛନ୍ତି।

# କୁହୁଡ଼ିରୁ ମିଳିବନି ନିସ୍ତାର

**ଭୁବନେଶ୍ୱର,୧୫।୧(ସମିସ):** ରାଜ୍ୟରେ ବର୍ତ୍ତମାନ ପୂର୍ବାପେକ୍ଷା ଥଣ୍ଡାର ପ୍ରଭାବ ସାମାନ୍ୟ ହ୍ରାସ ପାଇଛି। ରାଜ୍ୟକୁ ବର୍ତ୍ତମାନ ବଙ୍ଗୋପସାଗରୀୟ ଜଳିୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଥିବାରୁ ଥଣ୍ଡାର ପ୍ରଭାବ କମିଛି। ଏହି ସ୍ଥିତି ଆହୁରି ୩.୪ ଦିନ ଜାରି ରହିବାର ସମ୍ଭାବନା ରହିଛି। ତେବେ ଥଣ୍ଡାର ପ୍ରଭାବ କମ୍ ରହିଲେ ମଧ୍ୟ ଏହି ସମୟରେ କୁହୁଡ଼ି ଯୋଗୁଁ ସମସ୍ୟା ସୃଷ୍ଟି ହେବାର ଆଶଙ୍କା କରାଯାଇଛି। ଏଥିପାଇଁ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ପାଇଁ ଚେତାବନୀ ଜାରି କରାଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ୫ ଜିଲ୍ଲାରେ ଘନ କୁହୁଡ଼ି ଦୃଶ୍ୟମାନ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କଳାହାଣ୍ଡି, କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ହେବାର ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରିଛି। ଏହା ବ୍ୟତୀତ ଖୋର୍ଦ୍ଧା, ପୁରୀ, କଟକ, ଗଞ୍ଜାମ, ଗଜପତି, ସୋନପୁର, ଅନୁଗୁଳ, ଦେବଗଡ଼ ଓ ନୟାଗଡ଼ ଜିଲ୍ଲାରେ ମଧ୍ୟମ ଧରଣର କୁହୁଡ଼ି ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି କୁହୁଡ଼ି ହେବାକୁ ଥିବାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ସତର୍କ ରହିବା ପାଇଁ ଏସ୍ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି କୁହୁଡ଼ି ସମୟରେ ରାଜପଥଗୁଡ଼ିକରେ କିପରି ଦୁର୍ଘଟଣାକୁ ଏଡ଼ାଯାଇପାରିବ ସେନେଇ ପଦକ୍ଷେପ ନେବାକୁ ଚିଠିରେ କୁହାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପାହାଡ଼ିଆ ଅଞ୍ଚଳ ଭାବରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସମତଳ ଅଞ୍ଚଳ ଭାବରେ ରାଉରକେଲାରେ ୧୧.୦ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ନୟାଗଡ଼, ଫୁଲବାଣୀ ଓ କଟକରେ ଘନକୁହୁଡ଼ି ଦେଖା ଦେଇଥିବା ବେଳେ ଦୃଶ୍ୟମାନର ଦୂରତା ୫୦ ମିଟର ରହିଥିଲା। ଆସନ୍ତା ୩-୪ ଦିନ ପରେ ପୁଣି ଥରେ ରାଜ୍ୟକୁ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ବାୟୁର ପ୍ରବାହ ବୃଦ୍ଧି ପାଇବ। ଏହାଦ୍ୱାରା ଶୀତର ପ୍ରଭାବ ପୁଣି ବଢ଼ିବା ନେଇ ପାଣିପାଗ କେନ୍ଦ୍ର କହିଛି।

# ଓଏଏସ୍ ସ୍ତରରେ ଅଦଳବଦଳ

## କେନ୍ଦୁଝର ଏଡିଏମ୍ ଆଲୋକ କୁମାର ପ୍ରଧାନ ହେଲେ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ

**ଭୁବନେଶ୍ୱର,୧୫।୧(ସମିସ):** କେନ୍ଦୁଝରର ଏଡିଏମ୍ ଥିବା ଆଲୋକ କୁମାର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଓଏଏସ ସ୍ତରରେ ଏକ ଛୋଟ ଅଦଳ ବଦଳ କରାଯାଇ ଏହି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହା ସହ ନୟାଗଡ଼ ବିଡିଓ ଥିବା ପଦ୍ମ ଚରଣ ସାହୁଙ୍କୁ କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗର ଡେପୁଟି ସଚିବ ଭାବେ ବଦଳି ହୋଇଛି। ଆନ୍ଦପୁର ଅତିରିକ୍ତ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କୁ ଖୋର୍ଦ୍ଧା ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଏହାସହିତ ଶ୍ରୀ ପଣ୍ଡା ଶ୍ରୀମନ୍ଦିର ପ୍ରଶାସନର ଉପନିର୍ଦ୍ଦେଶକ(ରାଜସ୍ୱ) ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସେହିପରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ଅନ୍ୟ ଏକ ବିଜ୍ଞପ୍ତିରେ ବାରିପଦା ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ମଧୁସ୍ମିତା ସାମନ୍ତରାୟଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ବଦଳି କରାଯାଇଛି। ଚୌଦ୍ୱାର ମ୍ୟୁନିସପାଲଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରଶାଦ ରାଉତଙ୍କୁ ବାରିପଦା ମ୍ୟୁନିସପାଲଟିକୁ ବଦଳି କରାଯାଇଛି। ଏହି ଦୁଇ ନିର୍ଦ୍ଦେଶନାମାରେ ଏକାଧିକ ଅଧିକାରୀଙ୍କ ପୁରୁଣା ବଦଳି ନିର୍ଦ୍ଦେଶନାମାରେ ପରିବର୍ତ୍ତନ କରାଯାଇ ନୂତନ ଭାବେ ବିଜ୍ଞପ୍ତି ଜାରି ହୋଇଛି। ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ମ୍ୟୁନିସପାଲଟି ଓ ଏନ୍ଏସିରେ କାର୍ଯ୍ୟରତ ୧୧ ଜଣ ଓଏଏସ୍, ୧୭ ଜଣ ଓଆର୍ଏଏସ୍ ଏବଂ ଦୁଇ ଜଣ ଓଏମ୍ଏଏସ୍ ଅଧିକାରୀଙ୍କୁ ବିଭିନ୍ନ ପୌର ସଂସ୍ଥା ଓ ନଗର ଉନ୍ନୟନ ବିଭାଗ ମଧ୍ୟରେ ଅଦଳବଦଳ କରାଯାଇଛି।

# ୧ ଲକ୍ଷ ଇନାମୀ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୫।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କୋଣ୍ଡାଗାଓରେ ଜଣେ ୧ ଲକ୍ଷ ଇନାମୀ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀ ମାଓବାଦୀର ନାମ ଲଳିତା ହୋଇଥିବା ବେଳେ ସେ ମାଓ ସଂଗଠନରେ ଡିଭିସିଏମ କ୍ୟାଡର ଭାବେ କାର୍ଯ୍ୟ କରୁଥିଲା। ଅନେକ ହିଂସାକାଣ୍ଡରେ ଲଳିତା ଜଡିତ ଥିବା ବେଳେ ତାଙ୍କ ନାମରେ ୧ ଲକ୍ଷର ଇନାମ ଘୋଷଣା କରିଥିଲେ ଛତିଶଗଡ଼ ସରକାର। ତେବେ ଦିନକୁ ଦିନ ପୁଲିସ ପକ୍ଷରୁ ତଲାସି ଅଭିଯାନ ବଢ଼ିବା ସହ ମାଓ ସଂଗଠନ ନିଜର ନୀତି ଆଦର୍ଶରୁ ଓହରି ଯାଇଥିବାରୁ ଲଳିତା ସାଧାରଣ ଜୀବନ ଯାପନ ପାଇଁ ନିଷ୍ପତ୍ତି ନେଇ କୋଣ୍ଡାଗାଓ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ତେବେ ଆତ୍ମସମର୍ପଣ ପରେ ସରକାରୀ ନୀତି ଅନୁଯାୟୀ ଲଳିତାଙ୍କୁ ଥଇଥାନ କରାଯିବ ବୋଲି ପୁଲିସ ପ୍ରକାଶ କରିଛି।



■ ମହଙ୍ଗା ପଡ଼ିଲା ନିଶା ସେବନ

# ରାଜସ୍ୱ ନିରୀକ୍ଷକ ନିଲମ୍ବିତ

**ପୁରୀ/ନୟାହାଟ,୧୫।୧(ସମିସ):** ଅଫିସ ସମୟରେ ନିଶାଦ୍ରବ୍ୟ ସେବନ କରି ବାଚାଳାମୀ ଭାବେ କଥା ହେବା ଗୋପ ତହସିଲ ବଉଳାଙ୍ଗ ରାଜସ୍ୱ ନିରୀକ୍ଷକ (ଆର୍ଆଇ) ମାର୍ଶାଲ ପ୍ରଧାନଙ୍କୁ ମହଙ୍ଗା ପଡିଛି। ବୁଧବାର ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମାର୍ଶାଲଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଶ୍ରୀ ପ୍ରଧାନ କାର୍ଯ୍ୟାଳୟ ପରିସରରେ ମାଦକଦ୍ରବ୍ୟ ସେବନ ଓ ଲୋକମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏପରିକି ସେ ନିଜକୁ ପ୍ରଧାନମନ୍ତ୍ରୀ ତଥା ମୋଦୀ ତାଙ୍କର ବେଷ୍ଟ ଫ୍ରେଣ୍ଡ ବୋଲି କହିବାକୁ ଭୁଲି ନ ଥିଲେ। ଶ୍ରୀ ପ୍ରଧାନଙ୍କ ଭିଡିଓ ଭାଇରାଲ ପରେ ଜିଲ୍ଲାପାଳ ଏହାର ତଦନ୍ତ ଦାୟିତ୍ୱ ଉପ ଜିଲ୍ଲାପାଳଙ୍କ ଉପରେ ନ୍ୟସ୍ତ କରିଥିଲେ। ଉପଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ ଜିଲ୍ଲାପାଳ ମାର୍ଶାଲଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବନ ସମୟରେ ତାଙ୍କୁ ହେଡ୍‌କ୍ୱାର୍ଟର କୃଷ୍ଣପ୍ରସାଦ ତହସିଲକୁ ଧାର୍ଯ୍ୟ କରାଯାଇଛି। ତହସିଲଦାର କୃଷ୍ଣପ୍ରସାଦଙ୍କ ବିନା ଅନୁମତିରେ ହେଡ୍ କ୍ୱାର୍ଟର ନ ଛାଡିବାକୁ ମାର୍ଶାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# କେନ୍ଦୁଝରରୁ ଆରମ୍ଭ ହେଲା ୩୫୦୦ ଟଙ୍କା ଭତ୍ତା ବଣ୍ଟନ

**କେନ୍ଦୁଝର, ୧୫।୧(ସମିସ):** ରାଜ୍ୟର ୮୦ ବର୍ଷ ତଦୁର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅକ୍ଷମ ଚଳିତ ମାସଠାରୁ ପାଇଛନ୍ତି ୩୫୦୦ ଟଙ୍କା ଭତ୍ତା। ମୁଖ୍ୟମନ୍ତ୍ରୀ ମୋହନ ମାଝୀ କେନ୍ଦୁଝରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ଓ ସମଗ୍ର ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ରାଜ୍ୟର ୪,୧୭,୪୯୬ ଜଣ ବ୍ୟକ୍ତି ଉପକୃତ ହେବେ।

- **ଉପକୃତ ହେବେ ରାଜ୍ୟର ୪,୧୭,୪୯୬ ହିତାଧିକାରୀ**
- **କେନ୍ଦୁଝରରେ ସ୍ଥାପନ ହେବ ଇସ୍ପାତ କାରଖାନା: ମୁଖ୍ୟମନ୍ତ୍ରୀ**



କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବରିଷ୍ଠ ନାଗରିକମାନେ ହେଉଛନ୍ତି ଆମ ଆସ୍ଥା ଓ ବିଶ୍ୱାସର ମନ୍ଦିର। ସେମାନଙ୍କ ହସ, ଖୁସି ଏବଂ ଯୁବ ସମାଜ ଉପରେ ସେମାନଙ୍କ ଅଖଣ୍ଡ ଆସ୍ଥା ହିଁ ଆମ ବିରଳ ସମ୍ପତ୍ତି। ରାଷ୍ଟ୍ରୀୟ ସାମାଜିକ କାର୍ଯ୍ୟକ୍ରମ ଓ ମଧୁବାବୁ ପେନସନ ହିତାଧିକାରୀମାନେ ବର୍ଦ୍ଧିତ ପେନସନ ପାଇବେ। ଓଡ଼ିଶାର ସମୃଦ୍ଧି ତଥା ରାଜ୍ୟର ଚାଷୀ, ମହିଳା, ଶ୍ରମିକ, ଯୁବଗୋଷ୍ଠୀ ଇତ୍ୟାଦି ସମସ୍ତ ବର୍ଗର କଲ୍ୟାଣ ପାଇଁ ଆମ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି। ଆଦିବାସୀ, ଗରିବ, ପଛୁଆ ଲୋକଙ୍କ ବିକାଶକୁ ଆମ ସରକାର ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ସବୁ ବର୍ଗର ଲୋକଙ୍କୁ ସମାନ ଖୁସି ଦେବାପାଇଁ ଆମ ସରକାର କାମ କରୁଛନ୍ତି। କେନ୍ଦୁଝରରେ ଖୁବ ଶୀଘ୍ର ମେଗା ଇସ୍ପାତ କାରଖାନା ନିର୍ମାଣ ହେବ, ଚଳିତ ମାସ ଶେଷ ସପ୍ତାହରେ ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଏହି ଇସ୍ପାତ କାରଖାନା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର ହେବ। ରାଜ୍ୟର ସବୁ ଜିଲ୍ଲାରେ ଶିଳ୍ପାନୁଷ୍ଠାନ ଓ କଳ କାରଖାନା ସ୍ଥାପନ ପାଇଁ ଆମ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ସାମଗ୍ରିକ ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ ସେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାରୁ ରକ୍ଷାକର ଜେନା, ଯୋଗେନ୍ଦ୍ର ନାୟକ, ରଜନୀ ମହାନ୍ତିଙ୍କୁ ବର୍ଦ୍ଧିତ ବୟସ୍କ ଭତ୍ତା ଏବଂ ସତ୍ୟଭାମା ସେଠୀ, ଅନିରୁଦ୍ଧ ଦାସ ଏବଂ ଜୟକୃଷ୍ଣ ମହନ୍ତଙ୍କୁ ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡ. ଫକିର ମୋହନ ନାୟକ ଏବଂ କେନ୍ଦୁଝର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ ଆଲୋକ ପ୍ରଧାନ ଧନ୍ୟବାଦ ଦେଇଥିଲେ।

■ କୋରମ୍ ଅଭାବରୁ ଅନାସ୍ଥା ରଦ୍ଦ

# ବିଜେଡି ହାତରେ ରହିଲା ଭୁବନ ବ୍ଲକ୍

**ଭୁବନ,୧୫।୧(ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ୍ ଅଧ୍ୟକ୍ଷା ସିପ୍ରା ବରାଳଙ୍କ ନାମରେ ଆସିଥିବା ଅନାସ୍ଥା କୋରମ୍ ଅଭାବରୁ ରଦ୍ଦ ହୋଇଛି। ଫଳରେ ଶ୍ରୀମତି ବରାଳ ନିଜ ପଦ ବଜାୟ ରଖିବାରେ ସଫଳ ହୋଇଛନ୍ତି। ବିଜେଡି ସମର୍ଥିତ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତି ବରାଳଙ୍କ ନାମରେ କିଛି ସରପଞ୍ଚ ଓ ସମିତିସଭ୍ୟ ଉପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଭୁବନ ବ୍ଲକ୍ କାର୍ଯ୍ୟାଳୟରେ ଅନାସ୍ଥା ସମ୍ପର୍କିତ ଭୋଟ୍ ଆଗତ ହୋଇଥିଲା। ମୋଟ୍ ୩୮ ଜଣ ସଦସ୍ୟଙ୍କ ମଧ୍ୟରୁ ଅନାସ୍ଥା ପାଇଁ ଆଜି ମାତ୍ର ୨ ଜଣ ସଦସ୍ୟ ଉପସ୍ଥିତ ଥିଲେ । ଫଳରେ ବୈଠକ ପାଇଁ କୋରମ୍ ହୋଇପାରି ନଥିଲା। ନିର୍ଦ୍ଧାରିତ ସମୟ ପରେ ନିର୍ବାଚନ ଦାୟିତ୍ୱରେ ଥିବା ଭୁବନ ତହସିଲଦାର କୋରମ୍ ଅଭାବରୁ ଅନାସ୍ଥା ରଦ୍ଦ ହେବା ଘୋଷଣା କରିଥିଲେ। ଦୀର୍ଘବର୍ଷ ହେଲା ଭୁବନ ବ୍ଲକ୍ ଅଧ୍ୟକ୍ଷା ପଦ ବିଜେଡି ହାତରେ ରହିଛି।

# ନନ୍ଦନକାନନରେ ୨ମାସର ଧଳା ବାଘ ଛୁଆ ମୃତ



**ନନ୍ଦନକାନନ,୧୫।୧(ସମିସ):** ନନ୍ଦନକାନନରେ ବୁଧବାର ଏକ ଧଳା ବାଘ ଛୁଆ(ମାଇ)ର ମୃତ୍ୟୁ ହୋଇଛି। ଗତ ୧୨ ତାରିଖରୁ ଏହି ବାଘ ଛୁଆଟି ଅସୁସ୍ଥ ହୋଇଥିଲା। ପ୍ରାଣୀଉଦ୍ୟାନ ଚିକିତ୍ସାଳୟରେ ତା'ର ଚିକିତ୍ସା ଚାଲିଥିଲାବେଳେ ବୁଧବାର ସକାଳେ ମୃତ୍ୟୁ ହୋଇଥିବା ନେଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏଥି ସହିତ ନନ୍ଦନକାନନରେ ବାଘ ସଂଖ୍ୟା ୨୭କୁ ଖସିଛି। ସେମାନଙ୍କ ମଧ୍ୟରେ ୧୪ ଅଣ୍ଡିରା, ୧୦ ମାଈ ଓ ୩ଟିର ଲିଙ୍ଗ ନିରୂପଣ ହୋଇନାହିଁ। ଧଳା ବାଘୁଣୀ ରୂପା ଓ ମେଲାନିଷ୍ଟିକ୍ ଟାଇଗର(କଳା ବାଘ) କୃଷ୍ଣର ମିଳନରୁ ଗତ ନଭେମ୍ବର ୨ରେ ରୂପା ଚାରିଟି ଛୁଆ ଜନ୍ମ ଦେଇଥିଲା। ଛୁଆମାନେ ମା' ରୂପା ପାଖରେ ରହୁଥିଲେ। ସିସିଟିଭି ମାଧ୍ୟମରେ ସେମାନଙ୍କୁ ନିରୀକ୍ଷଣ କରାଯାଉଥିଲା। ଗତ ୧୨ ତାରିଖରେ ଏହି ବାଘ ଛୁଆ ଅସୁସ୍ଥ ଥିବା ଜଣାପଡ଼ିଥିଲା। ସେ ଗୋଟିଏ ଜାଗାରେ ରହିବା ସହ ଖାଇବାକୁ ଆଗକୁ ଆସୁ ନ ଥିଲା। ଏହାପରେ ଛୁଆଟିକୁ ମା'ଠାରୁ ଅଲଗା କରି ପରୀକ୍ଷଣ ପରେ, ଶିଶୁଟିର ଶରୀରର ତାପମାତ୍ରା ବୃଦ୍ଧି ପାଇଥିବା ଜଣାପଡ଼ିଥିଲା। ତୁରନ୍ତ ଚିକିତ୍ସା ପାଇଁ ପ୍ରାଣୀ ଉଦ୍ୟାନର ପ୍ରାଣୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ରକ୍ତ ଏବଂ ଫେକାଲ୍ ନମୁନା ବିଶ୍ଳେଷଣ ସହିତ ତା'ର ଚିକିତ୍ସା କରାଯାଉଥିଲା। ସେଣ୍ଟର୍ ଫର୍ ୱାଇଲ୍ଡ ଲାଇଫ୍ ହେଲ୍‌ଥ (ସିଡବ୍ଲ୍ୟୁଏଚ୍)ର ବିଶେଷଜ୍ଞଙ୍କ ସୁପାରିସ୍ ଅନୁଯାୟୀ, ତାକୁ ଆଇଭି ଫ୍ଲୁଇଡ୍, ପ୍ଲାଜ୍‌ମା ବିସ୍ତାରକ, ଆଣ୍ଟିବାୟୋଟିକ୍, ଆଣ୍ଟାସିଡ୍ ଏବଂ ଆଣ୍ଟିକୋନଭୁଲ୍‌ସାଣ୍ଟ ସମେତ ଗଭୀର ଯତ୍ନ ନିଆଯାଇଥିଲା। କିନ୍ତୁ ତା'ର ସ୍ୱାସ୍ଥ୍ୟରେ ଅବନତି ହୋଇଥିଲା। ଖାଇବା ଛାଡ଼ି ଦେଇଥିଲା ବୋଲି ଉପନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

■ ରେଳବାଇ କନିଷ୍ଠ ଯନ୍ତ୍ରୀଙ୍କ ଘରୁ ଡକାୟତି ଘଟଣା

# ଆଉ ୩ ଗିରଫ; ସୁନା ଅଳଙ୍କାର ସହ ଟଙ୍କା ଜବତ

**ରାଉରକେଲା,୧୫।୧(ସମିସ):** ବନ୍ଧମୁଣ୍ଡା ଥାନା ଡ୍ରାଇଭର କଲୋନୀର ଏଲ/୨୦୪/୧ ବାସିନ୍ଦା ତଥା ରେଳବାଇ ଜେଇ ଦିଲ୍ଲୀପ କୁମାର ପଣ୍ଡାଙ୍କ ଘରୁ ଡକାୟତି ମାମଲାରେ ବୁଧବାର ପୁଲିସ ଆଉ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୀରମିତ୍ରପୁର ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳର ଆକାଶ ରାୟ (୨୬), ଶୀତଳପଡ଼ା ବସ୍ତିର ସୁରଜ୍ ବଂଶୀ (୨୫) ଓ ବୀରମିତ୍ରପୁର ମିସ୍ତ୍ରୀ ଦଫେଇ ଅଞ୍ଚଳର ତଫଜୁଲ ଖାନ (୨୮)। ସେମାନଙ୍କ ଠାରୁ ୪ଟି ସୁନା ଚେନ, ୫ଟି ସୁନା ମୁଦି, ୩ ହଳ ସୁନା କାନ ଫୁଲ, ଦୁଇ ହଳ ରୁପା ପାଉଁଜି, ଦୁଇଟି ରୁପା ମୁଦି ଓ ନଗଦ ୪୦ ହଜାର ଟଙ୍କା ଜବତ କରାଯାଇଛି। ଜବତ ସୁନା ଅଳଙ୍କାରର ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ରାଉରକେଲା ଜିଲ୍ଲା ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନୀତେଶ ୱାଧୱାନୀ କହିଥିଲେ ଯେ ୧୮ ଅକ୍ଟୋବର ୨୦୨୪ ରାତି ପ୍ରାୟ ସାଢେ ୧ଟାରୁ ୨ଟା ମଧ୍ୟରେ କିଛି ମୁଖା ପିନ୍ଧା ଡକାୟତ ଝରକା ଗ୍ରିଲ କାଟି ଭିତରକୁ ପଶିଥିଲେ। ଛୁରି ଦେଖାଇ ବାପା ଦିଲ୍ଲୀପ, ମାଆ ଲକ୍ଷ୍ମୀ ପଣ୍ଡା ଓ ପୁଅ ପ୍ରୀତମ ପଣ୍ଡାଙ୍କୁ ଭୟଭୀତ କରାଇଥିଲେ। ଚିତ୍କାର କରିବାରୁ ସେମାନଙ୍କ ମୁହଁ ଓ ହାତ ଗୋଡ଼ ବାନ୍ଧି ଏକ ରୁମରେ ବନ୍ଧକ ରଖିଥିଲେ। ଆଲମାରିରୁ ୩୮ ଭରି ସୁନା ଗହଣା, ନଗଦ ୧୦ ହଜାର ଟଙ୍କା ନେଇ ପଛ କବାଟ ଦେଇ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ଗତ ୩୧ ଡିସେମ୍ବରରେ ବିହାର ଛପରା ଅଞ୍ଚଳର



ସୁଶୀଲ କୁମାର ସିଂ, ରାଉରକେଲା ଭବାନୀପୁର ବସ୍ତିର ଅଜୟ କୁମାର ଆଞ୍ଚିଲ, ଝାଡ଼ଖଣ୍ଡ ପୂର୍ବ ସିଂହଭୂମର ସଚିନ ମାହାତୋ ଓ ଟାଟାର ରବି ଶଙ୍କର ବର୍ମାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ତଫଜୁଲ ଓ ପୂର୍ବରୁ ରବି ଶଙ୍କରଙ୍କୁ ସମସ୍ତ ସୁନା ରୁପା ସାମଗ୍ରୀ ବିକ୍ରି କରାଯାଇଥିଲା। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପ୍ରଭା ଶଙ୍କର ନାଏକ ଉପସ୍ଥିତ ଥିଲେ।

**ଲକ୍ଷ ଲକ୍ଷ ଟଙ୍କାର ବିଜୁଳି ବିଲ୍ ବାକି**

# '୫-ଟି' ସ୍କୁଲରେ ଆଉ ଚାଲିବନି ସ୍ମାର୍ଟବୋର୍ଡ

## ପାତରଅନ୍ତର ନୀତିର ଶିକାର ହେବେ ଛାତ୍ରଛାତ୍ରୀ

**ନୂଆପଡ଼ା ୧୫।୧ (ସମିସ):** ଗ୍ରାମାଞ୍ଚଳରେ ସ୍ଥାପିତ ସମସ୍ତ ମାଧ୍ୟମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ପୂର୍ବ ସରକାର '୫- ଟି' ମାଧ୍ୟମରେ ବିଦ୍ୟାଳୟ ରୂପାନ୍ତରୀକରଣ କରିଛନ୍ତି। ଏଥିପାଇଁ ସମସ୍ତ ବିଦ୍ୟାଳୟରେ ବିଜ୍ଞାନାଗାର, ଲାଇବ୍ରେରୀ, କମ୍ପ୍ୟୁଟର ଲ୍ୟାବ୍ ସହିତ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ମଧ୍ୟ କରିଛନ୍ତି । ବିଦ୍ୟାଳୟରେ ସ୍ମାର୍ଟବୋର୍ଡ ମାଧ୍ୟମରେ ପାଠପଢ଼ା ଆରମ୍ଭ ହେଲା। ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟ କ୍ଲାସରେ ପଙ୍ଖା ଓ ପାନୀୟ ଜଳ ଯୋଗାଣ ଇତ୍ୟାଦି ଅନେକ ବିକାଶ କରାଯାଇଛି। ଶିକ୍ଷକମାନେ ଚକ୍, ଡଷ୍ଟର ଓ କଳା ପଟା ଛାଡ଼ି ସ୍ମାର୍ଟ ବୋର୍ଡରେ ଶିକ୍ଷାଦାନ ଦେଉଛନ୍ତି। ହେଲେ ଏହି ସ୍ମାର୍ଟ ବୋର୍ଡରେ ପାଠ ପଢା ବନ୍ଦ ହେବାର ଆଶଙ୍କା ପ୍ରକାଶ ପାଇଛି। ଶ୍ରେଣୀ ପ୍ରକୋଷ୍ଠରେ ପଙ୍ଖା ଚାଲିବ କି ନାହିଁ ସନ୍ଦେହ ସୃଷ୍ଟି କରିଛି। ସୂଚନା ଅନୁସାରେ ଜିଲ୍ଲାର ୫୧ ଗୋଟି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ୧୮ ଗୋଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଏହି ସମସ୍ୟା ଉପୁଜିଛି। ଦୀର୍ଘ ଦୁଇରୁ ତିନି ବର୍ଷ ହେବ



ଏହି ବିଦ୍ୟାଳୟ ମାନଙ୍କର ବିଦ୍ୟୁତ୍ ବିଲ ପୈଠ ହୋଇ ନ ଥିବା ଜଣାପଡିଛି। ଗୋଟିଏ ଗୋଟିଏ ବିଦ୍ୟାଳୟର ବିଦ୍ୟୁତ ବିଲ ୩୦ ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବକେୟା ପଡ଼ିଛି। ବର୍ତ୍ତମାନ ଟିପିଡବ୍ଲୁଓଡିଏଲ ବହୁ ବିଦ୍ୟାଳୟକୁ ଏ ସଂକ୍ରାନ୍ତରେ ନୋଟିସ କରିଥିବା କିଛି ପ୍ରଧାନ ଶିକ୍ଷକଙ୍କଠାରୁ ସୂଚନା ମିଳିଛି। ଆଗକୁ ମାଟ୍ରିକ ବୋର୍ଡ ପରୀକ୍ଷା ସମୟ ମାଡ଼ିଆସୁଥିବା ବେଳେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ହେବା ଆଶଙ୍କା ବୃଦ୍ଧି ପାଇଛି। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଜିଲ୍ଲାର ୧୪୫ ଟି ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ ୭୬ ଗୋଟି ସରକାରୀ ବିଦ୍ୟାଳୟର ବିଦ୍ୟୁତ ବିଲ ସରକାରଙ୍କ ତହବିଲରୁ ପୈଠ ହେଉଥିବା ବେଳେ ଅନ୍ୟ ୬୯ ଗୋଟି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କ ବିଦ୍ୟୁତ ବିଲ ପୈଠ ପାଇଁ ସରକାର ବ୍ୟବସ୍ଥା କରୁନାହାନ୍ତି। ଏହି ବଞ୍ଚିତ ବିଦ୍ୟାଳୟ ମାନଙ୍କୁ ଅନ୍ୟ କୌଣସି ସରକାରୀ ଅନୁଦାନ ପ୍ରଦାନ କରାଯାଉ ନ ଥିବାବେଳେ ଛାତ୍ରଛାତ୍ରୀଙ୍କ ଠାରୁ ମଧ୍ୟ ବିଦ୍ୟୁତ ଫି ସଂଗ୍ରହ କରାଯାଇ ପାରିବନାହିଁ। ଏଭଳି ପରିସ୍ଥିତିରେ ଏହି ବିଦ୍ୟାଳୟ ଗୁଡ଼ିକର ବିଦ୍ୟୁତ ସଂଯୋଗ କଟାଯିବାର ଆଶଙ୍କା ଅଧିକ ରହୁଛି। ଏପରି ହେଲେ ଏଣିକି ସ୍ମାର୍ଟବୋର୍ଡ ଆଉ ଚାଲିବ ନାହିଁ। ଗ୍ରାମାଞ୍ଚଳର ମାଧ୍ୟମିକ ବିଦ୍ୟାଳୟ ପୁଣି ସରକାରଙ୍କ ପାତର ଅନ୍ତର ନୀତିର ଶିକାର ହେବ। ସମଗ୍ର ରାଜ୍ୟରେ ୨୬୦୮ ଗୋଟି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ୬୧୦ ଗୋଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସହିତ ୧୦୦ ଗୋଟି ବାଳିକା ବିଦ୍ୟାଳୟ ଥିବା ବେଳେ ଏହି ସବୁ ବିଦ୍ୟାଳୟ ପୂର୍ଣ୍ଣ ସରକାରୀ ହୋଇ ନ ଥିବା ଯୋଗୁଁ ସରକାର ବିଦ୍ୟୁତ ବିଲ ପୈଠ କରୁନାହାନ୍ତି। ସରକାରୀ ବିଦ୍ୟାଳୟ ଗୁଡ଼ିକର ବିଲ ପୈଠ କରାଯାଉଥିବା ବେଳେ ଏହି ବର୍ଗର ୩୦୦୦ ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହେଉଛି। ଏହା ଉପରେ ରାଜ୍ୟ ସରକାର ବେଳ ହୁଁ ଧ୍ୟାନ ନଦେଲେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡିବ, ଏହା ନିଃସନ୍ଦେହ।

ଟାର୍ଗେଟ୍‌ରେ ଯୁବପିଢ଼ି

# ନିଯୁକ୍ତି ନାଁରେ ଠକେଇର ଜାଲ


**ବଲାଙ୍ଗିର, ୧୫।୧(ସମିସ)**

ନିଜ ଜିଲ୍ଲାରେ ନିଯୁକ୍ତି ସୁଯୋଗ। ବିଭିନ୍ନ ହସ୍ପିଟାଲ, ବ୍ୟାଙ୍କ, ଏଟିଏମ୍‌ରେ ହେଲପର, ସିକ୍ୟୁରିଟି ଗାର୍ଡ, ଷ୍ଟୋର ଇନ୍‌ଚାର୍ଜ, ସୁପରଭାଇଜର, କ୍ୱାଲିଟି ଇନ୍‌ଚାର୍ଜ ଭଳି ବିଭିନ୍ନ ପଦ ପଦବୀ ପୂରଣ ହେବ। ଯୋଗ୍ୟତା ଅଷ୍ଟମରୁ ଗ୍ରାଜୁଏଟ୍। ଦରମା ୧୨ ହଜାରରୁ ୩୦ହଜାର ପର୍ଯ୍ୟନ୍ତ। ବଲାଙ୍ଗିର ସହରର ମୁଖ୍ୟ ଛକ ଠାରୁ ଆରମ୍ଭ କରି ଗଳିକନ୍ଦିରେ ଛାଇ ହୋଇଛି ଏଭଳି ବିଜ୍ଞାପନ। ଏଭଳି ବିଜ୍ଞାପନ ବେକାର ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ବରଦାନ ସଦୃଶ। ବିଜ୍ଞାପନ ତଳେ ଦିଆଯାଇଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରୁଛନ୍ତି। ଆଉ ତା ପରେ ଠକେଇ ଜାଲରେ ପଡୁଛନ୍ତି। ବଲାଙ୍ଗିର ଜିଲ୍ଲାରେ ଛତୁ ଫୁଟିଲା ପରି ବଢ଼ି ଚାଲିଛି ବେନାମୀ ସଂସ୍ଥା। ବେକାର ଯୁବକ ଯୁବତୀଙ୍କୁ ଟାର୍ଗେଟ କରି




ନିଯୁକ୍ତି ଯୋଗାଇଦେବା ନାଁରେ ସେମାନଙ୍କ ଠାରୁ ହଜାର, ଲକ୍ଷ ଟଙ୍କା ଲୁଟ୍ କରାଯାଉଛି। ଜିଲ୍ଲାରେ ନିଯୁକ୍ତି ସ୍କାମ୍ ଏକ ପ୍ରକାର ଚରମ ସୀମାରେ ପହଞ୍ଚି ଥିବା ବେଳେ ଏହାରି ପଛରେ କିଏ ରହିଛି ତାହା ଜଣାପଡୁନାହିଁ। ଏପରିକି ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ତରଫରୁ ଏଭଳି ଠକେଇକୁ ରୋକିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା ତାହା କରାଯାଉନଥିବାରୁ ଠକମାନେ ବେଧଡକ କାର୍ଯ୍ୟ ଚଳାଇଛନ୍ତି। ଜିଲ୍ଲା ସଦର ମହକୁମା ତଥା ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଲୋକଙ୍କ ଠାରୁ ଠକୁଛନ୍ତି। ବିଶେଷ କରି ସେମାନଙ୍କ ଟାର୍ଗେଟରେ ଗରୀବ ଓ ମଧ୍ୟବିତ୍ତପରିବାରର ଶିକ୍ଷିତ ଯୁବବର୍ଗ ରହିଛନ୍ତି। ଚାକିରି କରେଇ ଦେବା ନାଁରେ ସେମାନଙ୍କ ଠାରୁ ଠକ ସଂସ୍ଥା ଟଙ୍କା ଲୁଟୁଛନ୍ତି। ତେବେ ଏଭଳି ସ୍କାମ ଠାରୁ ଯୁବବର୍ଗଙ୍କୁ ଦୂରେଇ ରଖିବାକୁ ପ୍ରଶାସନ ତରଫରୁ ଯାହା ପଦକ୍ଷେପ ନିଆଯିବା କଥା ନିଆଯାଉନଥିବାରୁ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।ଏଭଳି ଠକ ଓ ଠକେଇ ବିରୋଧରେ ଜନସଚେତନତା ସୃଷ୍ଟି କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# ଯୁବୋଦୟ କଲେଜରେ ଜାତୀୟ ସେନା ଦିବସ




**ବଲାଙ୍ଗିର, ୧୫।୧(ସମିସ):** ଯୁବୋଦୟ କଲେଜ ଅଫ୍ ଆଡଭାନ୍ସଡ ଟେକ୍ନୋଲୋଜୀର ଏନସିସି ଆର୍ମି ୱିଙ୍ଗ କ୍ୟାଡେଟମାନେ ଜାତୀୟ ସେନା ଦିବସ ପାଳନ କଲେ। କାର୍ଯ୍ୟକ୍ରମରେ ଡିଗ୍ରି ୱିଙ୍ଗର ପ୍ରାଧାନାଚାର୍ଯ୍ୟ ଏବଂ କେନ୍ଦ୍ର ସଶସ୍ତ୍ର ପୁଲିସ ବଳ(ସିଆରପିଏଫ୍) ର ଅତିଥିମାନେ ଯୋଗ ଦେଇଥିଲେ। ଦିନଟି ଡ୍ରିଲ୍ ସହ ଆରମ୍ଭ ହୋଇଥିଲା।ପରେ ଡିଗ୍ରି ୱିଙ୍ଗ ପ୍ରାଧାନାଚାର୍ଯ୍ୟ ଏବଂ ଛାତ୍ରମାନଙ୍କ ଭାଷଣ ଦେଇଥିଲେ।ଏନ୍‌ସିସି କ୍ୟାଡେଟମାନେ ଦିବସର ଗୁରୁତ୍ୱ ଉପରେ ଭାଷଣ ଦେବାସହ ଦେଶାତ୍ମକ ସଙ୍ଗୀତ ଗାଇଥିଲେ। ପରିଶେଷରେ କ୍ୟାଡେଟଙ୍କ ଦ୍ୱାରା ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।ଏହା ପରେ କିଛି କ୍ରୀଡ଼ା କାର୍ଯ୍ୟକ୍ରମ ମଧ୍ୟ ସମ୍ପନ୍ନ ହୋଇଥିଲା। ସଭାରେ କ୍ୟାଡେଟମାନଙ୍କୁ ଜାତୀୟସ୍ତରର ପ୍ରବେଶ ପରୀକ୍ଷା ପାସ କରି ଭାରତୀୟ ସେନା ବିଭାଗରେ ଯୋଗଦେବାରେ ପ୍ରେରିତ କରାଗଲା, ଯାହା ଦ୍ୱାରାସେମାନେ ତାଙ୍କର ଶିକ୍ଷକମାନେ ଏବଂ କଲେଜକୁ ଗୌରବାନ୍ୱିତ କରିପାରିବେ। ଯୁବୋଦୟର ନିର୍ଦ୍ଦେଶକ ଅମ୍ବରିଶ ଦାଶ କହିଥିଲେ, ଯୁବ ସମାଜ ହେଉଛି ଜାତିର ଭବିଷ୍ୟତ।ଏନ୍‌ସିସି କଲେଜ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କ ମଧ୍ୟରେ ଜାତୀୟତାର ଭାବନା ସୃଷ୍ଟି କରେ। ଏହି ଦିବସ ପାଳନ ମାଧ୍ୟମରେ ଏନ୍‌ସିସି କ୍ୟାଡେଟମାନେ ନେତୃତ୍ୱ, ଶୃଙ୍ଖଳା, ଓ ଜାତୀୟ ସେବାର ଭାବନାକୁ ସୁନିମ୍ନ କରିଥିଲେ।

# ସାହିତ୍ୟ ସଂସ୍କୃତି ପକ୍ଷରୁ ମକର ମିଳନ




**ଟିଟିଲାଗଡ଼, ୧୫।୧ (ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସାହିତ୍ୟ ସଂସ୍କୃତି ଟିଟିଲାଗଡ଼ ଅନୁଷ୍ଠାନ ପକ୍ଷରୁ ମକର ମିଳନ ଓ ବ୍ୟାସ କବି ଫକୀର ମୋହନ ଜୟନ୍ତୀ ପାଳିତ ହୋଇଯାଇଛି।ଅନୁଷ୍ଠାନର ସଭାପତି ଜ୍ୟୋତି ପ୍ରକାଶ ଗଡ଼ତ୍ୟାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ପଣ୍ଡା ମୁଖ୍ୟଅତିଥି, ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ପୁହାଣ ସମ୍ମାନିତ ଅତିଥି ଓ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ ଅଖିଳ ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସେବକ ଚରଣ ଦାସଙ୍କ ପୁସ୍ତକ'ଲୋଟସ ପିଟର'ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ଈଶ୍ୱର ଜୈନ, ସତ୍ୟବ୍ରତ ପଣ୍ଡା, ବନମାଳୀ ଦାସ, ଭିକାରୀ ମିଶ୍ର, ଅକ୍ଷୟ ବେହେରା ପ୍ରମୁଖଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ଟିଟିଲାଗଡ଼, ୧୫।୧ (ସମିସ):** ଟିଟିଲାଗଡ଼ ବ୍ଲକ ସିହିନି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡାଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ମୁଖ୍ୟଅତିଥି ତଥା ବରିଷ୍ଠ ସାମ୍ବାଦିକ ଶରତ ମିଶ୍ର, ଅବସରପ୍ରାପ୍ତ ଖେଳ ଶିକ୍ଷକ ଧବଳେଶ୍ୱର ଦଳବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନେପାଳ ଚନ୍ଦନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ ମୁଖ୍ୟଅତିଥି ତଥା ନନ୍ଦିଘୋଷ ଟିଟିଲାଗଡ଼ ପ୍ରତିନିଧି ମାନସ ମହାନ୍ତି, ସିଆରସିସି ବବୁ ଜାଲ ଓ ଲିଙ୍ଗରାଜ ନାଗ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ ରାଜେଶ ସ୍ୱାଇଁ, ଦିଲୀପ ତ୍ରିପାଠୀ, ପ୍ରିତମ ନାଏକ ଖେଳ ଆୟୋଜନରେ ସହାୟତା କରିଥିଲେ। ମନ୍ଦାକିନୀ ମାଝୀ, ସଦାଶିବ ମିଶ୍ର, କଲ୍ୟାଣୀ ତ୍ରିପାଠୀ, ଦୀପାଳି ନାଏକ, ଆରାଧନା ପଣ୍ଡା, ସସ୍ମିତା ପ୍ରଧାନୀ, ସରିତା ବରିହା, ତିଲୋତ୍ତମା ବେହେରା, ସ୍ୱପ୍ନଶ୍ରୀ ସାହୁ, ଝରଣା ପାଣ୍ଡେ, ଚନ୍ଦ୍ରକାନ୍ତ ସୁନାନୀ, ସୁଚିତ୍ରା ରାଉଳ, ରୋମା ସୁନା, ଆଭାସ ପାଣିଗ୍ରାହୀ, ବିଶ୍ୱଜିତ ଦତ୍ତ, ଘନଶ୍ୟାମ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ।

# ୨୦୧ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ

**ଟିଟିଲାଗଡ଼, ୧୫।୧ (ସମିସ):** ମକର ସଂକ୍ରାନ୍ତି ଅବସରରେ ଶକ୍ତିଧାମ ରାଣୀ ସତୀ ମନ୍ଦିର ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ୨୦୧କୁଣ୍ଡିୟ ବିଶ୍ୱଶାନ୍ତି ବୈଦିକ



ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ବିଧାୟକ ନବୀନ ଜୈନ ଓ ପୌର ଅଧ୍ୟକ୍ଷା ମମତା ଦେବୀ ଜୈନ ଯୋଗଦେଇ ପୁଣ୍ୟ ଭାଗୀ ହୋଇଥିଲେ। ଗୁରୁକୂଳ ହରିପୁରର ଆଚାର୍ଯ୍ୟ ଡ଼ ସୁଦର୍ଶନ ଦେବଙ୍କ ସମେତ ଆଚାର୍ଯ୍ୟଗଣ ଏବଂ ବ୍ରହ୍ମଚାରୀ ଗଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ ସପତ୍ନୀକ ଯଜମାନ ହୋଇ ଯଜ୍ଞରେ ଯୋଗଦେଇଥିଲେ।ପୂର୍ବାହ୍ନ ୯ ଘଣ୍ଟାରୁ ଆରମ୍ଭ ହୋଇ ଦିବା ୧ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଟିଟିଲାଗଡ଼, ୧୫।୧ (ସମିସ):** ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖତ୍ରିଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟିଟିଲାଗଡ଼ ପୌରନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର ମଞ୍ଚାସୀନ ଥିଲେ। ବୈଠକରେ ଉପଜିଲ୍ଲାପାଳ ଶ୍ରୀ ଖତ୍ରୀ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ମହାସମାରୋହରେ ପାଳନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତ୍ତି ପ୍ରକାରେ ୨୬ ତାରିଖ ପ୍ରତ୍ୟୁଷ ୪ଘ.୩୦ମି ସମୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୂନ ପ୍ରଚାର, ସକାଳ ୭ରୁ୭.୩୦ ମଧ୍ୟରେ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ୮.୩୦ ସମୟରେ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆନୁଷ୍ଠାନିକ ଭାବେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଉତ୍ସବରେ ଟିଟିଲାଗଡ଼ ଉପଜିଲ୍ଲାପାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସକାଳ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିବେ। ସମ୍ମିଳିତ ପ୍ୟାରେଡରେ ହୋମ ଗାର୍ଡ, ଏନ୍‌ସିସି, ସ୍କାଉଟ୍, ଗାଇଡ୍, ରେଡକ୍ରସ ଓ ସିଭିଲିଆନ ମୋଟ ୨୪ଟି ଦଳ ଅଂଶ ଗ୍ରହଣ କରିବେ। ପରେଡ ଉତ୍ସବ ପରେ ଉପକାରାଗାର, ଟିଟିଲାଗଡ଼ର ଅନ୍ତେବାସୀ, ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀଙ୍କୁ ମୁଖ୍ୟଅତିଥି ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିବେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମାଝି ବୈଠକର ବିବରଣୀ ପାଠ କରିଥିଲେ ଏବଂ ଅବସପ୍ରାପ୍ତ ଶିକ୍ଷକ ଚିନ୍ତାମଣି ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ବୈଠକରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ବିଭିନ୍ନ ବିଭାଗର ଅଧିକାରୀ, ସମାଜସେବୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ସମାଜସେବୀଙ୍କ ବିୟୋଗରେ ଶୋକ

**ଟିଟିଲାଗଡ଼, ୧୫।୧(ସମିସ):** ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ଶଶୁର ଜଗବନ୍ଧୁ ସାହୁ(୭୯)ଙ୍କ ଟିଟିଲାଗଡ଼ ସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ସଯାଶାୟୀ ଥିବା ବେଳେ ବୁଧବାର ମୃତ୍ୟୁ ଘଟିଥିଲା।ସ୍ଥାନୀୟ ମୁକ୍ତିଧାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜୈଷ୍ଠ ନାତୁଣୀ ଅର୍ପିତା ମୁଖାଗ୍ନି ଦେଇଥିଲେ। ଟିଟିଲାଗଡ଼ ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢ଼ୀ, ବାର ସଂଘ ସଭାପତି ସଞ୍ଜୟ ବେହେରା, ବଲାଙ୍ଗିର ସାଂସଦ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ଜିଲା ସାମ୍ବାଦିକ ସଂଘ ସଭାପତି ଶିବପ୍ରସାଦ ପରିଡ଼ା,



କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ସୂର୍ଯ୍ୟ ଦାଶ, ପୂର୍ବତନ ଜିଲା ଓ୍ୟୁଜେ ସଭାପତି ଦୀପକ ସମ୍ପାଦାର, ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ରମେଶ ଅଗ୍ରୱାଲ, ସିସିଆଇ ସଭାପତି ଈଶ୍ୱର ଜୈନ, କେପିଏସଏସ ସଭାପତି ଉପେନ୍ଦ୍ର ବାଗ, ହରିଶ ରାୟଥଟ୍ଟା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ସୁମନ୍ତ ବେହେରା, ବୀରେନ୍ଦ୍ର ବାଗ, ବରିଷ୍ଠ ବିଜେଡ଼ି ନେତା ଶ୍ୟାମପ୍ରସାଦ ଗରିଆ, ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ, ଗୋପାଳକ୍ରିଷ୍ଣ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଗୀତା ବିଶି, ପ୍ରେମ ଜୈନ, ଅରୁଣ ମିଶ୍ର, ପଙ୍କଜ ଅଗ୍ରୱାଲ, ରଘୁନାଥ ରଥ, ତୁଳସୀ ସାହୁ, ଦେବାଶିଷ ସୌରା, ବିକାଶ ପାଣିଗ୍ରାହୀ, ପ୍ରଦୀପ ବାଗ, ରଣଜିତ ପୃଷ୍ଟି, ଦିଲୀପ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଶେଷକୃତ୍ୟ ବେଳେ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବିଜେଡ଼ି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ପୂର୍ବତନ ବିଧାୟକ ଆୟୁବ ଖାନ, ସରୋଜ ମେହେର ତଥା ଦଳର ବହୁ ତୁଙ୍ଗ ନେତା ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ରକ୍ତଦାନ ଶିବିର

**ବଲାଙ୍ଗିର, ୧୫।୧(ସମିସ):** ବହୁଜନ ସମାଜ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷା ତଥା ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀଙ୍କ ଜନ୍ମ ଦିବସ ଜନକଲ୍ୟାଣକାରୀ ଦିବସ ଭାବରେ ପାଳନ କରିଛି ବଲାଙ୍ଗିର ବିଏସପି ଶାଖା। ଏହି ଅବସରରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ରକ୍ତଦାନ କରି ଉତ୍ସବ ପାଳନ କରିଥିଲେ। ଉତ୍ସବରେ ଅଜିତ କୁଅଁରଙ୍କ ନେତୃତ୍ୱରେ ମୁଖ୍ୟଅତିଥି ସୁବାଷ ଚନ୍ଦ୍ର ସୁନା, ରମାକାନ୍ତ ନାଗ, ଯୁଧିଷ୍ଠିର ଜାଲ, ମଙ୍ଗଲୁ ତାଣ୍ଡି, କାର୍ତ୍ତିକେଶ୍ୱର ନାଗ, ବିଶ୍ୱନାଥ ସୁନା, ସୁଶିଲ ଜାଲ, ସୁଶିଲ ହରପାଲ, ଜିତେନ୍ଦ୍ର ବାଗ, ସେବକ ବାଗ, ନିଳମ ବାଗ, ବଳରାମ ସରଭଙ୍ଗ, ଅଶୋକ ଦୀପ, ତୁଳସିରାମ ଜାଲ ଇତ୍ୟାଦି ଉପସ୍ଥିତ ଥିଲେ। ଧନ୍ୟବାଦ ଦେଇଥିଲେ ପ୍ରକାଶ ନାଗ।



# ଶିକ୍ଷକ ସଂଘର ବାର୍ଷିକ ଉତ୍ସବ



**ଟିଟିଲାଗଡ଼, ୧୫।୧(ସମିସ):** ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଟିଟିଲାଗଡ଼ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଚତୁର୍ଥ ଶିକ୍ଷକ ସମ୍ମିଳନୀ ଓ ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ବିଇଓ ଆର୍ତ୍ତତ୍ରାଣ ରଥ, ପୌରନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ଏବିଇଓ ଅଭିରାମ ମାଝୀ, କୋଦଣ୍ଡଧର ଭୋଇ, ସଂଘର ମୁଖ୍ୟ ପରାମର୍ଶଦାତା ରାମଗୋପାଳ ମେହେଟୋ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟଅତିଥି ମଞ୍ଚରେ ୨୫ ଜଣ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଂଘର ସଭାପତି ପଞ୍ଚାନନ ଗଡ଼ତ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ସୁଶାନ୍ତ ପଣ୍ଡା ବାର୍ଷିକ ବିବରଣୀ ପାଠ, ଭିଲୁ ଦାଶ ପରିଚୟ ପ୍ରଦାନ, ରଞ୍ଜନ ଚାନ୍ଦ ଉଦେଶ୍ୟ ଜ୍ଞାପନ କରିଥିଲେ। ଲକ୍ଷଣ ନାଗ, ଶାଳିନୀ ଶତପଥୀ, ଶୁଭଲକ୍ଷ୍ମୀ ମହାପାତ୍ର, ଶିଳାକିର୍ତ୍ତୀ ବେହେରା, ସୁନିତା ଡୁଙ୍ଗଡୁଙ୍ଗ, କୁନୀଲତା ନାୟକ, ଅନିତା ଓରାମ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସଞ୍ଜୟ ସରାଫ, ଅଶ୍ୱିନୀ ରଥ, ଶିବ ଦତ୍ତ ଗୁରୁ, ନିତ୍ୟାନନ୍ଦ ହୋତା, ବିଶ୍ୱ ମୋହନମିଶ୍ର, କୃଷ୍ଣ ଚନ୍ଦ୍ର ତ୍ରିପାଠୀ, ଯଦୁମଣି ସାହୁ, ଥରିନ୍ଦ୍ର ବାଗ, ସେବକ ବେହେରା, ଶିବପ୍ରସାଦ ସାହୁ, ଗୋପାଳ ସିଂ ସୁନା, ବିଶ୍ୱନାଥ ମିଶ୍ର, କିଶୋର ବନଛୋର, ବିଜେନ୍ଦ୍ର ଚୌଧୁରୀ, ରଜତ ଛତର ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।

ନିରୁଦ୍ଦିଷ୍ଟ




ରାଧାନାଥ ପଣ୍ଡା

ବୟସ — 75 ବର୍ଷ । ଉକ୍ତ ବ୍ୟକ୍ତି ଜଣଙ୍କ BIKASH PRATISTHAN, Jeypore, Dist: Koraput ରେ । ସେ Vizianagaram, Vytala Hotel ରୁ ନିଖୋଜ ଅଛନ୍ତି । ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳୁନାହିଁ । ଯଦି କୌଣସି ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି, ତେବେ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ । Smruti Lekha Panda, Resident of N-1, 273, 3rd floor, IRC Villege, Nayapalli, Bhubaneswar - 751015

Mob No. 6371786377

PhD Degree

ୟୁଏସଏର ୱାଶିଂଟନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ହାସଲ କଲେ ଅବିନାଶ ସାହୁ



ବାଲେଶ୍ୱର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ଉଦ୍ୟୋଗପତି ତଥା ପରିବେଶବିତ ଦିଲ୍ଲୀପ କୁମାର ସାହୁଙ୍କ ସୁପୁତ୍ର ଅବିନାଶ ସାହୁ ୟୁଏସଏର ୱାଶିଂଟନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ହାସଲ କରିଛନ୍ତି। ଏବେ ସେ ବାଲେଶ୍ୱର ସହର ସହଦେବଖୁଣ୍ଟା ଠାରେ ରହି ନିଜର ବ୍ୟବସାୟ ପରିଚାଳନା କରୁଛନ୍ତି। ସେ ଆମେରିକାରେ ୱାଶିଂଟନସ୍ଥିତ ଡିଜିଟାଲ ୟୁନିଭରସିଟିରେ ଡକ୍ଟରେଟ ସହ ବିଜନେସ ମେନେଜମେଣ୍ଟ କୋର୍ସ କରୁଥିଲେ। ଗତ ୧୧ ତାରିଖରେ ସେ ଡକ୍ଟରେଟ ଉପାଧିରେ ଭୂଷିତ ହୋଇଛନ୍ତି। ଏଥିପାଇଁ ଦିଲ୍ଲୀସ୍ଥିତ ଏକ ହୋଟେଲରେ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। ତାଙ୍କର ଏହି ଡକ୍ଟରେଟ ଉପାଧି ହାସଲ କରିବା ପରେ ତାଙ୍କର ପରିବାବାର ବର୍ଗଙ୍କ ସହ ବାଲେଶ୍ୱର ଜିଲ୍ଲାବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏବଂ ଏଥିପାଇଁ ବିଭିନ୍ନ ମହଲରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୟୁଏସଏର ଏହି ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ପାଇବା ପାଇଁ ସାରା ବିଶ୍ୱର ବ୍ୟକ୍ତି ବିଶେଷ ଆଗ୍ରହ ପ୍ରକାଶ କରନ୍ତି । ମାତ୍ର ସମସ୍ତେ ଉପାଧି ପାଇବାରେ ସମର୍ଥ ହୋଇପାରନ୍ତି ନାହିଁ। ହେଲେ ଅବିନାଶ ସାହୁ ଉକ୍ତ ୟୁନିଭରସିଟିରୁ ଡକ୍ଟରେଟ ଉପାଧି ପାଇବାରେ ସମର୍ଥ ହୋଇଥିବାରୁ ଏହା ବାଲେଶ୍ୱର ତଥା ଓଡ଼ିଶାର ଏକ ଗୌରବର ବିଷୟ।

# ସରକାରୀ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ପାଠଚକ୍ର

**ବଲାଙ୍ଗିର, ୧୫।୧(ସମିସ):** ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟର ସଭାଗୃହରେ ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ମାଟିର ମଣିଷ:ଏକ ଆଲୋଚନା'ଶୀର୍ଷକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅରବିନ୍ଦ ଓଝା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୋନପୁର ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡଃ ମୀନକେତନ କୁମ୍ଭାର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମାଟିର ମଣିଷ ଉପନ୍ୟାସ ସମ୍ପର୍କିତ ବିଭିନ୍ନ ପ୍ରବନ୍ଧ ଉପସ୍ଥାପନରେ ଛାତ୍ରୀ ଉର୍ମିଳା ପଟେଲ, ତୃପ୍ତିମୟୀ ବିଶ୍ୱାଳ, ସ୍ୱର୍ଣ୍ଣପ୍ରଭା ପୂଝାରୀ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଉପନ୍ୟାସର ପ୍ରାସଂଗିକ ଆଲୋଚନା ହେବା ସହ ତୁଳନାତକ ଦିଗ ଉପରେ ଆଲୋଚନାଚକ୍ର କେନ୍ଦ୍ରୀଭୂତ ହୋଇଥିଲା।ଡ.ସରୋଜ କୁମାର ଜଗଦଲା ସଭା ସଞ୍ଚାଳନ ଓ ଅଧ୍ୟାପକ ଯୋଗେଶ୍ୱର ପଧାନ ଧନ୍ୟବାଦ ଦେଇଥିଲେ। ସଭାରେ ବିଭାଗର ଅଧ୍ୟାପକ ନିରଞ୍ଜନ ସେଠ, ରତିକାନ୍ତ ନାଏକ ଓ ବିପ୍ଳବ ପଧାନ ପ୍ରମୁଖଙ୍କ ସହ ବିଦ୍ୟାଳୟର ବହୁସଂଖ୍ୟକ ଛାତ୍ରୀ ଯୋଗ ଦେଇଥିଲେ।

# 'ଭାଷା ଆନ୍ଦୋଳନର ବିନ୍ଧାଣି ଫକୀର ମୋହନ ସେନାପତି'

## ବୀଣାପାଣି ଶିକ୍ଷାସୌଧରେ ଆଲୋଚନାଚକ୍ର

**ବଲାଙ୍ଗିର, ୧୫।୧(ସମିସ)**

ପୁଇଁତଳା ବ୍ଲକ ଅନ୍ତର୍ଗତ ଗଇଁତଳା ସ୍ଥିତ ବୀଣାପାଣି ଶିକ୍ଷାସୌଧ ଠାରେ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ 'ଭାଷା ଆନ୍ଦୋଳନର ବିନ୍ଧାଣୀ ଫକୀର ମୋହନ ସେନାପତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ମ୍ୟାନେଜିଂ ଡାଇରେକ୍ଟର ଅଶୋକ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ବକ୍ତା ଭାବେ ଜାମଗାଁ ହାଇସ୍କୁଲର ସଂସ୍କୃତ ଶିକ୍ଷକ ରାଜକିଶୋର ପଣ୍ଡା, ବହଳପଦର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ନାରାୟଣ ମିଶ୍ର ଓ ସୁବକ୍ତା ସ୍ୱର୍ଣ୍ଣା ମିଶ୍ର ଯୋଗଦେଇ ମଧ୍ୟବିତ୍ତ ସମାଜର ଜୀବନ ଆଲେଖ୍ୟ ବହନ କରି ଅଭିନବ ଚରିତ୍ର ଚିତ୍ରଣ କୌଶଳରେ ଫକୀର ମୋହନ ସେନାପତିଙ୍କ କଥା ସାହିତ୍ୟ ପ୍ରାଣସ୍ପର୍ଶୀ ହୋଇଛି ବୋଲି କହିବା ସହ ସମଗ୍ର ଓଡିଆ ଜାତିପ୍ରତି ତାଙ୍କର ଅବଦାନ ଅତୁଳନୀୟ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଛତାମଖନା ହାଇସ୍କୁଲର ଶିକ୍ଷୟିତ୍ରୀ ଶକ୍ତିବାଇ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କୁଇଜ କାର୍ଯ୍ୟକ୍ରମରେ ଅନୁସୂୟା ସାହୁ, ଅଂଶ ବେହେରା, ଟ୍ୱିଂକଲ କର୍ମୀ, ଆଶୁତୋଷ ସାହୁ, ସ୍ମୃତିରାଣୀ ମିଶ୍ର, ଡ଼ୋଲାମଣୀ କାଲସାଏ, ଜେଏସ୍ ପୁନମ ମହଲା, ଚିରାଗ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।କାର୍ଯ୍ୟକ୍ରମର ସଂଯୋଜନା ଶିକ୍ଷକ ରଞ୍ଜିତ ମିଶ୍ର କରିଥିବାବେଳେ ଧନ୍ୟବାଦ ଦେଇଥିଲେ ସୌମ୍ୟରଞ୍ଜନ ଦ୍ୱାରୀ। ଶିକ୍ଷୟିତ୍ରୀ ନିକିତା କିଶୋର, ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ ତଥା ବିଦ୍ୟାଳୟରର ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ରୁକ୍ମଣୀ ସାହୁ

ଗ୍ରାମ-ଖଙ୍ଗାରଗୁଡା, ଗ୍ରାମ ପଞ୍ଚାୟତ - ବଡକୁଟ୍ରୁ
ବ୍ଲକ-କଳାମପୁର, ଜିଲ୍ଲା -କଳାହାଣ୍ଡି, ଓଡ଼ିଶା
ଆବିର୍ଭାବ -୧୮/୨/୧୯୫୦, ତିରୋଧାନ -୬/୧/୨୦୨୫
(ପୌଷ କୃଷ୍ଣପକ୍ଷ ଏକାଦଶୀ)

ମା ଆପଣଙ୍କ ସ୍ନେହ ଶ୍ରଦ୍ଧା ତ୍ୟାଗ ଆମେ ସପରିବାର କେବେ ହେଲେ ଭୁଲି ପାରିବୁ ନାହିଁ, ତୁମର ଅମର ଆତ୍ମାର ସଦଗତି ପାଇଁ ମାଁ ଠାକୁରାଣୀଙ୍କ ନିକଟରେ ସପରିବାର ପକ୍ଷରୁ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:
ଆପଣଙ୍କର ପୁଅ, ହେମନ୍ତ କୁମାର ସାହୁ , ଗଗନ ବିହାରୀ ସାହୁ , ଭୀମସେନ ସାହୁ , ପିତାମ୍ବର ସାହୁ ତଥା ଶୋକ ସନ୍ତପ୍ତ ପରିବାର ଓ ବନ୍ଧୁ ପରିଜନ

## ୮ ୯ ୭ ଜଣଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ

**କୋକସରା, ୧୫ ।୧(ସମିସ):** କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଧବାର ୮ ୯ ୭ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ବଣ୍ଟନ କରାଯାଇଛି । ୩୫୯ ଜଣକୁ ହାତାହାତି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୫୩୮ ଜଣଙ୍କୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ମଧୁବାବୁ ପେନସନ ଯୋଜନାରେ ୧୩୧ ଜଣ ୮୦ ପ୍ରତିଶତ ଭିନ୍ନକ୍ଷମ ୩୫୦୦ ଭତ୍ତା ଟଙ୍କା ପାଇଛନ୍ତି । ୮୦ ବର୍ଷରୁ ଅଧିକ ୨୨୮ ଜଣ ବରିଷ୍ଠ ନାଗରିକ, ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ୯୨ ଜଣ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ, ୮୦ ବର୍ଷରୁ ଅଧିକ ୪୪୬ ଜଣ ବରିଷ୍ଠ ନାଗରିକ ୩୫ ଶହ ଟଙ୍କା ପାଇଛନ୍ତି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା ଏହି ସୂଚନା ଦେଇଛନ୍ତି

# ଚେକ୍‌ଡ୍ୟାମ୍ ନିର୍ମାଣରେ ଅନିୟମିତତା



**ଜୟପାଟଣା, ୧୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଉଚ୍ଚମାଳ ଅଞ୍ଚଳରେ ଜଳସେଚନ ପାଇଁ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ବିଭିନ୍ନ ଜଳ ଉତ୍ସ ଗୁଡିକରେ ଚେକ୍‌ଡ୍ୟାମ ନିର୍ମାଣ କାର୍ଯ୍ୟ ସମ୍ପାଦନ ହେଉଛି; କିନ୍ତୁ ଭୁଲ ସ୍ଥାନରେ ଚେକ୍‌ଡ୍ୟାମ ନିର୍ମାଣ ଯୋଗୁଁ ଅନେକ ଚାଷୀ ପାଣି ପାଇପାରୁ ନାହାଁନ୍ତି । ୨୦୨୩-୨୪ରେ ମଙ୍ଗଳପୁର ପଞ୍ଚାୟତ କଞ୍ଜିଗୁଡାରେ ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ମାଧ୍ୟମରେ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚେକ୍‌ଡ୍ୟାମ ନିର୍ମାଣ ହୋଇଛି; କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଭୁଲ୍ ସ୍ଥାନରେ ନିର୍ମାଣ ହେତୁ ଚେକ୍ ଡ୍ୟାମରେ ଆବଶ୍ୟକ ପରିମାଣର ପାଣି ଗଚ୍ଛିତ ନ ହେବା ଆଶଙ୍କା ସୃଷ୍ଟି କରିଛି । ଚେକ୍ ଡ୍ୟାମ ନିର୍ମାଣ କାର୍ଯ୍ୟ ସମ୍ପାଦନ ହୋଇଛି; କିନ୍ତୁ ଗେଟ୍ ଲାଗିନାହିଁ । ଏହାଫଳରେ ଚାଷୀ ପୂର୍ବ ଭଳି ମଟର ପାଇପ ମାଧ୍ୟମରେ ଜଳ ସେଚନ କରୁଛନ୍ତି । ତଳୁଆ ଅଞ୍ଚଳରେ ଚେକ୍‌ଡ୍ୟାମ ଥିବା ହେତୁ ଜଳଧାରଣ କ୍ଷମତା କମ୍ ରହିବା ସହ ଉପର ଅଞ୍ଚଳରେ ଥିବା ଚାଷ ଜମିକୁ ଜଳ ଯୋଗାଣ କରିବା ପାଇଁ ଅସମର୍ଥ ହେବ ବୋଲି ଚାଷୀ ଅଭିଯୋଗ କରିଛନ୍ତି ।

## ମହାବୀର ହନୁମାନ ମନ୍ଦିର ଦର୍ଶନ କଲେ ମନ୍ତ୍ରୀ




**କୋମନା, ୧୫।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଝାରୀ ଦିନିକିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି । ଏହି କ୍ରମରେ ମନ୍ତ୍ରୀଙ୍କ ସମେତ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପୂର୍ବତନ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଯୁବନେତା ଅଭିନନ୍ଦନ ପଣ୍ଡା ପ୍ରମୁଖ କୋମନା ସ୍ଥିତ ମହାବୀର ହନୁମାନ ମନ୍ଦିର ପରିଦର୍ଶନ କରି ମନ୍ଦିରର ଉନ୍ନତିକରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜୟ ଜବାନ କ୍ଲବ ସଭାପତି ସଦନ ତିୱାରୀ, ବିରେନ୍ଦ୍ର ପ୍ରଧାନ, କୈଳାସ ବାଗ, ହେମନ୍ତ ପ୍ରଧାନ, ରମେଶ ପାତ୍ର, ବିଜୟ ବଉକ,ବିନୋଦ ସୁନାନୀ, ଯାଦବ ପ୍ରଧାନ, ପୁଷ୍କର ଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ସ୍ଥାନୀୟ ବୈଷ୍ଣୋଦେବୀ ମନ୍ଦିର ପରିଦର୍ଶନ କରିବା ସହ ପ୍ରସାଦ ସେବନ କରି ଟ୍ରଷ୍ଟ ସଦସ୍ୟଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ପରେ ଜନସାଧାରଣଙ୍କ ବିଭିନ୍ନ ଦାବିପତ୍ର ଗ୍ରହଣ କରିଥିଲେ ।

# ୨୦୦ଜଣଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା



**ନୂଆପଡ଼ା,୧୫।୧(ସମିସ):** ଆଜି ମନ୍ତ୍ରୀ ସୁରେଶ ପୂଜାରୀ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସି ସାମାଜିକ ସୁରକ୍ଷା ଯୋଜନାରେ ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ପୁଲିସ୍ ପଡ଼ିଆରେ ଏହି ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନୀତ ଅତିଥି ଭାବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି. ଆର.ରାଘବେନ୍ଦ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ନୂଆପଡ଼ା ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, କୋମନା ବ୍ଲକ୍ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ ପ୍ରମୁଖ ଯୋଗ ଦେଇଥିଲେ । ନୂତନ ପଦକ୍ଷେପ ଯୋଗୁଁ ଏଣିକି ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବୃଦ୍ଧବୃଦ୍ଧା ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ସରକାର ମାସିକ ୩,୫୦୦ ଟଙ୍କା ଭତ୍ତା ପ୍ରଦାନ କରିବେ । ସଭାକୁ ବରିଷ୍ଠ ରାଜସ୍ୱ ସହାୟକ ବିଭୁ ଦତ୍ତ ମିଶ୍ର ସଂଯୋଜନା କରିଥିଲେ ଏବଂ ଶେଷରେ ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ଆଜିର ଏହି ଜନସେବା ଦିବସ ସମାରୋହରେ ମନ୍ତ୍ରୀ ତଥା ଅଧିକାରୀଗଣ ନୂଆପଡ଼ା ବ୍ଲକ୍ ରୁ ୭୦ ଜଣ, ନୂଆପଡ଼ା ଏନ୍‌ଏସିରୁ ୪୦ ଜଣ, ଖରିଆର ରୋଡ ଏନ୍‌ଏସିରୁ ୪୦ ଜଣ, ଖଡ଼ିଆଳ ଏନ୍‌ଏସିରୁ ୧୦ ଜଣ, ଖଡ଼ିଆଳ, କୋମନା, ବୋଡ଼େନ ଓ ସିନାପାଲି ବ୍ଲକରୁ ୧୦ ଜଣ ଲେଖାଏଁ ସମୁଦାୟ ୨୦୦ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ । ସମଗ୍ର ଜିଲ୍ଲାରେ ଜାନୁଆରୀ ମାସ ପାଇଁ ୧୧ ହଜାର ୧୯୨ ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ । ଆଜିର କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିରେଖା ନନ୍ଦ ପରିଚାଳନା କରିଥିଲେ ।

## ଶିକ୍ଷକ ଭବାନୀ ଶଙ୍କର ପଣ୍ଡା ସମ୍ମାନିତ

କଳମପୁର, ୧୫ ।୧(ସମିସ): କଳମପୁର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାରେ ମହାରଣାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭବାନୀ ଶଙ୍କର ପଣ୍ଡା ସମ୍ମାନିତ ହୋଇଛନ୍ତି । ସେ ବିଦ୍ୟାଳୟକୁ ୩୦ଡିସିମିଲ ଜମି ଦାନ କରିଛନ୍ତି । ଏଥିପାଇଁ ଶ୍ରୀ ପଣ୍ଡାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଛି । ବିଡିଓ ବିଜୟ ମାଣ୍ଡାଙ୍ଗିଙ୍କ ଉପସ୍ଥିତିରେ ବିଧାୟକ ସୁଧିର ପଟ୍ଟଯୋଷୀ ମାନପତ୍ର ପ୍ରଦାନ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକ, ତହସିଲଦାର ସ୍ମରଣୀକା ତୁଳ, ଚିକିତ୍ସାଧିକାରୀ ଶିବାଶିଷ ସ୍ୱାଇଁ, ଉପାଧ୍ୟକ୍ଷ ଚିନ୍ତା ବେହେରା, ପଣ୍ଡିଗାଁ ସରପଞ୍ଚ କବିତା ଜୈନ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୫ ଦିନ ହେଲା କେସିଙ୍ଗା ବିଡିଓ ପଦ ଖାଲି

କେସିଙ୍ଗା, ୧୫ ।୧(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ଦୀର୍ଘ ୧୫ ଦିନ ହେଲା ବିଡ଼ିଓ ନାହାନ୍ତି । ଏଠାରେ ବିଡିଓ ଥିବା ପଦ୍ମନାଭ ପୁରୋହିତ ଡିସେମ୍ବର ୩୧ରେ ଅବସର ଗ୍ରହଣ କରିଛନ୍ତି । ଏହାପରଠୁ ଏହି ପଦ ଖାଲି ପଡ଼ିଛି । ଏଣୁ ସରକାରୀ କାର୍ଯ୍ୟ ପ୍ରଭାବିତ ହେଉଛି । ଅତିରିକ୍ତ ବିଡ଼ିଓ ସିଦ୍ଧେଶ୍ୱର ମେହେରଙ୍କ ଉପରେ ବିଡ଼ିଓ ଦାୟିତ୍ୱ ପଡ଼ିଛି । ନିଜ ଦାୟିତ୍ୱ ସହ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ଏଣୁ ତାଙ୍କ ଉପରେ ଚାପ ପଡୁଛି ।

# ଆତ୍ମସୁରକ୍ଷା ତାଲିମ ଶିବିର



କଳମପୁର, ୧୫ ।୧(ସମିସ): କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ମହାଭାରତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜମରାରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ମନୋଜ ମିଶ୍ରଙ୍କ କରକମଳରେ ଉଦ୍‌ଯାପିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଜମରା ହାଇସ୍କୁଲ ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝୀ, ମୁଖ୍ୟବକ୍ତା ଭାବରେ ବଡକୁଟ୍ରୁ ଫାଣ୍ଡି ଅଧିକାରୀ ଶିବଶଙ୍କର ମହାନ୍ତି, ପ୍ରୋଗ୍ରାମ ଅଫିସର ଯୁଗଳ ମୋହନ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ । ମାଷ୍ଟର ଟ୍ରେନର ଲିପିକା ପଟେଲ ୭ ୯ ଜଣ +୨ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଅଧ୍ୟାପିକାକ ସୁଜାତା ସାହୁ, ଅଧ୍ୟାପକ ଅନିଲ ପଣ୍ଡା, ଅଭିରାମ ପୁଞ୍ଜି, ମନୋରଞ୍ଜନ ପଣ୍ଡା, ତ୍ରିଲୋଚନ ଶବର, ମାନଗୋବିନ୍ଦ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ ।

ଜୁନାଗଡ଼: ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାମିଲ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ଅଧ୍ୟକ୍ଷ ବିଭୁତି ଭୂଷଣ ମେହେର ସଭାପତିତ୍ୱ କରିଥିଲେ । ଅଶୋକ ପଟ୍ଟନାୟକ, ଓକିଲ ସଂଘ ସମ୍ପାଦକ ହିମାଂଶୁ ଶେଖର ବରାଡ, ଗୋଲାମୁଣ୍ଡ କଲେଜ ଅଧ୍ୟକ୍ଷ ଜୟନ୍ତ ଜେନା ଅତିଥି ଭାବେ ଯୋଗ ଦେଇଥିଲେ । ସାଗରିକା ଦାସ, ପୂର୍ଣ୍ଣମାସି ମାଝୀ ଓ ସମୀର ସାହୁ ଯୋଗ ଦେଇଥିଲେ । ଶୁଭାଶିଶ ପାଣିଗ୍ରାହୀ ମଞ୍ଚ କରିଥିବା ବେଳେ ଅଧ୍ୟାପକ ବିଶ୍ୱ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଶିକ୍ଷକ ମିସ୍ ଜଲି ପରାଭୋଇ ଓ ଶିବାନୀ ଭାଟି ସମସ୍ତ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ବିକାଶ ବେହେରା, ଗୁପ୍ତେଶ୍ୱର ସ୍ୱାଇଁ, ରାଜକୁମାରୀ ବେମାଲ, ବିଶ୍ୱନାଥ ଗୋପାଳ, ବାବୁଲି ଗୋପାଳ ପ୍ରମୁଖ ସହଯାଗ କରିଥିଲେ ।

## କଳାହାଣ୍ଡି ଉତ୍ସବ ଅବସରରେ କବିତା ପାଠୋତ୍ସବ

**ଭବାନୀପାଟଣା, ୧୫ ।୧(ସମିସ):** କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଅବସରରେ ସ୍ଥାନୀୟ ଟାଉନହଲରେ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ପୱାର ସଚିନ ପ୍ରକାଶ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ଡ. ବିଧୁପ୍ରଭା ରଥ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ସକିତ ରତେ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, କବି ସମ୍ମିଳନୀ ଉପ ସମିତିର ନୋଡାଲ ଅଧିକାରୀ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ଜିଲ୍ଲାପାଳ ପ୍ରତାପ ମାଝୀ, ସମିତିର ସହ ଅଧ୍ୟକ୍ଷ ସନ୍ତୋଷ ରଥ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, କବି ଜୟଦ୍ରଥ ସୁନା, କଳ୍ପନା ରଥ, ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ କବୟିତ୍ରୀ ମଞ୍ଜୁମେଧା ଗୁରୁଙ୍କୁ ମାଟିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । କବି ସମ୍ମିଳନୀ ଉପ ସମିତିର ଅଧ୍ୟକ୍ଷ ଡ. ତପନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଆବାହକ ଡିଲେଶ୍ୱର ରଣା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ କବି ଯାଦବେନ୍ଦ୍ର ସାହା, ସୁମତୀ ମୁଣ୍ଡ, ଲିପ୍ସାମୟୀ ଦୁବେ, ସଞ୍ଜୀବ ପଣ୍ଡା ପ୍ରମୁଖ କବିତା ସଂଯୋଜନା କରିଥିଲେ । ତପନ ସାହୁ, କର୍ଣ୍ଣ ଗହୀର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଦୁଇ ଶହରୁ ଅଧିକ କବି ଓ କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ ।

# ଫକୀର ମୋହନଙ୍କ ଜୟନ୍ତୀ



ଭବାନୀପାଟଣା, ୧୫ ।୧(ସମିସ): ଓଡ଼ିଆ ଭାଷା ସାହିତ୍ୟରେ ଫକୀର ମୋହନ ସେନାପତିଙ୍କ ସ୍ଥାନ ସ୍ୱତନ୍ତ୍ର । ତାଙ୍କ ସମୟରେ ଓଡିଆ ଭାଷା ବିପଦଜନକ ସ୍ଥିତିରେ ଥିଲା । ସେନାପତି ଭଳି ଓଡ଼ିଆ ଭାଷା ସାହିତ୍ୟକୁ ବ୍ୟାସକବି ଏତେ ଉଚ୍ଚକୁ ନେଇଥିଲେ ଯେ, ଖୋଦ ବଙ୍ଗଳା ଭାଷାଭାଷୀ ଲୋକମାନେ ମଧ୍ୟ ଓଡ଼ିଆ ସାହିତ୍ୟ ପଢୁଥିଲେ । କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ପାଳିତ ସଂକ୍ରାନ୍ତି ପୁରୁଷ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ମତ ପ୍ରକାଶ ପାଇଛି । ପରିଷଦ ପରିସରରେ ଉମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ବିଶିଷ୍ଟ ଗାଳ୍ପିକ ନାରାୟଣ ପ୍ରସାଦ ପଟ୍ଟନାୟକ ଓ ଡ. ତପନ ରଥ ଅତିଥି ଭାବେ ଯୋଗ ଦେଇଥିଲେ । ସନ୍ତୋଷ ରଥ ମଞ୍ଚ ପରିଚାଳନା କରିଥିବା ବେଳେ କୋଷାଧକ୍ଷ ଭାଗିରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସୁରେନ୍ଦ୍ର ପ୍ରସାଦ ନେଗୀ, ଭୀମସେନ ସାହୁ, ବିଶ୍ୱ ମୋହନ ରଥ, ସୁଦେଷ୍ଣା ପଣ୍ଡା, ସୁଧୀର ରଞ୍ଜନ ମିଶ୍ର, ବିରଞ୍ଚି ନାରାୟଣ ମୁଣ୍ଡ, ଯାଦବେନ୍ଦ୍ର ସାହା ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁଇ ଅନାଥ ଭାଇଭଉଣୀଙ୍କୁ ସହାୟତା



**ଜୁନାଗଡ଼, ୧୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ମାଟି ଗାଁର ଦୁଇ ବାପ ମା ଛେଉଣ୍ଡ ଭାଇଭଉଣୀଙ୍କୁ ସହାୟତାର ହାତ ବଢ଼ିଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏମାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି । ଏମାନଙ୍କ ଲାଗି ୫ ବର୍ଷ ପର୍ଯ୍ୟନ୍ତ ମାସକୁ ୫ ହଜାର ଟଙ୍କାର ସହାୟତା ରାଶି ତାଙ୍କ ଜେଜେ ମା' ନିଳା ପ୍ରଧାନୀଙ୍କୁ ପ୍ରଦାନ କରାଯାଇଛି ।

## ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



**କର୍ଲାମୁଣ୍ଡା, ୧୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତର ଭାଲୁପିଆରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି । ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଶ୍ରୀ ଅନ୍ନ ଅଭିଯାନ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଅକ୍ଷୟ ପାତ୍ର, କଳାହାଣ୍ଡିର ଟିଡିସିସି ଏଏମଓ ସୌଭାଗ୍ୟ ସାହୁ, ପୂର୍ବତନ ଶାଖା ପରିଚାଳକ ଚୈତନ୍ୟ ପାଣିଗ୍ରାହୀ, କର୍ଲାମୁଣ୍ଡା ବ୍ଲକ ଶ୍ରୀ ଅନ୍ନ ଅଭିଯାନ ଯୋଜନା କାର୍ଯ୍ୟକାରୀ ସଂସ୍ଥା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଜଗଦୀଶ ପ୍ରସାଦ ରଣା, ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ସାହୁ, ଭାରପ୍ରାପ୍ତ ଏଓ ଲୋକନାଥ ନାଗ, ମାଣ୍ଡିଆ କିଣାବିକା ପରିଚାଳନା ଅନୁଷ୍ଠାନ ଜୟ ଥୁଆମୁଲ ରାମପୁର ଅର୍ଗାନିକ ଫାର୍ମର ପ୍ରଡୁସର କମ୍ପାନୀ ଲିମିଟେଡ଼ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଟଙ୍କଧର ନାଏକ, ହିସାବ ରକ୍ଷକ ମଧୁସୂଦନ ସାହୁ, ଦେବାଶିଷ ନାଗ ଯୋଗଦେଇ ଏହି ମାଣ୍ଡିଆମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ସିଆରପି ଭାନୁମତି ପଧାନ, କମଳ ସୁନା, ଜୀବର୍ଦ୍ଧନ ସାହୁ, ଧ୍ରୁବନ ବାଗ, ବାଲ୍ମୀକି ଛତ୍ରୀଆ, ପ୍ରବୀଣ ଭୋଇ, ଚାଷୀ ବୈଦର ରଣା, କୁଳମଣି ରଣା, ଜୟକୃଷ୍ଣ ରଣା, ରାଜେନ୍ଦ୍ର ନାରାୟଣ ମିଶ୍ର, କୃଷ୍ଣ ନାଗ ସହଯୋଗ କରିଥିଲେ ।।

## ଡାକକୋଟା ବାଲିପଟା ଉତ୍ସବ

**ଥୁଆମୂଳରାମପୁର, ୧୫ ।୧(ସମିସ):** ଡାକକୋଟାରେ ବାଲିପଟା ଉତ୍ସବ ପାଳିତ ହୋଇଯାଇଛି । ଆଦିବାସୀଙ୍କ ମହାନ ପର୍ବ 'ଟୋକିମରା' ପର୍ବ ବା ପୌଷ ପର୍ବ ପାଳନ ହେଉଥିବା ବେଳେ ପାରମ୍ପରିକ ରୀତିନୀତି ଅନୁଯାୟୀ ପର୍ଯ୍ୟାୟକ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଅତିଥି ଭାବେ ଥୁଆମୂଳ ରାମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦ୍ରୌପଦୀ ମାଝୀ, ଆଦିବାସୀ ନେତା ସନାତନ ମାଝୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ନାୟକ, ଯୁବ ବିଜେଡି ସଭାପତି ଫଟୁସିଂ ଭୋଇ, ସ୍ଥାନୀୟ ୱାର୍ଡସଭ୍ୟ କର୍ମସିଂ ମାଝୀ, ସମିତି ସଭ୍ୟାଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ନାୟକ, ଧନସିଂ ମାଝୀ, ବିଜେପିର ବିଶିଷ୍ଟ ଯୁବ ନେତା ରାଧାକୃଷ୍ଣ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱାମୀ ବିବେକାନନ୍ଦ ସଂଘର ସଭାପତି ଆଶିଷ ମାଝୀ, ସମ୍ପାଦକ ଦିବାକର ନାଏକ, ଅଶ୍ୱିନ ମାଝୀ, ରମେଶ ମାଝୀ, ବସନ୍ତ ମାଝୀ, କାଳିଆ ହଂସ, ମୁନା ନାଏକ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହେଇଥିଲା । ନୃତ୍ୟ ପ୍ରତିଯୋଗିତାରେ ୧୮ଟି ଦଳ ଭାଗ ନେଇଥିଲେ । ଧର୍ମଗଡ଼ କଳ୍ପନା ଡ୍ୟାନ୍ସ ଗ୍ରୁପ୍ ପ୍ରଥମ ହୋଇଥିଲା । ଦ୍ୱିତୀୟ ସ୍ଥାନରେ ଜୟପାଟଣା ଡ୍ୟାନ୍ସ ଗ୍ରୁପ୍ ଏବଂ ବାବା ଖଣ୍ଡୁଆଳ ଡ୍ୟାନ୍ସ ଗ୍ରୁପ୍ ପାଡେଲଗୁଡା ତୃତୀୟ ହୋଇଥିଲା । ଦିବାକର ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ବାଦିକ ବୀର ବଜରଙ୍ଗ ଚାରୁ ମଜୁମଦାର ନାଏକ ମଞ୍ଚ ପରିଚାଳନା କରିଥିଲେ ।

# ବାଗମୁଣ୍ଡେନ କ୍ରିକେଟ୍ କପ୍ ଉଦ୍‌ଯାପିତ; ଦିଆମୁଣ୍ଡା ଦଳ ଚାମ୍ପିଆନ



**କୋମନା,୧୫।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ବାଗମୁଣ୍ଡା ସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ବାଗମୁଣ୍ଡେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଭାଜିପଲା ଦଳକୁ ହରାଇ ଦିଆମୁଣ୍ଡା ଦଳ ଚଳିତ ବର୍ଷର ଚାମ୍ପିଅନ ହୋଇଛି । ବୁଧବାର ଅପରାହ୍ନରେ ଅନୁଷ୍ଠିତ ମ୍ୟାଚରେ ଟସ୍ ଜିତି ଦିଆମୁଣ୍ଡା ଦଳ ପ୍ରଥମେ ଫିଲ୍ଡିଂ ନିଷ୍ପତି ନେଇଥିଲା । ନିର୍ଦ୍ଧାରିତ ୧୫ ଓଭରରେ ଭାଜିପଲା ଦଳ ୧୩ ଓଭରରେ ସମସ୍ତ ୱିକେଟ ହରାଇ ୭୫ ରନ ସଂଗ୍ରହ କରିଥିଲା । ୭୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଦିଆମୁଣ୍ଡା ଦଳ ୮ ଓଭରରେ ବିଜୟୀ ହୋଇଥିଲେ । ଭାଜିପଲା ଦଳର ବିଜୟ ୧୭୫ ରନ ସଂଗ୍ରହ ସହିତ ୮ ୱିକେଟ ନେଇ ମ୍ୟାନ ଅପ ଦି ସିରିଜ ହୋଇଥିଲେ । ଦିଆମୁଣ୍ଡା ଦଳର ଟୁନୁ ମାଝୀ ଧୂଆଁଧାର ୩୮ ରନ ସଂଗ୍ରହ କରି ମ୍ୟାନ ଅପ ଦି ମ୍ୟାଚ ହୋଇଥିଲେ । ଉମାଶଙ୍କର ବାଗ ଓ ପ୍ରଦୀପ ସତନାମୀ, ମୁକାମ ମଟାରୀ ଗୁରୁଦାୟିତ୍ୱ ତୁଲାଇଥିଲେ । ଉଦଯାପନୀ ସମାରୋହରେ ଜିଲ୍ଲା ପରିଷଦ ଅବନୀ ରଞ୍ଜନ ଯୋଶୀ, ମୁରଲୀଧର ଭୋଇ, ଶିଆଳଲଟି ସରପଞ୍ଚ କାଳିଆ ପ୍ରଧାନ, ଯୁବନେତା ପୁଷ୍ପରଞ୍ଜନ ନାଗ, ଶିକ୍ଷକ ଅମର ସିଂ ମାଝୀ, ଗଜେନ୍ଦ୍ର ମଟାରୀ, ଏଲଆଇସି ଆଡଭାଇଜର ସନତ ସାହୁ, ସମାଜସେବୀ ଓସରାମ ସାହୁ, ଧୀବର ଧରୁଆ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ ।

# ମାର୍କ ଜୁକରବର୍ଗଙ୍କ ବିବାଦୀୟ ମନ୍ତବ୍ୟ; କ୍ଷମା ମାଗିଲା ମେଟା




ନୂଆଦିଲ୍ଲୀ,୧୫।୧(ଏଜେନ୍ସି): ୨୦୨୪ ସାଧାରଣ ନିର୍ବାଚନ ଫଳାଫଳକୁ ନେଇ ଫେସବୁକ୍(ମେଟା) ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ଯେଭଳି ଭ୍ରମାତ୍ମକ ମନ୍ତବ୍ୟ ଦେଇଥିଲେ ସେଥିପାଇଁ ଭାରତକୁ ତାଙ୍କ ମେଟା କମ୍ପାନୀ କ୍ଷମା ପ୍ରାର୍ଥନା କରିଛି। ୨୦୨୪ରେ ବିଶ୍ୱର ବିଭିନ୍ନ ଭାଗରେ ନିର୍ବାଚନ ହୋଇଥିଲା ବେଳେ ବହୁ ଦେଶରେ ଶାସକ ଦଳକୁ ପରାଜୟ ଦ୍ୱାର ଦେଖିବାକୁ ପଡ଼ିଥିଲେ ହେଁ ଭାରତରେ ଫଳାଫଳ ଭିନ୍ନ ରହିଥିଲା ବୋଲି ମେଟା ଉଲ୍ଲେଖ କରି ନିଜର ଭୁଲ ପାଇଁ କ୍ଷମା ପ୍ରାର୍ଥନା କରିଛି। ମେଟା ଇଣ୍ଡିଆ ଉପ ସଭାପତି ଶିବନାଥ ଠୁକରାଲ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ୨୦୨୪ରେ ବିଭିନ୍ନ ଦେଶର ନିର୍ବାଚନ ଫଳାଫଳକୁ ନେଇ ମାର୍କ ଜୁକରବର୍ଗ ଯେଉଁ ଆକଳନ କରିଥିଲେ ତାହା ସତ ହୋଇଛି। କିନ୍ତୁ ଭାରତ ଏଥିରୁ ବାଦ୍ ପଡ଼ିଛି। ତେବେ ଭାରତକୁ ନେଇ ତାଙ୍କର ଭୁଲ ବୟାନ ପାଇଁ ଆମେ କ୍ଷମା ପ୍ରାର୍ଥନା କରୁଛୁ ବୋଲି ସେ କହିଛନ୍ତି। ମେଟାର ଏହି କ୍ଷମାପ୍ରାର୍ଥନା ପରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ନିଜର ପ୍ରତିକ୍ରିୟା ରଖିବା ସହିତ ଏହା ୧୪୦ କୋଟି ଭାରତୀୟଙ୍କ ବିଜୟ ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ ଭାରତ ସମେତ ବହୁ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଅନେକ ଦେଶର ଶାସକ ଦଳ ନିର୍ବାଚନ ହାରିବା ସହିତ ଭାରତରେ କୋଭିଡ୍ ପରିଚାଳନାରେ ତ୍ରୁଟି ଯୋଗୁଁ ମୋଦୀ ସରକାର ମଧ୍ୟ ହାରିଛନ୍ତି ବୋଲି ଜୁକରବର୍ଗ କହିଥିଲେ। କିନ୍ତୁ ଫଳାଫଳ ସମ୍ପୂର୍ଣ୍ଣ ଓଲଟା ରହିଥିବାରୁ କେନ୍ଦ୍ର ସରକାର ମେଟାକୁ ନିଶାଣ କରିଥିଲେ। ଏହି ପ୍ରସଙ୍ଗକୁ ନେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ୍ସରେ ମେଟାକୁ ଟ୍ୟାଗ୍ କରି ମାର୍କ ଜୁକରବର୍ଗଙ୍କ ଟିପ୍ପଣୀକୁ ନିନ୍ଦା କରିଥିଲେ। ପରେ ପରେ ସାଂସଦ ନିଶିକାନ୍ତ ଦୁବେ ଅଶ୍ୱିନୀଙ୍କ ପୋଷ୍ଟକୁ ରିପୋଷ୍ଟ କରିବା ସହିତ ମେଟାକୁ ସମନ ଜାରି କରାଯିବ ବୋଲି କହିଥିଲେ। କୌଣସି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପର୍କରେ ମିଥ୍ୟା କିମ୍ବା ବିଭ୍ରାନ୍ତିକର ଖବର ପ୍ରସାରିତ ହେବା ଦ୍ୱାରା ସେହି ଦେଶର ଛବି ମଳିନ ହୋଇଥାଏ ବୋଲି ସେ କହିବା ସହିତ ଜୁକରବର୍ଗ ଯେଉଁ ଭୁଲ କରିଛନ୍ତି ସେଥିପାଇଁ ତାଙ୍କୁ ଭାରତବାସୀଙ୍କ ନିକଟରେ କ୍ଷମା ମାଗିବାକୁ ପଡ଼ିବ ବୋଲି ଦାବି କରିଥିଲେ। ଏହାର ଦିନକ ପରେ ମେଟା କ୍ଷମାପ୍ରାର୍ଥନା କରିଛି।

### ଛପା ହୋଇସାରିଥିଲା ନିମନ୍ତ୍ରଣ କାର୍ଡ

## ବିବାହ ପାଇଁ ଅରାଜି ହେବାରୁ ଝିଅକୁ ଗୁଳିକଲା ବାପା

ଗ୍ୱାଲିୟର,୧୫।୧(ଏଜେନ୍ସି): ଝିଅର ବିବାହ ପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଥିଲା। ଏପରିକି ନିମନ୍ତ୍ରଣ କାର୍ଡ ମଧ୍ୟ ଛପା ସରିଥିଲା। ଆଉ ମାତ୍ର ୪ ଦିନ ପରେ ଝିଅ ବେଦୀରେ ବସିଥାଆନ୍ତା। କିନ୍ତୁ ବାପାମାଆ ଠିକ୍ କରିଥିବା ପୁଅ ସହ ଝିଅ ଜଣକ ବିବାହ ପାଇଁ ଅରାଜି ହେବା ସହିତ ଅନ୍ୟ ଜଣଙ୍କୁ ବିବାହ କରିବାକୁ କହିବାରୁ ବାପା ପୁଲିସ ସାମ୍ନାରେ ନିଜ ଝିଅକୁ ଗୁଳିକରି ହତ୍ୟା କରିଥିବା ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ଏଭଳି ଘଟଣା ମଧ୍ୟପ୍ରଦେଶ ଗ୍ୱାଲିୟର ସହରରେ ଘଟିଛି। ମିଳିଥିବା ସୂଚନା ଅନୁସାରେ ତନୁ ଗୁରଜାର୍ ନାମ୍ନୀ ୨୦ ବର୍ଷୀୟା ଯୁବତୀଙ୍କ ବିବାହ ତାଙ୍କ ପରିବାର ଲୋକ ଠିକ୍ କରିଥିଲେ।



ସେହି ଅନୁସାରେ ସବୁ ପ୍ରସ୍ତୁତି କରାଯିବା ସହିତ ନିମନ୍ତ୍ରଣ କାର୍ଡ ମଧ୍ୟ ଛପା ଯାଇଥିଲା। କିନ୍ତୁ ବିବାହକୁ ଆଉ ମାତ୍ର ୪ ଦିନ ରହିଥିଲା ବେଳେ ତନୁ ଗତକାଲି ସକାଳେ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ଏହି ବିବାହ ପାଇଁ ଅରାଜି ଥିବା ଉଲ୍ଲେଖ କରିଥିଲେ। ସେ ତାଙ୍କ ପସନ୍ଦର ଯୁବକଙ୍କୁ ବିବାହ କରିବାକୁ ଇଚ୍ଛୁକ ବୋଲି ମଧ୍ୟ ଏହି ଭିଡିଓରେ ଦର୍ଶାଇଥିଲେ। କିନ୍ତୁ ତାଙ୍କ ବାପା ଏବଂ ଘର ଲୋକ ଅନ୍ୟ ଜଣଙ୍କ ସହିତ ଜୋରଜବରଦସ୍ତି ବିବାହ କରାଇବାକୁ ଚାହୁଁଛନ୍ତି ବୋଲି ମଧ୍ୟ କହିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଏସପିଙ୍କ ସହ ଏକ ପୁଲିସ ଟିମ୍ ତନୁଙ୍କ ଘରେ ପହଞ୍ଚିବା ସହିତ ତାଙ୍କ ପରିବାରକୁ ବୁଝାଇବାକୁ ଉଦ୍ୟମ କରିଥିଲେ। ପରେ ପରେ ଗାଁ ପଞ୍ଚାୟତ କମିଟି ବୈଠକରେ ଏହି ବିବାଦର ସମାଧାନ କରିବାକୁ ମଧ୍ୟ ବୈଠକ ବସିଥିଲା। ଏହି ସମୟରେ ତନୁ ତାଙ୍କ ଘରେ ରହିବାକୁ ମନା କରିଦେଇଥିଲେ। କାରଣ ଘରେ ରହିଲେ ପରିବାର ଲୋକ ତାଙ୍କର ବିବାହ କରାଇ ଦେବେ ବୋଲି କହିଥିଲେ। ତେଣୁ ତାଙ୍କୁ କୌଣସି ସରକାରୀ ମହିଳା ଆବାସରେ ରହିବାକୁ ସୁଯୋଗ ଦିଆଯାଉ ବୋଲି ତନୁ କହିଥିଲେ। ବାସ୍ ଏତିକିରେ ତନୁଙ୍କ ବାପା ମହେଶ ଗୁର୍ଜରଙ୍କ କ୍ରୋଧ ମୁଣ୍ଡରେ ଚଢି ଯାଇଥିଲା। ପଞ୍ଚାୟତ ବୈଠକରେ ପୁଲିସ ଉପସ୍ଥିତିରେ ସେ ଏକ ଦେଶୀ ବନ୍ଧୁକରୁ ଝିଅ ତନୁକୁ ଗୁଳି କରିଥିଲେ। ମହେଶଙ୍କ ଗୁଳିରେ ତନୁ ଆହତ ହୋଇ ତଳେ ପଡ଼ି ଯାଇଥିଲା ବେଳେ ତନୁଙ୍କ ସମ୍ପର୍କୀୟ ଭାଇ ମଧ୍ୟ ପୁଣି ତାଙ୍କ ଉପରକୁ ଗୁଳି କରିଥିଲେ। ଏଥିରେ ତନୁଙ୍କ ପ୍ରାଣବାୟୁ ଉଡିଯାଇଥିଲା ବୋଲି ଜଣାପଡ଼ିଛି।

## ଭାରତର ୩ ଆଣବିକ ପ୍ରତିଷ୍ଠାନ ଉପରୁ କଟକଣା ହଟାଇଲା ଆମେରିକା

ନୂଆଦିଲ୍ଲୀ,୧୫।୧(ଏଜେନ୍ସି): ଆଣବିକ କ୍ଷେତ୍ରରେ ଭାରତ ଏବଂ ଆମେରିକା ମଧ୍ୟରେ ଅଧିକ ସମନ୍ୱୟ ଓ ସହଯୋଗ ପ୍ରତିଷ୍ଠା କରିବା ଲାଗି ଆମେରିକା ଗୁରୁତ୍ୱ ଦେଇଥିଲା ବେଳେ ଭାରତର ୩ ପ୍ରମୁଖ ଆଣବିକ ପ୍ରତିଷ୍ଠାନ ଉପରୁ କଟକଣା ହଟାଇଛି। ମୁମ୍ବାଇସ୍ଥିତ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର(ବାର୍କ), ଇଣ୍ଡିଆନ ରେୟାର ଆର୍ଥ ଏବଂ ଇନ୍ଦିରା ଗାନ୍ଧୀ ଆଟମିକ୍ ରିସର୍ଚ୍ଚ ସେଣ୍ଟର(ଆଇଜିସିଏଆର୍) ଉପରୁ ଆମେରିକା କଟକଣା ହଟାଇଛି। ଏହାପୂର୍ବରୁ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜ୍ୟାକ୍ ସୁଲିଭାନ କିଛି ଦିନ ତଳେ ଭାରତ ଗସ୍ତରେ ଆସିଥିଲା ବେଳେ ନୂଆଦିଲ୍ଲୀସ୍ଥିତ ଆଇଆଇଟିରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏହି ବିଷୟରେ ସୂଚନା ଦେଇଥିଲେ। ଏହିକ୍ରମରେ ଉପରୋକ୍ତ ତିନୋଟି ପ୍ରତିଷ୍ଠାନ ଉପରେ ଆମେରିକା କଟକଣା ପ୍ରତ୍ୟାହାର କରିଥିବା କୁହାଯାଇଛି।

## ଛତିଶଗଡ଼ର ପୂର୍ବତନ ମନ୍ତ୍ରୀଙ୍କୁ ବାନ୍ଧିଲା ଇଡି

ରାୟପୁର,୧୫।୧(ଏଜେନ୍ସି): ଛତିଶଗଡ଼ର ମଦ ଘୋଟାଲା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପୂର୍ବତନ ଅବକାରୀ ମନ୍ତ୍ରୀ ତଥା ବିଧାୟକ କାୱାସୀ ଲାଖମାଙ୍କୁ ବୁଧବାର ଗିରଫ କରିଛି। ଛତିଶଗଡ଼ର ଗତ କଂଗ୍ରେସ ସରକାର ଅମଳରେ ହୋଇଥିବା ମଦ ଘୋଟାଲାରେ ପ୍ରାୟ ୨୧୬୧ କୋଟି ଟଙ୍କା ହେରଫେର କରାଯାଇଥିଲା ବେଳେ କାୱାସୀ ଲାଖମା ସେତେବେଳେ ଅବକାରୀ ମନ୍ତ୍ରୀ ରହିଥିଲେ। ମଦ ଘୋଟାଲା ସମୟରେ ବିଭିନ୍ନ ଦିଗରେ ଅପରାଧିକ କାର୍ଯ୍ୟକଳାପ ବଢି ଚାଲିଥିଲେ ମଧ୍ୟ ଏଥିରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଠାରୁ କାୱାସୀ ମାସିକ ଚାନ୍ଦା ଉଠାଇ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଆଦାୟ କରୁଥିଲେ ବୋଲି ଇଡି କହିଛି। ଏହି ଘୋଟଲାକୁ ନେଇ ଯେତେ ପରିମାଣର ଅର୍ଥ ହେରଫେର କରାଯାଉଥିଲା ତାହା କାୱାସୀଙ୍କ ମାଧ୍ୟମରେ କରାଯାଉଥିଲା ଏବଂ ସେହି ଅର୍ଥର ସର୍ବାଧିକ ଭାଗ ସେ ଗ୍ରହଣ କରୁଥିଲେ ବୋଲି ଇଡି କହିଛି। ଉଲ୍ଲେଖଯୋଗ୍ୟ ଯେ, ଛତିଶଗଡ଼ରେ କଂଗ୍ରେସ ସରକାର ସମୟରେ ୨୦୧୯ ରୁ ୨୦୨୨ ମଧ୍ୟରେ ଏହି ମଦ ଘୋଟାଲା ହୋଇଥିଲା ଏବଂ ଅନୈତିକ ଉପାୟରେ ବିପୁଳ ଅର୍ଥ ଠୁଳ କରାଯାଇଥିବା ଜଣାପଡ଼ିବା ପରେ ଇଡି ଏ ସମ୍ପର୍କରେ ଖୋଳତାଡ଼ କରି ଯାଞ୍ଚ ଆରମ୍ଭ କରିଥିଲା।

## ନୌସେନାରେ ସାମିଲ ହେଲା ଆଇଏନଏସ୍ ସୁରଟ୍, ନୀଳଗିରି, ଭଗଶିର



ମୁମ୍ବାଇ,୧୫।୧(ଏଜେନ୍ସି): ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମାଣ କରାଯାଇଥିବା ୩ ପ୍ରମୁଖ ଯୁଦ୍ଧପୋତକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁମ୍ବାଇ ନୌସେନା ଘାଟିରେ ଜାତି ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି। ବୁଧବାର ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଆଇଏନଏସ୍ ସୁରଟ୍, ଆଇଏନଏସ୍ ନୀଳଗିରି ଏବଂ ଆଇଏନଏସ୍ ଭଗଶିର ନୌସେନାରେ ସାମିଲ ହୋଇଛି। ଭାରାତୀୟ ନୌସେନାର ପ୍ରକଳ୍ପ ୧୭-ଏ ଫ୍ରିଗେଟସ୍‌ର ପ୍ରମୁଖ ଯୁଦ୍ଧପୋତ ଭାବେ ଆଇଏନଏସ୍ ନୀଳଗିରିର ନିର୍ମାଣ କାର୍ଯ୍ୟ ଯଥାସମୟରେ ଶେଷ ହେବା ସହିତ ଏହାକୁ ନୌସେନାରେ ସାମିଲ କରାଯାଇଛି। ସେହିପରି ଆଇଏନଏସ୍ ଭଗଶିର କାଲବରୀ ସବ୍‌ମେରିନ୍ ଶ୍ରେଣୀ ଅନ୍ତର୍ଭୁକ୍ତ ପ୍ରକଳ୍ପ ୭୫ର ଶେଷ ଉତ୍ପାଦ ହୋଇଥିଲା ବେଳେ ଆଇଏନଏସ୍ ସୁରଟ୍ ଭାରତୀୟ ନୌସେନାର ୧୫ବି ଡେଷ୍ଟ୍ରୟର ପ୍ରକଳ୍ପର ଚତୁର୍ଥ ଏବଂ ଶେଷ ଉତ୍ପାଦ ଭାବେ ସାମିଲ ହୋଇଛି। ଏହି ତିନି ଲଢୁଆ ଯୁଦ୍ଧପୋତର ନିର୍ମାଣ କାର୍ଯ୍ୟ ଠିକଣା ସମୟରେ ଶେଷ ହେବା ଏବଂ ଏଗୁଡିକୁ ନୌସେନାରେ ସାମିଲ ହେବାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ ଖୁସିବ୍ୟକ୍ତ କରିବା ସହିତ ଆତ୍ମନିର୍ଭର ଭାରତ ଯୋଜନାକୁ ଭୁରି ପ୍ରଶଂସା କରିଛନ୍ତି।

## ସମସ୍ତ କୋର୍ଟ ପରିସରରେ ଶୌଚାଳୟ ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୫।୧(ଏଜେନ୍ସି): ଦେଶର ବିଭିନ୍ନ ଅଦାଲତ ଏବଂ ଟ୍ରିବ୍ୟୁନାଲଗୁଡିକରେ ସର୍ବନିମ୍ନ ଶୌଚ ବ୍ୟବସ୍ଥା ନଥିବାରୁ ନାନା ଦିଗରେ ସମସ୍ୟା ଦେଖାଯାଉଛି। ପ୍ରଶାସନିକ କାର୍ଯ୍ୟ ବ୍ୟତୀତ ନ୍ୟାୟିକ କାର୍ଯ୍ୟ ପରିଚାଳନା ଦିଗରେ ମଧ୍ୟ ଏଥିପାଇଁ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଦେଶର ସମସ୍ତ ଅଦାଲତ ଏବଂ ଟ୍ରିବ୍ୟୁନାଲ ଗୁଡିକର ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ସମସ୍ତ ହାଇକୋର୍ଟ, ରାଜ୍ୟ ସରକାର ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୁଷ, ମହିଳା ଏବଂ କିନ୍ନରଙ୍କ ପାଇଁ ପୃଥକ ଭାବେ ଶୌଚାଳୟ ବ୍ୟବସ୍ଥା ନିଶ୍ଚିତ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଶୌଚାଳୟ, ଗାଧୁଆ ଘର କିମ୍ବା ବିଶ୍ରାମ ଘର କେବଳ ଜଣକ ସୁବିଧା ପାଇଁ ନୁହେଁ, ବରଂ ଏହା ମାନବାଧିକାରକୁ ନେଇ ଜଣଙ୍କର ସର୍ବନିମ୍ନ ଆବଶ୍ୟକତା ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ୟୁକ୍ରେନର ୧୦୦ଟି ସ୍ଥାନରେ ରୁଷ୍‌ର କ୍ଷେପଣାସ୍ତ୍ର ମାଡ଼



କିଭ୍,୧୫।୧(ଏଜେନ୍ସି) : କିଛି ଦିନର ବ୍ୟବଧାନରେ ରୁଷିଆ ୟୁକ୍ରେନ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ବୁଧବାର କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଦ୍ୱାରା ହୋଇଥିବା ଆକ୍ରମଣରେ ୟୁକ୍ରେନର ବହୁ ସହର ଥରହର ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ୟୁକ୍ରେନ ଉପରେ ହୋଇଥିବା ଆକ୍ରମଣ ମଧ୍ୟରୁ ଏହା ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ରୁଷ ସେନା ଏକାସାଙ୍ଗରେ ୟୁକ୍ରେନର ୧୦୦ ଟି ସ୍ଥାନରେ ଆକ୍ରମଣ କରିବା ସହିତ ୫ହରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରିଛି। ସେହିପରି ବିଭିନ୍ନ ସ୍ଥାନ ଉପରେ ରାତି ଅଧରେ ୭୦ରୁ ଅଧିକ ଡ୍ରୋନ ଦ୍ୱାରା ମଧ୍ୟ ଆକ୍ରମଣ କରିଛି ରୁଷ ସେନା। କୃଷ୍ଣ ସାଗରର ଟିୟୁ-୯୫ ବୋମାବର୍ଷକ ବିମାନରୁ କ୍ରୁଜ୍ କ୍ଷେପଣାସ୍ତ୍ର ନିକ୍ଷେପ କରି ଏହି ଆକ୍ରମଣ କରାଯାଇଛି। ଗତ ୩ ବର୍ଷ ମଧ୍ୟରେ ଏହା ରୁଷିଆର ସବୁଠାରୁ ବଡ଼ ଆକ୍ରମଣ।

ମିଳିଥିବା ଖବର ଅନୁସାରେ ମଙ୍ଗଳବାର ରାତିରେ ୟୁକ୍ରେନ ରୁଷିଆ ଉପରେ ଆକ୍ରମଣ କରିଥିଲା। ପରେ ପରେ ରୁଷିଆ ପ୍ରତିଶୋଧ ପରାୟଣ ହୋଇ ୟୁକ୍ରେନର ବିଭିନ୍ନ ସହର ଉପରେ ଏକାସାଙ୍ଗରେ ଆକ୍ରମଣ କରିଥିଲା। ମୁଖ୍ୟତଃ ୟୁକ୍ରେନର ଗ୍ୟାସ୍ ଏବଂ ଶକ୍ତି କେନ୍ଦ୍ରଭିତ୍ତିକ ଭିତ୍ତିଭୂମିକୁ ନିଶାଣ କରି ରୁଷ ଆକ୍ରମଣ କରିଛି। ଏଥିରେ ରାଜଧାନୀ ସହର କିଭ୍ରେ ଏକ ଡଜନରୁ ଅଧିକ କୋଠା ଧ୍ୱଂସ ହୋଇଯାଇଛି। ଆକ୍ରମଣ ପରେ ଅନେକ କୋଠାରେ ନିଆଁ ଲାଗିଯାଇଥିଲା ବେଳେ ଅନେକ ମୃତାହତ ହୋଇଥିବା କୁହାଯାଉଛି। କିନ୍ତୁ ୟୁକ୍ରେନ୍ ମୃତକଙ୍କ ସଂଖ୍ୟା ପ୍ରକାଶ କରିନାହିଁ। କିନ୍ତୁ ରୁଷିଆର ଏହି ଆକ୍ରମଣକୁ ନେଇ ୟୁକ୍ରେନକୁ ବଡ଼ କ୍ଷତି ସହିବାକୁ ପଡ଼ିଛି। ଗୋଟିଏ ପଟେ ପଶ୍ଚିମ ୟୁକ୍ରେନ ପ୍ରବଳ ଥଣ୍ଡାରେ ଥରହର ହେଉଥିଲା ବେଳେ ରୁଷର ଏହି ଆକ୍ରମଣ ସାଧାରଣ ଜନଜୀବନକୁ ଦୁର୍ବିସହ କରିଦେଇଛି।

### ଦିଲ୍ଲୀରେ ପୁଣି ଲାଗୁହେଲା 'ଗ୍ରାପ୍-୪'

## କୁହୁଡ଼ି ପାଇଁ ୨୦୦ ବିମାନ ଉଡ଼ାଣ ବିଳମ୍ବ

ନୂଆଦିଲ୍ଲୀ,୧୫।୧(ଏଜେନ୍ସି): କିଛି ଦିନର ବ୍ୟବଧାନରେ ଦିଲ୍ଲୀରେ ପ୍ରଦୂଷଣ ସ୍ତର ବଢିବା ସହିତ ବାୟୁମାନ ହ୍ରାସ ପାଇବାରୁ ବୁଧବାର ପୁଣି ଦିଲ୍ଲୀ ସମେତ ଏନସିଆରରେ 'ଗ୍ରାପ୍-୪' ଲାଗୁ କରାଯାଇଛି। ବର୍ତ୍ତମାନ ଗ୍ରାପ୍ ଷ୍ଟେଜ-୧ ଏବଂ ଷ୍ଟେଜ୍-୨ ଲାଗୁ କରାଯାଇଥିଲା ବେଳେ ସାଂପ୍ରତିକ ସ୍ଥିତିକୁ ନେଇ ଗ୍ରାପ୍-୪ ଲାଗୁ କରିବାକୁ ବାୟୁ ମାନ ପରିଚାଳନା ଆୟୋଗ(ସିଏକ୍ୟୁଏମ୍) ଉପକମିଟି ନିଷ୍ପତ୍ତି ନେଇଥିବା କୁହାଯାଇଛି। ଅନ୍ୟପକ୍ଷରେ ଦିଲ୍ଲୀ ସମେତ ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ଘନ କୁହୁଡ଼ି ସମସ୍ୟା ଏବେ ମଧ୍ୟ ଦୂର ହୋଇ ନାହିଁ। ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ କୁହୁଡ଼ି ଯୋଗୁ ବୁଧବାର ପ୍ରାୟ ୨୦୦ରୁ ଅଧିକ ବିମାନ ଚଳାଚଳ ବିଳମ୍ବ ହେବା ସହିତ ବହୁ ରୁଟ୍‌ରେ ଟ୍ରେନ ଚଳାଚଳ ଦିଗରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇଛି।

# ମୋହନ ଭଗବତଙ୍କ ମନ୍ତବ୍ୟ ଦେଶଦ୍ରୋହ: ରାହୁଲ

ନୂଆଦିଲ୍ଲୀ,୧୫।୧(ଏଜେନ୍ସି): ବିଜେପି ଏବଂ ଆରଏସ୍ଏସ୍ ଦେଶର ସବୁ ସଂସ୍ଥାନକୁ ନିଜ କବଜାକୁ ନେଇଛନ୍ତି। ସେମାନଙ୍କ ମନମାନୀ ଅନୁସାରେ ବିଭିନ୍ନ ସଂସ୍ଥାକୁ ପରିଚାଳନା କରୁଛନ୍ତି। ଏଥିପାଇଁ କଂଗ୍ରେସ କେବଳ ବିଜେପି କିମ୍ବା ଆରଏସଏସ୍ ନୁହେଁ, ଭାରତ ସରକାରଙ୍କ ସହ ମଧ୍ୟ ଲଢେଇ କରୁଛି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ବୁଧବାର ନୂଆଦିଲ୍ଲୀରେ କୋଟଲା ରୋଡସ୍ଥିତ କଂଗ୍ରେସର ନୂତନ ମୁଖ୍ୟାଳୟ ଉଦଘାଟନ ଅବସରରେ ଯୋଗ ଦେଇ ରାହୁଲ ବିଜେପି ଏବଂ ଆର୍ଏସ୍ଏସ୍‌କୁ ନିଶାଣ କରି ବର୍ଷିଛନ୍ତି। ଏହି ସମୟରେ ରାହୁଲ ଆରଏସ୍ଏସ୍ ମୁଖ୍ୟ ମୋହନ ଭଗବତଙ୍କୁ ଭର୍ତ୍ସନା କରିବା ସହିତ ସେ ନିକଟରେ ଦେଇଥିବା ବୟାନକୁ ମଧ୍ୟ ତୀବ୍ର ସମାଲୋଚନା କରିଥିଲେ। ସ୍ୱାଧୀନତା ଦିବସ ଅଗଷ୍ଟ ୧୫ ତାରିଖରେ ପାଳନ ହେବା ଉଚିତ ନୁହେଁ; ବରଂ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିବା ଦିବସରେ ପାଳନ କରାଯିବା ଉଚିତ ବୋଲି ମୋହନ ଭାଗବତ କହିଥିଲା ବେଳେ ରାହୁଲ ମୋହନଙ୍କ ଏହି ବୟାନକୁ ଦେଶଦ୍ରୋହ ବୋଲି କହିଛନ୍ତି। ଏହାବ୍ୟତୀତ ସମ୍ବିଧାନକୁ ନେଇ ମୋହନ ଭାଗବତଙ୍କ ବୟାନକୁ ମଧ୍ୟ ସେ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି,

**ବିଜେପି କିମ୍ବା ଆରଏସ୍ଏସ୍ ନୁହେଁ; ଭାରତ ସରକାରଙ୍କ ସହ ବି ଲଢୁଛି କଂଗ୍ରେସ : ରାହୁଲ**

**ରାହୁଲ ନିଜର ମସ୍ତିଷ୍କ ପରୀକ୍ଷା କରିବା ଉଚିତ: ହରଦୀପ ସିଂ**



ମୋହନ ଭାଗବତ ଦେଇଥିବା ବୟାନ ଆମ ସମ୍ବିଧାନ ଉପରେ ସିଧାସଳଖ ଆକ୍ରମଣ। ସମ୍ବିଧାନ ଆମ ସ୍ୱାଧୀନତାର ପ୍ରତୀକ ନୁହେଁ ବୋଲି ମୋହନଙ୍କ ମନ୍ତବ୍ୟକୁ ସେ ସମ୍ପୂର୍ଣ୍ଣ ଭୁଲ୍ ବୋଲି କହିଛନ୍ତି। ଏହା ଏକ ବଡ଼ ଅପରାଧ। ଏପରି କହିବା ଆମ ଦେଶର ସ୍ୱାଧୀନତା ଏବଂ ପ୍ରତ୍ୟେକ ଭାରତୀୟଙ୍କ ପ୍ରତି ଅପମାନ। ଯଦି ଅନ୍ୟ କୌଣସି ଦେଶରେ କେହି ଏଭଳି ମନ୍ତବ୍ୟ ଦେଇ ଥାଆନ୍ତେ ତେବେ ତାଙ୍କୁ ଗିରଫ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇଥାନ୍ତା ବୋଲି ରାହୁଲକହିଛନ୍ତି।

ଅନ୍ୟପକ୍ଷରେ ରାହୁଲଙ୍କ ସମାଲୋଚନାକୁ ନେଇ ବିଜେପି ମଧ୍ୟ କଂଗ୍ରେସକୁ ଦୃଢ ଜବାବ ଦେଇଛି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରି, ଜେ ପି ନଡ୍ଡା ଏବଂ ନିର୍ମଳା ସୀତାରମଣ ପ୍ରମୁଖ ରାହୁଲଙ୍କୁ ଭର୍ତ୍ସନା କରିଛନ୍ତି। ନିଜର ମସ୍ତିଷ୍କ ଠିକ୍ ଅଛି କି ନାହିଁ ରାହୁଲ ତାହା ତୁରନ୍ତ ପରୀକ୍ଷା କରି ନେବା ଉଚିତ ବୋଲି କେନ୍ଦ୍ରମନ୍ତ୍ରୀ ହରଦୀପ କହିଛନ୍ତି। ରାହୁଲ ଅବାନ ନକ୍ସଲଙ୍କ ସହ ଜଡ଼ିତ ରହିଥିଲା ବେଳେ ଆମେରିକାର ଡିପ୍ ଷ୍ଟେଟ ସହ ମଧ୍ୟ ସମ୍ପର୍କ ରଖିଛନ୍ତି। ତେଣୁ ପ୍ରକୃତରେ ସେ ଭାରତ ବିରୋଧରେ ଲଢେଇ କରୁଛନ୍ତି ବୋଲି ରାହୁଲଙ୍କୁ କଟାକ୍ଷ କରି କେନ୍ଦ୍ରମନ୍ତ୍ରୀ ଜେ ପି ନଡ୍ଡା କହିଛନ୍ତି।

କଂଗ୍ରେସର ନୂତନ ମୁଖ୍ୟାଳୟ ଉଦ୍‌ଘାଟିତ ପ୍ରାୟପାଞ୍ଚ ଦଶନ୍ଧି ପରେ କଂଗ୍ରେସ ନିଜର ନୂଆ ଠିକଣା ପାଇଛି। କୋଟଲା ରୋଡ୍ ସ୍ଥିତ ନବ ନିର୍ମିତ କଂଗ୍ରେସର ମୁଖ୍ୟାଳୟ 'ଇନ୍ଦିରା ଭବନ'କୁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ବୁଧବାର ଉଦ୍‌ଘାଟନ କରିଛନ୍ତି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍ଗେ, ସାଂସଦ ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ।

## ପନ୍ନୁ ମାମଲାକୁ ନେଇ କାର୍ଯ୍ୟାନୁଷ୍ଠାନ ସୁପାରିସ

ନୂଆଦିଲ୍ଲୀ,୧୫।୧(ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁର ହତ୍ୟା ଷଡ଼ଯନ୍ତ୍ର ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚସ୍ତରୀୟ କମିଟି ଏହି ସୁପାରିସ କରିଛି। ପନ୍ନୁକୁ ହତ୍ୟା କରାଯିବା ଲାଗି ହୋଇଥିବା ଷଡ଼ଯନ୍ତ୍ର ଅଭିଯୋଗରେ ଜଣେ ଭାରତୀୟ ଏଜେଣ୍ଟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି କୁହାଯାଇଛି। ନ୍ୟୁୟର୍କରେ ଏହି ଏଜେଣ୍ଟଙ୍କ ବିରୋଧରେ ଅଭିଯୋଗ ରହିଛି। ଦୀର୍ଘ ଦିନର ତଦନ୍ତ ପରେ କମିଟି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି ବୋଲି ଗୃହ ମନ୍ତ୍ରଣାଳୟ କହିଛି। ଏଥିରେ ଭାରତୀୟ ଏଜେଣ୍ଟଙ୍କ ବିରୋଧରେ ଆଇନଗତ ପ୍ରକ୍ରିୟା ଶୀଘ୍ର ଶେଷ କରିବାକୁ ସୁପାରିସ କରାଯାଇଛି।

## ଭାରତୀୟ ସେନାର ରୋବୋଟିକ୍ ଡଗ୍ ପରେଡ୍ ଶୋ'




ପୁନେ,୧୫।୧(ଏଜେନ୍ସି): ସେନା ପରେଡ୍ ଦିବସରେ ବୁଧବାର ଭାରତୀୟ ସେନା ପକ୍ଷରୁ ପୁନେ ଠାରେ ପ୍ରଥମ ବ୍ୟାଚ୍ ' ମୁଲ୍ସ( ମଲ୍ଟି-ୟୁଟିଲିଟି ଲେଗ୍ସ ଇକ୍ୱିପମେଣ୍ଟ)' ରୋବୋଟିକ୍ ଡଗ୍ସ ପରେଡ୍ ଶୋ' କରାଯାଇଛି। ଯନ୍ତ୍ର ଚାଳିତ କୁକୁରମାନେ ପରେଡ୍ କରିବାର ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା ବେଳେ ଏହି ରୋବୋଟିକ୍ କୁକୁର ଆଗାମୀ ଦିନରେ ପ୍ରତିକୂଳ ସ୍ଥିତିରେ ଭାରତୀୟ ଯବାନଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ ବୋଲି କୁହାଯାଇଛି। ମାନବବିହୀନ ଭାବେ ଏହି ଚାରି ଗୋଡିଆ ରୋବୋଟିକ୍ କୁକୁରଗୁଡିକୁ ' ରୋବୋଟିକ୍ ମୁଲ୍ସ' ନାମକରଣ କରାଯାଇଛି। ନୂଆଦିଲ୍ଲୀସ୍ଥିତ ' ଏରୋ ଆର୍କ ' ସଂସ୍ଥା ପକ୍ଷରୁ ଏଗୁଡିକର ନିର୍ମାଣ କରାଯାଇଛି। ବିଶେଷକରି ସୀମାରେ ଶତ୍ରୁ ପକ୍ଷ ଉପରେ ତୀକ୍ଷଣ ଦୃଷ୍ଟି ରଖିବା କିମ୍ବା ଆତଙ୍କବାଦ ନିରୋଧୀ ଅପରେସନ ବେଳେ ଯବାନମାନଙ୍କୁ ଏହି ରୋବୋଟିକ୍ ଡଗ୍ସ ଅନେକ ଦିଗରେ ସହାତା କରିବେ। ଏଗୁଡିକୁ ବହୁ ଦୂରରୁ ନିୟନ୍ତ୍ରଣ କରାଯାଇପାରିବା ସହିତ ସ୍ୱଂଚାଳିତ

# ୧୯ ବର୍ଷ ବୟସରେ ଆଧ୍ୟାତ୍ମିକ ଆଗ୍ରହ ରଖିଥିଲେ ଷ୍ଟିଭ୍ ଜବ୍ସ

ପ୍ରୟାଗରାଜ,୧୫।୧(ଏଜେନ୍ସି): ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ବିଶ୍ୱର ଅନ୍ୟତମ ପ୍ରମୁଖ ବିତ୍ତଶାଳୀ ତଥା ଆପଲ୍ ଇନକର୍ପୋରେସର ପ୍ରତିଷ୍ଠାତା ଷ୍ଟିଭ୍ ଜବ୍ସଙ୍କ ପତ୍ନୀ ଲରେନ୍ ପାୱେଲଙ୍କ ଉପସ୍ଥିତିକୁ ନେଇ ବସୁ ମହଲରେ ଚର୍ଚ୍ଚା ଚାଲିଛି। ଲରେନ ବିଶାଳ ଶିଳ୍ପ ସାମ୍ରାଜ୍ୟର ଅଧିକାରିଣୀ ହୋଇ ମଧ୍ୟ ଆଧ୍ୟାତ୍ମିକତା ପ୍ରତି ରୁଚି ରଖିବା ଏବଂ ତାଙ୍କର ୪୦ ସଦସ୍ୟ ବିଶିଷ୍ଟ ଟିମ୍ ସହ ଭାରତ ଆସି ମହାକୁମ୍ଭରେ ଭାଗ ନେବା ଏକ ଅସାଧାରଣ ବିଷୟ ବୋଲି କୁହାଯାଉଛି। କିନ୍ତୁ ଲରେନଙ୍କ ଚର୍ଚ୍ଚା ଶେଷ ନ ହେଉଣୁ ତାଙ୍କ ଦିବଂଗତ ସ୍ୱାମୀ ଷ୍ଟିଭ୍ ଜବ୍ସଙ୍କୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଭାରତର କୁମ୍ଭମେଳାକୁ ନେଇ ପ୍ରାୟ ୫୦ ବର୍ଷ ତଳେ ଷ୍ଟିଭ୍ ତାଙ୍କ ବନ୍ଧୁଙ୍କୁ ନିଜ ହାତରେ ଲେଖିଥିବା ଏକ ଚିଠି ଏବେ ଚର୍ଚ୍ଚାରେ ରହିଥିବା ବେଳେ ଏହି ଚିଠି ୫ ଲକ୍ଷ ୩୧୨ ଡଲାର ବା ୪.୩୨ କୋଟି ଟଙ୍କାରେ ଏବେ ନିଲାମ ହେବା ଘଟଣା ମଧ୍ୟ ବିଭିନ୍ନ ମହଲରେ ଆହୁରି ଚର୍ଚ୍ଚିତ ହୋଇପଡ଼ିଛି। କେବଳ ସେତିକି ନୁହେଁ, ଷ୍ଟିଭ୍ ମାତ୍ର ୧୯ ବର୍ଷ ବୟସରେ କିଭଳି ଆଧ୍ୟାତ୍ମିକତା ପ୍ରତି ଆଗ୍ରହୀ ହୋଇପଡ଼ିଥିଲେ ଏବଂ ୧୯୭୪ରେ ଭାରତରେ ଆୟୋଜିତ କୁମ୍ଭମେଳାକୁ ଆସିବାକୁ ଇଚ୍ଛା ପ୍ରକାଶ କରିଥିଲେ ତାହା ମଧ୍ୟ ସାମ୍ନାକୁ ଆସିଛି। ଷ୍ଟିଭଙ୍କ ଏହି ହାତଲେଖା ଚିଠି ଏବେ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଥିଲା ବେଳେ ସେ ତାଙ୍କ ବାଲ୍ୟବନ୍ଧୁ ଟିମ୍ ବ୍ରାଉନଙ୍କ ଉ।।ଦ୍ଦେଶ୍ୟରେ ୧୯୭୪ ମସିହାରେ ତାଙ୍କର ୧୯ତମ ଜନ୍ମଦିନର ଠିକ୍ ପୂର୍ବରୁ ଲେଖିଥିଲେ। ଏହି ହାତଲେଖା ଚିଠିଟି ପଢିଲେ ଷ୍ଟିଭ୍ ଜବ୍ସଙ୍କ ଭାରତ ଏବଂ ଆଧ୍ୟାତ୍ମିକତା ପ୍ରତି ରହିଥିବା ଆଗ୍ରହକୁ ସଂପୂର୍ଣ୍ଣ ବୁଝିହେବ। ଏଥିରେ ସେ ତାଙ୍କର ଭାବନା ଏବଂ ଭାରତରେ କୁମ୍ଭମେଳା ପରିଦର୍ଶନ କରିବାର ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ। ଏହି ଚିଠିରେ ଷ୍ଟିଭ ଲେଖିଥିଲେ ଯେ, 'ଏପ୍ରିଲରେ ଭାରତରେ ଆରମ୍ଭ ହେବାକୁ ଥିବା କୁମ୍ଭମେଳା ପାଇଁ ମୁଁ ଭାରତ ଯିବାକୁ ଚାହୁଁଛି। ଏଥିପାଇଁ ମୁଁ ମାର୍ଚ୍ଚ ମାସରେ ଯେକୌଣସି ସମୟରେ ଆସିବି, କିନ୍ତୁ ଏହା ନିଶ୍ଚିତ ହୋଇନାହିଁ। ଏଥିସହିତ ସେ ତାଙ୍କ ଚିଠିର ଶେଷରେ 'ଶାନ୍ତି' ବୋଲି ଲେଖିଥିଲେ। ଯାହା ହିନ୍ଦୁ ଧର୍ମ ପ୍ରତି ତାଙ୍କର ଆଧ୍ୟାତ୍ମିକ ଆଗ୍ରହକୁ ପ୍ରତିଫଳିତ କରିଛି। ୧୯୭୪ରେ ଷ୍ଟିଭ୍ ଭାରତ ଗସ୍ତରେ ଆସିଥିଲା ବେଳେ ପ୍ରଥମେ ଉତ୍ତରାଖଣ୍ଡର ନିମ କରୋଲି ବାବାଙ୍କ ଆଶ୍ରମ ପରିଦର୍ଶନ କରିଥିଲେ। ସେତେବେଳେ ସେ ଭାରତରେ ପ୍ରାୟ ୭ ମାସ ବିତାଇଥିଲେ ଏବଂ ଭାରତୀୟ ଆଧ୍ୟାତ୍ମିକ ଚେତନା ଓ ଐତିହ୍ୟକୁ ଅତି ନିକଟରୁ ବୁଝିବାକୁ ଚେଷ୍ଟା କରିଥିଲେ। ସ୍ୱାମୀ ଷ୍ଟିଭଙ୍କ ବିୟୋଗ ପରେ ପତ୍ନୀ ଲରେନ ପୱେଲ ଜବ୍ସ ଏବେ ନିରଞ୍ଜନ ଆଖଡାର ଆଚାର୍ଯ୍ୟ କୈଳାଶନନ୍ଦ ଗିରି ମହାରାଜଙ୍କ ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି।

**କୁମ୍ଭମେଳାକୁ ନେଇ ଷ୍ଟିଭ୍‌ଙ୍କ ୫୦ ବର୍ଷର ପୁରୁଣା ଚିଠି ୪ କୋଟିରେ ନିଲାମ**



## ତାଳଚେର-ବିମଳାଗଡ଼ ରେଳ ଲାଇନ

# ପ୍ରକଳ୍ପର ଅବଶିଷ୍ଟ ଅଂଶ ପାଇଁ ନୂତନ ଟେଣ୍ଡର ଆହ୍ୱାନ

**ଭୁବନେଶ୍ୱର,୧୫।୧(ସମିସ):** ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ଼ ନୂତନ ବ୍ରଡଗେଜ୍ ରେଳ ଲାଇନ ପ୍ରକଳ୍ପ ଶେଷ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହି ଲକ୍ଷ୍ୟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରକଳ୍ପର ଅବଶିଷ୍ଟ ଅଂଶ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ୧୪୯.୭୮ କିଲୋମିଟର ବ୍ୟାପୀ ଏହି ନୂତନ ରେଳ ଲାଇନ ଓଡ଼ିଶାର ତାଳଚେର ସହିତ ବିମଳାଗଡ଼କୁ ସଂଯୋଗ କରିବାକୁ ଏହି ଟଣ୍ଡେର ଆହ୍ୱାନ କରାଯାଇଛି। ରେଳ ଲାଇନ୍ ପ୍ରସ୍ତୁତ ପାଇଁ ମାଟି କାମ, ସେତୁ ନିର୍ମାଣ, ଷ୍ଟେସନ ସୁବିଧା, ଡ୍ରେନେଜ୍ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ଟେଣ୍ଡର ପାଇଁ ଆନୁମାନିକ ମୂଲ୍ୟ ୭୨୬.୧୨୯ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଅଛି।

ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରାରମ୍ଭିକ ଭାବରେ ୨୦୦୩-୦୪ ମସିହାରେ ମଞ୍ଜୁର କରାଯାଇଥିଲା। କିନ୍ତୁ ଜମି ଅଧିଗ୍ରହଣ ସମସ୍ୟା, ଆଇନଗତ ବାଧା ଏବଂ ଅନ୍ୟାନ୍ୟ ଆହ୍ୱାନ ଯୋଗୁଁ ବର୍ଷ ବର୍ଷ ଧରି ଏହି ପ୍ରକଳ୍ପ ବିଳମ୍ବ ହୋଇ ଆସୁଥିଲା। ଏହି ବାଧା ସତ୍ତ୍ୱେ ପ୍ରକଳ୍ପର ପ୍ରାୟ ୨୬ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ତାଳଚେର ଏବଂ ସୁନାଖଣି ମଧ୍ୟରେ ୨୦ କିଲୋମିଟର ରେଳ ଲାଇନ ନିର୍ମାଣ କରାଯାଇଛି। ଏହା ସହିତ, ଚାଲୁଥିବା ନିର୍ମାଣ କାର୍ଯ୍ୟ

**୧୪୯.୭୮ କିମି ରେଳ ଲାଇନ ପାଇଁ ୭୨୬.୧୨୯ କୋଟି ଟଙ୍କା ବ୍ୟୟ ବରାଦ**

ଅନୁଗୁଳ ଜିଲ୍ଲାର ଖମାର ଆଡ଼କୁ ରେଳ ସଂଯୋଗକୁ ଆହୁରି ୩୦.୫ କିଲୋମିଟର ବିସ୍ତାର କରିଛି। ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ରେଳ ଲାଇନର ଉଭୟ ପାର୍ଶ୍ୱରୁ ଯଥା ତାଳଚେର ଏବଂ ବିମଳାଗଡ଼ ପାର୍ଶ୍ୱରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ବିମଳାଗଡ଼-ମହୁଲଡିହା ସେକ୍ସନ ପୂର୍ବରୁ ନିର୍ମାଣାଧୀନ ଅଛି ଏବଂ ପାଲଲହଡ଼ା ଏବଂ ମହୁଲଡିହା ମଧ୍ୟରେ ଅବଶିଷ୍ଟ ୩୦.୬୨୫ କିଲୋମିଟର ରେଳ ମାର୍ଗ ପାଇଁ ସମ୍ପ୍ରତି ଏକ ଟେଣ୍ଡର ଆହ୍ୱାନ କରାଯାଇଅଛି। ପ୍ରାୟ ୧୨ ବର୍ଷ ଧରି ବିଳମ୍ବର ସମ୍ମୁଖୀନ ହୋଇଥିବା ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ଏବେ ପୂର୍ବତଟ ରେଳପଥ ପ୍ରଶାସନ ଦ୍ୱାରା ନିଆଯାଇଥିବା ସକ୍ରିୟ ପଦକ୍ଷେପ ସହିତ ଅଗ୍ରଗତି ପାଇବାରେ ଲାଗିଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବ୍ୟକ୍ତିଗତ ଭାବରେ ଅଧିକାରୀମାନଙ୍କୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ପ୍ରକଳ୍ପ ସମାପ୍ତି ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଛନ୍ତି ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

ଏହି ରେଳ ସଂଯୋଗ ଦ୍ୱାରା ଉକ୍ତ ଅଞ୍ଚଳର ଆର୍ଥିକ ଲାଭ ଯଥେଷ୍ଟ ବୃଦ୍ଧି ପାଇବ। ସମ୍ପୂର୍ଣ୍ଣ ହେବା ପରେ, ଏହି ପ୍ରକଳ୍ପ ରାଉରକେଲା ଏବଂ ତାଳଚେର ମଧ୍ୟରେ ପ୍ରାୟ ୧୨୬ କିଲୋମିଟର ଦୂରତା ହ୍ରାସ କରିବ। ଏହି ରେଳ ଲାଇନ ରପ୍ତାନି-ଗୁଣବତ୍ତା ଲୁହାପଥରର ଦକ୍ଷ ପରିବହନକୁ ସହଜ କରିବ, ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ ଏବଂ ଅଞ୍ଚଳର ଶିଳ୍ପଗୁଡ଼ିକୁ ଲାଭ ପ୍ରଦାନ କରାଇବ। ଏହା ସହିତ, ଏହି ପ୍ରକଳ୍ପ ଅନୁଗୁଳ, ଦେବଗଡ଼ ଏବଂ ସୁନ୍ଦରଗଡ଼ର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ରହିଛି।

■ ଏଚ୍‌ଏମ୍‌ପିଭି ସମ୍ପର୍କିତ ସମୀକ୍ଷା ବୈଠକ

# ରାଜ୍ୟ ଓ କେନ୍ଦ୍ର ସରକାର ଏଚ୍‌ଏମ୍‌ପିଭିକୁ ନେଇ ସଂପୂର୍ଣ୍ଣ ସଜାଗ ଅଛନ୍ତି: ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ

## ଜନସାଧାରଣ ଆତଙ୍କିତ ନ ହେବାକୁ ପରାମର୍ଶ

**ଭୁବନେଶ୍ୱର,୧୫।୧(ସମିସ):** ରାଜ୍ୟର ଜନସାଧାରଣ ଏଚ୍‌ଏମ୍‌ପିଭି ଭୂତାଣୁ ନେଇ ବିଚଳିତ କିମ୍ବା ଆତଙ୍କିତ ହେବାର କିଛି କାରଣ ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ନେଇ ସଂପୂର୍ଣ୍ଣ ସଜାଗ ରହିଛନ୍ତି। ଅଦ୍ୟାବଧି ଏଚ୍‌ଏମ୍‌ପିଭିର କୌଣସି ପ୍ରଭାବ ଓଡ଼ିଶାରେ ପରିଲକ୍ଷିତ ହୋଇନାହିଁ। ଏହା ସତ୍ତ୍ୱେ ରାଜ୍ୟ ସରକାର ସମସ୍ତ ପରିସ୍ଥିତି ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ହ୍ୟୁମାନ ମେଟାନ୍ୟୁମୋ ଭାଇରସ୍(ଏଚ୍‌ଏମ୍‌ପିଭି) ସଂପର୍କିତ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଥିବା ବେଳେ ବୈଠକରେ ଏନେଇ ମତପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତ୍ଥୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ବୈଠକଟି ଅନୁଷ୍ଠିତ ହୋଇଥିଲା।

ସରକାରଙ୍କ ସୂଚନା ଅନୁଯାୟୀ ଆଇଡିଏସ୍‌ପି, ଏନ୍‌ସିଡିସିଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ସମସ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଭୁବନେଶ୍ୱରସ୍ଥିତ ଏମସ୍, ଆର୍‌ଏମ୍‌ଆର୍‌ସି, ଆଇଏଲ୍‌ଏସ୍ ପ୍ରଭୃତି ପ୍ରମୁଖ ଅନୁଷ୍ଠାନ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ତେଣୁ ଜନସାଧାରଣ ତଥା ଗଣମାଧ୍ୟମ ଅଯଥା ବ୍ୟସ୍ତବିବ୍ରତ କିମ୍ବା ବିଚଳିତ ହେବାର କୌଣସି କାରଣ ନାହିଁ। ବ୍ୟାପକ ଜନସଚେତନତା ଓ ସତର୍କତା ଦ୍ୱାରା ସଂକ୍ରମଣକୁ ସହଜରେ ପ୍ରତିହତ କରାଯାଇପାରେ। ତେଣୁ, ସଦାସର୍ବଦା ବ୍ୟକ୍ତିଗତ ତଥା ପରିବେଶର ପରିଷ୍କାରପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନଦେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଜନସାଧାରଣଙ୍କୁ ଅନୁରୋଧ କରୁଛନ୍ତି।

# ଛାଡ଼ପତ୍ର ନ ପାଇ ଅଲଗା ରହୁଥିବା ମହିଳା ଗର୍ଭପାତ କରିପାରିବେ: ହାଇକୋର୍ଟ

**ଚଣ୍ଡିଗଡ଼,୧୫।୧(ଏଜେନ୍ସି):** ଛାଡ଼ପତ୍ର ବିନା ସ୍ୱାମୀଙ୍କ ଠାରୁ ଅଲଗା ରହୁଥିବା ଗର୍ଭବତୀ ମହିଳାଙ୍କ ପାଇଁ ପଞ୍ଜାବ-ହରିୟାଣା ହାଇକୋର୍ଟ ଏକ ବଡ଼ ନିଷ୍ପତ୍ତି ଶୁଣାଇବା ସହିତ ଆଶ୍ୱସ୍ତି ଦେଇଛନ୍ତି। ଛାଡ଼ପତ୍ର ବିନା ସ୍ୱାମୀଙ୍କ ଠାରୁ ଅଲଗା ରହୁଥିବା ମହିଳା ତାଙ୍କ ସ୍ୱାମୀଙ୍କ ବିନା ଅନୁମତିରେ ମଧ୍ୟ ଗର୍ଭପାତ କରାଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଏ ସମ୍ପର୍କିତ ଏକ ଆବେଦନର ଶୁଣାଣି କରି ଜଷ୍ଟିସ୍ କୁଲଦୀପ ତିୱାରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ୧୮ ସପ୍ତାହର ଗର୍ଭବତୀ ଥିବା ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିନା ଅନୁମତିରେ ଗର୍ଭପାତ କରିବାକୁ ମୋହାଲିର ଫୋର୍ଟିସ୍ ହସ୍ପିଟାଲକୁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ଆବେଦନ କରିଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଏଭଳି ରାୟ ଶୁଣାଇଛନ୍ତି।

# ୧୩ ଜଣଙ୍କୁ ବରିଷ୍ଠ ଆଇନଜୀବୀ ମାନ୍ୟତା

**କଟକ,୧୫ ।୧(ସମିସ):** ୧୩ଜଣ ଆଇନଜୀବୀଙ୍କୁ ବରିଷ୍ଠ ଆଇନଜୀବୀ ଭାବେ ଓଡ଼ିଶା ହାଇକୋର୍ଟ ମାନ୍ୟତା ପ୍ରଦାନ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଏହାକୁ ଅନୁମୋଦନ କରିଛନ୍ତି। ଏହି ୧୩ଜଣ ବରିଷ୍ଠ ଆଇନଜୀବୀ ହେଲେ ସଂଜୟ କୁମାର ଆଚାର୍ଯ୍ୟ, ଅନୁପ କୁମାର ବୋଷ, ବଂଶୀଧର ବାଗ, ବିବେକାନନ୍ଦ ଭୁୟାଁ, ଭବାନୀ ଶଙ୍କର ତ୍ରିପାଠୀ, ସୁଶାନ୍ତ କୁମାର ଦାଶ, କମଳ ବିହାରୀ ପଣ୍ଡା, ଅମିତାଭ ଦାସ, ଦୟାନନ୍ଦ ମହାପାତ୍ର, ଗୋପାଳ କୁମାର ଅଗ୍ରୱାଲ, ବିଜ୍ଞାନ କୁମାର ଶର୍ମା, ବିଭୁପ୍ରସାଦ ତ୍ରିପାଠୀ ଓ ଆଦିତ୍ୟ ନାରାୟଣ ଦାଶ।

**ଅବ୍ୟବସ୍ଥାରେ ଶିଶୁ ଭବନ**

# ରାତି ହେଲେ ଚିକିତ୍ସା ବ୍ୟବସ୍ଥା ଭଗବାନଙ୍କ ହାତରେ

**ଭୁବନେଶ୍ୱର,୧୫।୧(ସମିସ):** କଟକସ୍ଥିତ ରାଜ୍ୟର ଏକମାତ୍ର ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁ ଭବନ)ରେ ଅବ୍ୟବସ୍ଥା ଦୂର ହେବାର ନାଁ ଧରୁନି। ବିଶେଷକରି ରାତିରେ ଛୋଟ ପିଲାଙ୍କୁ ଧରି କୌଣସି ଲୋକ ଏଠାକୁ ଚିକିତ୍ସା ପାଇଁ ଗଲେ ସେମାନଙ୍କୁ ଅକଥନୀୟ ସମସ୍ୟାର ସାମ୍ନା କରିବାକୁ ପଡୁଛି। ଡାକ୍ତରୀ ଚିକିତ୍ସା ବ୍ୟବସ୍ଥାଠାରୁ ଆରମ୍ଭ କରି ପରିମଳ, ରୋଗୀ ସମ୍ପର୍କୀୟଙ୍କ ପାଇଁ ସର୍ବନିମ୍ନ ସୁବିଧାସୁଯୋଗ ମଧ୍ୟ ଉପଲବ୍ଧ ହେଉନାହିଁ। କାଜୁଆଲିଟି, ଜରୁରୀକାଳୀନ ୱାର୍ଡରେ କାର୍ଯ୍ୟରତ ନର୍ସ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ମନମାନୀ ଚରମ ସୀମାରେ ପହଞ୍ଚିଥିବା ବେଳେ ଏହା ଶିଶୁ ଭବନର ସୁନାମକୁ କ୍ଷୁଣ୍ଣ କଲାଣି। ଶିଶୁ ଭବନ ଉପରେ ଲୋକଙ୍କ ବେଶ୍ ଭରସା ରହିଥିବା ବେଳେ ରାଜ୍ୟର କୋଣଅନୁକୋଣରୁ ଗରିବ ଲୋକେ ଛୋଟ ପିଲାଙ୍କୁ ଧରି ଚିକିତ୍ସା ପାଇଁ ଆସୁଛନ୍ତି। ମାତ୍ର ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରୁ ନାହିଁ। ଫଳରେ ସେମାନେ ବାଧ୍ୟ ହୋଇ ନିକଟସ୍ଥ ଘରୋଇ ଚିକିତ୍ସାଳୟକୁ ଯିବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଶିଶୁ ଭବନର ନୂଆ କୋଠାକୁ କାର୍ଯ୍ୟକ୍ଷମ କରିବା ସହ ଅବ୍ୟବସ୍ଥା ଦୂର କରିବାକୁ ସାଧାରଣରେ ଦାବି ହେଉଛି।

■ **ନୂଆ କୋଠା କାର୍ଯ୍ୟକ୍ଷମ ହେଲାନି, ସାଧାରଣରେ ବଢୁଛି ତୀବ୍ର ଅସନ୍ତୋଷ**
■ **ଉଦବେଗ ପ୍ରକାଶ କଲେ ବିଧାୟିକା ସୋଫିଆ, ମନ୍ତ୍ରୀ ନିଜେ କରନ୍ତୁ ବ୍ୟବସ୍ଥାର ତଦାରଖ**

ଗତ ସୋମବାର ନିଜ ଶିଶୁପୁତ୍ରକୁ ନେଇ ଶିଶୁ ଭବନ ଆସିଥିବା ଜଣେ ମହିଳା ଚିକିତ୍ସା ପ୍ରଣାଳୀକୁ ନେଇ ବେଶ୍ କ୍ଷୋଭ ବ୍ୟକ୍ତ କରିଛନ୍ତି। ପିଲାଟି ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେବାରୁ ସେ ଶିଶୁ ଭବନକୁ ଧାଇଁ ଆସିଥିଲେ। ମାତ୍ର ୱାର୍ଡରେ କୌଣସି ଡାକ୍ତର ନ ଥିବା ବେଳେ କାର୍ଯ୍ୟରତ ନର୍ସମାନେ ଶୋଇ ପଡ଼ିଥିଲେ। ବାରମ୍ବାର ଡାକିବା ପରେ ସେମାନେ ନିଦରୁ ଉଠିଥିଲେ ହେଁ ଚିକିତ୍ସା ସୁବିଧା ଉପଲବ୍ଧ କରାଇ ପାରି ନ ଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏପରିକି ନର୍ସ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସ୍ଥାନରେ ୱାର୍ଡର ସୁରକ୍ଷାକର୍ମୀ କେତେଜଣ ଶିଶୁଙ୍କୁ ନେବୁଲାଇଜର ଲଗାଉଥିବା ନେଇ ସାଧାରଣରୁ ଅଭିଯୋଗ ଆସୁଛି। ସେହିପରି ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସ୍ତନ୍ୟପାନ କେନ୍ଦ୍ର ନ ଥିବା ବେଳେ ପରିମଳକୁ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିବା ବାରମ୍ବାର ଅଭିଯୋଗ ହେଉଛି।

ଏନେଇ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ମଧ୍ୟ ନିଜର ପ୍ରତିକ୍ରିୟା ରଖିଛନ୍ତି। ଶିଶୁ ଭବନକୁ ଦୈନିକ ରାଜ୍ୟରୁ ବହୁ ଲୋକେ ଆସୁଥିବାରୁ ସ୍ୱାସ୍ଥ୍ୟମନ୍ତ୍ରୀ ନିଜେ ଏସବୁ ଅବ୍ୟବସ୍ଥାର ତଦାରଖ ଏବଂ ସମୀକ୍ଷା କରନ୍ତୁ। ସେହିପରି ଶିଶୁ ଭବନରେ ଆଉଟସୋର୍ସିଂ ନିଯୁକ୍ତି ବଦଳରେ ସ୍ଥାୟୀ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯିବାକୁ ସେ ଦାବି କରିଛନ୍ତି।

# ସହରାଞ୍ଚଳ ବାସହୀନଙ୍କ ପାଇଁ ଜାରି ହେଲା ସ୍ୱତନ୍ତ୍ର ମୋବାଇଲ୍ ନମ୍ବର

**ଭୁବନେଶ୍ୱର,୧୫।୧(ସମିସ):** ସରକାରଙ୍କ ପକ୍ଷରୁ ବାସହୀନଙ୍କ ପାଇଁ ଜାରି ହେଲା ସ୍ୱତନ୍ତ୍ର ମୋବାଇଲ୍ ନମ୍ବର । ରାଜ୍ୟର ବିଭିନ୍ନ ପୌର ପ୍ରସାଶନ ଅଧୀନରେ ଥିବା ରେଳ ଷ୍ଟେସନ, ବସଷ୍ଟାଣ୍ଡ, ଅଟୋ ଷ୍ଟାଣ୍ଡ, ହସ୍ପିଟାଲ, ମନ୍ଦିର ଏବଂ ବ୍ୟବସାୟୀକ ଅନୁଷ୍ଠାନ ନିକଟରେ ଅସହାୟଙ୍କୁ ଦେଖିଲେ ଲୋକେ ଏହି ନମ୍ବରରେ ଯୋଗାଯୋଗ କରିପାରିବେ। ଏହାପରେ ପୌର ପ୍ରଶାସନ ସେମାନଙ୍କୁ ସେଠାରୁ ଉଦ୍ଧାର କରି ସହାୟତା ଯୋଗାଇଦେବ। ପ୍ରକଳ୍ପ ନିର୍ଦ୍ଦେଶକ ସୁଦ୍ଧା ଏନେଇ ରାଜ୍ୟର ସମସ୍ତ ମହାନଗର ନିଗମ କମିସନର, ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି। ୧୩ତମ ରାଜ୍ୟ ସ୍ତରୀୟ ଆଶ୍ରୟସ୍ଥଳୀ ନିରିକ୍ଷଣ କମିଟି ସୁପାରିସ କ୍ରମେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ସ୍ୱତନ୍ତ୍ର ମୋବାଇଲ୍ ନମ୍ବରଟି ହେଲା ୯୭୭୭୬୬୮୦୭୧। ବାସହୀନଙ୍କୁ ନିକଟସ୍ଥ ଏସ୍‌ଏଚ୍‌ୟୁ ସେଣ୍ଟରେ ରଖାଯିବ। ପ୍ରତ୍ୟେକ ଏସ୍‌ଏଚ୍‌ୟୁ ସେଣ୍ଟର ସାଇନ୍‌ବୋର୍ଡରେ ଏହି ନମ୍ବର ଉଲେଖକରାଯିବ। ଏହାକୁ ଗାଢ ରଙ୍ଗରେ ଲେଖାଯିବ ଯାହା ଫଳରେ ସମସ୍ତେ ମୋବାଇଲ୍ ନମ୍ବରକୁ ଠିକ୍ ଭାବେ ପଢିପାରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୮ ବର୍ଷର ପିଲାକୁ...

ଦୁଇମାସ ତଳେ ହନସିଂ ସ୍ତ୍ରୀଙ୍କ ସହ ମିଶି ଦାଦନ ଖଟିବାକୁ ଯାଇଥିଲେ । ଏପଟେ ପୁଅ ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ। ତାଙ୍କୁ ଝାଡ଼ାବାନ୍ତି ହେଉଥିବା ଖବର ପାଇ ଆଜିକୁ ପନ୍ଦର ଦିନ ତଳେ ଆସି ଘରୁ ନେଇଯାଇଥିଲେ । ଗୋଟିଏ ବୋଲି ପୁଅ ଥିଲା । ଗରିବ ପରିବାର ହେତୁ ଭଲ ଦି ପଇସା ପାଇବା ଆଶାରେ ଦାଦନ ଖଟିବାକୁ କର୍ଣ୍ଣାଟକ ଯାଇଥିଲେ । ଶେଷରେ ଏଭଳି ପରିଣାମ ଭୋଗିବାକୁ ପଡିଛି ବୋଲି ହନସିଂ କହିଛନ୍ତି। ଜିଲ୍ଲା ପ୍ରଶାସନ ଏହା ଉପରେ ହସ୍ତକ୍ଷେପ କରି ପରିବାରକୁ ଉଦ୍ଧାର କରିବା ପାଇଁ ନିବେଦନ କରାଯାଇଛି।

### ବିନା ପ୍ରସ୍ତୁତିରେ...

ଶିକ୍ଷାଦାନ ନିମନ୍ତେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ପର୍ଯ୍ୟାପ୍ତ ପ୍ରଶିକ୍ଷଣ ଦିଆଯାଇ ନାହିଁ। ପୁଣି ବିଦ୍ୟାଳୟରେ ଶିକ୍ଷକ ଅଭାବ ଏନ୍‌ଇପି ଲାଗୁ କରିବାରେ ଅନ୍ୟତମ ପ୍ରମୁଖ ପ୍ରତିବନ୍ଧକ ହେବ। ଚଳିତ ବର୍ଷ ଉଚ୍ଚଶିକ୍ଷା ବିଭାଗରେ ଏନ୍‌ଇପି ଲାଗୁ ହୋଇଥିବାବେଳେ ଦୀର୍ଘଦିନ ଧରି ଅଚଳାବସ୍ଥା ଲାଗି ରହିଥିଲା। ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବାର ପ୍ରାୟ ୩ ମାସ ପର୍ଯ୍ୟନ୍ତ ଶିକ୍ଷକମାନେ କଣ ପଢ଼ାଇବେ ଜାଣି ନଥିଲେ। ବାରମ୍ବାର ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ ମଧ୍ୟ ପାଠପଢ଼ା ଆରମ୍ଭ ହେବାରେ ବହୁ ବିଳମ୍ବ ହୋଇଥିଲା। ଏବେ ଅନୁରୂପ ଭାବେ ଗଣଶିକ୍ଷା ବିଭାଗ ମଧ୍ୟ ପ୍ରସ୍ତୁତି ନ ସାରି ଏନ୍‌ଇପି ଲାଗୁ କରିବାକୁ ବିଜ୍ଞପ୍ତି ଜାରି କରିଛି। ଫଳରେ ଉଚ୍ଚଶିକ୍ଷା ବିଭାଗ ପରି ସମାନ ପରିସ୍ଥିତି ଉପୁଜିପାରେ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା କରିଛନ୍ତି।

### ପୁଣି ବଢ଼ିଲା...

ହୋଇପାରୁ ନଥିଲା। ଏବେ କେନ୍ଦ୍ର ସରକାର ଅନୁମତି ଦେଇଥିବାରୁ ସେହି ପ୍ରତିବନ୍ଧକ ହଟିଯାଇଛି।

ସୂଚନାଯୋଗ୍ୟ ଯେ କେନ୍ଦ୍ରର ଅନୁମତି ସଂପର୍କରେ ସର୍ବୋଚ୍ଚ ଅଦାଲତଙ୍କ ରୁଲିଂ ପରେ ଦିଲ୍ଲୀ ହାଇକୋର୍ଟର ଆଶ୍ରୟ ନେଇଥିଲେ କେଜ୍ରିୱାଲ। ସେ ଯୁକ୍ତି କରିଥିଲେ ଯେ ତାଙ୍କ ବିରୋଧରେ ମକଦ୍ଦମା ପାଇଁ ଇଡିକୁ କେନ୍ଦ୍ର ଅନୁମତି ଦେଇନଥିବାରୁ ଦିଲ୍ଲୀ ନିମ୍ନ ଅଦାଲତରେ ତାଙ୍କ ବିରୋଧରେ ଦାଖଲ କରାଯାଇଥିବା ଚାର୍ଜସିଟକୁ ଖାରଜ କରାଯାଉ। ତେବେ ସୁପ୍ରିମ କୋର୍ଟ ରୁଲିଂ ପରେ ଉପରାଜ୍ୟପାଳଙ୍କୁ ଚିଠି ଲେଖି ମକଦ୍ଦମା ପାଇଁ ଅନୁମତି ।।ଲୋଡ଼ିଥିଲା ଇଡି। ଏହାପରେ ଇଡିକୁ ଅନୁମତି ଦେବାଲାଗି ଉପରାଜ୍ୟପାଳ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ।

ଏହି ମାମଲାରେ ମାର୍ଚ୍ଚ ୨୦୨୪ରେ କେଜ୍ରିୱାଲ ଗିରଫ ହୋଇ ଜେଲ ଯାଇଥିଲେ। ତେବେ ସେହିବର୍ଷ ସେପେଟମ୍ବରରେ ସୁପ୍ରିମ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ସେହିଭଳି ସିସୋଦିଆଙ୍କୁ ଫେବୃଆରି ୨୦୨୩ରେ ଗିରଫ କରାଯାଇଥିଲା ଏବଂ ୨୦୨୪ ଅଗଷ୍ଟରେ ସୁପ୍ରିମ କୋର୍ଟ ତାଙ୍କୁ ଜାମିନ ମଞ୍ଜୁର କରିଥିଲେ। ଏହି ଦୁଇ ନେତା ଏବେ ଫେବୃଆରୀ ୫ରେ ହେବାକୁ ଯାଉଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାମରେ ଲାଗିଛନ୍ତି।

### ଇଭି କିଣିବା ନାଁରେ...

ସୁଧ ସହ ଅଗ୍ରୀମ ଅର୍ଥରାଶି ପଇଠ କରିବାକୁ ମଧ୍ୟ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଥିଲା। ଏପରିକି ଏଥିରେ କୌଣସି ବ୍ୟତିକ୍ରମ ପରିଲକ୍ଷିତ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ମଧ୍ୟରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସର୍ତ୍ତ ରହିଥିଲା। ମାତ୍ର ଏହି ଅଧିକାରୀମାନେ ଇଭି କିଣିବାକୁ ନେଇଥିବା ଅଗ୍ରୀମ ରାଶିରେ ଗାଡ଼ି ତ କିଣିଲେ ନାହିଁ, ନିୟମ ଖିଲାପ କରିଥିବା ଯୋଗୁଁ ସମ୍ପୃକ୍ତ ରାଶି ବି ସରକାରଙ୍କୁ ଫେରସ୍ତ କଲେ ନାହିଁ। ଏପରିକି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦିଆଯାଇଥିବା ନିର୍ଦ୍ଦେଶ ବି ଏଯାଏ କାର୍ଯ୍ୟକାରୀ ହେଲା ନାହିଁ।

ଅଭିଯୋଗ ଅନୁସାରେ ଏବେ ଏହି ଖିଲାପୀ ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ ବିଭାଗ ତତ୍ପର ହୋଇ ଉଠିଛି । ସରକାର ଓ ଅର୍ଥ ବିଭାଗ ପ୍ରଣୟନ କରିଥିବା ନିୟମକୁ ସରକାରୀ ଅଧିକାରୀମାନେ ଖିଲାପ କରୁଥିବା ସତ୍ତ୍ୱେ ବିଭାଗର ରହସ୍ୟମୟ ନିରବତା ଅନେକ ଦିଗକୁ ଇଙ୍ଗିତ କରିଛି । ସରକାରୀ ନିୟମକୁ ଉପେକ୍ଷା କରୁଥିବା ଅଧିକାରୀଙ୍କୁ କିଏ ସୁରକ୍ଷା ଦେଉଛି ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ପୂର୍ବରୁ ପୂର୍ତ୍ତ ବିଭାଗରେ ମଧ୍ୟ ଏହିଭଳି ସମାନ ଘଟଣା ଘଟିଥିବା ନେଇ ଅଭିଯୋଗ ଆସିଥିଲା। ଏହାପରେ ସରକାର ଅଧିକ ସତର୍କ ହେବା ସହ ଯେମିତି କୌଣସି ସରକାରୀ କର୍ମଚାରୀ ଏହି ଯୋଜନାର ଦୁରୁପଯୋଗ କରି ନ ପାରିବେ ସେନେଇ ଏକ ବିଜ୍ଞପ୍ତି ଜାରି କରିଥିଲେ। ଏହା ସତ୍ତ୍ୱେ ଏହି ନିୟମକୁ କେହି କାର୍ଯ୍ୟକାରୀ କରୁନାହାନ୍ତି ।

ସରକାରୀ ବ୍ୟବସ୍ଥା ଅନୁସାରେ ଜଣେ ସରକାରୀ କର୍ମଚାରୀ ଇ-ଯାନ କିଣିବାକୁ ବିନା ସୁଧରେ ଅଗ୍ରୀମ ଋଣ ପାଇବା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ଗ୍ରୁପ "ଏ' ଓ ଗ୍ରୁପ୍ "ବି' ସରକାରୀ କର୍ମଚାରୀମାନେ ଇଲେକ୍ଟ୍ରିକ୍ କାର କିଣିବା ପାଇଁ ଗାଡ଼ି ଦାମ୍‌ର ୭୫ ପ୍ରତିଶତ ଅର୍ଥ ଅଗ୍ରୀମ ନେଇପାରିବେ। କର୍ମଚାରୀମାନେ କେବଳ ୧୫ ଲକ୍ଷ ଟଙ୍କା ଭିତରେ ଇ-ଯାନ କିଣିବେ ତା ଠାରୁ ଅଧିକ ନୁହେଁ। ସେହିପରି ଗ୍ରୁପ "ସି' ଓ ଗ୍ରୁପ୍ "ଡି' କର୍ମଚାରୀ, ଦୁଇଚକିଆ ଗାଡ଼ି କିଣିବାକୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅଗ୍ରୀମ ନେଇପାରିବାର ବ୍ୟବସ୍ଥା ରହିଛି। ଆଗୁଆ ନେଇଥିବା ଋଣକୁ କର୍ମଚାରୀ ୧୦୦ କିସ୍ତିରେ ପରିଶୋଧ କରିପାରିବାର ସୁବିଧା ଦିଆଯାଇଛି। ହେଲେ ଅନେକ ସ୍ଥାନରେ କର୍ମଚାରୀମାନେ ଏହି ଅର୍ଥ ନେଇ ଅନ୍ୟ କାମରେ ବିନିଯୋଗ କରୁଥିବାର ଅଭିଯୋଗ ହେଉଛି।

### ଓଡ଼ିଶାର ଉଦ୍‌ବେଗକୁ...

ନିକଟ ଅତୀତରେ ଓଡ଼ିଶା ବାରମ୍ବାର ପ୍ରକଳ୍ପ ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିଲେ ହେଁ ପଛୁଆ ପାଣି କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ। ଡ଼ିସେମ୍ବର ମାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅଧ୍ୟକ୍ଷ କେନ୍ଦ୍ର ଜଳ କମିସନ, ଆଦିବାସୀ ବ୍ୟାପାର ବିଭାଗର ସଚିବ, ପରିବେଶ ଓ ଜଙ୍ଗଲ ବିଭାଗର ସଚିବ ଓ ଜାତୀୟ ଜନଜାତି କମିସନଙ୍କୁ ମଧ୍ୟ ଭେଟି ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ହେବାକୁ ଥିବା କ୍ଷତି ସମ୍ପର୍କରେ ଅବଗତ କରିଛନ୍ତି। ଏପରିକି ଜାତୀୟ ଜନଜାତି କମିସନ ଏହି ପ୍ରସଙ୍ଗକୁ ଗୁରୁତର ସହିତ ନେଇ ସେ ଅତିଶୀଘ୍ର ପ୍ରଭାବିତ ହେବାକୁ ଥିବା ମାଲକାନଗିରି ଜିଲ୍ଲା ଗସ୍ତ କରି ସ୍ଥିତିର ଆକଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତି ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ। ଓଡ଼ିଶାକୁ ନ୍ୟାୟ ଦେବା ପରିବର୍ତ୍ତେ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ଯେପରି ଅତ୍ୟଧିକ ଆଗ୍ରହ ପ୍ରଦର୍ଶନ କରୁଛନ୍ତି ଏବଂ ଓଡ଼ିଶା ସରକାର ଏ କ୍ଷେତ୍ରରେ ନିରବ ରହୁଛନ୍ତି, ତାହାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି।

ଆସନ୍ତା ୨୦୨୬ ମସିହା ଅକ୍ଟୋବର ୨୬ ତାରିଖ ସୁଦ୍ଧା ପୋଲାଭରମ୍ ପ୍ରକଳ୍ପ ସାରିବାକୁ ଆନ୍ଧ୍ର ପ୍ରଦେଶ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ପ୍ରକଳ୍ପର କ୍ଷମତା ୩୬ ଲକ୍ଷ କ୍ୟୁସେକ ଜଳରୁ ଏକତରଫା ଭାବେ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରାଯାଇଥିବାରୁ ଓଡ଼ିଶା ପାଇଁ ଘୋର ବିପଦ ସୃଷ୍ଟି ହୋଇଛି। ଏହାଦ୍ୱାରା ମାଲକାନଗିରି ଜିଲ୍ଲାର ପ୍ରାୟ ଶତାଧିକ ଗ୍ରାମ ଜଳମଗ୍ନ ହେବ ବୋଲି ଆକଳନ କରାଯାଇଛି। ମାତ୍ର ଓଡ଼ିଶାର ସବୁ ଉଦ୍‌ବେଗକୁ ବେଖାତିର କରି ଆନ୍ଧ୍ର ସରକାର ଏହି ପ୍ରକଳ୍ପକୁ ତ୍ୱରିତ୍ ବେଗରେ କାର୍ଯ୍ୟକାରୀ କରୁଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ରର ମନମାନି ଉପରେ ରୋକ୍ ଲଗାଇବା ପରିବର୍ତ୍ତେ କେନ୍ଦ୍ର ସରକାର ଆନ୍ଧ୍ର ସରକାରଙ୍କୁ ଖୋଲା ସମର୍ଥନ ଏବଂ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ମାତ୍ର ଓଡ଼ିଶାର ସ୍ୱାର୍ଥହାନୀ କରିବାକୁ ଆନ୍ଧ୍ରକୁ ସୁଯୋଗ ଦିଆଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ମୁହଁ ଫୁଟାଣି ମାରୁଥିଲେ ହେଁ ଏହା କିନ୍ତୁ କାର୍ଯ୍ୟରେ ପ୍ରତିଫଳିତ ହେଉନାହିଁ। ଏପରିସ୍ଥଳେ ପୋଲାଭରମ୍ ପ୍ରକଳ୍ପରେ ଓଡ଼ିଶାର ଭାଗ୍ୟ ଏବେ ଭଗବାନଙ୍କ ହାତରେ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ।

### ଶ୍ରୀମନ୍ଦିର ଗର୍ଭଗୃହରେ...

କରୁଥିଲେ। ହେଲେ ଦୁର୍ଭାଗ୍ୟଜନକ ଭାବେ ଆଜି ମନ୍ଦିରରେ ମହାପ୍ରଭୁଙ୍କ ସେବା କରୁଥିବା ବେଳେ ବୋଧହୁଏ ତାଙ୍କର କାର୍ଡିଆକ ଆରେଷ୍ଟ ହୋଇଛି। ସେ ସେହିଠାରେ ବସିପଡିଥିଲେ। ବାହାରକୁ ଅଣାଯାଇ ତାଙ୍କୁ ସିପିଆର୍ ଦିଆଯାଇଥିଲା। ସଙ୍ଗେ ସଙ୍ଗେ ହସ୍ପିଟାଲକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିଶ୍ଚିତ ଏହା ଏକ ଦୁଃଖଦାୟକ ଘଟଣା। ମନ୍ଦିର ପ୍ରଶାସନ ଏବଂ ସରକାର ତାଙ୍କ ପରିବାର ସହିତ ଅଛନ୍ତି। ଯାହା ବି ସହଯୋଗ ଦରକାର ତାହା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି।

### ଫାଶୀଦଣ୍ଡ କୋହଳ...

ପ୍ରାକୃତିକ ଜୀବନ କାଳର ଅନ୍ତ ପର୍ଯ୍ୟନ୍ତ ଆଜୀବନ ଜେଲଦଣ୍ଡ ଉଦ୍ଦିଷ୍ଟ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସେହିପରି ସିଆରପିସିର ଧାରା ୪୩୨ଓ ୪୩୩ ଅନୁସାରେ ଆଉ ଦଣ୍ଡାଦେଶ ହ୍ରାସ ସେମାନଙ୍କ ପାଇଁ ଲାଗୁ ହୋଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି।

ଅନ୍ୟପଟରେ ମୃତକଙ୍କ ପରିବାରକୁ ପ୍ରତି ହତ୍ୟା ପାଇଁ ୧୦ଲକ୍ଷ ଏହିପରି ମୋଟ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଆକାରରେ ପ୍ରଦାନ କରାଯିବ। ଯଦି କ୍ଷତିପୂରଣ ଆକାରରେ ପୂର୍ବରୁ କିଛି ଅର୍ଥ ରାଶି ପଇଠ ହୋଇଥାଏ ତାହେଲେ ବାକି ଟଙ୍କା ଆସନ୍ତା ୪ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ରାୟଗଡା ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ଗତ ୨୦୧୬ ସେପ୍ଟେମ୍ବର ୯ତାରିଖ ରାତିରେ ଗୁଣିଗାରେଡ଼ି ସନ୍ଦେହରୁ ପୁଟାସିଂ ଥାନା ଅନ୍ତର୍ଗତ କିଙ୍ଗୁ ଗ୍ରାମର ଅସୀନ ଶବର, ପତ୍ନୀ ଆମାବାୟା ଶବର ଓ ଝିଅ ଆଶାମଣି ଶବରଙ୍କୁ ଉପରୋକ୍ତ ୯ ଅଭିଯୁକ୍ତ ହତ୍ୟା କରିଦେଇଥିବା ଅଭିଯୋଗ ହୋଇଥିଲା। ଏପରିକି ମୃତକଙ୍କୁ ଦରମରା ଅବସ୍ଥାରେ ମାଟି ତଳେ ପୋତିବା ଓ ପରେ ପୁଣି ବାହାର କରି ପୋଡିଦେଇଥିଲେ ଅଭିଯୁକ୍ତ। ମୃତ ଦମ୍ପତିଙ୍କ ସାନ ଝିଅ ମେଲିତା ଶବରଙ୍କୁ ନଜରବନ୍ଦୀ କରି ଜଣେ ବ୍ୟକ୍ତିଙ୍କ ଘରେ ରଖାଯାଇଥିଲେ ସୁଦ୍ଧା ସେ କୌଶଳକ୍ରମେ ଖସି ଆସି ସେପ୍ଟେମ୍ବର୧୬ରେ ପୁଟାସିଂ ଥାନାରେ ଏତଲା ଦେଇଥିଲା। ୨୦୧୮ ଏପ୍ରିଲ୨୩ରେ ଅଭିଯୁକ୍ତଙ୍କୁ ଗୁଣୁପୁର ଅତିରିକ୍ତ ଦୌରା ଜଜ୍ ଫାଶୀ ଦଣ୍ଡ ପ୍ରଦାନ କରିଥିଲେ। ଏହା ବିରୋଧରେ ଅଭିଯୁକ୍ତ ହାଇକୋର୍ଟ ଆସିଥିଲେ। ହାଇକୋର୍ଟ ଏହି ଦଣ୍ଡାଦେଶକୁ ରଦ୍ଦ କରି ମାମଲାର ସାନି ଶୁଣାଣି ପାଇଁ ୨୦୧୯ ନଭେମ୍ବର୫ରେ ନିର୍ଦ୍ଦେଶ ଦେଇଥିଲେ। ତେବେ ୨୦୨୧ଅକ୍ଟୋବର୨୧ରେ ରାୟଗଡା ଅତିରିକ୍ତ ଦୌରା ଜଜ୍ ଅଭିଯୁକ୍ତଙ୍କୁ ସାନି ମୃତ୍ୟୁଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହା ବିରୋଧରେ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# କଳା ବାଘକୁ ମାରିଦେଲେ

**ବାରିପଦା, ୧୫।୧ (ସମିସ):** ଶିମିଳିପାଳ ଅଭୟାରଣ୍ୟର ଗର୍ବ ଓ ଗୌରବ କୁହାଯାଉଥିବା କଳାବାଘ ଉପରେ ତସ୍କର ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଏକ ଦେଢ଼ବର୍ଷର ବାଘକୁ ମାରି ମାଂସ ଖାଇବା ସହିତ ତାର ନଖ, ଦାନ୍ତ ଓ ଚମଡ଼ା କିଣାବିକା ଘଟଣାରେ ଏପର୍ଯ୍ୟନ୍ତ ୧୦ଜଣ ଗିରଫ ହେଲେଣି। ନଭେମ୍ବର ମାସରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ(ଏସ୍‌ଟିଆର) ପ୍ରକଳ୍ପର ଦକ୍ଷିଣ ବନଖଣ୍ଡର ଜେନାବିଲ ଅଞ୍ଚଳରେ ଏହି କଳା ବାଘକୁ ବନ୍ଧୁକରେ ଶିକାର କରାଯାଇଥିଲା। ପୂର୍ବରୁ ଢୁକୁରା ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟରେ ରୁଜୁ ମାମଲାରେ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବୁଧବାର ପୁଣି ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଚମଡ଼ା ଓ ଦାନ୍ତ ଜବତ; ୪ ଗିରଫ

ସେମାନେ ହେଲେ ତେନ୍ତୁଳା ଗ୍ରାମର ଫାତୁ ଓରଫ୍ ଅଜମ୍ବର ନାଏକ, ଡାକ୍ତର ଓରଫ୍ ପିତାମ୍ବର ନାଏକ ଓ ଥାଲୁ ଓରଫ୍ ରାମ ନାଏକ ଏବଂ ବାଲିଘାଟ ଗ୍ରାମର ଦୁଦେଇବାବା ଓରଫ୍ ବୈରାମ ମୁର୍ମୁ। ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ଏଆଇ



**ଗିରଫ ସଂଖ୍ୟା ୧୦କୁ ବୃଦ୍ଧି**

କ୍ୟାମେରାରୁ ଶିକାରୀଙ୍କ ସବିଶେଷ ତଥ୍ୟ ସଂଗ୍ରହ ପରେ ସେମାନଙ୍କ ନିକଟରୁ ବାଘ ଦାନ୍ତ ଓ ନଖ ଉଦ୍ଧାର ପୂର୍ବକ ଗିରଫ କରାଯାଇଛି। ତେବେ କୋର୍ଟ ଚାଲାଣ ପୂର୍ବରୁ କେହି ମୁହଁ ଖୋଲି ନ ଥିବାରୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରିବା ସହିତ ଏସ୍‌ଟିଆରର ସ୍ୱତନ୍ତ୍ର ଗୋଇନ୍ଦା ବିଭାଗର ସୂଚନାକୁ ଆଧାର କରି ୧୨ତାରିଖ ବିଳମ୍ବିତ ରାତିରେ ଉଦଳା ଥାନା ଅଧୀନ ପାଟଶାଣୀପୁର ନିକଟ ତେନ୍ତୁଳା ଓ ବାଲିଘାଟ ଗ୍ରାମରୁ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କଳାବାଘ ଛାଲ ବା ଚମଡ଼ା ଓ ନଖ ଜବତ କରାଯାଇଥିଲା।


**AFFIDAVIT**

I, Hrushikesh Rath, S/o-Late Purna Chandra Rath, resident of At-Baramasi Danda, Po-Lenkudipada, Ps-Nayagarh, Dist-Nayagarh, Pin-752070, Odisha declare by this affidavit No.C.F No.1/2, dtd-07/01/2025 that now onwards I shall be known as **HRUSHIKESHA RATH** for all future purposes.

**AFFIDAVIT**

It is for general information that I, Waheed Mohammed, S/o. Mazid Abdul Mohammed, aged 58 Years, R/o - Padampur, Odisha 768036, declare that name of mine and my father has been wrongly written as" Haji Mohammad Wahid" and" Abdul Majid" in my passport. The actual name of mine and my father is "Waheed Mohammed" and "Mazid Abdul Mohammed" which may be amended accordingly. It is certified that I have complied with other legal requirements in this connection.

**AFFIDAVIT**

I, **DIPTI MAYEE AGASTI** (existing name of spouse as per nok) is legally wedded Spouse of Service No: **JC 771000W** Rank: **SUB** Name: **SAUMENDRA KUMAR AGASTI**, R/o Village: **DEBENDRAPUR,** Post Office: **AVANA,** Tehsil: **BAHANAGA,** Police Station: **GOPALPUR,** District **BALASORE,** State: **ODISHA** & PIN-**756051** have changed my name from **DEEPTIMAI AGASTI** to **DIPTI MAYEE AGASTI** vide Affidavit of Executive Magistrate, Bahanaga, Paikasta, Gopalpur, Balasore dt 15 Jan 2025 and Affidavit S.LN - 150 dt. 15 Jan 2025.

O-1233 E.Mail – rw_rourkela@yahoo.co.in

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
**TENDER CALL NOTICE**
**BID IDENTIFICATION NO. ONLINE-SERKL-31 of 2024-25**

1. Name of the Work :- Roads
2. Total No. of works :- 02(Two) Nos.
3. Estimated cost :- Rs. 12.26 Lakhs to Rs. 18.48 Lakhs
4. Class of contractor :- "D" & "C" & "B" Class
5. Period of completion :- 01 (One) Calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division-II, Sundargarh | Online-SERKL-31 of 2024-25 | 16.01.2025 from 12.00 A.M | 21.01.2025 upto 5.00 PM |

Further details can be seen from the website www.tendersodisha.gov.in

Additional Chief Engineer
RW Division-II, Sundargarh

OIPR - 25193/11/0052/2425

ସକାଳ
THE SAKALA

# ସମୃଦ୍ଧିକାରକ ଶିକ୍ଷାସଂସ୍କାର ଜରୁରୀ

ଶିକ୍ଷା ଓ ସ୍ୱାସ୍ଥ୍ୟର ଭିତ୍ତିଭୂମି ସୁଦୃଢ଼ ନହେବା ପର୍ଯ୍ୟନ୍ତ ସମୃଦ୍ଧ ରାଷ୍ଟ୍ର ଗଠନ ସମ୍ଭବ ନୁହେଁ। କିନ୍ତୁ କ୍ଷମତା ରାଜନୀତି ଏହି ଦିଗପ୍ରତି ସଚେତନ ହେବା ଭଳି ମନେହୁଏନା। ଆମ ନିର୍ବାଚନ ରାଜନୀତିରେ କ୍ଷମତାସୀନ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଘଟାଇ ଯଦି ମତାଦାତାଙ୍କ ସମର୍ଥନ ଲୋଡ଼ିବେ, ସେ ନିର୍ବାଚନରେ ପରାଜିତ ହେବା ସୁନିଶ୍ଚିତ। ତେଣୁ ପ୍ରତି ପାଞ୍ଚବର୍ଷରେ ନିର୍ବାଚନର ସମ୍ମୁଖୀନ ହେଉଥିବା ଦଳ ପାଇଁ ଏହା ଅନାବଶ୍ୟକ ପ୍ରସଙ୍ଗ ହୋଇପଡ଼ିଛି। ଆମ ଦେଶର ଶିକ୍ଷା କ୍ଷେତ୍ରରେ ପରିଲକ୍ଷିତ କ୍ରମାଗତ ଅଧୋଗତିର ଏହା ହିଁ ମୁଖ୍ୟ କାରଣ। ଭାରତ ଭଳି ଏକ ବିଶାଳ ଜନସମୁଦାୟର ଅର୍ଦ୍ଧେକ ଭାଗ ଯୁବକ ହୋଇଥିବା ବେଳେ ରାଷ୍ଟ୍ରଗଠନରେ ସେମାନଙ୍କ ସହଭାଗିତାକୁ ବିଚାର କଲେ ଉନ୍ନତ ଶିକ୍ଷା ଓ ବୈଷୟିକ ଜ୍ଞାନକୌଶଳରେ ସେମାନଙ୍କୁ ସୁଯୋଗ୍ୟ କରିବାକୁ ପଡ଼ିବ। ଏବେ ଯେଉଁ ବିକଶିତ ଭାରତ ଗଠନର ସ୍ୱପ୍ନ ଦେଶବାସୀ ଦେଖୁଛନ୍ତି ତାହାର ଆଧାରଶିଳା ହେଉଛି ବ୍ୟବସ୍ଥିତ ଢଙ୍ଗରେ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ କରିବା। କେନ୍ଦ୍ର ଓ ରାଜ୍ୟ ଅଧୀନରେ ରହିଥିବା ଶିକ୍ଷା ବ୍ୟବସ୍ଥା ଏଭଳି କୋଣଠେସା ଅବସ୍ଥାରେ ଅଛି ଯେ ଏ କ୍ଷେତ୍ରରେ ପରିଲକ୍ଷିତ ଅବ୍ୟବସ୍ଥା ପାଇଁ ପରସ୍ପର ଉପରେ ଦୋଷାରୋପ କରି କୌଣସି ପକ୍ଷ ଦାୟିତ୍ୱ ମୁଣ୍ଡାଇବାକୁ ନାରାଜ।


ନୋବେଲ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ କହନ୍ତି- ବିଶ୍ୱରେ ଭାରତ ହେଉଛି ଏକମାତ୍ର ଦେଶ ଯେଉଁଠି ଅଶିକ୍ଷିତ ଓ ଅସୁସ୍ଥ ଶ୍ରମଶକ୍ତିକୁ ନେଇ ସମୃଦ୍ଧ ଆର୍ଥିକ ଶକ୍ତି ହେବାର ପ୍ରୟାସ ଜାରି ରହିଛି। ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ବିଚାର କଲେ ଶିକ୍ଷାକ୍ଷେତ୍ରର ନଗଣ୍ୟତା ବାରି ହୋଇପଡ଼ିବ। ଯେଉଁ କିଛି ଶିକ୍ଷାନୁଷ୍ଠାନକୁ ଆମେ ପ୍ରତୀକାତ୍ମକ ରୂପେ ଶ୍ରେଷ୍ଠତା ପ୍ରଦାନ କରୁଛୁ, ସେମାନଙ୍କ ସ୍ଥାନ ବିଶ୍ୱର ଅଗ୍ରଣୀ ଶିକ୍ଷାନୁଷ୍ଠାନଠାରୁ ବହୁ ପଛରେ। ସେ ସ୍ତରକୁ ଉନ୍ନୀତ ହେବା ପାଇଁ ଥିବା ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ଆହୁରି ଭୟଙ୍କର। ସରକାରୀ ବିଦ୍ୟାଳୟରେ ଶିକ୍ଷକଙ୍କଠାରୁ ଆରମ୍ଭ କରି ଆବଶ୍ୟକ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗର ଅଭାବ ସବୁଠାରେ ପରିଲକ୍ଷିତ। ଏଭଳି ପରିସ୍ଥିତିରେ ସୁଯୋଗ୍ୟ ଓ ଦକ୍ଷ ଶିକ୍ଷକ ନିଯୁକ୍ତି ସମ୍ପର୍କରେ କିଛି ମତାମତ ନ ଦେବା ଭଲ। ପ୍ରତିକୂଳ ପରିବେଶରେ ମଧ୍ୟବିତ୍ତ ଓ ନିମ୍ନ-ମଧ୍ୟବିତ୍ତ ପରିବାର ବ୍ୟୟବହୁଳ ପବ୍ଲିକସ୍କୁଲରେ ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇବାର ବାଧ୍ୟବାଧକତାର ସମ୍ମୁଖୀନ ହେଉଛନ୍ତି। ମୁଦ୍ରାସ୍ଫୀତି ଜନିତ ବ୍ୟୟବହୁଳ ଜୀବନଚର୍ଯ୍ୟା ମଧ୍ୟରେ ଆନୁପାତିକ ହାରରେ ଉପାର୍ଜନ ବଢ଼ୁ ନ ଥିବା ବେଳେ ପିଲାଙ୍କ ପାଠପଢ଼ା ଅଭିଭାବକମାନଙ୍କ ପାଇଁ ଦିନକୁ ଦିନ ବୋଝ ହୋଇପଡୁଛି। ଏ ସବୁ ସତ୍ତ୍ୱେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ନିଯୁକ୍ତି ଉପଯୋଗୀ ହୋଇପାରୁ ନଥିବାରୁ ଦିନକୁ ଦିନ ବେକାରୀ ବୃଦ୍ଧି ପାଉଛି।

ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ୧ କୋଟି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାଜୁଏଟ୍ ଦେଶରେ ଉଚ୍ଚତର ଡିଗ୍ରୀ କଲେଜରୁ ଉତ୍ତୀର୍ଣ୍ଣ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ପ୍ରତିଶତ ଇଞ୍ଜିନିୟର ଓ ୧୦ ପ୍ରତିଶତ ସାଧାରଣ ଡିଗ୍ରୀଧାରୀ ଗ୍ରାଜୁଏଟ୍‌ଙ୍କର ନିଯୁକ୍ତି ପାଇଁ ଆବଶ୍ୟକ ଯୋଗ୍ୟତା ରହିଛି। ଅବଶିଷ୍ଟ ୮୦ ପ୍ରତିଶତ ଯେଉଁ ବିଷୟରେ ଇଞ୍ଜିନିୟର ପାସ କରିଛନ୍ତି, ସେ ସଂକ୍ରାନ୍ତ କାର୍ଯ୍ୟ ତୁଲାଇବାକୁ ଅସମର୍ଥ ବା ଅଯୋଗ୍ୟ। ନିତିଆୟୋଗ ମଧ୍ୟ ତାଙ୍କ ରିପୋର୍ଟରେ ଆମ ଦେଶର ଇଲେକ୍‌ଟ୍ରୋନିକ ଡିଗ୍ରୀଧାରୀ ଇଞ୍ଜିନିୟରଙ୍କ ସମ୍ପର୍କରେ ଅନୁରୂପ ମତ ଦେଇଛନ୍ତି। ଏଭଳି ସ୍ଥିତିରେ କୃତ୍ରିମ ବୁଦ୍ଧିମତ୍ତା, ମେସିନ ଅଧ୍ୟୟନ ଓ ବଡ଼ ଡାଟାର ବିଶ୍ଳେଷଣ ଭଳି ନୂଆ ବିଷୟରେ ଆମ ପିଲାମାନେ କିଭଳି ସମର୍ଥ ହୋଇପାରିବେ? ଏଠାରେ ଆମକୁ କହିବାକୁ ପଡୁଛି ଯେ ନିତି ଆୟୋଗ ରିପୋର୍ଟର ମତାମତ ଅନୁଯାୟୀ ସରକାର ଯଦି ପରିବର୍ତ୍ତନ ନ ଆଣିବେ, ତେବେ ଏଭଳି ସଂସ୍ଥା କ'ଣ ଘର ସୁନ୍ଦର ପାଇଁ ରଖାଯାଇଛି? ସରକାର ଯେ ଏ ସମ୍ପର୍କରେ ଅବଗତ ନାହାନ୍ତି, ତାହା ନୁହେଁ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ଗଢ଼ି ଦେବା ବା ଆମୂଳଚୂଳ ପରିବର୍ତ୍ତନ ଆଣିବା ପାଇଁ ଯେଉଁ ବିପୁଳ ବ୍ୟୟ ଆବଶ୍ୟକ କରେ, ତାହା ନିର୍ବାଚନଭିତ୍ତିକ ଅନ୍ୟ ଅଗ୍ରାଧିକାର କ୍ଷେତ୍ରରେ ନିୟନ୍ତ୍ରଣ ବାଧା ସୃଷ୍ଟି କରିବ। ତେଣୁ ନିର୍ବାଚନ ରାଜନୀତି ମଧ୍ୟରେ କ୍ଷମତା ହାସଲ ଦେଶ ଗଠନର ଏହି ପ୍ରାଥମିକତା ନିକଟରେ ହାର ମାନୁଛି କହିଲେ ଠିକ୍ ହେବ।

ନିଜ ପେଟରୁ କାଟି ପିଲାଙ୍କୁ ପାଠ ପଢ଼ାଉଥିବା ଅଭିଭାବକ ବୁଝେନି ଶିକ୍ଷା କ୍ଷେତ୍ରର ଏହି ଅବ୍ୟବସ୍ଥା। କାହିଁକି ନିଯୁକ୍ତି ପାଇବାରୁ ପିଲା ବଞ୍ଚିତ ଏ ପ୍ରଶ୍ନର ଉତ୍ତର ସେ କାହାଠାରୁ ପାଇବ? ଏହି ପରିପ୍ରେକ୍ଷୀରେ ସରକାର ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ ଯୋଜନା ଭଳି ଏକ ଉତ୍ସାହ ସୃଷ୍ଟିକାରୀ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ୪ କୋଟି ୧୦ ଲକ୍ଷ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ୨ ଲକ୍ଷ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରେ ଗୋଟିଏ ଆର୍ଥିକ ବର୍ଷ ଶେଷ ହେବାକୁ ଯାଉଥିବା ବେଳେ ଏ ପର୍ଯ୍ୟନ୍ତ ଯୋଜନାର ଶୁଭାରମ୍ଭ ହୋଇନି। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରାଳୟ ଓ ବିଭାଗରେ ଏବେ ମଧ୍ୟ ୯ ଲକ୍ଷ ୭୯ ହଜାର ପଦ ଖାଲିପଡ଼ିଛି। ପିଏସୟୁ ସମ୍ପର୍କରେ କିଛି ମତାମତ ନ ଦେବା ଭଲ। କମ୍ପାନୀର ଅଭିବୃଦ୍ଧି ଓ ବ୍ୟାବସାୟିକ କର୍ମକୁଶଳତା ଉପରେ ନିର୍ଭର କରେ ନୂତନ ନିଯୁକ୍ତି ବୋଲି ଯୁକ୍ତି ଦର୍ଶାଯାଇଛି। ରେଳ ବିଭାଗରେ ୨ ଲକ୍ଷ ୬୦ ହଜାର ପଦ ଖାଲିଅଛି ବୋଲି ୨୦୨୩ରେ ଦର୍ଶାଯାଇଥିବା ବେଳେ ପରବର୍ଷ କୁହାଯାଇଛି ଯେ ଶୂନ୍ୟସ୍ଥାନ ପୂରଣ କରିବା ଏକ ନିରବଧି ପ୍ରକ୍ରିୟା। ଏଥିରୁ ସ୍ପଷ୍ଟ ଯେ ଘରୋଇକରଣ ମାଧ୍ୟମରେ ତଥାକଥିତ ସଂସ୍କାର ପ୍ରତି ମନ୍ତ୍ରାଳୟ ସ୍ୱତନ୍ତ୍ର ଧ୍ୟାନ ଦେଉଛି। ଶିକ୍ଷା ବିଭାଗରେ ୪୮.୧୦ ଲକ୍ଷ ଶିକ୍ଷକ ପଦ ମଧ୍ୟରୁ କେତେ ଖାଲିପଡ଼ିଛି, ତାହାର କୌଣସି ହିସାବ ନାହିଁ। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉପରେ ଦୋଷ ଗଡ଼ାଇଦେଇ କେନ୍ଦ୍ର ନିରବ ରହିବା ଉଚିତ ମନେ କରେ।

ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସରକାରଙ୍କ ବିଫଳତାକୁ ସ୍ୱାସ୍ଥ୍ୟବୀମା ମାଧ୍ୟମରେ ଭରଣା କରିବାର ପ୍ରୟାସ ଚାଲିଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ସରକାରୀ ମେଡିକାଲ କଲେଜ ପର୍ଯ୍ୟନ୍ତ ସବୁଠି ଡାକ୍ତର ଓ ପାରାମେଡିକାଲ ଷ୍ଟାଫ ଅଭାବ। ସରକାର ବ୍ୟବସ୍ଥାକୁ ସୁଧାରିବା ପରିବର୍ତ୍ତେ ଘରୋଇ ନର୍ସିଂହୋମ ବା କର୍ପୋରେଟ୍ ହସ୍ପିଟାଲକୁ ପରୋକ୍ଷ ପ୍ରୋତ୍ସାହନ ଦେଇଚାଲିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସ୍ୱାସ୍ଥ୍ୟବୀମାକୁ ନେଇ ପ୍ରତିଯୋଗିତା ଚାଲିଛି। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ସରକାର ୪୦ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟବୀମା ସୁବିଧା ଯୋଗାଇଛନ୍ତି। ଏମାନଙ୍କୁ ବାଦ ଦେଲେ ୬ କୋଟି ଲୋକ ନିଜସ୍ୱ ସ୍ୱାସ୍ଥ୍ୟବୀମା କରିଛନ୍ତି। ଅନ୍ୟମାନଙ୍କ ସମ୍ପର୍କରେ ତଥ୍ୟ ନାହିଁ। ତେଣୁ ସ୍ୱାସ୍ଥ୍ୟସେବାରେ ଏବେ ଯେଉଁ ବିଭ୍ରାଟ ଘଟିଛି, ସେଥିରେ ସଂଖ୍ୟାଗରିଷ୍ଠ ସମୁଦାୟ ନିଶ୍ଚୟ କ୍ଷତିଗ୍ରସ୍ତ ହେବେ। ଏଥିପାଇଁ କିଏ ଉତ୍ତରଦାୟୀ? ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ନ ଘଟିବା ପର୍ଯ୍ୟନ୍ତ ଭାରତ ବିକାଶ ଓ ଆର୍ଥିକ ଦୃଷ୍ଟିରୁ ବିଶ୍ୱଶକ୍ତି ହେବା ଏକପ୍ରକାର ଅସମ୍ଭବ। ସରକାର ଏଥିପ୍ରତି ଏବେଠାରୁ ସଜାଗ ହେବା ଜରୁରୀ।

## ସମ୍ପାଦକୀୟ



ଆଣବିକ ଶକ୍ତିର ପରିପ୍ରକାଶ କେବଳ ଆମ ଚିନ୍ତାଧାରାକୁ ଛାଡ଼ି ଆଉ ସବୁକିଛି ପରିବର୍ତ୍ତନ କରିଦେଇଛି।
- ଆଲବର୍ଟ ଆଇନଷ୍ଟାଇନ୍

# ନିରବ ମହାମାରୀ ଓ ଗାନ୍ଧିଜୀଙ୍କ ଦିନଚର୍ଯ୍ୟା

**ଡକ୍ଟର ଅବଶ ପରିଡ଼ା**

ଅଣସଂକ୍ରମିତ ଓ ଜୀବନଶୈଳୀ ବ୍ୟାଧି ରୋଗ ଯଥା ଉଚ୍ଚ ରକ୍ତଚାପ, ମଧୁମେହ, ହୃଦୟ ଜନିତ ରୋଗ ଓ କ୍ୟାନ୍ସର ହେଉଛି ୬୩ ପ୍ରତିଶତ ଭାରତୀୟଙ୍କ ଅକାଳମୃତ୍ୟୁର କାରଣ। ମୃତକଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୩୦ ବର୍ଷରୁ ୫୯ ବର୍ଷ ମଧ୍ୟରେ। ୧୧ କୋଟିରୁ ଅଧିକ ଭାରତୀୟ ମଧୁମେହ, ୩୦ କୋଟି ଉଚ୍ଚ ରକ୍ତଚାପ, ୨୫ କୋଟିରୁ ଅତ୍ୟଧିକ ମୋଟାପଣ ଏବଂ ୧୮ କୋଟିରୁ ଅଧିକ ଭାରତୀୟ ଉଚ୍ଚ କୋଲେଷ୍ଟ୍ରଲରେ ପୀଡ଼ିତ। ତମାଖୁ ସେବନ, ଖାଦ୍ୟରେ ଅତ୍ୟଧିକ ଲୁଣ, ମଦ୍ୟପାନ, ଚର୍ବିଯୁକ୍ତ ଖାଦ୍ୟ ସହିତ ଶାରୀରିକ ଶ୍ରମକାତରତା ଏସବୁ ରୋଗ ପାଇଁ ଦାୟୀ। ଭାରତରେ ବାର୍ଷିକ ପ୍ରାୟ ୬୦ ଲକ୍ଷ ଲୋକ ଅନିୟନ୍ତ୍ରିତ ଜୀବନଶୈଳୀ ଜନିତ ରୋଗ ଯୋଗୁଁ ପ୍ରାଣ ହରାଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଏହା ଭାରତୀୟଙ୍କ ପାଇଁ ଏକ ନିରବ ମହାମାରୀ।

ଲାନସେଟ୍ ଗ୍ଲୋବାଲ୍ ହେଲ୍ ଜର୍ଣ୍ଣାଲର ସର୍ବେକ୍ଷଣରେ ପ୍ରକାଶିତ ଏକ ତଥ୍ୟାନୁଯାୟୀ, 'ଭାରତର ଜନସଂଖ୍ୟାର ଅର୍ଦ୍ଧାଧିକ ଗୋଟିଏ ସ୍ଥାନରେ ବସିବାକୁ ଭଲ ପାଆନ୍ତି, ବ୍ୟାୟାମ କରନ୍ତି ନାହିଁ ଏବଂ ସେମାନେ ଶାରୀରିକ ଭାବେ ନିଷ୍କ୍ରିୟ।' ଅପ୍ରିୟ ହେଲେ ହେଁ ଏହା ହିଁ ବାସ୍ତବତା। ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ ଟ୍ରାନ୍ସଫ୍ୟାଟ୍ ଥିବା ଖାଦ୍ୟ ଯଥା କେକ୍, କୁକିଜ୍, ବିସ୍କୁଟ୍, ତେଲ ଛଣାଖାଦ୍ୟ, ଫ୍ରୋଜେନ୍ ଫୁଡ୍ ଓ ମାଂସର ଚାହିଦା ଓ ଗ୍ରହଣୀୟତା ଭାରତରେ ଦିନକୁ ଦିନ ବଢ଼ି ଚାଲୁଛି। ଏହାଦ୍ୱାରା ଅଣସଂକ୍ରମିତ ଏବଂ ଜୀବନଶୈଳୀ ଜନିତ ବ୍ୟାଧି ମଧ୍ୟ ବୃଦ୍ଧି ପାଉଛି। ସହରୀକରଣ ଓ ଆଧୁନିକ ଜୀବନର ଚାପ ମଧ୍ୟ ଅଣସଂକ୍ରମିତ ଏବଂ ଜୀବନଶୈଳୀ ଜନିତ ବ୍ୟାଧି ପାଇଁ ଅନେକାଂଶରେ ଦାୟୀ। ପ୍ରତିବର୍ଷ ୪୫ ପ୍ରତିଶତ ଭାରତୀୟ କେବଳ 'ଅନିୟନ୍ତ୍ରିତ ଜୀବନଶୈଳୀ' ଯୋଗୁଁ ଅସୁସ୍ଥ ହେଉଛନ୍ତି।

କଥାରେ ଅଛି ବ୍ୟାଧି ପାଇଁ ଔଷଧୀ। ତେଣୁ ଏତେ ସଂଖ୍ୟକ ରୋଗୀଙ୍କ ପାଇଁ ଭାରତରେ ଔଷଧ ଓ ଚିକିତ୍ସାର ଅଭାବ ନାହିଁ। ରପ୍ତାନୀକାରୀ ଓ ପରିମାଣ ଦୃଷ୍ଟିରୁ ଭାରତୀୟ ଔଷଧ ଶିଳ୍ପ ବିଶ୍ୱରେ ତୃତୀୟ ବୃହତ୍ତମ। ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତୀୟ ଔଷଧ ଶିଳ୍ପ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିଛି। ଏହାର ସିଂହଭାଗ ଜୀବନଶୈଳୀ ଜନିତ ବ୍ୟାଧି ପାଇଁ ଆବଶ୍ୟକ ହେଉଥିବା ଔଷଧରୁ ଆସିଛି। ଏଲୋପାଥି ବ୍ୟତୀତ ପ୍ରାୟ ଦୁଇହଜାର କୋଟି ଟଙ୍କାର କାରବାର କରୁଥିବା ଉଭୟ ଆୟୁର୍ବେଦ ଓ ପ୍ରାକୃତିକ ଉପଚାରକୁ ମଧ୍ୟ ଭାରତୀୟମାନେ ବ୍ୟବହାର କରିଆସୁଛନ୍ତି। ଏହି ସମସ୍ୟା ସମାଧାନର ମାର୍ଗ ଆମେ ଗାନ୍ଧୀଙ୍କ ଦିନଚର୍ଯ୍ୟାରୁ ପାଇପାରିବା। ଗାନ୍ଧୀଙ୍କ ରାଜନୈତିକ ଓ ସାମାଜିକ ଜୀବନ ଅପେକ୍ଷା ତାଙ୍କର ବ୍ୟକ୍ତିଗତ ଜୀବନର ଦିନଚର୍ଯ୍ୟା ଥିଲା ଅନୁଶାସିତ, ଶୃଙ୍ଖଳିତ ଓ ସଂଯମ। ଗାନ୍ଧୀଙ୍କ ସକାଳ ଆରମ୍ଭ ହେଉଥିଲା ଭୋର ଚାରିଟା ସମୟରେ। ଏଥିପାଇଁ ଘଣ୍ଟା ଆଲାର୍ମର ଆବଶ୍ୟକତା ନଥିଲା। ଗାନ୍ଧୀଙ୍କ ମତରେ ଭାରତ ପରି ସମଉଷ୍ଣ ମଣ୍ଡଳୀୟ ଦେଶ ନିମନ୍ତେ ସୂର୍ଯ୍ୟୋଦୟ ପୂର୍ବରୁ ବିଛଣା ଛାଡ଼ିଦେବା ଉଚିତ। କିଛି ଜରୁରୀ କାମ ଥିଲେ ଆହୁରି ସଅଳ ଉଠିଯାଉଥିଲେ ମହାତ୍ମା। ବବୁଲ ଗଛର କାଠିରେ ଦାନ୍ତ ଘଷା ପରେ ଲେମ୍ବୁ ରସ ପିଉଥିଲେ। ପ୍ରତିଦିନ ସାଢ଼େ ଚାରିଟାରେ ଆରମ୍ଭ ହେଉଥିଲା ସର୍ବଧର୍ମ ପ୍ରାର୍ଥନା ସଭା। ବିଶିଷ୍ଟ ଗାନ୍ଧିବାଦୀ ଲେଖକ ଓ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା 'ଗାନ୍ଧୀ ମହାତ୍ମା' ପୁସ୍ତକରେ ଲେଖିଛନ୍ତି ଯେ ଗାନ୍ଧୀଙ୍କ ମତରେ ଶରୀର ପାଇଁ ଖାଦ୍ୟ ଅନୁରୂପ ମନ ଓ ଆତ୍ମା ପାଇଁ ପ୍ରାର୍ଥନା ଆବଶ୍ୟକ।

ସକାଳ ପ୍ରାୟ ୭ଟା କିମ୍ବା ପ୍ରାର୍ଥନା ସଭା ସମାପ୍ତି ଗାନ୍ଧୀଙ୍କ ଜଳଖିଆ ସମୟ ଥିଲା। ଦୁଇ ଖଣ୍ଡ ରୁଟି ଏବଂ ଦୁଇଶହ ମିଲିଲିଟର ଛେଳି କ୍ଷୀର, କେତେବେଳେ କେମିତି ଖିସମିଶ୍ ଏବଂ ଗୁଡ଼ ତାଙ୍କର ଥିଲା ନିୟମିତ ଜଳଖିଆ। ଏହାପରେ ଆରମ୍ଭ ହେଉଥିଲା ଗାନ୍ଧିଜୀଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିନଚର୍ଯ୍ୟା 'କସରତ କି ରାଣୀ' ବା ପ୍ରାତଃଭ୍ରମଣ। ପ୍ରତିଦିନ ସକାଳେ ଗାନ୍ଧିଜୀ ପାଞ୍ଚ କିଲୋମିଟର ଚାଲୁଥିଲେ। ୨୦୧୯ରେ ବଳରାମ ଭାର୍ଗବ ଏବଂ ରଜନୀ କାନ୍ତଙ୍କ 'ଇଣ୍ଡିଆନ୍ ଜର୍ଣ୍ଣାଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ'ରେ ପ୍ରକାଶିତ 'ଗାନ୍ଧୀଙ୍କ ସ୍ୱାସ୍ଥ୍ୟ ପ୍ରୋଫାଇଲ @ ୧୫୦' ବିଶ୍ଳେଷଣରୁ ଜଣାପଡ଼ିଛି ଯେ ଗାନ୍ଧୀ ପ୍ରାୟ ୪୦ ବର୍ଷ ଧରି ଦିନକୁ ୧୮ କିଲୋମିଟର ଚାଲୁଥିଲେ। ମର୍ଣ୍ଣିଂ ୱାକ୍ ସମୟରେ ତାଙ୍କ ସହ ସହ ଦେଖା କରିବାକୁ ଆସିଥିବା କୌଣସି ଅତିଥିଙ୍କୁ ସାଙ୍ଗରେ ଚାଲିବାକୁ ସୁଯୋଗ ମିଳିଥାଏ। ଏହି ପରିପ୍ରେକ୍ଷୀରେ ୧୯୩୧ ମସିହାରେ ବରିଷ୍ଠ ଲେଖିକା ମିସ୍ କ୍ଲାରେ ସେରିଡାନ ଲେଖିଛନ୍ତି ଯେ, 'ପ୍ରାର୍ଥନା ସଭା ପରେ ପାଖାପାଖି ସକାଳ ୫ଟାରେ ଗାନ୍ଧୀ ପ୍ରାତଃଭ୍ରମଣରେ ବାହାରିଲେ। ଲଣ୍ଡନର ଥଣ୍ଡା ସତ୍ତ୍ୱେ ଆଣ୍ଠୁ ନଲୁଚିବା ଯାଏଁ ଲୁଗା ଓ ପତଳା ଚାଦରରେ ଥିଲେ ଗାନ୍ଧୀ। ଭାରି ଜୋରେ ଚାଲୁଥିଲେ ସେ। ପ୍ରଶ୍ନ ଆଳରେ ମୁଁ କିଛି ରାଜନୈତିକ କଥା ପଚାରିଲି। ଗାନ୍ଧୀଙ୍କ ଠାରୁ ଉତ୍ତର ଆସିଲା ଯେ ସେ ସତ୍ୟର ଉପାସକ। ବ୍ରିଟିଶଙ୍କୁ ଘୃଣା କରନ୍ତି ନାହିଁ; କିନ୍ତୁ ଭାରତର ସ୍ୱାଧୀନତା ପାଇଁ ଶେଷ ନିଃଶ୍ୱାସ ଯାଏଁ ସେ ଇଂରେଜଙ୍କ ବିରୁଦ୍ଧରେ ଲଢ଼ିବେ।' ସକାଳ ଚାଲିବା ବ୍ୟତୀତ ଆଶ୍ରମର ରୋଷଇରେ ସାହାଯ୍ୟ କରିବା, ଘର ସଫା ଓ ବାସନ ମାଜିବା, ପରିବା କାଟିବା, ଗହମ ପେଷିବା, ବଗିଚା କାମ ଏବଂ ଆଶ୍ରମର ପାଇଖାନା ପରିଷ୍କାର କରିବା ମଧ୍ୟ ଗାନ୍ଧୀଙ୍କ ଦିନଚର୍ଯ୍ୟାର ମହତ୍ତ୍ୱପୂର୍ଣ୍ଣ ଅଂଶ ଥିଲା। ରାମଚନ୍ଦ୍ର ଗୁହା 'ଦ ମହାତ୍ମା ଅନ୍ ମେଡିସିନ୍' (ଟେଲିଗ୍ରାଫ୍, ମେ ୧୪, ୨୦୧୬) ଶୀର୍ଷକ ଏକ ପ୍ରବନ୍ଧରେ ଲେଖିଛନ୍ତି ଯେ ଗାନ୍ଧିଜୀ ଯୋଗ ମଧ୍ୟ ଶିଖିଥିଲେ। ଗାନ୍ଧୀଙ୍କ ଦୃଷ୍ଟିରେ ବୌଦ୍ଧିକ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନେ ଶାରୀରିକ ପରିଶ୍ରମ କରିବା ଆବଶ୍ୟକ। ଏହା ବୌଦ୍ଧିକ ଗୁଣବତ୍ତାରେ ଉନ୍ନତି ଆଣିଥାଏ।

ସକାଳ ୮.୩୦ ଠାରୁ ଗାନ୍ଧୀ ନିଜ ବୌଦ୍ଧିକ ବିକାଶ ଓ ସାମାଜିକୀକରଣ ପାଇଁ ସମୟ ଦେଉଥିଲେ। ସେହି ସୂଚୀରେ ଅନ୍ତର୍ଭୁକ୍ତ ଥିଲା ଅତିଥିଙ୍କ ସହ ସାକ୍ଷାତକାର, ବହି ପଢ଼ିବା ଓ ସ୍ତମ୍ଭ ଲେଖିବା ଭଳି କାର୍ଯ୍ୟ। ଏହାର ଏକ ଘଣ୍ଟା ପରେ ଗାଧୋଇବା ପୂର୍ବରୁ ଲେମ୍ବୁରସ ସହ ଶୀତଦିନେ ସୋରିଷ ତେଲ ଓ ଖରାଦିନେ ନଡ଼ିଆ ତେଲ ଶରୀରରେ ଘଷି ହେବା ମହାତ୍ମାଙ୍କର ଅଭ୍ୟାସ ଥିଲା। ଖରା ପଡୁଥିବା ଖୋଲା ଯାଗାରେ ଉଭୟ ଗରମ ଓ ଥଣ୍ଡା ପାଣିରେ ଗାଧୋଇବା ସହ ସାବୁନ ବଦଳରେ ଏକ ଘଷା ପଥରର ବ୍ୟବହାର କରୁଥିଲେ ଗାନ୍ଧିଜୀ। ନିଶ ଓ ଦାଢ଼ି କାଟିବାରେ ସେ କୌଣସି କ୍ରିମର ବ୍ୟବହାର କରୁ ନ ଥିଲେ। ଯେହେତୁ ଗାନ୍ଧୀ ପାଇଲ୍ସ ବେମାରୀରେ ପୀଡ଼ିତ ଥିଲେ ତେଣୁ ଉଷୁମ ପାଣି ଥିବା ବାଥଟବ୍‌ରେ ବସିବା ଏକ ନିୟମିତ ଅଭ୍ୟାସ ଥିଲା। ଦିନ ୧୧ଟାରେ ଆଶ୍ରମରେ ମଧ୍ୟାହ୍ନଭୋଜନ ସମୟ ଥିଲା। ଗାନ୍ଧିଜୀଙ୍କ ଖାଦ୍ୟ ଥିଲା ମସଲା ଓ ଲୁଣ ଶୂନ୍ୟ ଶୁଦ୍ଧ ନିରାମିଷ ଓ ସାଙ୍ଗରେ ନିମ୍ବ ଚଟଣି। କିଛି ସମୟ ବିଶ୍ରାମ ପରେ ଚିଠିର ଉତ୍ତର ଲେଖିବା ଓ ଅତିଥିଙ୍କ ସହ ସାକ୍ଷାତ କରିବା ପାଇଁ ଗାନ୍ଧୀଙ୍କ ସମୟ ଆରମ୍ଭ ହେଉଥିଲା ଅପରାହ୍ନ ୧ ଟାରୁ। ଅପରାହ୍ନ ୪.୩୦ରେ ଚରଖା (ଅରଟ)ରେ ସୁତା କାଟିବା ପରେ ପ୍ରାୟ ୫ଟାରେ ଗାନ୍ଧିଜୀ ଦିନର ମୁଖ୍ୟ ଭୋଜନ ସାରି ଦେଉଥିଲେ। ଏହା ପରେପରେ ସନ୍ଧ୍ୟା ପ୍ରାର୍ଥନା ସହ ତାଙ୍କ ପାଇଁ ସଂକ୍ଷିପ୍ତ ଭାଷଣ ପାଇଁ ମଧ୍ୟ ସମୟ ରଖାଯାଇଥିଲା। ସନ୍ଧ୍ୟା ୬.୩୦ରେ ଏକ ଘଣ୍ଟା ପାଇଁ ସନ୍ଧ୍ୟା ଭ୍ରମଣ ସାରି ରାତି ୯ଟା ସୁଦ୍ଧା ଶୋଇଯାଉଥିଲେ ଗାନ୍ଧିଜୀ।

'ହେଲଥ ଲାଇଫ୍ ଅଫ୍ ମହାତ୍ମା ଗାନ୍ଧୀ' ପ୍ରବନ୍ଧରେ ଉଲ୍ଲେଖ ଅଛି ଯେ ଶୋଇବା ପୂର୍ବରୁ ମଧ୍ୟ ଗାନ୍ଧୀ ୩୦-୪୫ ମିନିଟ୍ ପର୍ଯ୍ୟନ୍ତ ଚାଲୁଥିଲେ। ସେ ଯେଉଁ ଉତ୍ତମ ସ୍ୱାସ୍ଥ୍ୟ ଉପଭୋଗ କରୁଥିଲେ ତାହା ମୁଖ୍ୟତଃ ନିରାମିଷ ଖାଦ୍ୟ ଏବଂ ଖୋଲା ବାୟୁରେ ବ୍ୟାୟାମ ଯୋଗୁଁ ସମ୍ଭବ ହୋଇପାରିଥିଲା। ଏହାବ୍ୟତୀତ ଶରୀର ଓ ଆତ୍ମାର ପରିମାର୍ଜନ ପାଇଁ ଉପବାସ ଓ ମୌନବ୍ରତରେ ବ୍ରତୀ ଥିଲେ ମହାତ୍ମା। ଏକ ଉତ୍ତମ ଜୀବନଶୈଳୀ ପାଇଁ ଭାରତୀୟଙ୍କୁ ଦୁଇଟି ସୈତାନ 'ତମାଖୁ' ଓ 'ମଦ'ଠାରୁ ଦୂରରେ ରହିବା ପାଇଁ ଗାନ୍ଧିଜୀ ଗୁରୁତ୍ୱ ଦେଉଥିଲେ। ଗାନ୍ଧୀଙ୍କ ଦିନଚର୍ଯ୍ୟାକୁ ପାଥେୟ କରି ନିରନ୍ତର ବିକାଶ ଲକ୍ଷ୍ୟ ୩.୪ (ଏସ୍‌ଡିଜି) ଅଣସଂକ୍ରାମକ ରୋଗକୁ ହ୍ରାସ ପାଇଁ ଏକ 'କାର୍ଯ୍ୟ ଯୋଜନା 'ପ୍ରସ୍ତୁତ କରିଛି। ଏହି ଯୋଜନାର ପ୍ରାଥମିକ ନିରାକରଣ ଅନୁଯାୟୀ ନିୟମିତ ଶାରୀରିକ ବ୍ୟାୟାମ, ନିଶାରୁ ମୁକ୍ତ, ଶୃଙ୍ଖଳିତ ଆଚରଣ, ମାନସିକ ଶାନ୍ତି, ଶରୀରର ଯତ୍ନ ଏବଂ ସନ୍ତୁଳିତ ନିରାମିଷ ଖାଦ୍ୟ ହିଁ ଆମକୁ ଜୀବନଶୈଳୀ ଜନିତ ରୋଗରୁ ରକ୍ଷା କରିପାରିବ। ତେଣୁ ଆସନ୍ତୁ ଏହାକୁ ଅନୁସରଣ କରିବା ଏବଂ ସୁସ୍ଥ ରହିବା।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବିତର୍କରେ ୟୁଜିସି ଚିଠା ନିୟମାବଳୀ

**ହିମାଂଶୁ ଶେଖର ମହାନ୍ତ**

ଆମ ଦେଶର ଉଚ୍ଚଶିକ୍ଷା ବ୍ୟବସ୍ଥା ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଧ୍ୟ ଦୀର୍ଘସମୟ ଧରି ବିଦେଶୀ ଢାଞ୍ଚାରେ ପରିଚାଳିତ ହେଉଥିଲା। ବର୍ତ୍ତମାନ କେନ୍ଦ୍ର ସରକାର ୟୁଜିସି ଅଧିନିୟମ-୨୦୨୫ର ଚିଠା (ଉଚ୍ଚଶିକ୍ଷାର ମାନ ବଜାୟ ଲକ୍ଷ୍ୟରେ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀଙ୍କ ସର୍ବନିମ୍ନ ଯୋଗ୍ୟତା ଏବଂ ପଦୋନ୍ନତି ନିୟମାବଳୀ-୨୦୨୫) ପ୍ରସ୍ତୁତି ଜରିଆରେ ଏଥିରେ ସଂସ୍କାର ଆଣିବାକୁ ଉଦ୍ୟମ କରୁଛନ୍ତି, ଯାହା ବିତର୍କ ସୃଷ୍ଟି କରିଛି। ଏହି ସଂଶୋଧିତ ନିୟମ ଲାଗୁ ହେଲେ ଦେଶର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ କେନ୍ଦ୍ର ନିୟନ୍ତ୍ରଣକୁ ଆସିଯିବ ବୋଲି ବିରୋଧୀ ରାଜନୈତିକ ଦଳମାନେ ଅଭିଯୋଗ କରୁଛନ୍ତି ଏବଂ ଚିଠା ପ୍ରସ୍ତାବକୁ ବିରୋଧ କରୁଛନ୍ତି। ରାଜ୍ୟପାଳମାନଙ୍କ ଦ୍ୱାରା ପରୋକ୍ଷରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ କେନ୍ଦ୍ର ସରକାର ନିଜ ନିୟନ୍ତ୍ରଣ ଜାହିର କରିବା ଏହି ଅଧିନିୟମର ଲକ୍ଷ୍ୟ ଏବଂ ଏହାଦ୍ୱାରା ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଚୟନ କିମ୍ବା ନିଯୁକ୍ତି ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଭୂମିକା ସଙ୍କୁଚିତ ହେବ ବୋଲି ମତ ପ୍ରକାଶ ପାଉଛି। ଏହାଛଡ଼ା ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଗବେଷଣା, ସହଯୋଗ ଏବଂ ଅଧ୍ୟାପକ-କର୍ମଚାରୀ ଚୟନ ଦାୟିତ୍ୱରେ ଥିବା କମିଟିଗୁଡ଼ିକର କ୍ଷମତାକୁ ମଧ୍ୟ ସଂକୁଚିତ କରି ଦିଆଯିବ ବୋଲି ଆଶଙ୍କା ପ୍ରକାଶ ପାଉଛି। ଏହି ସଂଶୋଧିତ ଅଧିନିୟମ ଲାଗୁ ହେଲେ ଉପରୋକ୍ତ ସମସ୍ତ କ୍ଷମତା କୁଳାଧିପତିଙ୍କଠାରେ (ଅର୍ଥାତ୍ ସମ୍ପୃକ୍ତ ରାଜ୍ୟର ରାଜ୍ୟପାଳ) କେନ୍ଦ୍ରିତ ହେବ। ତେବେ ନୂଆକରି ପ୍ରସ୍ତାବିତ କମିଟିରେ କୁଳାଧିପତି, ୟୁଜିସି ଅଧ୍ୟକ୍ଷ ଏବଂ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ କିମ୍ବା ସିନେଟ୍ ଦ୍ୱାରା ଚୟନ କରାଯାଇଥିବା ବ୍ୟକ୍ତିବିଶେଷ ସଦସ୍ୟ ରହିବେ। କୁଳାଧିପତି ଉକ୍ତ କମିଟି ଦ୍ୱାରା ମନୋନୀତ ତିନିରୁ ପାଞ୍ଚଟି ନାମ ମଧ୍ୟରୁ କାହାରି ଜଣଙ୍କ ନାମ କୁଳପତି ପାଇଁ ଚୟନ କରିବେ।

ଚିଠା ଅଧିନିୟମ ଅନୁଯାୟୀ ନିୟମ ପାଳନରେ




କୌଣସି ପ୍ରକାର ଉଲ୍ଲଂଘନ ହେଲେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ୟୁଜିସି ଯୋଜନାଗୁଡ଼ିକରୁ ବଞ୍ଚିତ ହୋଇପାରେ। ଏଥିସହ ୟୁଜିସି ଅଧିନିୟମ ଅନୁସାରେ ଦିଆଯାଉଥିବା ଆର୍ଥିକ ଅନୁଦାନ ଉପରେ ମଧ୍ୟ କଟକଣା ଲାଗିପାରେ। ବିଭିନ୍ନ ରାଜ୍ୟର ସ୍ଥାନୀୟ ସରକାର ଏବଂ ସମ୍ପୃକ୍ତ ରାଜ୍ୟର ରାଜ୍ୟପାଳଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତିକୁ ନେଇ ଚାଲିଥିବା ଶୀତଳ ଯୁଦ୍ଧ ପରିପ୍ରେକ୍ଷୀରେ ବର୍ତ୍ତମାନ ଏହି ଚିଠା ଅଧିନିୟମ ନୂଆ ବିତର୍କ ଓ ବିବାଦ ସୃଷ୍ଟି କରିଛି। ତାମିଲନାଡୁ ଭଳି ରାଜ୍ୟରେ ଏହି ଶୀତଳ ଯୁଦ୍ଧ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେତୃତ୍ୱ ଦାୟିତ୍ୱରୁ ବଞ୍ଚିତ କରିଛି। ତେଣୁ ସ୍ୱାଭାବିକ ଭାବରେ ଏହି ରାଜ୍ୟ ସମେତ ଅନ୍ୟମାନଙ୍କ ପକ୍ଷରୁ ମଧ୍ୟ ବିରୋଧାଭାସ ଦେଖାଦେଇଛି। ତାମିଲ୍‌ନାଡୁ ବିଧାନସଭାରେ ଏକ ପ୍ରସ୍ତାବ ପାରିତ କରି କେନ୍ଦ୍ର ଏହି ଅଧିନିୟମକୁ ପ୍ରତ୍ୟାହାର କରିବାକୁ ତାମିଲନାଡୁ ସରକାରଙ୍କ ପକ୍ଷରୁ ଦାବି ହେଉଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନଙ୍କ କହିବା କଥା ଯେ ଏହି ଅଧିନିୟମ କେବଳ ସମ୍ବିଧାନରେ ନିହିତ ମୂଳ ସଂଘୀୟ ସିଦ୍ଧାନ୍ତକୁ ବିରୋଧ କରୁ ନାହିଁ ଅଧିକନ୍ତୁ ଉଚ୍ଚଶିକ୍ଷା ବ୍ୟବସ୍ଥା ପ୍ରତି ମଧ୍ୟ ଏକ ସତର୍କ ଘଣ୍ଟି ପାଲଟିବ। କେରଳ ମୁଖ୍ୟମନ୍ତ୍ରୀ ପି ବିଜୟନ୍‌ଙ୍କ ସମେତ ଏଆଇଏଡିଏମ୍‌କେ ଓ ସିପିଆଇ(ଏମ୍) ମଧ୍ୟ ଷ୍ଟାଲିନଙ୍କୁ ସମର୍ଥନ କରିଛନ୍ତି।

ଅଣଶିକ୍ଷାବିତ୍‌ଙ୍କୁ କୁଳପତି ପଦରେ ନିଯୁକ୍ତି ଆଶଙ୍କାକୁ ନେଇ ମଧ୍ୟ ବିତର୍କ ସୃଷ୍ଟି ହୋଇଛି। କାରଣ ଚିଠା ଅଧିନିୟମ ଅନୁଯାୟୀ କୁଳପତି ଭଳି ମହତ୍ତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ହେବା ପାଇଁ ଶିଳ୍ପ ଜଗତ, ସାଧାରଣ ପ୍ରଶାସନ ଏବଂ ସେହିପରି ସର୍ବସାଧାରଣ କ୍ଷେତ୍ରର ବରିଷ୍ଠ ପଦପଦବୀରେ ଅତିକମ୍‌ରେ ୧୦ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ସମ୍ପୃକ୍ତ ଅଧିକାରୀଙ୍କ ବିଗତ କାର୍ଯ୍ୟକାଳର ପାରଦର୍ଶୀ ଓ ପ୍ରଦର୍ଶନ ରିପୋର୍ଟ ମଧ୍ୟ ସନ୍ତୋଷଜନକ ଥିବା ବିଧେୟ। ବିରୋଧୀ ରାଜନୈତିକ ଦଳମାନେ ଆଶଙ୍କା କରୁଛନ୍ତି ଯେ ହୁଏତ କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ତଥା ବିଶ୍ୱସ୍ତମାନଙ୍କୁ କୁଳପତି ପଦରେ ନିଯୁକ୍ତି ଦେବାକୁ ଏଭଳି ଯୋଜନା ପ୍ରସ୍ତୁତ କରୁଛି। ତେବେ ସେମାନେ ଏ ଅଭିଯୋଗ ଉଠାଇବା ସମୟରେ ହୁଏତ ଭୁଲିଯାଉଛନ୍ତି ଯେ, ପୂର୍ବତନ ରାଷ୍ଟ୍ରପତି କେ. ଆର୍. ନାରାୟଣନ୍ ଏବଂ ବୈଜ୍ଞାନିକ ୱାଇ. ନାଇଡୁମ୍ମାଙ୍କ ପରି ଅଣଶିକ୍ଷାବିତ୍‌ମାନେ ମଧ୍ୟ ଅତୀତରେ ବିଶ୍ୱବିଦ୍ୟାଳୟ କୁଳପତି ପଦ ମଣ୍ଡନ କରିଛନ୍ତି ଏବଂ ସେମାନଙ୍କ ଅଭିଜ୍ଞତାରୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟ ଆଶାତୀତ ଲାଭ ପାଇପାରିଛି। ଏହାଛଡ଼ା ବିରୋଧୀ କେନ୍ଦ୍ରକୁ ଯେଉଁକଥାଟି ପାଇଁ ପ୍ରଶଂସା କରିଛନ୍ତି, ତାହା ହେଲା କୁଳପତିଙ୍କ କାର୍ଯ୍ୟକାଳକୁ ୩ ବର୍ଷରୁ ବଢ଼ାଇ ୫ ବର୍ଷ କରାଯିବା।

ତେବେ ସମ୍ପ୍ରତି ୟୁଜିସି ଏହି ଚିଠା ନିୟମାବଳୀରେ ଥିବା ସଂଘୀୟ ଢାଞ୍ଚାର ବିରୋଧୀ ଧାରାଗୁଡ଼ିକୁ ଅପସାରଣ କରିବା ସହ ଏ ସମ୍ପର୍କିତ ଆଶଙ୍କାକୁ ଦୂର କରିବା ହିଁ ସମସ୍ତଙ୍କ ପାଇଁ ମଙ୍ଗଳଦାୟକ ହେବ। ଦୀର୍ଘମିଆଦୀ ସୂତ୍ରରେ ବିଶ୍ୱବିଦ୍ୟାଳୟ ପ୍ରଶାସନରେ କେବଳ ଆର୍ଥିକ ନେଣଦେଣକୁ ଛାଡ଼ି ସରକାରଙ୍କର ଅନ୍ୟ କୌଣସି ଭୂମିକାକୁ ଗୌଣ କରିବା ନେଇ ବିରୋଧୀ ଦୀର୍ଘଦିନରୁ ଦାବି କରୁଛନ୍ତି। ଏହା ମଧ୍ୟ ଚିଠା ଅଧିନିୟମରେ ସ୍ଥାନ ପାଇବା ଆବଶ୍ୟକ।

ଯଶିପୁର(ମୟୂରଭଞ୍ଜ), ମୋ: ୯୪୩୭୮୭୨୯୦୪

# ଉପେନ୍ଦ୍ର ଭଞ୍ଜଙ୍କ କବି-ଆତ୍ମାରେ ସାଙ୍ଗୀତିକ ଐଶ୍ୱର୍ଯ୍ୟ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ଉଚ୍ଚକୋଟୀର କବିଆତ୍ମା ସାଙ୍ଗୀତିକ ଐଶ୍ୱର୍ଯ୍ୟରେ ହୋଇପାରେ କିପରି ପରିପୂର୍ଣ୍ଣ, ତାହାର ବଳିଷ୍ଠ ଦୃଷ୍ଟାନ୍ତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବ୍ୟତୀତ ଆଉ କିଏ ବା ହୋଇ ପାରନ୍ତି! ତାଙ୍କ କାବ୍ୟର ବିଷୟ ବିନ୍ୟାସ, କାବ୍ୟଶୈଳୀର ଅନୁପମତ୍ୱ, ସୁଗଭୀର ପାଣ୍ଡିତ୍ୟ, ଶବ୍ଦ ପ୍ରୟୋଗର ଅପୂର୍ବ ଚାତୁର୍ଯ୍ୟ - ଏସବୁଠାରୁ ଅଧିକ ହୃଦୟସ୍ପର୍ଶୀ ହେଉଛି ସାଙ୍ଗୀତିକ ମାଧୁର୍ଯ୍ୟର ଅସାମାନ୍ୟ ମୂର୍ଚ୍ଛନା। ଉତ୍କଳମଣି ଗୋପବନ୍ଧୁ ଦାସ ଉପେନ୍ଦ୍ରଙ୍କ ସମ୍ପର୍କରେ ରଚନା କରିଥିବା ପଦଟି କାହା ହୃଦୟକୁ ଅବା ବିଗଳିତ ନ କରିଛି! - **'ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ, ପଥେ ପାନ୍ଥ ହୃଷ୍ଟମନା / ବିଲେ ଗାଏ ଚଷା ଅନ୍ତଃପୁରେ ଯୋଷା, ନୃତ୍ୟରଙ୍ଗେ ବାରାଙ୍ଗନା।'**

ତତ୍କାଳୀନ ରସାଗ୍ରହୀ ପାଠକ ସମାଜକୁ ସବୁଠାରୁ ଅଧିକ ଆକୃଷ୍ଟ ଓ ଅଭିଭୂତ କରିଦେଇଥିଲା ଉପେନ୍ଦ୍ର ସଙ୍ଗୀତର ଯାଦୁକରୀ ମୂର୍ଚ୍ଛନା। ଆଜିପର୍ଯ୍ୟନ୍ତ ତାଙ୍କ କାବ୍ୟରେ ପ୍ରଯୁକ୍ତ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କରର ଅନୁସନ୍ଧାନ କରାଯାଇଛି; ମାତ୍ର ବିନୀତ ଆତ୍ମାର ଓଜଲ୍ୟ ତାଙ୍କ କାବ୍ୟାବଳୀକୁ କିପରି ପ୍ରଦାନ କରିଛି ଏକନିଷ୍ଠ ପ୍ରେମାନୁରାଗ ଓ ସୌନ୍ଦର୍ଯ୍ୟ ପରିପ୍ରକାଶର ଶକ୍ତି - ତାହା ଅଭିନବ ଦୃଷ୍ଟିରୁ ପୁନଃମୂଲ୍ୟାଙ୍କିତ ହେବାର ରହିଛି ପ୍ରୟୋଜନ।

ଉପେନ୍ଦ୍ରଙ୍କ ରଚିତ ପଦାବଳୀର ଭାବାର୍ଥ ବୁଝି ପାରୁ ନ ଥିବା ପାଠକ ଗୋଷ୍ଠୀ ମଧ୍ୟ ଭାବାଚ୍ଛନ୍ନ ହୋଇ ଯାଆନ୍ତି ଭଞ୍ଜୀୟ ସଙ୍ଗୀତର ଅନୁରଣନରେ। ଯେଉଁଠି ରହିଛି ପାରସ୍ପରିକ ଆତ୍ମୀୟତାର ସ୍ଫୂର୍ତ୍ତି, ରହିଛି ବେଦନାବିଧୂର ପ୍ରାଣର ଉଚ୍ଛ୍ୱାସ ତାହା ଦରଦୀ ପ୍ରାଣକୁ ଭେଦ କରି ରଖିଛି ଆଜିପର୍ଯ୍ୟନ୍ତ। ବୈଦେହୀଶ ବିଳାସରେ ପୂର୍ବସୂରୀଙ୍କ ପ୍ରତି ତାଙ୍କ କୃତଜ୍ଞତା କି ମାର୍ମିକ ସତେ! କେତେ ଯେ କାବ୍ୟ ରଚନା ସେ କରିଯାଇଛନ୍ତି ସମଗ୍ର ଜୀବନ-ବ୍ୟାପୀ! ତେବେ ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ରସିକ ହାରାବଳୀ, ପ୍ରେମ ସୁଧାନିଧି ଆଦି କାବ୍ୟ ଲାଭ କରିଛି ଅନନ୍ୟ ଖ୍ୟାତି। ପ୍ରେମସୁଧାନିଧିର ଚିଟାଉ ଛାନ୍ଦଟି ଏବେ ସୁଦ୍ଧା ତା'ର ମାନବିକ ଆବେଦନ ଦ୍ୱାରା ଯେକୌଣସି ତରୁଣ ହୃଦୟକୁ ମନ୍ଥିତ କରିଦେଇପାରେ। ସେ ସମୟରେ ପରକୀୟା ପ୍ରୀତି ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ହେତୁ ସେ ସ୍ୱକୀୟା ପ୍ରୀତିର ପ୍ରତିଷ୍ଠା ସକାଶେ ଥିଲେ ସଂକଳ୍ପବଦ୍ଧ ବୋଲି କୁହାଯାଏ। ପରକୀୟା ହେଉ କି ସ୍ୱକୀୟା, ଯେଉଁଠି ତ୍ୟାଗ ନାହିଁ, ସେଠି ପ୍ରୀତିଭାବ ଅର୍ଥହୀନ ଏହା ଉପଲବ୍ଧି କରିହୁଏ ଉପେନ୍ଦ୍ର-କାବ୍ୟ ଆଧାରରେ।

ସୁଦୀର୍ଘ ଦୁଇଶହ ବର୍ଷବ୍ୟାପୀ ତାଙ୍କ କାବ୍ୟ-ଆଖ୍ୟାନ ଯେଉଁ ଚିତ୍ତରଞ୍ଜନର ଓ ଶୃଙ୍ଖଳିତ ଜୀବନଯାପନର ମହାର୍ଘ ସନ୍ଦେଶ ଓଡ଼ିଶାବାସୀଙ୍କୁ ଦେଇ ଆସିଛି, ତାହାର କ'ଣ ତୁଳନା ଅଛି? ଗାଁ ଗାଁରେ ପାଲା କଳାକାରମାନଙ୍କ ଲଳିତ କଣ୍ଠରୁ ତାଙ୍କ ରଚନା ଝରିଆସିଛି ଯେଉଁ ଆବେଗ-କମ୍ପିତ ଗିରିନିର୍ଝର ପରି, ତା'କୁ ଉପଭୋଗ କରି ଆସିଛନ୍ତି ଲକ୍ଷାଧିକ ବିଦଗ୍ଧ ଶ୍ରୋତା ଏବଂ ଦର୍ଶକ ଆଶ୍ଚର୍ଯ୍ୟଜନକ ଉତ୍ସାହ ଓ ଉତ୍କଣ୍ଠା ନେଇ। ଆଧୁନିକତାର ପ୍ରଭାବରେ କ୍ରମଶଃ ଓଡ଼ିଆ କବିତାରୁ ଯେ ହଜିଗଲା ସାଂଗୀତିକପ୍ରାଣ-ପ୍ରାଚୁର୍ଯ୍ୟ ସେଥିରେ ଏବେ ବି କାବ୍ୟାନୁରାଗୀ ଜନସାଧାରଣଙ୍କ ମନରେ ଭରି ରହିଛି ଗଭୀର ବ୍ୟଥା। କାବ୍ୟ କବିତା ଲୋକ-ଚିତ୍ତକୁ ଉଦବେଳିତ କରିବା ପାଇଁ ଯେଉଁ ମାଧ୍ୟମ ହେଉଛି ସବୁଠାରୁ ଶକ୍ତିଶାଳୀ ତାହା ଯେ ସଙ୍ଗୀତର ଧ୍ୱନି, ଏହା କହିବା ନିଷ୍ପ୍ରୟୋଜନ। ଆଜି ବି ବହୁ ଆଶାୟୀ ପାଠକ ପଚାରନ୍ତି - ଆଉ କ'ଣ ଓଡ଼ିଆ ସାହିତ୍ୟ ଜଗତକୁ ସଙ୍ଗୀତର ଦେବୀ-ସତ୍ତା ଅବତରଣ କରିବେ ନାହିଁ?

ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ ଯେ, ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସକର ଥରେ କହିଲେ, 'ସେ ନିଜେ ଗାନ କରିଥିବା ପୁରୁଣା ଗୀତ ଭୁଲିପାରି ନାହାନ୍ତି। ଅପରପକ୍ଷରେ ନୂତନ ଗୀତ ଗାନ କରି ସାରିବା ପରେ ସେ ଅବିଳମ୍ବେ ତାହା ବିସ୍ମରି ଯାଆନ୍ତି।' ସଙ୍ଗୀତଠାରୁ ବିଚ୍ୟୁତ ହୋଇଯାଇ କବିତା କରେ ଆର୍ତ୍ତ ବିଳାପ ଦରଦୀ ଶ୍ରୋତା ବା ପାଠକର ଆତ୍ମାକୁ ପ୍ରବେଶ କରି ନ ପାରି। କବିତାର ରାଜ୍ୟରେ ଯୁଗକୁ ଯୁଗ ପରିବର୍ତ୍ତନ ଘଟିବା ସ୍ୱାଭାବିକ। କିନ୍ତୁ ଏହି ପରିବର୍ତ୍ତନ ଯେ ସଙ୍ଗୀତ-ଶୂନ୍ୟ ହେବା ନିତାନ୍ତ ପ୍ରୟୋଜନ, ତାହା କଦାପି ସର୍ବସମର୍ଥିତ ବିଷୟ ହୋଇ ନ ପାରେ। ଉପେନ୍ଦ୍ରଙ୍କ ସାଧନାମଗ୍ନ ଜୀବନ ଉଦ୍ଦେଶ୍ୟରେ ଗଭୀର ଭକ୍ତିପୂତ ପ୍ରଣାମ ଜଣାଇବା ଅବକାଶରେ ମନରେ ଉତ୍‌ଥାପିତ ହୁଏ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ଯେ, ଆଧୁନିକତାର ପ୍ରକୃତ ଅର୍ଥ କ'ଣ? ସଙ୍ଗୀତ-ବିଚ୍ୟୁତି ନା ସଙ୍ଗୀତ-ସଙ୍ଗତି?

**'ବଢ଼ାଇ ଦେଲେ ପୟର ଭାବଗ୍ରାହୀ ରଘୁବୀର'** - ସ୍ମରଣ କରିଦେବା ମାତ୍ରକେ ଆଖି ଓଦା ହୋଇଯାଏ। ସେଇଥିପାଇଁ ତ କବି କହିଛନ୍ତି - **ପଦ ସରଳ ଧ୍ୱନିରେ ମାନସ ମୋହିବ, ଅର୍ଥୀଜନ ପ୍ରବରକୁ ଆନନ୍ଦ କରିବ।**

ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ମାର୍ଚ୍ଚ ୧୦ରୁ କଣ୍ଟାବାଞ୍ଜି ମାଟିର ମହୋତ୍ସବ

# ଗଠନ ହେଲା କାର୍ଯ୍ୟକାରିଣୀ କମିଟି

**କଣ୍ଟାବାଞ୍ଜି, ୧୫ ।୧(ସମିସ):** ଆସନ୍ତା ମାର୍ଚ୍ଚ ୧୦ରୁ ଆରମ୍ଭ ହେବ କଣ୍ଟାବାଞ୍ଜି ମାଟିର ମହୋତ୍ସବ ବୋଲି ଆୟୋଜକ କମିଟି ସ୍ଥିରକୃତ କରିଛି । ଉତ୍ସବ ମାର୍ଚ୍ଚ ୧୦, ୧୧, ୧୨ ତିନି ପର୍ଯ୍ୟନ୍ତ ଚାଲିବ । ତେବେ ଏନେଇ ଆବାହକ ପୁଷ୍ପକେତୁ ବେହାରାଙ୍କ ନେତୃତ୍ୱରେ କଣ୍ଟାବାଞ୍ଜିସ୍ଥିତ ହରିଭବନ ଠାରେ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । କଣ୍ଟାବାଞ୍ଜି ମାଟିର ମହୋତ୍ସବ କାର୍ଯ୍ୟକ୍ରମରେ କମିଟିର ଅଧ୍ୟକ୍ଷ ଭାବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ନା ଘୋଷଣା କରାଯାଇ ଥିବା ବେଳେ ସଭିପତି ଭାବେ ଆଇନଜୀବୀ ବ୍ରଜଶ୍ୟାମ ଗୁରୁ, ସାଧାରଣ ସମ୍ପାଦକ ଭାବେ ଆଇନଜୀବୀ ମନୋଜ ଦାସଙ୍କୁ ଚୟନ କରାଯାଇଛି । ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ବିରଞ୍ଚି ନାରାୟଣ ଦାସ, ଉପ ସଭାପ୍ତି ସଞ୍ଜୟ ଗାନ୍ଧୀ, ନିଶିକାନ୍ତ ମହାପାତ୍ର, ସନ୍ତୋଷ ଅଗ୍ରବାଲ, କୈଳାଶ ଦିପ, ସହସମ୍ପାଦକ ଭାବେ ତୁଳସୀରାମ ଜଗତ, ଦିନେଶ ମହାନନ୍ଦ, ଆଶିଷ ବଦ୍ରୀ, ରାଜେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ବେଦବ୍ୟାସ ନାଗ, ସହକୋଷାଧ୍ୟକ୍ଷ ଯୁଗଳ କିଶୋର ଶବର, ଆଇନ ପରାମର୍ଶ ଦାତା ବିବେକ ଶର୍ମା, ପ୍ରଚାରକ ରୋହନ କୁମାର ମହତ, ସାଂସ୍କୃତିକ ସମ୍ପାଦକ ଅମରରେନ୍ଦ୍ର ବାଗ, ସହ ସମ୍ପାଦକ ରଶ୍ମିରଞ୍ଜନ ପୁଟେଲ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକରିଣୀ ସଦସ୍ୟ ଭାବେ କିଶୋର ମଜଖଣ୍ଡ, ଇକୁ ବେହେରା, ନାଗେଶ୍ୱର ଦିପ, ରାଜୁ ବାରିକ, ପ୍ରମାନନ୍ଦ ପୁଟେଲ, ଛୋଟୁ ବେହେରା, ଇଲୁ ନାଗ, ଶୋଭିତ ତାଣ୍ଡି, ଅଶୋକ କୁମାର, ସତ୍ୟନାରାୟଣ ଅଗ୍ରୱାଲ, ସେହେବାଜ ଖାନ, ସୋନୁ ସତପଥୀ, ପ୍ରଦୀପ ବାଘା, ସୁରୁ ଦୀପ, ଭଣ୍ଡାରୀ ପୁଟେଲ, ବିଟୁ ସଂଘା, ରାଜୁ ଚାବାଲା, ଶ୍ରୀପତି ସୁନା, ବାବୁ ବାଗ, ପ୍ରମୋଦ ବେହେରା, ଉମାକାନ୍ତ ମହାନନ୍ଦ, ସଚିନ ବିଭାର, ସୋମନାଥ ସାହୁ, ବିମଳ ହାତୀଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚୟନ କରାଯାଇଛି । ଶତାଧିକ ପ୍ରମୁଖ ବ୍ୟକ୍ତି ବିଶେଷ ବୈଠକରେ ଉପସ୍ଥିତ ଥିଲେ ।




# ‘ଘୁମୁରା’ରେ ଦକ୍ଷତା ଦେଖାଇଲେ ମହିଳା







**ଭବାନୀପାଟଣା, ୧୫ ।୧(ସମିସ)**

୨୭ତମ କଳାହାଣ୍ଡି ଉତ୍ସବ ଅବସରରେ ମହିଳା ଉପ ସମିତି ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ମୁଖ୍ୟ ଅତିଥି ଭାବେ ସିଆରପିଏଫ ୬୪ ବାଟାଲିୟନର ଦୁର୍ଗପତି ପଙ୍କଜ ଚୌଧୁରୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଦୁର୍ଗପତି ପ୍ରଶାନ୍ତ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଚେତା ପାଣି, ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ମିଶନଶକ୍ତିର ସୁମନ ଦ୍ୱିବେଦୀ, କାର୍ଯ୍ୟକ୍ରମ ଅଧିକାରୀ ସୁଚିତ୍ରା ମହାପାତ୍ର, ମନୀଷା ପ୍ରିୟମ୍ବଦା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ମହିଳା ଉପସମିତିର ଅଧ୍ୟକ୍ଷା ଜ୍ୟୋତିରାଣୀ ଦାସଙ୍କ ଅଧ୍ୟକ୍ଷତାରେ ତଥା ସଦସ୍ୟ ସ୍ନେହଲତା ଷଡ଼ଙ୍ଗୀ, ମିନତୀ ପ୍ରଧାନ, ସୁକାନ୍ତି ସରାଫଙ୍କ ତତ୍ତ୍ୱାବଧାନରେ ମହିଳାମାନଙ୍କ ମଧ୍ୟରେ ଝୋଟି, କଳାହାଣ୍ଡିଆ ପାରମ୍ପରିକ ବେଶ ପୋଷାକ, ଏକକ ଅଭିନୟ, ବକ୍ତୃତା, ଶଙ୍ଖ ଫୁଙ୍କା, ହୁଳହୁଳି, ଅନ୍ଧପୁଟୁଳି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ଅବସରରେ ଝୋଟିରେ ଜୟନ୍ତୀ ସିଂହ, ତପସ୍ୱିନୀ ଦଳେଇ, ନିରୁପମା ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଇପ୍ସିତା ପଣ୍ଡା, ମିନତୀ ବେହେରା, ମନୀଷା ପ୍ରିୟମ୍ବଦା ବେହେରା ବିଚାରକ ଦାୟିତ୍ୱ ତୁଲାଇଥିଲେ । କଳାହାଣ୍ଡିଆ ପାରମ୍ପରିକ ବେଶ ପୋଷାକରେ ପ୍ରିୟଦର୍ଶିନୀ ବିଶୋଇ, ମିନତୀ ପ୍ରଧାନ, ପିହୁ ପଟ୍ଟନାୟକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଚାରୁ ଷଡ଼ଙ୍ଗୀ, ନମିତା ମିଶ୍ର, ମିନତୀ ବେହେରା ବିଚାରକ ଦାୟିତ୍ୱ ତୁଲାଇଥିଲେ । ଏକକ ଅଭିନୟରେ ନିବେଦିତା ମହାନ୍ତି, ପ୍ରିୟଦର୍ଶିନୀ ବିଶୋଇ ଓ ମିନତୀ ପ୍ରଧାନ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସ୍ୱର୍ଣ୍ଣକାନ୍ତି ବୈକାର, ପୁଷ୍ପାଞ୍ଜଳି ଦୀପ ଓ ଉମାଶଙ୍କରି ପାଲ ବିଚାରକ ଦାୟିତ୍ୱ ତୁଲାଇଥିଲେ । ବକ୍ତୃତା ପ୍ରତିଯୋଗିତାରେ ପ୍ରିୟଦର୍ଶିନୀ ବିଶୋଇ, ମିନତୀ ପ୍ରଧାନ, ସରିତା ରଥ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ନୂତନ ପାଟଯୋଶୀ ଛନ୍ଦିତା ଦାଶ, ମମତା ତ୍ରିପାଠୀ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଶଙ୍ଖଫୁଙ୍କାରେ ଗୀତାଞ୍ଜଳି ପତି, ଶଙ୍ଖଶିନୀ ମୁଣ୍ଡ ଓ ସୁନୀତା ସାହା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ହୁଳହୁଳି ପ୍ରତିଯୋଗିତାରେ ସୁବାସିନୀ ପାତ୍ର, କବିତା ସାହୁ, ନିବେଦିତା ମହାନ୍ତି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଭୟ ପ୍ରତିଯୋଗିତାରେ ବିଚାରକ ଭାବେ ରାଜେଶ୍ୱରୀ ଜୟରାଜ, ଜାହ୍ନବୀ ସାହୁ, ମନସା ଦାସ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ସେହିପରି ଅନ୍ଧପୁଟୁଳି ପ୍ରତିଯୋଗିତାରେ ଆରକୁଲି ସୁନା ପ୍ରଥମ ଓ ସ୍ନେହଲତା ପରିଡ଼ା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ବିଚାରକ ଭାବେ ମମତା ତ୍ରିପାଠୀ, ମିନତୀ ବେହେରା ଦାୟିତ୍ୱ ତୁଲାଇଥିଲେ । ସେହିପରି ମହିଳାଙ୍କ ଦ୍ୱାରା ବୈଶାଖୀ ନୃତ୍ୟ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା ।

## ବାଇକ୍‌ରୁ ଖସି ହୋମଗାର୍ଡ ଗୁରୁତର

**ଧର୍ମଗଡ଼, ୧୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଖମାର ହଳଦୀ ବ୍ରିଜ ନିକଟରେ ବାଇକରୁ ଖସି ଜଣେ ହୋମଗାର୍ଡ ଗୁରୁତର ହୋଇଛନ୍ତି । ଗୁରୁତର ହୋମଗାର୍ଡ ଜଣକ ହେଲେ କେଗାଁର ଭକ୍ତରାମ ଧଙ୍ଗଡ଼ାମାଝୀ । ସେ ଗୋଲାମୁଣ୍ଡା ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ । ଭକ୍ତରାମ ଧର୍ମଗଡ଼ରେ ଅନୁଷ୍ଠିତ କଳାହାଣ୍ଡି ଉତ୍ସବକୁ ଡ୍ୟୁଟି କରିବା ପାଇଁ ଆସୁଥିବା ବେଳେ ଖମାର ହଳଦୀ ବ୍ରିଜ ନିକଟରେ ଭାରସାମ୍ୟ ହରାଇ ବାଇକରୁ ଖସି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥଲା । ସେଠାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ।

## ଅଖିଳ ଭାରତୀୟ ଛାତ୍ର ସଂଘର ରାଜ୍ୟସ୍ତରୀୟ ଶିକ୍ଷା ଶିବିର

**ଜୁନାଗଡ଼, ୧୫ ।୧(ସମିସ):** ଜୁନାଗଡ଼ସ୍ଥିତ ସଂସ୍କୃତି ଭବନରେ ଏଆଇଏସଏଫ ତରଫରୁ ୫ଦିନିଆ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଏଆଇଏସଏଫର ପୂର୍ବତନ ସମ୍ପାଦକ ସଞ୍ଜୀବ ଦାସ ଉଦ୍‌ଘାଟନ କରିଥିଲେ । ଶିବିରରେ ଦେଶ ବିଦେଶରୁ ଶିକ୍ଷାବିତମାନେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଶିବିରାର୍ଥୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ କରିଥିଲେ । ଶିକ୍ଷାବିତ ଅମୀୟ ମହାନ୍ତି, ଦାମୋଦର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏଆଇଏସଏଫର ଓଡ଼ିଶା ରାଜ୍ୟ ସଭା ନେତ୍ରୀ ସଂଘମିତ୍ରା ଜେନା, ସାଧାରଣ ସମ୍ପାଦକ କାହ୍ନୁଚରଣ ପରିଡ଼ା, ଉପସଭାପତି ରାଜାରାମ ଡଙ୍ଗରି, ଦେବପ୍ରିୟ ପଣ୍ଡା, ଶୁଭ୍ରାରାଣୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଦାମୋଦର ବେହେରା, ଅକ୍ଷୟ ମେହେର, ସଞ୍ଜୀବ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ଭବାନୀପାଟଣା, ୧୫ ।୧(ସମିସ):** ଭବାନୀପାଟଣାସ୍ଥିତ ବିକାଶ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପସିଂ ରାଉତ, ଟ୍ରାଫିକ ଇନ୍ସପେକ୍ଟର ମିଥୁନ ପ୍ରଧାନ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## କୋଷାବରାରେ ମାଳି ଚଗା ଉତ୍ସବ

**ଥୁଆମୂଳ ରାମପୁର, ୧୫ ।୧(ସମିସ):** ମାଳି ଚଗା ଏବଂ ରାଜାରାଣୀ ଝାମୁ ଯାତ୍ରା ସହ ଆଦିବାସୀଙ୍କ ପୌଷ ପର୍ବ ଶେଷ ହୋଇଛି । ବୁଧବାର ଥୁଆମୂଳ ରାମପୁର ବ୍ଲକ ହେଲୋ ପଏଣ୍ଟଠାରେ ରାଜାରାଣୀ ଝାମୁଯାତ୍ରା ଏବଂ ମାଳିଚଗା ସହିତ ସମ୍ପନ୍ନ ହୋଇଛି । ଏହି ଅବସରରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## କଣ୍ଠେଶ୍ୱର ବାବା କୁମୁଦି ବଙ୍ଗରରେ ମକର ମେଳା

**କେସିଙ୍ଗା, ୧୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧୀନ ଗୋକୁଲେଶ୍ୱର ଏବଂ କେରୋକୁଡା ଗ୍ରାମର ଜନସାଧାରଣଙ୍କ ମିଳିତ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ବାବା କୁମୁଦି ବଙ୍ଗର ମନ୍ଦିରରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଖପାଖ ଅଞ୍ଚଳର ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲା । ୨ ଦିନ ଧରି ଆୟୋଜିତ ଏହି ମକରମେଳାରେ ଭଜନ, କୀର୍ତ୍ତନ ହୋଇଥିଲା ।

## ହିତାଧିକାରୀଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା



**ଭବାନୀପାଟଣା, ୧୫ ।୧(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୮୦ ବର୍ଷରୁ ଅଧିକ ଏବଂ ୮୦ ପ୍ରତିଶତ ବା ତାହାଠାରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି । ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟଯୋଶୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ପ୍ରଭାତ ପରିଡ଼ା, ଧର୍ମଗଡ଼ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବାରିକ ଯୋଗ ଦେଇଥିେ । କଳାହାଣ୍ଡି ଜିଲ୍ଲାର ୧୩୯୪୪ ଜଣ ହିତାଧିକାରୀ ଏହି ଯୋଜନାରେ ଲାଭାନ୍ୱିତ ହେବେ । ଏଣିକି ସେମାନେ ମାସିକ ୩୫୦୦ ଟଙ୍କା ଲେଖା ଭତ୍ତା ପାଇବେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କଳାହାଣ୍ଡି ଜିଲ୍ଲାର ୩୦୦ ହିତାଧିକାରୀ ଯୋଗ ଦେଇଥିଲେ ।

## ସେଁପୁର ଶିଶୁବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ଭବାନୀପାଟଣା/ବୋର୍ଡା, ୧୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ସେଁପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସାଂସଦ ମାଳବିକା ଦେବୀ ମୁଖ୍ୟଅତିଥି ଓ ଡମ୍ବରୁଧର କର୍ମି ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ । ପରିଚାଳନା କମିଟି ସଭାପତି ଭିକାରି ଚରଣ ସାହୁ ସଭାପତିତ୍ୱ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଟିକଦେବ ସାହୁ ଅତିଥି ପରିଚୟ ଦେବା ସହ ବାର୍ଷିକ ବିବରଣୀ ପଠନ କରିଥିଲେ । ସମ୍ପାଦକ ରାଜେଶ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଜନାର୍ଦ୍ଦନ ବାଗ ମଞ୍ଚ ପରିଚାଳନା କରିଥିଲେ । ପରିଚାଳନା ସମିତି କୋଷାଧ୍ୟକ୍ଷ ମକରଧ୍ୱଜ ସାହୁ, ଯୁଗ୍ମ ସମ୍ପାଦିକା ପପିତା ମାହାର, ଉପସଭାପତି ବାଞ୍ଛାନିଧି ମିଶ୍ର, ସଦସ୍ୟ ପ୍ରମାଦ ସାହୁ, ସଦସ୍ୟା ନୁପୁର ସାହୁ, ପୂର୍ବତନ ସମ୍ପାଦକ ବିଭୀଷଣ ସାହୁ ଓ ନରେଶ ସାହୁ ଉପସ୍ଥିତ ଥିଲେ ।



କଳାହାଣ୍ଡି ଉତ୍ସବ ‘ଘୁମୁରା’ ଅବସରରେ କେସିଙ୍ଗା ବ୍ଲକର ପ୍ରସିଦ୍ଧ ମା’ ଯୋଗମାୟା ଶକ୍ତି ପୀଠରୁ ବାହାରିଥିବା ମଶାଲ ଶୋଭାଯାତ୍ରା

## ଛାତ୍ରଛାତ୍ରୀଙ୍କ ସୋଲାର ପ୍ଲାଣ୍ଟ ପରିଦର୍ଶନ




**ଶଗଡ଼ା, ୧୫ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠର ଏନାର୍ଜି କ୍ଲବର ଛାତ୍ରଛାତ୍ରୀ କଣ୍ଟାମାଳ ବ୍ଲକ ମନମୁଣ୍ଡା ନିକଟ ଗୋହିପିଟାସ୍ଥିତ ସୋଲାର ପ୍ଲାଣ୍ଟକ ପରିଦର୍ଶନ କରିଛନ୍ତି । ଶିକ୍ଷକ ଗୌରୀ ଶଙ୍କର ପୁଜାହାରୀଙ୍କ ତତ୍ତ୍ୱାବଧାନରେ ୧୫ଜଣ ଛାତ୍ରଛାତ୍ରୀ ସୋଲାର ପ୍ଲାଣ୍ଟ ପରିଦର୍ଶନ କରିଥିଲେ । ସୋଲାର ପ୍ଲାଣ୍ଟର ମ୍ୟାନେଜର ଜୟକୃଷ୍ଣ ଦାଶ ଛାତ୍ରଛାତ୍ରୀଙ୍କୁ ପ୍ଲାଣ୍ଟର ବିଭିନ୍ନ ୟୁନିଟ୍ ବୁଲାଇ ଥିଲେ । ସୌରଶକ୍ତିରୁ ବିଦ୍ୟୁତ ଶକ୍ତି ରୂପାନ୍ତରଣ, ବିଦ୍ୟୁତ ଯୋଗାଣ ସମ୍ପର୍କରେ ସେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ ।

ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ ‘ଘୁମୁରା-୨୦୨୫’ ଉଦ୍‌ଘାଟିତ

# କଳାହାଣ୍ଡି ସଂସ୍କୃତିର ଜୟଗାନ

**ଧର୍ମଗଡ଼, ୧୫ ।୧(ସମିସ)**

ଧର୍ମଗଡ଼ରେ ବୁଧବାର କଳାହାଣ୍ଡି କଳା, ସଂସ୍କୃତିର ଉତ୍ସବ କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୫ ଉଦ୍‌ଘାଟିତ ହୋଇଛି । ପ୍ରଥମେ ମାଁ ଭଣ୍ଡାରଘରଣୀଙ୍କ ମନ୍ଦିରରୁ ମାଙ୍କ କଳସ ବିରାଟ ପଟୁଆର ବାହାରି ସହର ପରିକ୍ରମା କରିଥିଲା । ଉତ୍ସବ ପଡ଼ିଆକୁ ଆସିବା ପରେ ମଞ୍ଚରେ ସ୍ଥାପିତ କରାଯାଇଥିଲା । କଳାହାଣ୍ଡି ଉତ୍ସବ ଘୁମୁରା ଅଧ୍ୟକ୍ଷ ଧୀମାନ ଚକମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରି, ମୁଖ୍ୟବକ୍ତା ଭାବେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ପଟଯୋଶୀ, ଜିଲ୍ଲା ପୁଲିସ ଅଧିକ୍ଷକ ଅଭିଲାସ ଜି ପ୍ରମୁଖ ଯୋଗଦେଇ କଳାହାଣ୍ଡି ସଂସ୍କୃତିର ଜୟଗାନ କରିଥିଲେ । ଏହି ଉତ୍ସବ ଜିଲ୍ଲାର ବିକାଶର ମାନଚିତ୍ର ଆଙ୍କିବାରେ ସହାୟକ ହେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଘୋଟିଆ ସମର୍ଥ ଦୃଷ୍ଟିହୀନ ସଂଘ କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା । ଭବାନୀପାଟଣା ନୃତ୍ୟ କଳା ଅନୁଷ୍ଠାନ, ରାୟଗଡ଼ା ଗାୟତ୍ରୀ କଳା ଅନୁଷ୍ଠାନ, ବରଗଡ଼ କଳାଜୀବୀ ଅନୁଷ୍ଠାନର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସେହିଭଳି ହରିୟାଣାର ଘୁମେର, ଝାଡ଼ଖଣ୍ଡର ପଲକ, ପୁରୀର ମାଲଖମ, ବଲାଙ୍ଗୀରର ଗୁଡ଼ଖା ଭଳି ଜିଲ୍ଲା, ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା । ଷ୍ଟାର ନାଇଟ ପ୍ରୋଗ୍ରାମରେ ଓଡ଼ିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇ ଓ ସାଥିଙ୍କ ନୃତ୍ୟ ଗୀତରେ ଦର୍ଶକ ଝୁମିଥିଲେ । ଏହି ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହେବ ।



## ପ୍ରତିବାଦ ପରେ ସାମ୍ବାଦିକଙ୍କୁ ମୋଟର ସାଇକଲ ପାସ୍

ସାମ୍ବାଦିକ ଏବଂ ବିଭିନ୍ନ କମିଟିର ସଦସ୍ୟଙ୍କୁ ଆଇ -କାର୍ଡ ସହ ମୋଟର ଯାନ ପାସ ମଧ୍ୟ ଆୟୋଜକ କମିଟି ତରଫରୁ ଦିଆଯାଇଥାଏ । ଏଥର ମୋଟର ଯାନ୍ ପାସ ଦିଆଯିବ ନାହିଁ ଜଣାପଡ଼ିବା ପରେ ସାମ୍ବାଦିକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏ ନେଇ ବୁଧବାର ସକାଳେ ସାମ୍ବାଦିକମାନେ ଆୟୋଜକ କମିଟିର ଅଧ୍ୟକ୍ଷ ଉପଜିଲ୍ଲାପାଳଙ୍କୁ ଭେଟି ଏହାର ପ୍ରତିବାଦ କରିଥିଲେ । ସାମ୍ବାଦିକମାନଙ୍କ ପାଇଁ ମୋଟର ଯାନ ପାସ ଦିଆଯିବ ବୋଲି ଉତ୍ତର ମିଳିଥିଲା; ହେଲେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାସ ମିଳି ନ ଥିଲା । ଫଳରେ ଗ୍ରାମାଞ୍ଚଳରୁ ଆସିଥିବା ଅନେକ ସାମ୍ବାଦିକ ନିରାଶ ହୋଇ ଫେରିଗଲେ । ଖବର ନେବାରୁ ଦିନ ୨ଟାରେ ପାସ କାର୍ଡ ସବୁ ପ୍ରିଣ୍ଟ ହୋଇ ଉପଜିଲ୍ଲାପାଳଙ୍କ ପାଖକୁ ଆସିଥିଲା । ତେବେ କିଛି କରିତକର୍ମା ବ୍ୟକ୍ତି ଅଯଥାରେ ବିଳମ୍ବ କରି କାର୍ଡ ପ୍ରଦାନ କରିଥିଲେ । ସତେ ଯେମିତି ମୋଟର ଯାନ ପାସ ଦେବା ସେମାନଙ୍କୁ ହୀରା ମୁଦି ଦେବା ଭଳି ଲାଗିଥିଲା ।

## ପରିଚୟପତ୍ରକୁ ନେଇ ଅସନ୍ତୋଷ

କମିଟି ସଦସ୍ୟଙ୍କ ମଧ୍ୟରେ ତାଳମେଳ ନ ଥିବା ଦେଖିବାକୁ ମିଳିଛି । ମାଁ ଭଣ୍ଡାରଘରଣୀଙ୍କ ପୀଠରୁ ମଞ୍ଚକୁ କଳସ ଯାତ୍ରା ଯିବା ସମୟରେ କମିଟିର କିଛି ସଦସ୍ୟଙ୍କ ମଧ୍ୟରେ ଉଚବାଚ ଦେଖିବାକୁ ମିଳିଥିଲା । ପୂର୍ବରୁ କଳସ ଯାତ୍ରା ସମୟରେ ସମସ୍ତ କମିଟି ସଦସ୍ୟଙ୍କୁ ଆୟୋଜକ କମିଟି ତରଫରୁ ଆଇ-କାର୍ଡ ପ୍ରଦାନ କରାଯାଇଥାଏ । ଲଥର କଳସ ଯାତ୍ରା ସମୟରେ ପ୍ରଦାନ କରାଯାଇଥିବା ଆଇ-କାର୍ଡରେ ଏହି କାର୍ଡ କେବଳ କଳସ ଯାତ୍ରା ପାଇଁ ବୈଧ ବୋଲି ଲେଖାଯାଇଥିଲା । ଯାହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି ।

## କଳାକାରଙ୍କୁ ମିଳିଲାନି ଖାଦ୍ୟ

ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆସିଥିବା କଳାକାରଙ୍କୁ ଖାଦ୍ୟ ମିଳି ନ ଥିବା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ବରଗଡ଼ରୁ ଆସିଥିବା କଳାକାର ଏବଂ ମଞ୍ଚ ପ୍ରସ୍ତୁତ କରୁଥିବା ଅନେକ ଶିଳ୍ପୀ ମଧ୍ୟ ଖାଦ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଭାଇରାଲ ହେଉଛି ।

## ବିଜେପି କର୍ମୀଙ୍କୁ ସନ୍ତୁଷ୍ଟ ପାଇଁ ଉଦ୍ୟମ

ସାମାଜିକ କର୍ମୀ କିମ୍ବା ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକର ସଦସ୍ୟଙ୍କୁ ପାସ୍ ଦେବା ବଦଳରେ ପାସ୍ ବା ଆଇ -କାର୍ଡ ବଣ୍ଟନରେ ବିଜେପିର ଅନେକାଂଶ କର୍ମୀ କୌଣସି କମିଟିରେ ନ ଥିଲେ ମଧ୍ୟ ଦିଆଯାଇଥିଲା । ଏହାଫଳରେ ସାମାଜିକ ଗଣମାଧ୍ୟମରେ ଅନେକ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ପ୍ରସିଦ୍ଧ ପଲଶାଗୋରା ମକରମେଳା

**ପଲଶାଗୋରା, ୧୫ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାର ପ୍ରସିଦ୍ଧ ମକରମେଳା ଆରମ୍ଭ ହୋଇଯାଇଛି । ସକାଳୁ ବାବା କପିଳେଶ୍ୱରରଙ୍କ ପୀଠରେ ମକର ଚାଉଳ ଭୋଗ ଲାଗି ହେବାପରେ ବାବାଙ୍କ ସେବକନିରଞ୍ଜନ ଖମାରୀ, ଅଚ୍ୟୁତ ଖମାରୀ, ବ୍ରହ୍ମାନନ୍ଦ ଖମାରୀ, ଅଜିତ ଖମାରୀ ମକର ଚାଉଳ ସର୍ବସାଧାରଣରେ ମକର ଚାଉଳ ବାଣ୍ଟିଥିଲେ । ସକାଳ ୯ଘଣ୍ଟାରେ ବାବାଙ୍କ ମନ୍ଦିର ସମ୍ମୁଖରେ ନାମଯଜ୍ଞ ଆରମ୍ଭ ହୋଇଥିଲା । ରାମ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ କୁନି ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ । ସନ୍ଧ୍ୟାରେ କମିଟି ସଭାପତି ରବୀନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ସ୍ଥାନୀୟସରପଞ୍ଚ ସୌଦାମିନୀ ମଲିକ, ରୁଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ପୁରନ୍ଦର କର୍ମୀ, ଶିତିକଣ୍ଠ ମିଶ୍ର, ଡାକ୍ତର ସୁବ୍ରତ ଚନ୍ଦ୍ର ମିଶ୍ର ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ କମିଟି ତରଫରୁ ବିଧାୟକ କହ୍ନେଇ ଡାଙ୍ଗ, କୃଷ୍ଣଚନ୍ଦ୍ର ମଲିକ, ଯତନ ସେଠି, ଦିଲ୍ଲୀପ ମହାନ୍ତି, ଲକ୍ଷ୍ମଣମହାପାତ୍ର, ଜଳନ୍ଧର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଚ୍ୟୁତ ଖମାରୀ ସଂଯୋଜନା କରିଥିଲେ । ପରେ ମଞ୍ଚରେ ବରପଦର ବଉଳି କଳାପରିଷଦ ଓ କଳାହାଣ୍ଡିର ନୃତ୍ୟ ଦଳ ନୃତ୍ୟ ପରିବେଷଣ କରିଥିଲେ ।

## ସ୍ୱାବଲମ୍ବୀ କାରିଗର ସଂଘ ଗଠିତ

**ତରଭା, ୧୫।୧(ସମିସ):** ତରଭା ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟରେ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଅପରେଟର୍‌ଙ୍କ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସ୍ୱାବଲମ୍ବୀ କାରିଗର ରାଧାକାନ୍ତ ଦରୁଆନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଅପରେଟର୍‌ଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ସମସ୍ୟା ମଧ୍ୟରେ ମୁଖ୍ୟତଃ ନିୟମିତ ଦରମା ପ୍ରଦାନ ଓ ପୁରୁଣା କାରିଗରମାନଙ୍କୁ ଉପେକ୍ଷା କରାଯାଉଥିବା ଆଲୋଚନା ହୋଇଥିଲା । ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ଯୋଗୁଁ କାରିଗରମାନଙ୍କୁ ନିୟମିତ ଦରମା ମିଳୁନଥିବା ତଥା ୨୦ବର୍ଷ ହେଲା ଯେଉଁ କାରିଗରମାନେ ଟ୍ରେନିଂ ନେଇ କାମ କରୁଛନ୍ତି ସେମାନଙ୍କୁ ଉପେକ୍ଷା କରାଯାଇ ନୂତନ କାରିଗରଙ୍କୁ କାମ ଦିଆଯାଉଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଖୁବ୍ କମ୍ ଦରମାରେ କାମ କରୁଥିବା ଏହି ଗ୍ରାମ୍ୟ କାରିଗରମାନେ ବିନା ଛୁଟିରେ କାମ କରୁଛନ୍ତି । ସ୍ୱାବଲମ୍ବୀ କାରିଗର ଓ ପମ୍ପ ଅପରେଟର୍‌ମାନେ ମାସକୁ ମାତ୍ର ୩୨୫୦ ଟଙ୍କା ଦରମା ପାଉଛନ୍ତି । ଯାହାକି ଦିନକୁ ୧୦୮.୩୩ ପଇସା ପଡୁଛି । କାରିଗରମାନଙ୍କ ସମସ୍ୟା ସମାଧାନ ସକାଶେ ସଂଘ ଗଠନ କରି ହକ୍ ହାସଲ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସର୍ବସମ୍ମତି କ୍ରମେ ତରଭା ବ୍ଲକ ସ୍ୱାବଲମ୍ବୀ କାରିଗର ସଂଘର ସଭାପତି ଭାବେ ରାଧାକାନ୍ତ ଦରୁଆନଙ୍କୁ ମନୋନୀତ କରାଯାଇଥିବାବେଳେ ସମ୍ପାଦକ ଭାବେ ଅଶୋକ ସେଠୀ, କୋଷାଧ୍ୟକ୍ଷ ଅରୁଣ ସେଠୀ ଓ ଉପଦେଷ୍ଟା କମିଟିରେ ଅବଦୁଲ ଅଲ୍ଲୀ ଖାନ, ସଚ୍ଚିଦା ବାଘ, ଉମାକାନ୍ତ ମହାକୁର, ଅଶୋକ ଦାସ, ପରମାନନ୍ଦ ବଘାର ଓ ବିଶ୍ୱାମିତ୍ର ସାଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଆସନ୍ତା ୨୪ ତାରିଖରେ ସୋନପୁର ଜିଲ୍ଲା କମିଟି ବିନିକା ପାପକ୍ଷୟଘାଟରେ ଅନୁଷ୍ଠିତ ହେବ । ଉକ୍ତ ବୈଠକରେ ତରଭା ବ୍ଲକର ସମସ୍ତ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଅପରେଟର୍ ଯୋଗ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ରାଧାକାନ୍ତ ଦରୁଆନ ଧନ୍ୟବାଦ ଦେଇଥିଲେ ।

## ଅବସରପ୍ରାପ୍ତ ଗ୍ରାମସେବକଙ୍କ ଦେହାନ୍ତ



କଣ୍ଟାମାଳ, ୧୫ ।୧ (ସମିସ): କଣ୍ଟାମାଳ ପଞ୍ଚାୟତ କଳରା କୋଠା ଗ୍ରାମର ଅବସରପ୍ରାପ୍ତ ଗ୍ରାମସେବକ ହେମନ୍ତ ନାୟକଙ୍କ ୬୨ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସକାଳୁ ଉଠି ସେ ନିତ୍ୟକର୍ମ ସାରି ଖବରକାଗଜ ପଢୁଥିବା ବେଳେ ସାମାନ୍ୟ ଅସୁସ୍ଥ ଅନୁଭବ କରିଥିଲେ । ସଙ୍ଗେ ସଙ୍ଗେ ଘରକୁ ଯାଇ ଶୋଇ ପଡ଼ିଥିଲେ । ସେହି ନିଦ୍ରା ତାଙ୍କ ଶେଷ ନିଦ୍ରା ପାଲଟିଥିଲା । ବଡ ପୁଅ ଆକାଶ ନାୟକ ମୁଖାଗ୍ନି ଦେଇଥିଲେ ।

## ଶୁଭ୍ରାଂଶୁ ପାଢ଼ୀଙ୍କୁ ମକର ସାରସ୍ୱତ ସମ୍ମାନ



ସୁବଳୟା, ୧୫।୧ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସପ୍ତଦୀପା ସାହିତ୍ୟ ସଂସଦ ସ୍ଥାନୀୟ ଯୁବ କବି ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରିଛି । ମିଳିଥିବା ସୂଚନା ଅନୁସାରେ ସପ୍ତଦୀପା ସାହିତ୍ୟ ସଂସଦ ମକର ସଂକ୍ରାନ୍ତି ଅବସରରେ ସ୍ଥାନୀୟ ବ୍ଲକ ସଭାଗୃହଠାରେ ତା'ର ୨୧ତମ ସ୍ୱନକ୍ଷତ୍ର ଦିବସ ମକର ମିଳନ ମହା ସମାରୋହରେ ଆୟୋଜନ କରିଥିଲା । ଅନୁଷ୍ଠାନର ସଭାପତି ଡଃ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସୁବର୍ଣ୍ଣପୁର ବରିଷ୍ଠ ସାହିତ୍ୟିକ ଡ଼ଃ ଆର୍ତ୍ତତ୍ରାଣ ବାବୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଉପସଭାପତି ଲକ୍ଷ୍ମୀ ନାରାୟଣ ସାହୁ ମଞ୍ଚାସିନ ହୋଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାୟ ଅର୍ଦ୍ଧ ଶତାଧିକ କବି କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଏହି ଅବସରରେ ସ୍ଥାନୀୟ ଯୁବ କବି ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କୁ ଅନୁଷ୍ଠାନ ତରଫରୁ ମକର ସାରସ୍ୱତ ସମ୍ମାନ ୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକାଶ ଥାଉ କି ଶ୍ରୀ ପାଢ଼ୀ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମାଟିଲଗ୍ନା ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି । ପୂର୍ବରୁ ସେ ଅନେକ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି ।

## ରାଷ୍ଟ୍ରୀୟ ଯୁବା ଦିବସରେ ବିବେକାନନ୍ଦଙ୍କ ସ୍ମୃତିଚାରଣ

ବୀରମହାରାଜପୁର/ସୁବଳୟା, ୧୫।୧(ସମିସ): ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାପଥରଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଉକ୍ତ ସଭାରେ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ସଭାପତିତ୍ୱ କରି ସ୍ୱାମୀଙ୍କ ସ୍ମୃତି ଚାରଣ କରିବା ସହ ଯୁବଶକ୍ତି ଏକ ଅପରାଜିତ ଶକ୍ତି, କୌଣସି ବାଧାବିଘ୍ନରେ ଅଟକି ନଯାଇ ସତ୍ ପଥରେ ସଂଘର୍ଷ କଲେ ଜୀବନ ସଫଳ ହେବ ଓ ନୈତିକ ମୂଲ୍ୟବୋଧ ହିଁ ଯୁବାବର୍ଗଙ୍କ ମୂଳଅସ୍ତ୍ର ବୋଲି କହିଥିଲେ । ରେଡ୍‌କ୍ରସ୍ କାଉନ୍‌ସେଲର୍ ଅଧ୍ୟାପକ କିଶୋର କୁମାର ସାହୁ ରାଷ୍ଟ୍ରୀୟ ଯୁବା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହିତ ଜୀବନରେ ସଫଳତା ପ୍ରାପ୍ତିର ମାର୍ଗ ଦର୍ଶାଇଥିଲେ । ଅଧ୍ୟାପକ ଶଶାଙ୍କ ଶେଖର ସୁଆର ଧନ୍ୟବାଦ ଅର୍ପଣ କରିଥିଲେ ।




# କଳରବରେ ମୁଖରିତ ସାତକୋଶିଆ



**ଚାରିଛକ, ୧୫ ।୧(ସମିସ):** ଚତୁପାର୍ଶ୍ୱରେ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଘଞ୍ଚ ଜଙ୍ଗଲ ଘେରି ରହିଛି । ଯାହାର ମଧ୍ୟଭାଗରେ ବହିଯାଇଛି ମହାନଦୀ । ଶାନ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସାତକୋଶିଆ ମହାନଦୀ ଗଣ୍ଡ ଅଭୟାରଣ୍ୟର ଗଭୀର ନୀଳଜଳରାଶି ବିଦେଶାଗତ ପକ୍ଷୀଙ୍କୁ ଏଠାକୁ ଆକୃଷ୍ଟ କରିଥାଏ । ଡିସେମ୍ବର ଶେଷ ଆଡକୁ ଶୀତ ସମୟରେ ଏଠାରେ ବହୁସଂଖ୍ୟାରେ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥାଏ । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏଠାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଛି । ଶୀତୁଆ ସକାଳର ପହିଲି ସୂର୍ଯ୍ୟକିରଣରେ ମହାନଦୀ ବାଲିରେ ସକାଳୁ ସକାଳୁ ବିଭିନ୍ନ ପ୍ରଜାତିର ରଙ୍ଗବେରଙ୍ଗ ପକ୍ଷୀଙ୍କ କିଚିରିମିଚିର ଶବ୍ଦରେ ଶୂନଶାନ ଶାନ୍ତ ଅଭୟାରଣ୍ୟ ଗୁଞ୍ଜରିତ ହୋଇଉଠୁଛି । ଏହା ସହିତ ପକ୍ଷୀଙ୍କ ରଙ୍ଗବେରଙ୍ଗରେ ସବୁଜ ପ୍ରାକୃତିକ ପରିବେଶ ନୂଆ ରଙ୍ଗରେ ସଜେଇ ହେବା ସହିତ ଅଭୟାରଣ୍ୟର ଶୋଭାକୁ ରଙ୍ଗୀନ କରିଛି । ବିଶେଷକରି ଏଥର ବହୁସଂଖ୍ୟାରେ ପାଣିଚିରା (ଇଣ୍ଡିଆ ସ୍କିମର)ଙ୍କ ପକ୍ଷୀଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି । ପ୍ରତିବର୍ଷ ସାଇବେରିଆ ଅଞ୍ଚଳରେ ବରଫପାତ ଯୋଗୁଁ ବହୁସଂଖ୍ୟାରେ ବିଦେଶୀ ପକ୍ଷୀଙ୍କ ଏଠାରେ ସମାଗମ ହୋଇଥାଏ । ବିଶେଷକରି ପକ୍ଷୀଙ୍କ ପାଇଁ ଭରପୂର ପରିମାଣରେ ଖାଦ୍ୟ ସହିତ ସୁରକ୍ଷା ଦୃଷ୍ଟିକୋଣରୁ ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଶେଷକରି ବିଦେଶୀ ପକ୍ଷୀ ବ୍ରାହ୍ମିନୀ ଡକ(ଚକୁଆ), ପାଣି ଡୁବୁକି, ମାଇଗ୍ରାଟୋରୀ, ଲାଞ୍ଜିଗେଣ୍ଡି, ହଂସରାଳି, ଟଣ୍ଟିଆ, ନଦୀ ଟଣ୍ଟିଆ, ହଳଦୀମୁହାଁ ଟଣ୍ଟିଆ, ପାଣିଚିରା ଗ୍ରେଟ ଥିକନୀ, କେଟିଂସ ପ୍ଲୋଭର, କମନ ଗ୍ରୀନ ସାଙ୍କ ଭଳି ବିଭିନ୍ନ ପ୍ରଜାତିର ଜଳଚର ପକ୍ଷୀଙ୍କ ଆଗମନ ହୋଇଥାଏ । ଗଣନାରୁ ଜଳଚର ବିଦେଶୀ ପକ୍ଷୀଙ୍କ ସାତକୋଶିଆରେ ବୃଦ୍ଧି ଘଟିଥିବା ବେଳେ ଓରିଏଣ୍ଟାଲ ଟାଟର ଭଳି ଏକ ନୂଆ ପ୍ରଜାତିର ବିଦେଶୀ ପକ୍ଷୀ ଚିହ୍ନଟ ହୋଇଛି ।ଆସନ୍ତା ୧୭ ତାରିଖରୁ ପକ୍ଷୀ ଗଣନା ପରେ ଚଳିତ ବର୍ଷ କେଉଁ ପ୍ରଜାତିର ନୂଆ ପକ୍ଷୀଙ୍କ ଆଗମନ ହୋଇଛି ତାହା ସ୍ପଷ୍ଟ ହେବ ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**ତରଭା, ୧୫।୧(ସମିସ):** ତରଭା ଏଇଏସ୍ କଲେଜ ଖେଳ ପଡ଼ିଆରେ ଆଠଦିନ ଧରି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି । ମାଷ୍ଟର ଟ୍ରେନର୍ ରଶ୍ମିତା ନାଗ କଲେଜର ୧୫୧ ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇ ଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଲିମପ୍ରାପ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଆତ୍ମରକ୍ଷା କୌଶଳ ବିଭାଗର ମୁଖ୍ୟ ଅଧ୍ୟାପିକା ବିନତି ମିଶ୍ର ଓ ଅଧ୍ୟାପିକା ସରୋଜିନୀ ପ୍ରଧାନ, ପିଇଟି ସଞ୍ଜୀବ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

**ବାଉଁଶୁଣି:** ବୌଦ୍ଧ ଜିଲ୍ଲା ବାଉଁଶୁଣିସ୍ଥିତ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ଅଁଳାପାଲି ସରପଞ୍ଚ ଅଜିତ ମେହେର, ମା ମାହେଶ୍ୱରୀ ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଳ, ବିଦ୍ୟାଳୟର ତର୍କଶାସ୍ତ୍ର ବିଭାଗର ଅଧ୍ୟାପକ ମକର ମହାରଣା ଓ ଓଡ଼ିଆ ବିଭାଗର ଅଧ୍ୟାପକ ଦେବାର୍ଚ୍ଚନ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ଖେଳ ଶିକ୍ଷକ ରମେଶ ଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ପ୍ରଶିକ୍ଷିକା ମଧୁସ୍ମିତା ଜଗଦଲା ଓ ସୋନାଲି ମହାକୁଳ ୮ଦିନ ଧରି ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ୍ ପ୍ରଦାନ କରିଥିଲେ ।

### ଜନସେବା କେନ୍ଦ୍ର ମାଲିକଙ୍କୁ ଲୁଟ୍ ଘଟଣା

## ପେସାଦାର ଲୁଟେରାଙ୍କ ସମ୍ପୃକ୍ତି



**ସୋନପୁର, ୧୫।୧(ସମିସ):** ମଙ୍ଗଳବାର ସନ୍ଧ୍ୟାରେ ଧର୍ମଶାଳା-ଲେହେଡି ରାସ୍ତାରେ ଜନସେବା କେନ୍ଦ୍ର ମାଲିକ ନୀଳାମ୍ବର ମହାପାତ୍ରଙ୍କଠାରୁ ବନ୍ଧୁକ ମୂନରେ ଟଙ୍କା ଲୁଟ ଘଟଣା ପରେ ଚାଞ୍ଚଲ୍ୟ ଖେଳିଯାଇଛି । ନୀଳାମ୍ବରଙ୍କ ନିଜ ଗାଁ ଲେହେଡିଠୁ ଅନତି ଦୂରରେ ପିସ୍ତଲର ପଛପଟେ ଆକ୍ରମଣ କରି ଦୁର୍ବୃତ୍ତମାନେ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ତେବେ ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୁଲିସ ଲୁଟେରାଙ୍କ ଟେର ପାଇନି । ସୁବର୍ଣ୍ଣପୁର ଏସ୍‌ପି ରାମପ୍ରସାଦ ସାହୁ ବୁଧବାର ଘଟଣାସ୍ଥଳରେ ପହଞ୍ଚି ସରଜମିନ ଅନୁଧ୍ୟାନ କରିଛନ୍ତି । ବିଭିନ୍ନ ଦିଗକୁ ନେଇ ତଦନ୍ତ କଲା ପରେ ଘଟଣାରେ ପେସାଦାର ଲୁଟେରା ସମ୍ପୃକ୍ତ ଅଛନ୍ତି ବୋଲି ଏସ୍‌ପି ସ୍ପଷ୍ଟ କରିଛନ୍ତି । ପେସାଦାର ଅପରାଧୀ ନହେଲେ ଏଭଳି ପିସ୍ତଲ ବ୍ୟବହାର କରନ୍ତି ନାହିଁ ବୋଲି ଏସ୍‌ପି କହିଛନ୍ତି । ତେବେ କିଛି ଲୋକଙ୍କୁ ସନ୍ଦେହ ଘେରକୁ ଅଣାଯାଇଛି । ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଅଭିଜ୍ଞ ପୁଲିସ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ ହୋଇଛି । ଖୁବ୍‌ଶୀଘ୍ର ଲୁଟେରାଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି । ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରେ ଧର୍ମଶାଳା ଛକରେ ଜନସେବା କେନ୍ଦ୍ର ଖୋଲିଥିବା ଲେହେଡିର ନୀଳାମ୍ବର ମହାପାତ୍ରଙ୍କଠାରୁ ବନ୍ଧୁକ ମୂନରେ ଦେଢ଼ଲକ୍ଷ ଟଙ୍କା ଲୁଟ୍ ହୋଇଛି । ସନ୍ଧ୍ୟାରେ ଜନସେବା କେନ୍ଦ୍ର ବନ୍ଦ କରି ଲେହେଡିସ୍ଥିତ ନିଜ ଘରକୁ ନୀଳାମ୍ବର ଫେରୁଥିଲେ । ଏକ ଲାଲ ରଙ୍ଗର ରେସିଂ ବାଇକ୍‌ରେ ତିନି ଜଣ ଲୁଟେରା ଆସି ଅଧାବାଟରେ ଆକ୍ରମଣ କରିଥିଲେ । ଏଥିସହ ନୀଳାମ୍ବର ଧରିଥିବା ଟଙ୍କା ବ୍ୟାଗକୁ ଛଡ଼ାଇବା ପାଇଁ ସେମାନେ ଉଦ୍ୟମ କରିଥିଲେ । ସେ ଏହାର ପ୍ରତିରୋଧ କରିବାରୁ ଲୁଟେରାମାନେ ବାରମ୍ବାର ନୀଳାମ୍ବରଙ୍କ ମୁଣ୍ଡକୁ ପିସ୍ତଲର ପଛପଟେ ଆକ୍ରମଣ କରିଥିଲେ । ନୀଳାମ୍ବର ଗୁରୁତର ହୋଇ ପଡ଼ିଯିବାରୁ ଲୁଟେରା ମାନେ ଟଙ୍କା ବ୍ୟାଗ ଧରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଗୁରୁତର ଅବସ୍ଥାରେ ନୀଳାମ୍ବରଙ୍କୁ ଘଟଣାସ୍ଥଳରୁ କିଛି ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଘଟଣାସ୍ଥଳରୁ ଏକ ଜୀବନ୍ତ ଗୁଳି ଜବତ ହୋଇଥିଲା ।

## ସପ୍ତଦୀପା ସାହିତ୍ୟ ସଂସଦର ସ୍ୱନକ୍ଷତ୍ର




ବୀରମହାରାଜପୁର, ୧୫।୧(ସମିସ): ସପ୍ତଦୀପା ସାହିତ୍ୟ ସଂସଦ ବୀରମହାରାଜପୁରର ସ୍ୱନକ୍ଷତ୍ର ଦିବସ ସହିତ ମକର ମିଳନ ଓ ୧୧୭ ତମ ଭ୍ରାମ୍ୟମାଣ ସାରସ୍ୱତ ସମାରୋହ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ଏକ ସଭାରେ କବି ଡ.ଦ୍ୱିତୀକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିବାବେଳେ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଭାବରେ ଏବଂ କବି ଡ.ଆର୍ତ୍ତତ୍ରାଣ ବାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂସଦର ଉପ ସଭାପତି କବି ଲକ୍ଷ୍ମୀ ନାରାୟଣ ସାହୁ ସ୍ୱାଗତ କରିଥିବାବେଳେ ଡ.ଅନିରୁଦ୍ଧ କୁରୁକୁରିଆ ଓ ଅଧ୍ୟାପିକା ସନ୍ତୋଷିନୀ ନାୟକ କବିତା ସଂଯୋଜନା କରିଥିଲେ । ବଉଦ ଓ ସୁବର୍ଣ୍ଣପୁର ଜିଲ୍ଲାର କବି ରଞ୍ଜିତା ପଣ୍ଡା, ଅନ୍ତର୍ଯ୍ୟାମୀ ଗୁରୁ, ଆନନ୍ଦ ପଧାନ, ମେଘନାଦ ଭୋଇ, ଅକ୍ଷୟ ରାଏ, ତନ୍ମୟବାଳା ମିଶ୍ର, ଡ.ରାଧେଶ୍ୟାମ ମିଶ୍ର, ବାବୁଲାଲ ମନ୍ତ୍ରୀ, ଭିକାରୀ ଚରଣ ସେଠୀ, ଡ.ପ୍ରଫୁଲ୍ଲ ସାହୁ, ସନ୍ତୋଷିନୀ ସାମନ୍ତରା, ଆର୍ତ୍ତତ୍ରାଣ ଖୁର୍ଡିଆ, ଗୋବିନ୍ଦ ସେଠୀ, ବାସୁଦେବ ରଥ, ବିଜୟ ହୋତା, ପ୍ରହଲ୍ଲାଦ ନାଏକ, ଡ.ଶୁଭେନ୍ଦୁ ମେହେର, ମନୋରଞ୍ଜନ ଦାଶ, ଦେବେନ୍ଦ୍ର ନାଏକ, କମ୍ବୁଧର ସୁନା, ଯୁଧିଷ୍ଠିର ଖମାରୀ, ସନ୍ତୋଷିନୀ ନନ୍ଦ, ହୃଷିକେଶ ଚାନ୍ଦ, ସୁରୁ ସାହୁ, ସ୍ୱର୍ଣ୍ଣପ୍ରଭା ମହାପାତ୍ର, ସନ୍ତୋଷ ଅଦାବର, ସୁଶାନ୍ତ ଭୁଏ, ସୁବ୍ରତ ପଣ୍ଡା, ଶୁଭ୍ରାଂଶୁ ଶେଖର ପାଢ଼ୀ, ବଳରାମ ଦାସ, ସୁଦାମ ସୁନା, ସନ୍ତୋଷ ପଧାନ, ଅଭିନବ ପଟ୍ଟନାୟକ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।

## ଜବାହର ନବୋଦୟ ବିଦ୍ୟାଳୟରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ

**ତରଭା, ୧୫।୧(ସମିସ):** ତରଭା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଆଗାମୀ ଜେଏନ୍‌ଭିଏସ୍‌ଟି ୨୦୨୫ ପାଇଁ ଓରିଏଣ୍ଟେସନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ନିଶିକାନ୍ତ ଶାମକୁଁୱରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର, ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଲୋକ କୁମାର ପ୍ରଧାନଙ୍କ ସମେତ ୧୩ଟି କେନ୍ଦ୍ରର କେନ୍ଦ୍ରାଧ୍ୟକ୍ଷ ଓ ଜେଏନ୍‌ଭିର ୧୩ ଜଣ ନିରୀକ୍ଷକ ଯୋଗଦେଇଥିଲେ । ପରୀକ୍ଷା ପ୍ରଭାରୀ ରାକେଶ କୁମାର ଭୋଇ ପରୀକ୍ଷା ସମ୍ବନ୍ଧିତ ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ । ସୂଚନାଯୋଗ୍ୟ ଯେ ଆସନ୍ତା ୧୮ ତାରିଖରେ ସୋନପୁର ଜିଲ୍ଲାର ୨୮୯୮ ଜଣ ଛାତ୍ରଛାତ୍ରୀ ୧୩ଟି କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ଦେବେ । ଶେଷରେ ଶିକ୍ଷକ ଶାଶ୍ୱତ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।



### ୨୧ତମ ତିଳେଶ୍ୱର କପ୍ ଉଦ୍‌ଘାଟିତ

## କଟକ ୧-୦ ଗୋଲରେ ବିଜୟୀ



**ଚାରିଛକ, ୧୫ ।୧(ସମିସ):** ବୌଦ୍ଧ ଜିଲ୍ଲାର ତିଳେଶ୍ୱର ଖେଳପଡ଼ିଆରେ ବଜାର ଆସୋସିଏସନ ପକ୍ଷରୁ ୨୧ତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ତିଳେଶ୍ୱର ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରାରେ ମଶାଲ ଅଣା ଯାଇଥିଲା । ପୂର୍ବତନ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ହରଭଙ୍ଗା ବିଡ଼ିଓ ଶରତ ସେଠି, ଲୁଣିବାହାଲ ସରପଞ୍ଚ ଚନ୍ଦ୍ରମା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମ ଦିନରେ କଟକ ମଙ୍ଗଳା କ୍ଲବ୍ ଓ ସୋନପୁର ଶ୍ରୀୟାଂଶୁ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥଲା । କଟକ ୧/୦ଗୋଲରେ ବିଜୟ ଲାଭ କରିଥିଲା । ସିମୁନ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ । ତିଳେଶ୍ୱର ବଜାର ଆସୋସିଏସନ ପକ୍ଷରୁ ଆୟୋଜିତ ତିଳେଶ୍ୱର କପ୍‌କୁ ସଭାପତି ଅର୍ଜୁନ ପ୍ରଧାନ, ନାରାୟଣ ମହାନ୍ତି, ବିକାଶ ମିଶ୍ର, ଅଜିତ ମହାନ୍ତି, ଶୁଭ୍ରଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### ମା' ନାରାୟଣୀ କ୍ରିକେଟ୍ କପ୍

## ଦେଉଳମୁଣ୍ଡା ଚାମ୍ପିଅନ



**ସୁବଳୟା, ୧୫।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଜରିଆପାଲି ପଞ୍ଚାୟତ ଖଇରମାଳ ଖେଳ ପଡ଼ିଆରେ ମା' ନାରାୟଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ପ୍ରଥମମ୍ୟାଚ୍‌ଟି ବଡ଼ଖମାର ଓ ଡେଉଳମୁଣ୍ଡା ମଧ୍ୟରେ ହୋଇଥିଲା । ବଡ଼ଖମାର ଦଳ ପ୍ରଥମେ ବ୍ୟାଟିଂ କରି ୭ ଓଭର୍‌ରେ ୬ୱିକେଟ ହରାଇ ୬୧ରନ୍ କରିଥିବାବେଳେ ଦେଉଳମୁଣ୍ଡା ଦଳ ୬ଓଭର୍‌ରେ ୬୨ ରନ୍ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍‌ଟି ଦେଉଳମୁଣ୍ଡା ଓ ବଡଖମାର ମଧ୍ୟରେ ହୋଇଥିଲା । ଏଥିରେ ବଡଖମାର ଦଳ ୪ ଓଭରରେ ୩ ୱିକେଟ ହରାଇ ୩୪ରନ କରିଥିବାବେଳେ ଦେଉଳମୁଣ୍ଡା ଦଳ ୩୫ରନ୍ କରି ବିଜୟୀ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ, ସ୍ୱେଚ୍ଛାସେବୀ ପିକୁଳ ଚନ୍ଦ୍ର ପଧାନ, ରାଜୀବ ବିଶି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ବିଶି, ସରୋଜ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଉଳମୁଣ୍ଡା ଦଳକୁ ଟ୍ରଫି ଓ ବିଜେତା ଦଳକୁ ୧୫ହଜାର ଓ ରନ୍‌ର ଦଳକୁ ୧୦ ହଜାର ଅର୍ଥ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ । ପ୍ରଶାନ୍ତ ବାଙ୍କ, ମହାଦେବ ବଗର୍ତ୍ତି ଖେଳ ପରିଚାଳନା କରିଥିବାବେଳେ ସ୍କୋରର୍ ମିଳନ ବଡ଼ମାଳି ଅନ୍ତରାମ ବିଶି ଆକାଶ ପଧାନ ବବୁଲ ଶୁଭଙ୍କର ନିତ୍ୟାନନ୍ଦ ବିବେକାନନ୍ଦ ଅଜିତ ମଣ୍ଟୁ ଶିବରାମ ବଡ଼ମାଳି ଧାରା ବିବରଣୀ ପ୍ରଦାନ କରିଥିଲେ ।

## କଳାହାଣ୍ଡି ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ‘କଳାହାଣ୍ଡିର ବିକାଶ ପାଇଁ ସମସ୍ତଙ୍କ ସହଭାଗିତା ଆବଶ୍ୟକ’



**ଭବାନୀପାଟଣା, ୧୫ ।୧(ସମିସ):**

କଳାହାଣ୍ଡି ଜିଲ୍ଲାର ବିକାଶ ଦିଗରେ କୃଷି ଓ ଜଳସେଚନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତେବେ ଜଳସେଚନ ଓ କୃଷିର ଆହୁରି ଉନ୍ନତି ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଜିଲ୍ଲାର ବିକାଶ ପାଇଁ ସମସ୍ତଙ୍କ ସହଭାଗିତା ଆବଶ୍ୟକ। କଳାହାଣ୍ଡି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୁଝାରୀ ଏହା କହିଛନ୍ତି।

ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମସ୍ଥିତ ସହିଦ ରେଣ୍ଡୋ ମାଝୀ ମଞ୍ଚରେ ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅଧକ୍ଷତା କରିଥିଲେ। ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି ଭାବେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ବିଜେପି ସଭାପତି ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ହାବିଲଦାର ପ୍ରକାଶ ସାଗର, ଓଁକାର ରଥ, ପୁଷ୍ପେନ୍ଦ୍ର ବିଶ୍ୱାଳ, ଶୃତିମଞ୍ଜରୀ ଦୀପ, ଶୃତି ନାଗ, ଚସ୍ମିତ କୌର, ବିଭୁତି ମଲ୍ଲିକ, ଟିକଚନ୍ଦ୍ର ଗଉଡ଼, ଭୌମିକ ଭରଦ୍ୱାଜ ଭୋଇ, ବିକାଶ ବାଗ, ବରୁଣ ମହାନନ୍ଦ, କୁମକୁମ ପ୍ରିୟଦର୍ଶିନୀ ସାହୁ, ଆକାଶ ମୁଣ୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋଜ ଶର୍ମା, ଲୋଚନୀ ବାଗ, ନିହାରିକା ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନମିତା ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ମହ୍ଲାର କଳା ନିକେତନ, ଶ୍ରୀ ଜଗନ୍ନାଥ ସଙ୍ଗୀତ ବିଦ୍ୟାଳୟର ଶିଶୁ ଘୁମୁରା, ଶୁଭକ୍ଷିତା ମିଶ୍ରଙ୍କ ଓଡିଶୀ, ସୁନ୍ଦରଗଡ଼ ଦୁର୍ଗାଭରସୀ ନୃତ୍ୟ, ନୃତ୍ୟଙ୍ଗନାର ବଜାଶାଲ, ବେଦାନ୍ତ ଆଲୁମିନା ଲିମିଟେଡ କବିଭୁତି, ହିମାଚଲୀ ପାହାଡି ନୃତ୍ୟ, ଜୁନାଗଡ଼ ଓଡ଼ିଶା କଳାକେନ୍ଦ୍ର, ଆସାମର ବିହୁ, କନ୍ଧମାଳର ନୂତନ କଳା ସଂସଦ, ନଟରାଜ ଜ୍ୟାକ୍ ଏକାଡେମୀର ମହାରି, ସିଟିଏମଏସର ସମ୍ବଲପୁରୀ ନୃତ୍ୟ, ପଞ୍ଜାବର ଭାଙ୍ଗଡ଼ା, ସୁନୀଲ ରଥ ଓ ସାଥୀ, ସଂସ୍କୃତିର ଘୁଡକା ଡ୍ୟାନ୍ସ, କାରୁଣ୍ଡ କଳା କେନ୍ଦ୍ରର ବଜାଶାଲ ପ୍ରଦର୍ଶିତ ହୋଇଥିଲା। ଷ୍ଟାରନାଇଟ କାର୍ଯ୍ୟକ୍ରମରେ ବିଶ୍ୱମୋହନ କବି, ସୌରଭ ନାୟକ ପ୍ରମୁଖ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

## ବୃତ୍ତି ପ୍ରଶାସନିକ ସେବା; ନିଶା ଓଡ଼ିଶୀ ନୃତ୍ୟ



**ଭବାନୀପାଟଣା, ୧୫ ।୧(ସମିସ):** ବୃତ୍ତିଗତ ଭାବେ ସେ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଯୁବ ଓ ଦକ୍ଷ ଅଧିକାରୀ। ତାଙ୍କ କାର୍ଯ୍ୟାଳୟକୁ ଯେ କୌଣସି ଅଭିଯୋଗ ନେଇ ଲୋକେ ଗଲେ ତତକ୍ଷଣାତ ସମାଧାନ କରିବାକୁ ସେ ତତ୍ପର ହୋଇଉଠନ୍ତି। କେବଳ ସେତିକି ନୁହେଁ; ସେ ଯେତେବେଳେ ପାଦରେ ଘୁଙ୍ଗୁର ଆଉ ମୁଣ୍ଡ ମୁକୁଟ ପିନ୍ଧି ମଞ୍ଚକୁ ଚଢିଯାଆନ୍ତି ତାଙ୍କର ବେଶ ପରିପାଟୀ ଓ ଲାସ୍ୟମୟୀ ଅଙ୍ଗଭଙ୍ଗୀ, ଆକର୍ଷକ ନୃତ୍ୟ ମୁଦ୍ରା ହଜାର ହଜାର ଦର୍ଶକଙ୍କୁ ଅଭିଭୂତ କରେ। ଠିକ ଯେମିତି କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ସହିଦ ରେଣ୍ଡୋ ମାଝୀ ମଞ୍ଚରେ ଦେଖିବାକୁ ମିଳିଥିଲା। ଏଭଳି ଜଣେ ବ୍ୟକ୍ତିତ୍ୱ ହେଲେ ଭବାନୀପାଟଣା ସଦର ତହସିଲଦାର ଭାବେ କାର୍ଯ୍ୟରତ ଯୁବ ପ୍ରଶାସକ ଶୁଭସ୍ମିତା ମିଶ୍ର। ଜଣେ ତହସିଲଦାର ଭାବେ ସେ ଯେତିକି ଅନୁଶାସନ ପ୍ରିୟ ଠିକ ସେତିକି ଜଣେ ଲାସ୍ୟମୟୀ ଓଡିଶୀ ନୃତ୍ୟାଙ୍ଗନା ଭାବେ ସେ ଦୀର୍ଘ ସମୟ ଯାଏଁ ଦର୍ଶକଙ୍କୁ ବାନ୍ଧି ରଖନ୍ତି। ବୁଧବାର ଲକ୍ଷାଧିକ ଦର୍ଶକ ତାଙ୍କ ଓଡିଶୀ ନୃତ୍ୟ ଦେଖି ମନ୍ତ୍ରମୁଗ୍ଧ ହୋଇଥିଲେ ଏବଂ ଉତ୍ସାହିତ କରିଥିଲେ। ଏପରିକି ନିଜେ ଲୋକସଭା ସାଂସଦ ମାଳବିକା ଦେବୀ ଉପଢୌକନ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଦୁଇ ମୃତ

**ଶଗଡ଼ା, ୧୫ ।୧ (ସମିସ):** ମନମୁଣ୍ଡା ଥାନା ପରା ନିକଟରେ ବୁଧବାର ରାତି ୯ଟାରେ ଦୁର୍ଘଟଣା ଘଟିଛି। ଏଥିରେ ବଉଳସିଙ୍ଗା ଗ୍ରାମର ଧର୍ମୁ ମହାକୁଡ଼ ଓ ପରିବନ୍ଧ ଗ୍ରାମର ଜଣକର ମୃତ୍ୟୁ ଘଟିଛି। ସେହିଭଳି ଗୁରୁତର ଦ୍ୱୟଙ୍କ ଘର ମନମୁଣ୍ଡା ଥାନା ଖଇରମାଲ ଏବଂ ରକ୍ସା ଗ୍ରାମରେ। ମକର ଯାତ୍ରା ଦେଖିବାକୁ ଯାଉଥିବା ବେଳେ ପଳସାଗୋରା ବଉଳସିଙ୍ଗା ରାସ୍ତାର ପରା ନିକଟ ପ୍ରଧାନପାଲି ଛକ ନିକଟରେ ଦୁଇଟଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହାଫଳରେ ୪ ଜଣ ବାଇକ ଆରୋହୀ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଆହତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ।

## ଗୋଟିଏ ରାତିରେ ୨ ସ୍ଥାନରୁ ଏଟିଏମ୍ ଭାଙ୍ଗି ଲୁଟ୍



ବୌଦ୍ଧ, ୧୫ ।୧(ସମିସ): ବୌଦ୍ଧ ଆଦର୍ଶ ଥାନା ଅଞ୍ଚଳରେ ଦିନକୁ ଦିନ ଲୁଟେରାଙ୍କ ଆତଙ୍କରାଜ ବଢ଼ିବାରେ ଲାଗିଛି। କେତେବେଳେ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ କରୁଛନ୍ତି ତ କେତେବେଳେ ଏଟିଏମ ଭାଙ୍ଗି ଟଙ୍କା ଲୁଟି ନେଉଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ୨ଟି ସ୍ଥାନରୁ ଏଟିଏମ୍ ଭାଙ୍ଗି ଲୁଟ୍ ହୋଇଛି। ବୌଦ୍ଧ ବ୍ଲକ ବଢ଼ିଗାଁ ଛକରେ ଏକ ମାର୍କେଟ କଂପ୍ଲେକ୍ସରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମକୁ ତାଡି ସେଥିରୁ ଲୁଟ୍ ହୋଇଥିବା ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେହିପରି ମଙ୍ଗଳବାର ବିଳମ୍ବିତ ରାତିରେ ହରଭଙ୍ଗା ବ୍ଲକ ବୀରନରସିଂହପୁରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମକୁ ଗ୍ୟାସ କଟରରେ କାଟି ଦୁର୍ବୃତ୍ତ ଲୁଟ୍ କରି ନେଇଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ବୌଦ୍ଧ ଥାନା ପୁଲିସ୍ ପହଞ୍ଚି ତଦନ୍ତ କରୁଛି। ବୌଦ୍ଧ ଥାନା ଆଇଆଇସି ରଞ୍ଜିତ ମୁନୀ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରୁଛନ୍ତି। ତେବେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କଠାରୁ ନିର୍ଦ୍ଦିଷ୍ଟ ସୂଚନା ମିଳିବା ପରେ ହିଁ କେତେ ଟଙ୍କା ଏଟିଏମରେ ଥିଲା ଏବଂ ଲୁଟେରା କେତେ ଟଙ୍କା ଲୁଟ କରିଛନ୍ତି ସେ ନେଇ ତଥ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି।

## ଘଣ୍ଟାପଡ଼ା ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଶଗଡ଼ା/କଣ୍ଟାମାଳ, ୧୫ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ଆଞ୍ଚଳିକ ପଞ୍ଚାୟତ ଡିଗ୍ରୀ କଲେଜ ଖେଳପଡ଼ିଆରେ ଦୁଇ ଦିନିଆ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି କାର୍ତ୍ତିକେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡ଼ାପତକାକୁ ଉଦ୍‌ଘାଟନ କରିଥିଲେ। କଲେଜ ପ୍ରତିଷ୍ଠାତା ସଦସ୍ୟ ପ୍ରଭାତ ସାହୁ ଏବଂ ସ୍ଥାନୀୟ ଘଣ୍ଟାପଡ଼ା ହାଇସ୍କୁଲର ଖେଳ ଶିକ୍ଷୟତ୍ରୀ ମନ୍ଦାକିନୀ ବଗର୍ତ୍ତୀ ଉପସ୍ଥିତ ଥିଲେ।

## ପାପକ୍ଷୟ ଲୋକ ମହୋତ୍ସବ ପାଇଁ କମିଟି ଗଠିତ

ବିନିକା, ୧୫ ।୧(ସମିସ):ସୁବର୍ଣ୍ଣପୁର ଜିଲ୍ଲା ବିନିକାର ମୁକ୍ତିତିର୍ଥ ଭାବେ ପରିଚିତ ଐତିହାସିକ ପାପକ୍ଷୟର କିମ୍ବଦନ୍ତୀକୁ ମନେ ପକେଇବା ସହିତ ଜନମାନସରେ ପହଞ୍ଚାଇବା ପାଇଁ ପ୍ରତିବର୍ଷ ଅନୁଷ୍ଠିତ ହୋଇ ଆସୁଛି ବିନିକା-ପାପକ୍ଷୟ ମହୋତ୍ସବ। ଚଳିତ ବର୍ଷ ବେଶ ଆଡ଼ମ୍ବରପୂର୍ଣ୍ଣ ଓ ଉତ୍ସାହ ଉଦ୍ଦୀପନାରେ ପାଳନ କରିବା ନେଇ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ସ୍ପୋର୍ଟସ କ୍ଲବ୍ ଠାରେ ପୂର୍ବତନ ସଭାପତି ସୁଧାଂଶୁ ଶେଖର ଦାଶଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ସମସ୍ତ ସଦସ୍ୟ ଯୋଗଦେଇ ମହୋତ୍ସବ ଆୟୋଜନ ତାର ସଫଳତା ନେଇ ଆଲୋଚନା କରିଥିଲେ। ପରେ ସମସ୍ତଙ୍କ ପ୍ରସ୍ତାବ କ୍ରମେ ମହୋତ୍ସବ ପରିଚାଳନା ନେଇ ନୂତନ କମିଟି ଗଠନ ହୋଇଥିଲା ବଲାଙ୍ଗୀର ସାଂସଦ ପ୍ରତିନିଧି ତଥା ଯୁବ ଆଇନଜୀବୀ ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସନା ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ସମ୍ପାଦକ ଭାବେ ସମ୍ବିତ ନେପାକ, ଉପସଭାପତି ବିଜୟ ବରାଇ, ଓମ ପ୍ରକାଶ ଅଗ୍ରୱାଲ, କୋଷାଧ୍ୟକ୍ଷ ଚରଣ ମେହେର, ସହ ସମ୍ପାଦକ ଉମାକାନ୍ତ ଦୀପ, ସାଂସ୍କୃତିକ ସମ୍ପାଦକ ଶାଶ୍ୱତ ତ୍ରିପାଠୀ, ହିମାଂଶୁ ଭୁଷଣ ପଣ୍ଡା ପ୍ରମୁଖ ରହିଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ବିନିକା ନଗରପାଳ ସୁବାସ ଭୋଇ, ଓକିଲ ସୁଧାଂଶୁ ଶେଖର ଦାଶ, ଭୀମସେନ ସାହୁ, ସୋମନାଥ ମିଶ୍ର, ସନ୍ତୋଷ ବନଛୋର, କୃଷ୍ଣଚନ୍ଦ୍ର କୁମ୍ଭାର, ରାଘବ ଦାସ, ବିନୋଦ ବିହାରୀ ନାଏକ, ପ୍ରମୁଖ ରହିଛନ୍ତି।



## ବ୍ଲକ୍‌ସ୍ତରୀୟ ଇକୋ ମଡେଲ ପ୍ରଦର୍ଶନୀ



ବୌଦ୍ଧ, ୧୫ ।୧(ସମିସ): ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ କମୀରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଇକୋ ମଡେଲ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ସମ୍ମାନିତ ଅତିଥି ଭାବେ ପଲସପାଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟିକ ମେହେର, ଏସଏମସି ସଭାପତି ସୁମନ୍ତ ଦାସ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁଶାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧାପକ ପ୍ରବୀର ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ନିରୀକ୍ଷକ ଆନନ୍ଦ ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବୀର ରଥ ଯୋଗଦେଇ ଇକୋ ମଡେଲର ବିଷୟ ବସ୍ତୁକୁ ଦୈନନ୍ଦିନ ଜୀବନରେ ଉପଯୋଗ କଲେ ପରିବେଶ ସୁନ୍ଦର ହୋଇ ପାରିବ ବୋଲି କହିଥିଲେ। ଏହି ପ୍ରଦର୍ଶନୀରେ ବ୍ଲକର ୬୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୪ଟି ପ୍ରକଳ୍ପ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ କରାଯାଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଜଗନ ପ୍ରଧାନ, ସବ୍ୟସାଚୀ ଦେହୁରୀ ଓ ଆଶୁତୋଷ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶବର ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ ମୁଣ୍ଡାପଡ଼ା ସିଆରସିସି ପ୍ରଶାନ୍ତ ଝାଙ୍କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ବୀର ବିକ୍ରମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ପ୍ରବୀର ଦାସ, ଶିକ୍ଷକ ସ୍ୱରାଜ କହଁର, ସିଆରସିସି ନିରଞ୍ଜନ ମେହେର ବିଚାରକ ଭାବେ ଯୋଗ ଦେଇଥିଲେ।

## ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ



**ସୋନପୁର, ୧୫ ।୧(ସମିସ):** ରାଜ୍ୟ ସାମାଜିକ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ଟାଉନ ହଲଠାରେ ଜନସେବା ଦିବସ ଅବସରରେ ୮୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହି ଯୋଜନା ଦ୍ୱାରା ହିତାଧିକାରୀଙ୍କ ସାମଗ୍ରିକ ବିକାଶ ହେବା ସହିତ ସେମାନଙ୍କ ଜୀବନଧାରଣ କ୍ଷେତ୍ରରେ ଉନ୍ନତି ଆସିପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଜିଲ୍ଲାପରିଷଦ ଅଧକ୍ଷା ସୁପାର ଠେଲା ବ୍ୟକ୍ତବ୍ୟରେ ଯୋଜନାର କାର୍ଯ୍ୟକାରିତା ଦ୍ୱାରା ସମସ୍ତ ହିତାଧିକାରୀଙ୍କ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ନିଶ୍ଚିତ ସୁଧାର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲାରେ ୪୨୭ ୯ ଜଣ ୮୦ବର୍ଷରୁ ଅଧିକ ବୟସ୍କର ଏବଂ ୧୭୭୧ ଜଣ ୮୦ ପ୍ରତିଶତ ବା ତଦୁଦ୍ଧ୍ୱର୍ ଭିନ୍ନକ୍ଷମ ହିତାଧିକାରୀ ଯୋଜନାରେ ସାମିଲ ହୋଇ୧୨ଶହ ଟଙ୍କା ପରିବର୍ତ୍ତେ ବର୍ଦ୍ଧିତ ଭତ୍ତା ୩୫୦୦ଟଙ୍କା ପାଇବେ। ଯୋଜନାର ଶୁଭାରମ୍ଭ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ୧୦୫ ଜଣ ହିତାଧିକାରୀ, ୮୦ବର୍ଷରୁ ଉର୍ଦ୍ଧ୍ୱ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ଏବଂ ୮୦ ପ୍ରତିଶତ ବା ତଦୁଦ୍ଧ୍ୱର୍ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଅତିଥିବୃନ୍ଦ ବର୍ଦ୍ଧିତ ଭତ୍ତା ୩୫୦୦ଟଙ୍କାର ଚେକ୍ ବିତରଣ କରିଥିଲେ।କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପ୍ରଦୀପ କୁମାର ଗୁରୁ, ସୋନପୁର ଉପଜିଲ୍ଲାପାଳ ଡଃ ସୌମ୍ୟା ରୁପା ରଥ ପ୍ରମୁଖ ଯୋଗଦାନ କରି ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁର୍ଗା ପ୍ରସାଦ ମହାପାତ୍ର ସଂଯୋଜନା କରିଥିବା ବେଳେ ସୋନପୁର ବିଏସଏସଓ ଯୁଧିଷ୍ଠିର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଞ୍ଜ ମଣ୍ଡପର ରତ୍ନମୁଦ, ଯଜ୍ଞ ନିମନ୍ତେ ପ୍ରସ୍ତୁତି

**ଶଗଡ଼ା, ୧୫ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା-ପୋଡ଼ାପଦରସ୍ଥିତ ବାବା କଳକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମାଘ ପୂର୍ଣ୍ଣିମାରେ ମାଘମେଳା ଅନୁଷ୍ଠିତ ହେବ। ଏହି ଅବସରରେ ନୂତନ କୁଞ୍ଜ ମଣ୍ଡପର ରତ୍ନମୁଦ ଓ ଅଷ୍ଟପ୍ରହର ନାମ ଯଜ୍ଞ ନିମନ୍ତେ ମନ୍ଦିର କମିଟିର ସଭାପତି ପୁରନ୍ଦର ମହାକୁଡ଼ଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ୯ ତାରିଖରେ ରତ୍ନମୁଦ ହୋଇ ୧୨ ତାରିଖରେ ସମାପନ ହେବା ନେଇ କମିଟି ସମ୍ପାଦକ ଗଜେନ୍ଦ୍ର କହଁର ପ୍ରକାଶ କରିଛନ୍ତି। ସଂକ୍ରାନ୍ତି କମିଟି ସଭାପତି ଅନନ୍ତରାମ ମାଝୀ, ସମ୍ପାଦକ ଶ୍ରୀପତୀ ମଲିକ, ବଣିକ ସଂଘରୁ ମହେଶ୍ୱର ରଣା, ଶ୍ରୀନୀବାସ ପାତ୍ର, ରାଜେନ୍ଦ୍ର ପାଣିଗ୍ରାହୀ, କମିଟୀ ସଦସ୍ୟ ସୁଦାମ ପ୍ରଧାନ, ରାଜେନ୍ଦ୍ର ନାଏକ ଙ୍କ ସହ କମିଟୀ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ



ବୌଦ୍ଧ, ୧୫ ।୧(ସମିସ): ବୌଦ୍ଧ ଟାଉନ୍‌ହଲ୍‌ରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବୁଧବାର ଜନସେବା ଦିବସ ଅବସରରେ ଜିଲ୍ଲାସ୍ତରୀୟ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଟାଉନ୍‌ହଲ୍‌ରେ ଆୟୋଜିତ ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ଏନଏସି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୀତାକାନ୍ତି ବଳିଆର ସିଂ, ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ୮୦ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାସିକ ୩୫୦୦ ଟଙ୍କାର ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ଜିଲ୍ଲାରେ ଏହି ବର୍ଗରେ ୨୯୦୧ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୧୦୯୪ ଜଣ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ମଞ୍ଜୁର ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୦୦ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି।

## ଉଲୁଣ୍ଡାରେ ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର

**ସୋନପୁର, ୧୫ ।୧(ସମିସ):** ଜିଲ୍ଲା ପ୍ରସାଶନ ଓ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ ପରିସରରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ଦକ୍ଷତା ବିକାଶ ଏବଂ ନିୟୋଜନ ଅଧିକାରୀ ସଞ୍ଜୁ କୁମାରୀ ସାହୁଙ୍କ ଅଧକ୍ଷତାରେ ଯୁବକଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ନେଇ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସେଫ ଏଜୁକେଟ ଲର୍ନିଙ୍ଗ ପ୍ରା.ଲିମିଟେଡ଼, ଆବି ୱେଷ୍ଟ ସର୍ଭିସେସ ଲିମିଟେଡ, ବ୍ଲାକ ପାନ୍ଥର, ଏନସିଏଟି ସ୍କିଲ ଇଣ୍ଡିଆ, ଏସଆଇଏଚଏମ ବଲାଙ୍ଗିର, ଏସ୍‌ବିଆର ଏସଇଟିଆଇ, ସରକାରୀ ଆଇଟିଆଇ ଏବଂ ସରକାରୀ ପଲିଟେକନିକ ସୁବର୍ଣ୍ଣପୁର ଆଦି ବିଭିନ୍ନ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦାନ କରି ଶିବିରରେ ଯୁବକଯୁବତୀଙ୍କୁ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ।ଶିବିରରେ ୨୩୮ ଜଣ ଯୁବକଯୁବତୀ ଅଂଶଗ୍ରହଣ କରି ଉପସ୍ଥିତ ତାଲିମ ପ୍ରଦାନକାରୀ ସଂସ୍ଥା ଠାରୁ ପରାମର୍ଶ ନେଇଥିଲେ।



## ସନ୍ଦେହରେ ଗଞ୍ଜେଇ ଗଛକଟା ତଥ୍ୟ

# ନାମକୁ ମାତ୍ର ଅପରେସନ ଗ୍ରୀନ୍

### ଗୋଟିଏ କାଟୁଛନ୍ତି ଦଶଟା କହୁଛନ୍ତି

**ଚାରିଛକ, ୧୫ ।୧(ସମିସ):**

ପ୍ରତବିର୍ଷ ଅବାଧ ଗଞ୍ଜେଇ ଚାଷରେ ରୋକ୍ ଲାଗାଇବାକୁ ଅପରେସନ ଗ୍ରୀନ କ୍ଲିନ୍ ଗାଁରେ ସରକାରୀ ତହବିଲରୁ ବ୍ୟାପକ ଅର୍ଥ ଶ୍ରାଦ୍ଧ କରାଯାଉଛି। ଏଥିପାଇଁ ପୁଲିସ, ଅବକାରୀ, ବନବିଭାଗକୁ ମଧ ନାକେଦମ ହେବାକୁ ପଡୁଛି। ଏତେସବୁ ପରେ ବି ଜିଲ୍ଲାରେ ପ୍ରତିବର୍ଷ ଗଞ୍ଜେଇ ଚାଷ ସମ୍ପୂର୍ଣ୍ଣ ବନ୍ଦ ହେବା ବଦଳରେ ଦିନକୁ ଦିନ ଏହାର ମାତ୍ରା ବୃଦ୍ଧି ପାଇବା କେଉଁଠି ନାଁ କେଉଁଠି ଅଡୁଆଭିତରେ ମୁସ୍କିଲ ଥିବା ବୁଝାପଡୁଛି। ଏହାଫଳରେ ନାମକୁ ମାତ୍ର ଅପରେସନ ଗ୍ରୀନ କାମ ଶୂନ ଭଳି ମନେ ହେଉଛି। ନିକଟରେ ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଘୋଡାଡିଆଁ, ଭୀମଖୋଲ, ବାଗିହାଟ ଅଞ୍ଚଳରୁ ଅବକାରୀ ଏବଂ ପୁଲିସ ବିଭାଗ ମିଳିତ ଭାବେ ବ୍ୟାପକ ପରିମାଣରେ ଗଞ୍ଜେଇ ଗଛ କଟାଯାଇଥିଲା; ମାତ୍ର ଗୋଟିଏ ଦିନରେ ୫୬ ଏକର ଜଙ୍ଗଲ ଏରିଆରୁ ୫୬ ହଜାର ଗଞ୍ଜେଇ ଗଛ କଟାହୋଇଥିବା ଅବକାରୀ ବିଭାଗ ଦାବୀ କରୁଥିବା ଘଟଣାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଗୋଟିଏ ଦିନରେ ଏକାବେଳେ ଏତେବଡ ଜଙ୍ଗଲ ଏରିଆରୁ ଏତେପରିମାଣରେ ଗଛ କିପରି କେଉଁ ପରିସ୍ଥିତିରେ କଟାଗଲା, ଏଥିପାଇଁ କେତେ କର୍ମଚାରୀ ଆଉ କେତେ ପରିମାଣର ମେସିନ ଲାଗିଥିଲା, ଗଞ୍ଜେଇ ଗଛ କଟା ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ କିଏ ଉପସ୍ଥିତ ଥିଲେ ସେ ବିଷୟରେ ବିଭାଗ ପାଟି ଖୋଲୁନାହିଁ।। ଗଞ୍ଜେଇ ଗଛ କଟାରେ ସମ୍ପୃକ୍ତଥିବା କର୍ମଚାରୀ ମାତ୍ର ୪ ଏକର ଜମିରୁ ଗଞ୍ଜେଇ ଗଛ କଟା ଯାଇଥିବା କହୁଥିବାବେଳେ କେଉଁ ଆଧାରରେ ଅବକାରୀ ଅଧିକ୍ଷକ ଏହାର ୧୩ଗୁଣ ଅଧିକ ତଥ୍ୟ ଦେଲେ ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଏହି ତଥ୍ୟରୁ ଅନୁମାନ କରିହେଉଛି ଯେ ଗୋଟିଏ କାଟିଲେ ୧୦ଟି ଦେଖାଉଥିବା ତଥ୍ୟର ସତ୍ୟତା ରହିଛି। ଜଙ୍ଗଲ ମଧ୍ୟରେ ଗଞ୍ଜେଇ ଚାଷ ହୋଇଥିବା ଅଞ୍ଚଳକୁ ଜନସାଧାରଣ ପହଞ୍ଚିବା ମୁସ୍କିଲଥିବାବେଳେ ଏଭଳି ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରାଯାଇ ବିଭାଗ ବାହାବା ନେଉଥିବାବେଳେ ଏହା ପଛରେ ପରୋକ୍ଷରେ ଗଞ୍ଜେଇ ଚାଷକୁ ସୁରକ୍ଷା ଏବଂ ପ୍ରୋତ୍ସାହନ ଯୋଗାଯାଉଥିବା ଏଥିରୁ ଅନୁମାନ କରାଯାଉଛି। ୨/୩ବର୍ଷ ହେଲା ହରଭଙ୍ଗା ବ୍ଲକର ବିଭିନ୍ନ ଥାନା ଅଞ୍ଚଳରେ ଗଞ୍ଜେଇ ଚାଷ ବୃଦ୍ଧି ପାଉଛି। ଗତ ଦୁଇବର୍ଷ ହେଲା ପୁଲିସ ଅବକାରୀ, ବନ ବିଭାଗ ମିଳିତ ସହଯୋଗରେ ଗଞ୍ଜେଇ ଗଛ କଟା ଯାଉଛି। ଚାଷ ଆରମ୍ଭରୁ ଏ ନେଇ ୩ ବିଭାଗ ପାଖରେ ଖବର ନ ଥିବାରୁ ପ୍ରତିବର୍ଷ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡୁଛି।



ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା '୧୯୯୯'। ସଂଖ୍ୟାଭିତ୍ତିକ ଶୀର୍ଷକକୁ ନେଇ ଏହା ହେଉଛି ପ୍ରଥମ ଓଡ଼ିଆ ସିନେମା। ଉପକୂଳ ଓଡ଼ିଶାରେ ୧୯୯୯ ମସିହାରେ ସଂଘଟିତ ମହାବାତ୍ୟା ପୃଷ୍ଠଭୂମିକୁ ନେଇ ଏହାର କାହାଣୀ ନିର୍ମିତ। ମହାବାତ୍ୟାରେ ଗୋଟିଏ ପରିବାରର କରୁଣ କାହାଣୀକୁ ଏଥିରେ

# ୧୯୯୯

ସୁନ୍ଦର ଭାବେ ଦେଖାଇବାକୁ ଚେଷ୍ଟା କରାଯାଇଛି। ଚଳଚ୍ଚିତ୍ର ପ୍ରଯୋଜନା, କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଡ.ମନୋଜ ମିଶ୍ର। ଏହାର ନିର୍ଦ୍ଦେଶନାରେ ଅମିତ୍ ପତି ଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ପ୍ରଶାନ୍ତ ପାଢ଼ୀ। ସିନେମାର ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି କାଳୀଚରଣ, ଅପୂର୍ବ, ମମତା, ଜିତେନ୍ଦ୍ର ଓ ମନୋଜ। ଅନ୍ୟପଟେ ଓଡ଼ିଆ ସିନେମାରେ ଓଡ଼ିଆ ଚଳଣି, ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ପରମ୍ପରାର କଥା ରହୁ ନାହିଁ ବୋଲି ଯେଉଁ ଅଭିଯୋଗ ହୋଇଆସୁଥିଲା ସେହି ଅଭାବବୋଧକୁ ଏହା ପୂରଣ କରିବ ବୋଲି ଆଶା କରାଯାଉଛି। ସିନେମାର ବଳିଷ୍ଠ କାହାଣୀ ଆରମ୍ଭରୁ ଶେଷ ଯାଏଁ ଦର୍ଶକଙ୍କୁ ବାନ୍ଧି ରଖିବ ବୋଲି ଏହାର ଟିମ୍ ପୂରା ଆଶାବାଦୀ ଅଛି। ■

ଛାୟାଗୀତି



ସୂର୍ଯ୍ୟ ଦେଓ

# ଷାଠିଏ ଦଶକର ଶେଷଭାଗ

ଷାଠିଏ ଦଶକର ଶେଷଭାଗରେ ଓଡ଼ିଆ ଚଳଚ୍ଚିତ୍ର ଗୀତରେ ହୋଇଥିବା ପରୀକ୍ଷାନିରୀକ୍ଷା ହିଁ ଭବିଷ୍ୟତ ଗୀତିମୟତାର ନୂଆ ଦିଗ ଉନ୍ମୁକ୍ତ କରିଥିଲା। ଏହାର ପ୍ରମାଣ ପାଇଁ ତିନିଟି ଚଳଚ୍ଚିତ୍ରର ଉଦାହରଣ ହିଁ ଯଥେଷ୍ଟ। 'କିଏ କାହାର', 'ସ୍ତ୍ରୀ' ଓ 'ବନ୍ଧନ'। ୧୯୬୮ ମସିହାରେ ମୁକ୍ତିଲାଭ କରିଥିଲା 'କିଏ କାହାର'। ଅକ୍ଷୟ ମହାନ୍ତିଙ୍କ ସଂଗୀତ ଆଣିଥିଲା ନୂଆ ଉନ୍ମାଦନା। ଫୁଲେଇ ରାଣୀ ସଜଫୁଲ ଗୁନ୍ଥିଥିଲେ ଅକ୍ଷୟ ଓ ସିପ୍ରା ବୋଷ, ଗୀତିକାର ଥିଲେ ଗୁରୁକୃଷ୍ଣ ଗୋସ୍ୱାମୀ। ଚକୋରୀ ଆଖି ଲୁହରେ ଭିଜିଥିଲେ ଗାୟକ ଓ ଗୀତିକାର ଅକ୍ଷୟ ମହାନ୍ତି। 'ବନ୍ଧୁ ଛି ଛି' ଗାଇଥିଲେ ନିର୍ମଳା ମିଶ୍ର, ଗୀତିକାର ଥିଲେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ। ଦେବଦାସ ଛୋଟରାୟଙ୍କ 'ପରଦେଶୀ ବନ୍ଧୁ'ର ମାୟାରେ ପଡ଼ିଥିଲେ ସିପ୍ରା ବୋଷ, 'ଉଡ଼ି ଉଡ଼ି ଉଡ଼ି ଉଡ଼ି ଯାରେ ଗୁଡ଼ି'କୁ ଉଡ଼ାଇଥିଲେ ଗାୟକ ଅକ୍ଷୟ ମହାନ୍ତି ଓ ଗୀତିକାର ନାରାୟଣ ପ୍ରସାଦ ସିଂହ, ନିର୍ମଳା ଓ ସିପ୍ରାଙ୍କ 'ହେମ ହରିଣୀ ମଥାର ମଣି'କୁ ସଜାଇଥିଲେ ଗୀତିକାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଗୀତିକାର ନାରାୟଣ ପ୍ରସାଦ ସିଂହଙ୍କ 'ଉଦାସୀ ଆଖି ଚାହିଁ ରହେ' ସାଜିଥିଲା ଆରତି ମୁଖାର୍ଜୀଙ୍କ କଣ୍ଠରେ ଓ ପାର୍ଥ ସାରଥି ମହାପାତ୍ରଙ୍କ ରଚନା 'ହାୟ ମଦଭରି ଆଖି'କୁ ଗାଇଥିଲେ ଶ୍ୟାମଳ ମିତ୍ର। 'କିଏ କାହାର'ର ମୁଖ୍ୟ ଆକର୍ଷଣ ଥିଲା ଏହାର ଗୀତ ଓ ନାଚ। 'ଫୁଲେଇ ରାଣୀ ସଜଫୁଲ' ଓ 'ପରଦେଶୀ ବନ୍ଧୁ' ଗୀତ ବାହାଘର ବ୍ୟାଣ୍ଡ ପାର୍ଟିରେ ବାଜୁଥିଲା। ଓଡ଼ିଆ ସିନେମା 'କିଏ କାହାର' ରିଲିଜ୍ ହେବା ପରେ ପରେ ହିଁ ଗୀତ ସବୁ ବାହାଘର ବ୍ୟାଣ୍ଡ ପାର୍ଟିରେ ବାଜୁଥିଲା। ଏଥିପାଇଁ ଅକ୍ଷୟ ପାଇଥିଲେ ଅଜସ୍ର ଲୋକପ୍ରିୟତା। କେବେ କେବେ ମନେହୁଏ ଅକ୍ଷୟ ନ ଥିଲେ କ୍ଳାନ୍ତିକର ଓ ବୋଝ ବୋଝ ଲାଗିଥାନ୍ତା ସିନେମା ସଂଗୀତର ଯାତ୍ରା। ଅକ୍ଷୟ 'ମଲାଜହ୍ନ'ରୁ ଆରମ୍ଭ କରିଛନ୍ତି ସିନେମା ସଂଗୀତ ନିର୍ଦ୍ଦେଶନା, 'କିଏ କାହାର' ତାଙ୍କ ସଂଗୀତ ନିର୍ଦ୍ଦେଶନାର ଦ୍ୱିତୀୟ ସିନେମା। ସିନେମା ସଂଗୀତ ନିର୍ଦ୍ଦେଶକ ଭାବେ 'କିଏ କାହାର' ହିଁ ତାଙ୍କୁ ଆଣିଦେଇଥିଲା ଖ୍ୟାତି। ଚଞ୍ଚଳ ଲୋକସ୍ୱରର ପ୍ରୟୋଗ ଓ ପରୀକ୍ଷା ସହ ଗୀତରେ ସଂଳାପର ଚମତ୍କାର ବ୍ୟବହାର ପାଇଁ 'କିଏ କାହାର'ର ଗୀତ ସବୁଦିନ ସତେଜ।

୧୯୬୯ ମସିହାରେ 'ସ୍ତ୍ରୀ' ଓ 'ବନ୍ଧନ' ମୁକ୍ତିଲାଭ କରେ। ଉଭୟ ସିନେମାର ସଂଗୀତ ନିର୍ଦ୍ଦେଶକ ଶ୍ରୀକୁମାର ମାନେ ଭୁବନେଶ୍ୱର ମିଶ୍ର। 'ସ୍ତ୍ରୀ'ରେ ଦେବଦାସ ଛୋଟରାୟ, ସାରଦା ପ୍ରସନ୍ନ ନାୟକ, ନରସିଂହ ମହାପାତ୍ର, ଅକ୍ଷୟ ମହାନ୍ତିଙ୍କ ରଚନାରେ କଣ୍ଠଦାନ କରନ୍ତି ଅକ୍ଷୟ, ନିର୍ମଳା, ସନ୍ଧ୍ୟା ମୁଖାର୍ଜୀ ଓ ପ୍ରଣବ କିଶୋର ପଟ୍ଟନାୟକ। ହଁ, ଗୀତିକାର ସ୍ୱରୂପ ନନ୍ଦନ ନାୟକ ଲେଖନ୍ତି ନିଜ ଜୀବନର ପ୍ରଥମ ସିନେମା ଗୀତ 'କଳି ଯୁଗ କୃଷ୍ଣ ମୁହିଁ ତୁ ମୋ ହିରୋଇନ୍'। ପ୍ରଥମଥର ପାଇଁ ଓଡ଼ିଆ ସିନେମାରେ ସଂଯୋଜିତ ହୁଏ ଟୁଇଷ୍ଟ ନାଚ। 'ଝୁମି ଝୁମି ଆସେ ଆଖି' ଏ ଟୁଇଷ୍ଟ ନାଚର ଗୀତକୁ ଲେଖନ୍ତି ଅକ୍ଷୟ ମହାନ୍ତି। ନିର୍ମଳାଙ୍କ ସହ ଏହି ଗୀତକୁ ନିଜେ ଗାଆନ୍ତି ବି। 'ସ୍ତ୍ରୀ'ର 'ଗଙ୍ଗା ଯେ ଦେଶେ ବହେ', 'ଯଉବନ ଫୁଲ ଝରିଯାଏ ଅଧୀରେ', 'ବିତିଯାଏରେ ଦିନ', 'ମୋ ଆଖିର କେତେ କଥା', 'ତୁମେ ଯଦି ସାଥୀ ମୋର', 'ସଞ୍ଜ ସକାଳେ ତୁମ ଛବି ଖୋଜେ' ଗୀତସବୁ ବେଶ୍ ଲୋକପ୍ରିୟ ବି ହୁଏ। ଏହାର ପରବର୍ତ୍ତୀ ସିନେମା 'ବନ୍ଧନ'ରେ ମଧ୍ୟ ସଂଗୀତକାର ଶ୍ରୀକୁମାର କେତେକ ନୂଆ ପରୀକ୍ଷା କରିଥିଲେ। ଏଥିରେ ସହଯୋଗୀ ସଂଗୀତକାର ଥିଲେ ଶ୍ରୀବତ୍ସ ପଟ୍ଟନାୟକ।



ପ୍ରଣବ ଓ ନିର୍ମଳା ଗାଇଥିବା 'ପୂର୍ଣ୍ଣିମା ଜହ୍ନ ସତେ ଧରାବୁକେ ଉଇଁଲା'ରେ କବିତା ଆବୃତ୍ତିର ସଂଯୋଜନା, 'ଏ ନୀଳ ଆଖି ନୀଳ ଜଳେ ଭାସନା'ରେ ଉର୍ଦ୍ଦୁ 'ନଜ୍‌ମ' ଶୈଳୀର ଆଳାପନା, ପ୍ରଣବଙ୍କ ଏକକ ଗାୟନ 'ମା କାଳିଜାଈ ଲୋ'ରେ ନାଉରିଆ ଲୋକ ସ୍ୱର ଆରୋପଣ ଏବଂ ସିକନ୍ଦର ଓ ସିପ୍ରାଙ୍କ କଣ୍ଠରେ 'ନା ନା ନା ନା'ରେ ମନ ମାରିଦେନା' ଗୀତରେ ଓଡ଼ିଆ ସୁଆଙ୍ଗ ଗୀତର ପ୍ରୟୋଗ ପ୍ରମାଣିତ କରିଥିଲା ଯେ 'ବନ୍ଧନ' ହେଉଛି ଓଡ଼ିଆ ସିନେମା ଗୀତର ଏକ ପରୀକ୍ଷାଶାଳା। ଏହି ସିନେମାରେ ପୁଣି ଯୋଡ଼ି ହୋଇଥିଲା ଅକ୍ଷୟଙ୍କ ରଚନା ଓ ଗାୟନ 'ସାବି ସାବି, ତୁ ତ ମୋର ନାଲିପାନ ବିବି'। ■



# ମହିଳା ଦିବସରେ 'ପାଦେ ଆକାଶ'

ମାର୍ଚ୍ଚ ୮ (ଅନ୍ତର୍ଜାତୀୟ ମହିଳା ଦିବସ)ରେ ଆସିବାକୁ ଯାଉଛି ତରଙ୍ଗ ସିନେ ପ୍ରଡକ୍‌ସନ୍‌ର ନୂଆ ଓଡ଼ିଆ ଦ୍ୱିଭାଷୀ (ଓଡ଼ିଆ-ହିନ୍ଦୀ) ଚଳଚ୍ଚିତ୍ର 'ପାଦେ ଆକାଶ।' ଏହି ଚଳଚ୍ଚିତ୍ର ସମାଜସେବୀ ଶ୍ରୁତି ମହାପାତ୍ରଙ୍କ ଜୀବନୀ ଉପରେ ଆଧାରିତ। ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଅର୍ଚ୍ଚିତା। ଏଥିରେ ଅର୍ଚ୍ଚିତାଙ୍କ ବିପକ୍ଷରେ ନାୟକ ଅଛନ୍ତି ଅଙ୍କିତ କୁମାର। ତେବେ ଏଥିରେ ନାୟିକାଙ୍କ ଦୁର୍ଘଟଣା ହୁଏ। ଏହା ପରେ ସେ ପକ୍ଷାଘାତରେ ପୀଡ଼ିତ ହୁଅନ୍ତି। ଏଇଠୁ କାହାଣୀ ଭିନ୍ନ ମୋଡ଼ ନେଇଛି। ଉକ୍ତ ସିନେମାର ନିର୍ଦ୍ଦେଶନାରେ ସୁଶାନ୍ତ ମଣି ଥିବା ବେଳେ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଏହାର ଚିତ୍ରନାଟ୍ୟରେ ଅଛନ୍ତି ବିପ୍ଳବ ସିଂହ ଏବଂ ଦେବୀଦତ୍ତ ମହାନ୍ତି। ସିନେମାର ଗୀତ ରଚନାରେ ବିଜୟ ମଲ୍ଲ ଥିବା ବେଳେ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ୍ ଆନନ୍ଦ। ■

# ରାମ ଚରିତ୍ର ପାଇଁ ଦେଢ଼ ବର୍ଷ ଖାଇଲେ ସିଝା ଖାଦ୍ୟ



ଟିଭିରେ 'ରାମ' ଚରିତ୍ରରେ ଅଭିନୟ କରିଥିବା ଗୁରମିତ୍ ଚୌଧୁରୀ କେବଳ ଅଭିନୟ ନୁହେଁ, ବରଂ ସେ ତାଙ୍କ ଫିଟ୍‌ନେସ୍ ପାଇଁ ବି ବେଶ୍ ଯତ୍ନବାନ ଥାନ୍ତି। ସେ ଏକ ୟୁଟ୍ୟୁବ୍ ଚ୍ୟାନେଲରେ ନିଜ ଡାଏଟ୍ ସମ୍ପର୍କରେ କହିଛନ୍ତି। ଗୁରୁମିତ୍ ଖାଦ୍ୟ ପ୍ରିୟ। ତେବେ ଖାଦ୍ୟପ୍ରେମୀ ହୋଇଥିଲେ ହେଁ ତାଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ଛାଡ଼ିବାକୁ ପଡ଼ିଥିଲା। ଗତ ଦେଢ଼ ବର୍ଷ ହେବ ସେ ଚିନି, ଭାତ, ରୁଟି ଏବଂ ପାଉଁରୁଟି ଖାଇ ନାହାନ୍ତି। ଏଭଳି ଡାଏଟ୍‌କୁ ମାନିବା ତାଙ୍କ ପାଇଁ ଆଦୌ ସହଜ ନ ଥିଲା। ଅବଶ୍ୟ ସେ ଏଇ ଦେଢ଼ ବର୍ଷ ମଧ୍ୟରେ କେବଳ ଗୋଟିଏ ପ୍ରକାର ଖାଦ୍ୟ ଖାଇ ଥିଲେ। ତାହା ହେଉଛି ସିଝା ଖାଦ୍ୟ। ଯଦିଓ ଏପ୍ରକାର ଖାଦ୍ୟର କୌଣସି ସ୍ୱାଦ ନ ଥିଲା, ତଥାପି ପରବର୍ତ୍ତୀ ସମୟରେ ଏହି ଖାଇବା ତାଙ୍କୁ ଭଲ ଲାଗିଥିବା ଗୁରମିତ୍ କହିଛନ୍ତି। ■



# ମୁହଁ ଖୋଲିଲେ

ବଲିଉଡ୍‌ର ଲୋକପ୍ରିୟ ଫିଲ୍ମ ନିର୍ମାତା ହେଲେ କରଣ ଜୋହର। ୫୨ ବର୍ଷ ବୟସରେ ଏବେ ବି ସେ ସିଙ୍ଗଲ ଅଛନ୍ତି। ତେବେ ଏବେ ତାଙ୍କ ପାର୍ଟନରଙ୍କୁ ନେଇ ମୁହଁ ଖୋଲିଛନ୍ତି। ଅବଶ୍ୟ ସେ ମଜାଦାର ଶୈଳୀରେ ନିଜ ପାର୍ଟନର୍‌ର ପରିଚୟ ଦେଇଛନ୍ତି। କରଣ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ଏକଥା ଜଣାଇଛନ୍ତି। ସେ କାହାକୁ ଡେଟ୍ କରୁଛନ୍ତି, ଇନ୍‌ଷ୍ଟାଗ୍ରାମ୍‌ରେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, "ମୁଁ ଇନଷ୍ଟାଗ୍ରାମ୍‌କୁ ଡେଟ୍ କରୁଛି। ଏହା ମୋତେ ଶୁଣେ, ମୋ ସ୍ୱପ୍ନ ପୂରଣ କରୁଛି। ଏପରିକି କିଛି ବିଲ୍ ମଧ୍ୟ ଭରିଥାଏ। ଏଣୁ ଏହା ସହିତ ମୋର ପ୍ରେମ ବା କାହିଁକି ନ ହେବ?" ଅବଶ୍ୟ ତାଙ୍କର ଏହି ମଜାଦାର ପୋଷ୍ଟ ତାଙ୍କ ପ୍ରଶଂସକଙ୍କୁ ହସର ଖୋରାକ ଯୋଗାଇଛି। ଏପରିକି କରଣଙ୍କ ଏହି ଅନ୍ଦାଜକୁ ସେମାନେ ବେଶ୍ ପସନ୍ଦ କରିଛନ୍ତି। ■

# ଆସିବ 'ଗଲି ବଏ-୨'





୨୦୧୯ ମସିହାରେ ମୁକ୍ତିଲାଭ କରିଥିଲା ହିନ୍ଦୀ ସିନେମା 'ଗଲି ବଏ।' ଏଥିରେ ରଣବୀର ଏବଂ ଆଲିଆଙ୍କ ଅଭିନୟକୁ ଦର୍ଶକେ ପସନ୍ଦ କରିଥିଲେ। ତେବେ ଏବେ ଆସିବାକୁ ଯାଉଛି ଏହାର ସିକ୍ୱେଲ। 'ଗଲି ବଏ'ର ସିକ୍ୱେଲରେ ରଣବୀର ଏବଂ ଆଲିଆଙ୍କୁ ଦେଖିବାକୁ ମିଳିବ ନାହିଁ। ଏହାର ଦ୍ୱିତୀୟ ଭାଗରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବେ ଭିକି କୌଶଲ ଏବଂ ଅନନ୍ୟା ପାଣ୍ଡେ। ଏବେ ଏ ଦୁହିଁଙ୍କୁ ନେଇ କଥାବାର୍ତ୍ତା ଚାଲିଛି ଏବଂ ସିନେମାକୁ ନେଇ ଅନ୍ୟ ଜରୁରି ପ୍ରକ୍ରିୟା ଜାରି ରହିଛି। ତେବେ ସିନେମାର ନିର୍ଦ୍ଦେଶନା ଭାର ଜୋୟା ଅଖତର ସମ୍ଭାଳିବେ ନାହିଁ, ବରଂ ଅନ୍ୟ କେହି ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ରହିବେ। ■

# ୧୭ରେ 'ଅଦୃଶ୍ୟ'

ଏଇ ୧୭ ତାରିଖରେ ପ୍ରେକ୍ଷାଳୟକୁ ଆସିବ ନୂଆ ଓଡ଼ିଆ ସିନେମା 'ଅଦୃଶ୍ୟ'। ମାଆ ଗାୟତ୍ରୀ ଫିଲ୍ମସ୍ ପ୍ରସ୍ତୁତ ଏହା ହେଉଛି ଏକ ସସପେନ୍ସ, କମେଡ଼ି ଓ ଥ୍ରିଲରଧର୍ମୀ ସିନେମା। ଅପରିଚିତ ସାତଜଣ ବ୍ୟକ୍ତି ଏକ ଟ୍ରାଭେଲ୍ ଏଜେନ୍ସି ମାଧ୍ୟମରେ ବଣଭୋଜି ପାଇଁ ଦାରିଙ୍ଗବାଡ଼ି ଯାଉଛନ୍ତି। ତେବେ ସେମାନଙ୍କର ଫେରିବା ବାଟରେ ଗାଡ଼ି ଖରାପ ହୋଇଯାଉଛି ଏବଂ ସମସ୍ତେ ଗୋଟିଏ ଆଦିବାସୀ ହଷ୍ଟେଲରେ ରାତିକ ପାଇଁ ରହିଛନ୍ତି। ସକାଳେ ଡ୍ରାଇଭର୍ ୧୫ କିମି ଦୂର ଏକ ଗାଁକୁ ଗାଡ଼ି ସଜାଡ଼ିବାକୁ ନେଉଛି। ଏତିକିବେଳେ ମାଓବାଦୀମାନେ ଗାଁର ଉଭୟପାର୍ଶ୍ୱ ରାସ୍ତା ଅବରୋଧ କରିଥିବା ସେମାନେ ଜାଣିବାକୁ ପାଉଛନ୍ତି। ଫଳରେ ସେମାନଙ୍କୁ ବାଧ୍ୟ ହୋଇ ସେଠାରେ ଆଉ କିଛିଦିନ ରହିବାକୁ ପଡୁଛି। ଏହାରି ଭିତରେ ନାୟକ ନାୟିକାଙ୍କୁ ଛାଡ଼ି ଜଣ ଜଣ କରି କୌଣସି ଅଜଣା ଆତତାୟୀ ହତ୍ୟା କରୁଛି। ଅବଶ୍ୟ ଶେଷରେ ନାୟକ, ନାୟିକା ରହସ୍ୟର ଉନ୍ମୋଚନ କରୁଛନ୍ତି। ତେବେ ଏ ଅଦୃଶ୍ୟ ଆତତାୟୀ କିଏ ଏବଂ ଏଭଳି ହତ୍ୟା ପଛର କାରଣ କ'ଣ, ସେକଥା ସିନେମା ମୁକ୍ତିଲାଭ କଲେ ଜଣାପଡ଼ିବ। ସୁନନ୍ଦା ସାହୁ ଏବଂ ରାଜେଶ ଅଗ୍ରୱାଲଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା, କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ସତ୍ୟ ନାରାୟଣ ସାହୁ। ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ମଳୟ ମିଶ୍ର ଏବଂ ଏଥିରେ କଣ୍ଠଦାନ କରିଛନ୍ତି ଇରା ମହାନ୍ତି, ସ୍ୱୟଂ ପାଢ଼ୀ, ସତ୍ୟଜିତ ପ୍ରଧାନ। ସିନେମାର ବିଭିନ୍ନ ଚରିତ୍ରରେ ଅଭିଷେକ ଗିରି, ସାୟର ମୁଖାର୍ଜୀ, ଲିପ୍ସା ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ନୀଳମଣି ସାହୁ, ଅନନ୍ତ ପଣ୍ଡା ପ୍ରମୁଖ ଅଭିନୟ କରିଛନ୍ତି। ■



ପରଦା ପଛର କାହାଣୀ

# ମାଛିଙ୍କ ପାଇଁ ମହୁ ମାରି ଅଭିନୟ

ହିନ୍ଦୀ ସିନେମା ଜଗତର ସୁପରଷ୍ଟାର୍ ଶାହାରୁଖ୍ ଖାନ୍। ଦୀର୍ଘ ବର୍ଷ ଧରି ସେ ନିଜ ଅଭିନୟ ଯାଦୁରେ ବଲିଉଡ୍ ଜଗତରେ ରାଜ୍ କରି ଆସିଛନ୍ତି। ଅଭିନୟ କରିବା ବେଳେ ଚରିତ୍ରକୁ ନିଖୁଣ ଭାବେ ଫୁଟାଇବା ପାଇଁ ସେ ପ୍ରାଣପଣେ ଚେଷ୍ଟା କରିଥାନ୍ତି। ଆଉ ସେଥିରେ ସଫଳ ମଧ୍ୟ ହୋଇଥାନ୍ତି। ନିକଟରେ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ମୋଟବାନୀ ୨୦୦୨ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ଦେବଦାସ'କୁ ନେଇ ଏକ ବଡ଼ ଖୁଲାସା କରିଛନ୍ତି। ଯେଉଁଥିରେ ଫିଲ୍ମର କ୍ଲାଇମାକ୍ସକୁ ରୁଚିସଂପନ୍ନ କରିବା ପାଇଁ ଶାହାରୁଖ୍ ମୁହଁରେ ମହୁ ଲଗାଇ ଅଭିନୟ କରିଥିଲେ। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ସଞ୍ଜୟ ଲୀଲା ଭଁସାଲି ଓ ସହ ନିର୍ଦ୍ଦେଶକ ଥିଲେ ବିକ୍ରମାଦିତ୍ୟ ମୋଟବାନୀ। ନିକଟରେ ଲଲନ୍‌ଟପ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ମୋଟବାନୀ କହିଛନ୍ତି, ଆମେ ସମସ୍ତେ 'ଦେବଦାସ'ର କ୍ଲାଇମାକ୍ସର ସୁଟିଂ କରୁଥିଲୁ। ଏହି ଦୃଶ୍ୟରେ ଶାହାରୁଖ୍ ଖାନ୍‌ଙ୍କ ଚରିତ୍ରର ମୃତ୍ୟୁ ହୋଇଯାଏ। ଏହାର ସୁଟିଂ ସମୟରେ ଶାହାରୁଖ୍ ସେଟ୍‌ରେ ଉପସ୍ଥିତ ଆସିଷ୍ଟାଣ୍ଟକୁ ଟିକେ ମହୁ ମାଗନ୍ତି। ମୋଟବାନୀଙ୍କ କହିବାନୁଯାୟୀ, ଶାହାରୁଖ ଖାନ୍ କାହିଁକି ମହୁ ମାଗିଲେ ତାହା ସେ ସହ ନିର୍ଦ୍ଦେଶକ ହୋଇ ମଧ୍ୟ ଜାଣିନଥିଲେ। ତେବେ ଚରିତ୍ରକୁ ଜୀବନ୍ତ କରିବା ପାଇଁ ସେ ମହୁ ଲଗାଇଥିଲେ। କାରଣ ମୁହଁରେ ମହୁ ଲଗାଇଲେ ମାଛିମାନେ ଆକର୍ଷିତ ହେବେ। ଯେମିତି ମାଛିମାନେ ମୃତ ବ୍ୟକ୍ତିଙ୍କ ଶରୀରରେ ବସିଥାନ୍ତି। ଏହା ସଂପୂର୍ଣ୍ଣ ଭାବେ ତାଙ୍କର ଚିନ୍ତାଧାରା ଥିଲା। ଶାହାରୁଖ୍ ଏପରି ଭାବେ ଅଭିନୟକୁ ଜୀବନ୍ତ ରୂପ ଦେବା ପାଇଁ ବିଭିନ୍ନ ଉପାୟ ଆପଣାଇଥାନ୍ତି। ■



# ଶୀତଦିନିଆ ମେକ୍‌ଅପ୍

**ଶୀତଦିନେ ତ୍ୱଚା ଶୁଷ୍କ ଦେଖାଯିବା ସ୍ୱାଭାବିକ । ତେଣୁ ଏହି ଦିନେ ଭାବିଚିନ୍ତି ମେକ୍‌ଅପ୍ କରିବାକୁ ପଡ଼ିଥାଏ । ସେଥିପାଇଁ ଉଭୟ ମେକ୍‌ଅପ୍ ସାମଗ୍ରୀ ଓ ପ୍ରକ୍ରିୟାକୁ ପରିବର୍ତ୍ତନ କରିବାକୁ ପଡ଼ିଥାଏ । ତେବେ ଏହି ଦିନରେ ମେକ୍‌ଅପ୍‌ରେ କିପରି ସୁନ୍ଦର ଦେଖାଯିବେ, ଜାଣିବା ସେ ବିଷୟରେ...**

**ସ୍କ୍ରବ୍ କରନ୍ତୁ -** ଥଣ୍ଡାଦିନେ ତ୍ୱଚାରେ ମୃତକୋଷ ସମସ୍ୟା ବେଶୀ ରହିଥାଏ । ତେଣୁ ମେକ୍‌ଅପ୍ ଦ୍ୱାରା ଉଜ୍ଜ୍ୱଳ ତ୍ୱଚା ପାଇବାକୁ ଚାହୁଁଥିଲେ, ଏହାକୁ ସଫା କରିବା ଆବଶ୍ୟକ । ଏହା ତ୍ୱଚାକୁ ଚିକ୍କଣ କରିବାରେ ସହାୟକ ହୋଇଥାଏ । ତେଣୁ ସପ୍ତାହରେ ଦୁଇଥର ତ୍ୱଚାକୁ ସ୍କ୍ରବ୍ କରିବା ଆବଶ୍ୟକ ।

**ମଏଶ୍ଚରାଇଜର୍ ଲଗାନ୍ତୁ-** ବିଶେଷ କରି ଶୀତଦିନେ ତ୍ୱଚାକୁ ମଏଶ୍ଚରାଇଜ୍ କରିବା ଜରୁରୀ । ତେଣୁ ଏକ ଭଲ ମଏଶ୍ଚରାଇଜର ନେଇ ଚେହେରା ସମେତ ବେକରେ ଭଲ ଭାବେ ଲଗାଇପାରିବେ । କାରଣ ତ୍ୱଚା ଶୁଷ୍କ ରହିଲେ ମେକ୍‌ଅପ୍ ଫାଟିଯାଏ । ତେଣୁ ମେକ୍‌ଅପ୍ ପୂର୍ବରୁ ମଏଶ୍ଚରାଇଜ୍ କରିବା ଆବଶ୍ୟକ । ଏଥିପାଇଁ ଅଏଲ୍ ମସାଜ ମଧ କରିପାରିବେ ।

**ପ୍ରାଇମର୍ ଚୟନ-** ଏଦିନେ ତ୍ୱଚାରେ ସିଲିକନ୍ ଯୁକ୍ତ ପ୍ରାଇମର ତଥା ଗ୍ଲୋ- ପ୍ରାଇମର୍ ଲଗାଇବା ଆବଶ୍ୟକ । ଏଥିରୁ ତ୍ୱଚାକୁ ଏକ ପ୍ରାକୃତିକ ଚମକ ମିଳିଥାଏ । ଏହା ତ୍ୱଚାକୁ ଭିତରୁ ଉଜ୍ଜ୍ୱଳ, ନରମ ରଖିବାରେ ସହାୟକ ହୋଇଥାଏ । ଏଥି ସହିତ ଏହା ଲୋମକୂପ ଓ ଚର୍ମକୁଞ୍ଚନ ସମସ୍ୟାକୁ ଲୁଚାଇବାରେ ସହାୟକ ହୋଇଥାଏ ।



**ଫାଉଣ୍ଡେସନ୍ –** ଫାଉଣ୍ଡେସନକୁ ମେକ୍‌ଅପ୍‌ର ମୂଳଦୁଆ ବୋଲି କୁହାଯାଏ । ତେଣୁ ସମ୍ପୂର୍ଣ୍ଣ ମେକ୍‌ଅପ୍ ଫାଉଣ୍ଡେସନ୍ ଉପରେ ନିର୍ଭର କରିଥାଏ । ଖରାପ ଫାଉଣ୍ଡେସନ୍ ଚୟନ ମେକ୍‌ଅପ୍ ବିଗାଡ଼ି ଥାଏ । ତେଣୁ ଏଦିନେ ଲିକ୍ୟୁଇଡ୍ ଫାଉଣ୍ଡେସନ ଲଗାଇବା ଭଲ । ଏଥିରୁ ଏକ ଫିନିଶ୍ ଲୁକ୍ ମିଳିଥାଏ ।

**ଓଠ ମେକ୍‌ଅପ୍‌କୁ ଧ୍ୟାନ ଦିଅନ୍ତୁ –** ସାଧାରଣତଃ ମେକ୍‌ଅପ୍‌ରେ ଓଠର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ସେହିପରି ଶୀତଦିନେ ଓଠ ଶୁଖିଲା ଓ ଫାଟି ଥାଏ ତେଣୁ ଓଠକୁ ସ୍କ୍ରବ୍ କରନ୍ତୁ । ମଏଶ୍ଚରାଇଜ୍ ପାଇଁ ଭେସେଲିନ୍ ଲଗାନ୍ତୁ । ସେହିପରି ମ୍ୟାଟ୍ ଲିପ୍‌ଷ୍ଟିକ୍ ବଦଳରେ ଲିପ୍ ଗ୍ଲସ, ଲିପ୍ ଅଏଲ ଭଳି ପ୍ରସାଧାନ ବ୍ୟବହାର କରିବା ଭଲ ।

# ରୋଜଗାରର ବାଟ ଦେଖାଇଛି ବାଉଁଶ କାରିଗରୀ





**କରୋନା ମହାମାରୀ ସମୟରେ କୋଟି କୋଟି ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଥିଲା । ଏହି ବିପତ୍ତିରେ ଲୋକେ ଆର୍ଥିକ ସ୍ତରରୁ ନେଇ ବହୁ କ୍ଷତିର ସମ୍ମୁଖୀନ ହୋଇଥିଲେ । ଏହି ସମୟରେ କିଛି ଲୋକ ହାରି ଯାଇଥିବାବେଳେ ଆଉ କିଛି ଲୋକେ ରୋଜଗାରର ନୂଆ ବାଟ ଆପଣାଇଥିଲେ । ମନରେ ଧୈର୍ଯ୍ୟ ଓ ସାହସ ରଖି ଦୁର୍ଯୋଗକୁ ସୁଯୋଗରେ ପରିଣତ କରି ଅର୍ଥ ଉପାର୍ଜନ କରିବାରେ ସକ୍ଷମ ହୋଇଥିଲେ । ସେହିଭଳି ଧାରାରେ ବିହାର ବୈଶାଳୀ ଜିଲ୍ଲାର ମହିଳାମାନେ କରୋନା ସମୟର ସଦୁପଯୋଗ କରି ବାଉଁଶରୁ ଭଳିକି ଭଳି ଉପକରଣ ପ୍ରସ୍ତୁତ କରି ଆତ୍ମନିର୍ଭର ହେବାରେ ସଫଳ ହୋଇଛନ୍ତି ।**



**୧୫ ପ୍ରକାରର ଗୃହ ସଜ୍ଜାଉପକରଣ -** ବୈଶାଳୀ ଜିଲ୍ଲା ସତପୁରା ଗାଁର ମହିଳାମାନେ ବାଉଁଶରେ ଭଳିକି ଭଳି ଗୃହସଜ୍ଜାଉପକରଣ ପ୍ରସ୍ତୁତ କରନ୍ତି । କରୋନା ମହାମାରୀ ସମୟରେ ସେମାନେ ଖାଲିରେ ଘରେ ନ ବସି, ଉଦ୍ୟୋଗୀ ବିଭାଗରୁ ବାଉଁଶ ତିଆରି ସାମଗ୍ରୀ ପାଇଁ ତାଲିମ୍ ନେଇଥିଲେ । ସେଥିରୁ ଟ୍ରେ, ଫୁଲଦାନୀ, ଟୋକେଇ ସମେତ ଖେଳନା ଆଦି ପ୍ରସ୍ତୁତ କରିଥିଲେ । ପରେ ଏହି ବାଉଁଶ ଉପକରଣକୁ ନେଇ ବ୍ୟବସାୟ କରିବାକୁ ଚିନ୍ତା କରିଥିଲେ । ଫଳରେ ୨୦୨୦ ମସିହାରେ ଏହି ବ୍ୟବସାୟ ଆରମ୍ଭ କଲେ । ବାର ଜଣ ମହିଳା ମିଳିତ ହୋଇ ଏହି ବାଉଁଶ ଉପକରଣ ପ୍ରସ୍ତୁତ କରି ବିକ୍ରିବଟା କରୁଛନ୍ତି ।

**ତାଲିମ ପରେ ପ୍ରୋତ୍ସାହନ-** ବାଉଁଶରୁ ଗୃହସଜ୍ଜା ଉପକରଣ ତାଲିମ୍ ନେବା ପରେ ସ୍ଥାନୀୟ ମହିଳାମାନେ ଏହାକୁ ନେଇ ବ୍ୟବସାୟ କରିବା ପାଇଁ ଚିନ୍ତା କରିଥିଲେ । ଏଥିପାଇଁ ଉଦ୍ୟୋଗ ବିଭାଗରୁ ପ୍ରୋତ୍ସାହନ ସ୍ୱରୂପ ଅର୍ଥରାଶି ମିଳିଥିଲା । ଯାହାକୁ ଉପଯୋଗ କରି ବ୍ୟବସାୟ ଆରମ୍ଭ କରିଥିଲେ । ମହିଳାମାନେ ଘରେ ରହି ବିଭିନ୍ନ ଗୃହସଜ୍ଜଉପକରଣ ପ୍ରସ୍ତୁତ କରୁଛନ୍ତି । ଏହାକୁ କେବଳ ରାଜ୍ୟ ନୁହେଁ, ରାଜ୍ୟ ବାହାରେ ମଧ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର କରିପାରୁଛନ୍ତି । ମହିଳାମାନେ ଘରର ଯାବତୀୟ କାର୍ଯ୍ୟ ସାରିବା ପରେ, ଦିନ ୧୧ ଟାରୁ ୪ ଟା ଯାଏ, ଏହି ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ମହିଳାଙ୍କ କହିବାନୁଯାୟୀ, ଏହି କାମ କରିବାକୁ ଖୁବ୍ ଆନନ୍ଦ ଲାଗେ । ଏଥି ସହ ଘରେ ଭଲ ରୋଜଗାର ମଧ କରିବାର ଏକ ଭଲ ମାଧ୍ୟମ ତେଣୁ ସେମାନେ ବାଉଁଶରୁ ଭଳିକି ଭଳି ଟ୍ରେ, ଫୁଲଦାନି, ପର୍ସ, ଜୁଏଲାରି ବକ୍ସ ଭଳି ନାନା ଜିନିଷ ପ୍ରସ୍ତୁତ କରିଥାନ୍ତି ।

**ବାଉଁଶ ସାମଗ୍ରୀର ଚାହିଦା ବେଶୀ-** ଏହାକୁ ପ୍ରସ୍ତୁତ କରୁଥିବା ଶର୍ମିଳା କୁମାରୀଙ୍କ କହିବାନୁଯାୟୀ, ସେ ଓ ତାଙ୍କ ସହଯୋଗୀମାନେ ବାଉଁଶରୁ ଘରସଜ୍ଜା ଉପକରଣ ପ୍ରସ୍ତୁତ କରିଥାନ୍ତି । ବଜାରରେ ବାଉଁଶ ତିଆରି ଜିନିଷର ଅଧିକ ଚାହିଦା ରହିଛି । ତେବେ ପଚାଶ ଟଙ୍କାରୁ ଆରମ୍ଭ କରି ଦୁଇ ହଜାର ଟଙ୍କା ଯାଏ ସମସ୍ତ ସାମଗ୍ରୀର ମୂଲ୍ୟ ରହିଛି । କେବଳ ସେତିକି ନୁହେଁ, ବାଉଁଶକୁ ଉପଯୋଗ କରି ପିଲାଙ୍କ ପାଇଁ ବିଭିନ୍ନ ଖେଳନା ପ୍ରସ୍ତୁତ କରିଥାନ୍ତି । ଗୋଟିଏ ବାଉଁଶରୁ ୫୦୦୦ ଟଙ୍କାର ଜିନିଷ ପ୍ରସ୍ତୁତ ହୋଇଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ ଉପକରଣ ଅନୁସାରେ ସମୟ ଲାଗିଥାଏ । ବାଉଁଶ ଝୁମର୍ ତିଆରି ପାଇଁ ଏକ ମାସରୁ ଅଧିକ ସମୟ ଲାଗିଥାଏ ।

# ଚେନ୍ ବେଲ୍ଟ

**ମହିଳାମାନେ ଫେଶନ ତଥା ଅଣ୍ଟା ପତଳା ଦେଖାଯିବା ପାଇଁ ଅଣ୍ଟାରେ ଚେନ୍ ବେଲ୍ଟ ପିନ୍ଧିଥାନ୍ତି । ତେବେ ଏହି ଷ୍ଟାଇଲ୍ ବେଲ୍ଟକୁ ବିଶେଷ କରି ଜିନ୍ସ ତଥା ଟପ୍ସ ଓ ସ୍କର୍ଟ୍‌ରେ ପିନ୍ଧା ଯାଇଥାଏ । ହେଲେ ଏହାକୁ ଏବେ ମହିଳାମାନେ ବିଭିନ୍ନ ଡିଜାଇନର ଡ୍ରେସ୍ ଓ ଶାଢ଼ିରେ ବ୍ୟବହାର କରୁଛନ୍ତି । ତେବେ ଚେନ୍ ବେଲ୍ଟ ଲଗାଇ କିପରି ସୁନ୍ଦର ଦେଖାଯିବେ ଜାଣିବା ସେ ବିଷୟରେ ।**

- ପାର୍ଟିରେ ଷ୍ଟାଇଲିଶ୍ ଲୁକ୍ ଲାଗି ଶାଢ଼ି ଉପରେ ଚେନ ବେଲ୍ଟ ପିନ୍ଧିବାକୁ ଚାହୁଁଥିଲେ, ଏଥିପାଇଁ ସିମ୍ପଲ ଏବଂ ହାଲୁକା ରଙ୍ଗର ଶାଢ଼ି ଚୟନ କରିପାରିବେ । କାରଣ ଭାରି କାମଯୁକ୍ତ ଶାଢ଼ିରେ ଏହି ବେଲ୍ଟ ଆଦୌ ଭଲ ଲାଗି ନଥାଏ ।
- ଅଫିସ୍‌ରେ ନିଜକୁ ଏକ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, କାଜୁଆଲ୍ ଡ୍ରେସ୍ କିମ୍ବା ଟି – ସାର୍ଟ ଉପରେ ଏହି ବେଲ୍ଟ ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।
- ୱାନପିସ୍, ଗାଉନ୍ ଓ ଫ୍ରକ୍ ଉପରେ ଏହି ବେଲ୍ଟ କ୍ୟାରି କଲେ, ଫଙ୍କି ଲୁକ୍ ମିଳିଥାଏ ।
- ଆପଣ ଚାହିଁଲେ କ୍ରପ୍ ଟପ୍ ସହ ଚେନ୍ ବେଲ୍ଟ ପିନ୍ଧିପାରିବେ । କିମ୍ବା ଶ୍ରଗ୍ ଉପରେ ଏହାକୁ ପିନ୍ଧି ଏକ ଷ୍ଟାଇଲିଶ୍ ଲୁକ ପାଇପାରିବେ ।





# ହେୟାର୍ ସ୍ମୁଥିନିଙ୍ଗ୍‌ର ପରବର୍ତ୍ତୀ ଯତ୍ନ

ବର୍ତ୍ତମାନ ସମୟରେ କେଶକୁ ଆକର୍ଷଣୀୟ କରିବା ପାଇଁ ଅଧିକାଂଶ ଯୁବତୀ ହେୟାର୍ ସ୍ମୁଥିନିଙ୍ଗ୍ କରିବାକୁ ପସନ୍ଦ କରୁଛନ୍ତି । କିନ୍ତୁ ସ୍ମୁଥିନିଙ୍ଗ୍ କରିବା ପରେ କିଛି ଦିଗକୁ ସେମାନେ ଅଣଦେଖା କରିଥାନ୍ତି । ଯାହାଦ୍ୱାରା କେଶକୁ କ୍ଷତି ପହଞ୍ଚିଥାଏ । ଏଣୁ ସ୍ମୁଥିନିଙ୍ଗ୍ କରିବା ପରେ କେଶର ଯତ୍ନ କିଭଳି ନେବା ଦରକାର, ସେ ବାବଦରେ ଜାଣିବା ଆବଶ୍ୟକ ।

**କେଶ ଖୋଲା ରଖିବା-** ସ୍ମୁଥିନିଙ୍ଗ୍ ପରେ କେଶକୁ ପ୍ରାୟ ତିନିଦିନ ପର୍ଯ୍ୟନ୍ତ ପାଣିଠୁ ଦୂରେଇ ରଖିବା ଉଚିତ । ଏହା ସହ କେଶକୁ ବାନ୍ଧିବା ଠିକ୍ ନୁହେଁ । ଅର୍ଥାତ୍ କାନ କୋଣରେ କେଶକୁ ଜାକି ରଖିବା, କ୍ଲିପ୍‌ରେ ବାନ୍ଧିବା ତଥା ଖୋଷା କରିବା ଅନୁଚିତ ।

**ଖରାରୁ ଦୂରେଇ ରହିବା-** ସ୍ମୁଥିନିଙ୍ଗ୍ କରିବା ପରେ କେଶ ସେନ୍‌ସିଟିଭ୍ ହୋଇଯାଏ । ଫଳରେ ଅତିବାଇଗଣୀ ରଶ୍ମି କେଶରେ ପଡ଼ିବା ଦ୍ୱାରା କେଶ ଖରାପ ହୋଇଥାଏ । ସ୍ମୁଥିନିଙ୍ଗ୍ କରିବା ପରେ ଖରାଠୁ ଦୂରେଇ ରୁହନ୍ତୁ । ତା'ସହ ପଦାକୁ ବାହାରୁଥିଲେ, କେଶରେ ସିରମ୍ ଲଗାନ୍ତୁ । ଏହା ଦ୍ୱାରା କେଶ ସୁରକ୍ଷିତ ରହିବ ।

**ସ୍ୱତନ୍ତ୍ର ଯତ୍ନ ଜରୁରି:** ଦୀର୍ଘ ସମୟ ଯେଭଳି ଏହି ଚିକିତ୍ସା ତିଷ୍ଠି ରହିବ, ସେଥିପାଇଁ କେଶକୁ ତେଲରେ ମସାଜ କରିପାରିବେ । କେଶରେ ସାମ୍ପୁ କରିବା ପରେ କଣ୍ଡିସନର ନିହାତି ଲଗାନ୍ତୁ । ସେହିପରି ସପ୍ତାହକୁ ଥରେ ସ୍ପା କରିପାରିବେ । ଏହାବାଦ୍ ଘିକୁଆଁରୀ, ଅଣ୍ଡା, ଦହି ଆଦି ହେୟାର ମାସ୍କ ଲଗାଇ କେଶକୁ ସୁସ୍ଥ ରଖିପାରିବେ ।



# ଶୋଇବା ପୂର୍ବରୁ ଲଗାନ୍ତୁ ରାଇସ୍ ୱାଟର୍

**ବର୍ତ୍ତମାନ ସମୟରେ ମହିଳାଙ୍କ ମଧ୍ୟରେ କୋରିୟାନ୍ ସ୍କିନ୍ ଗ୍ଲୋ ଟ୍ରେଣ୍ଡରେ ରହିଛି । ଏପରି ଉଜ୍ଜ୍ୱଳ ତ୍ୱଚା ପାଇବାକୁ ଚାହୁଁଥିଲେ, ରାଇସ୍ ୱାଟର ଲଗାଇପାରିବେ । ଏହା ତ୍ୱଚାର ଚମକ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ବିଶେଷ କରି ଏହା ରାତିରେ ଲଗାଇଲେ ସୁଫଳ ମିଳିଥାଏ ।**

- ରାଇସ୍ ୱାଟର୍ ତ୍ୱଚା ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ଏଥିରେ ଅଧିକ ମାତ୍ରାରେ ମିନେରାଲ୍ସ, ଭିଟାମିନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ । ଯାହା ତ୍ୱଚାକୁ ପୋଷଣ ଦେଇଥାଏ ।
- ନିୟମିତ ରାଇସ ୱାଟର ଲଗାଇବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ । ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ । ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିବା ସହ ଶୁଷ୍କପଣ ଦୂର କରିଥାଏ ।
- ଏଥିରେ ଆଣ୍ଟି – ଇନଫ୍ଲାମେଣ୍ଟାରୀ ଗୁଣ ରହିଥାଏ । ଯାହା ସୁଜନ ଓ ନାଲିଦାଗକୁ ଦୂର କରିବାରେ ସହାୟକ ହୋଇଥାଏ । ଏହା ମୁହଁ ଜଳାପୋଡ଼ା ଓ କୁଣ୍ଡେଇ ହେବାରୁ ସୁରକ୍ଷା ଦେଇଥାଏ । ରାଇସ ୱାଟରଯୁକ୍ତ ଆମିନୋଏସିଡ୍ ତ୍ୱଚାକୁ ଟାଇଟ କରିବା ଏବଂ ପୋର୍ସକୁ ପୂରଣ କରିବାରେ ସହାୟକ ହୋଇଥାଏ ।



ମୋ ହାଣ୍ଡିଶାଳରୁ...

# ଚିକେନ୍ ଗାର୍ଲିକ୍ ରୋଷ୍ଟ

**ଆବଶ୍ୟକ ସାମଗ୍ରୀ**

ବୋନ୍‌ଲେସ୍ ଚିକେନ୍ – ୪୦୦ ଗ୍ରାମ୍, କଟା ପିଆଜ – ଏକ କପ୍, ଭଜା ପିଆଜ – ଏକ କପ୍, ରସୁଣ – ଗୋଟିଏ, ଅଦା – ଅଧା ଇଞ୍ଚ, ଦହି- ଦୁଇ ଚାମଚ, ହଳଦିଗୁଣ୍ଡ- ଏକ ଚାମଚ, କାଶ୍ମୀର ଲଙ୍କା ଗୁଣ୍ଡ- ଏକ ଚାମଚ, ଧନିଆଗୁଣ୍ଡ- ଏକ ଚାମଚ, ଜୀରା ଗୁଣ୍ଡ- ଏକ ଚାମଚ, ଗରମମସଲା- ଏକ ଚାମଚ, କଞ୍ଚାଲଙ୍କା – ଦୁଇ ଗୋଟି, ଧନିଆ ପତ୍ର – ଏକ କପ୍, - ଭୃର୍ସୁଙ୍ଗପତ୍ର - ଏକ ପାଖୁଡ଼ା, ଲେମ୍ବୁ ରସ – ଏକ ଚାମଚ, ଗୁଜୁରାତି-ଦୁଇ ଗୋଟି, ଲବଙ୍ଗ- ଦୁଇଟି, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ**

ଚିକେନ୍‌କୁ ଏକ ପାତ୍ରରେ ରଖି ଭଲ ଭାବେ ଧୋଇ ଦିଅନ୍ତୁ । ସେହି ଚିକେନ୍‌ରେ ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଦହି, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଜୀରା ଗୁଣ୍ଡ, ଗରମମସଲା, ଧନିଆଗୁଣ୍ଡ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏହା ପରେ ଭଜା ପିଆଜ, ଚାରି ପାଞ୍ଚକୋଳା ରସୁଣ, ଗୁଜୁରାତି ଓ ଲଙ୍କା ଗୁଣ୍ଡ ପକାଇ ଗ୍ରାଇଣ୍ଡିଙ୍ଗ୍ କରି ଦିଅନ୍ତୁ । ଚୁଲାରେ ଆଉ ଏକ କଡ଼େଇ ବସାଇ ସେଥିରେ ଅଳ୍ପ ବଟର ଦିଅନ୍ତୁ । ଏହା ପରେ ରସୁଣ କଟା ଓ ପିଆଜ କଟା ଦେଇ ଭଲ ଭାବେ ଭାଜନ୍ତୁ । ଭାଜି ହୋଇଗଲା ପରେ ଗୋଳାଇ ରଖିଥିବା ଚିକେନ୍‌କୁ ଦେଇ ଦିଅନ୍ତୁ । ପିଠାଖଡ଼ିକାରେ ଏପାଖ ସେପାଖ କରି ଗ୍ରାଇଣ୍ଡିଙ୍ଗ କରି ରଖିଥିବା ମସଲାକୁ ଦେଇ ଦିଅନ୍ତୁ । ଏହାକୁ ଏପାଖସେପାଖ କରି ୫ ମିନିଟ୍ ଘୋଡ଼ାଇ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟି ସେଥିରେ ଭୃର୍ସୁଙ୍ଗପତ୍ର ଓ ଧନିଆପତ୍ର ପକାଇ ଗୋଳାଇ ଦିଅନ୍ତୁ । ଏହା ପରେ ପ୍ଲେଟ୍‌କୁ କାଢ଼ି ପରଷି ଦିଅନ୍ତୁ ଚିକେନ ଗାର୍ଲିକ ରୋଷ୍ଟ ।



# ହ୍ୱାଇଟ୍ ନେଲ୍ ଆର୍ଟ

**ଅନେକ ମହିଳା ନଖକୁ ସୁନ୍ଦର କରିବା ପାଇଁ ନେଲ ଆର୍ଟ କରିଥାନ୍ତି । କିନ୍ତୁ ସବୁବେଳେ ଗୋଟିଏ ଡିଜାଇନ୍‌ର ନେଲ ଆର୍ଟ ଭଲ ଲାଗେ ନାହିଁ । ତେଣୁ ଟ୍ରେଣ୍ଡ ଅନୁଯାୟୀ ନେଲ୍ ଆର୍ଟ କଲେ, ଏହା ନଖର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ତେବେ ବର୍ତ୍ତମାନ ସମୟରେ ହ୍ୱାଇଟ୍ ନେଲ୍ ଆର୍ଟ ଟ୍ରେଣ୍ଡରେ ରହିଛି ।**





**ସିମର୍ କୋଟ**

ନଖକୁ ଚିକ୍‌ମିକ୍ କରିବାକୁ ଚାହୁଁଥିଲେ, ଏହି ଡିଜାଇନ୍ ଖୁବ୍ ଭଲ । ବିଶେଷ କଥା ହେଉଛି, ପାର୍ଲର ନଯାଇ ଏହାକୁ ଘରେ ସହଜରେ କରିପାରିବେ । ଏଥି ସହ ଏହା ବିଭିନ୍ନ ଆଉଟ୍‌ଫିଟ୍‌କୁ ଖୁବ୍ ସୁନ୍ଦର ମାନିଥାଏ । ଏଥିପାଇଁ ପ୍ରଥମେ ନଖରେ ଏକ ମିଲ୍‌କ ହ୍ୱାଇଟ୍ ରଙ୍ଗର ଏକ ନେଲପଲିସ୍ ଲଗାନ୍ତୁ । ଏହାପରେ ନଖର ଉପର ଭାଗରେ ସିଲ୍‌ଭର୍ ରଙ୍ଗର ନେଲ୍ ପେଣ୍ଟ କରନ୍ତୁ ।

**କ୍ରୋମ୍ ଫ୍ରେଞ୍ଚ**

ସିଲ୍‌ଭର୍ ରଙ୍ଗର କ୍ରୋମ୍ ପାଉଡର୍ ନଖକୁ ଏକ ଧୂଆଁଳିଆ ଲୁକ୍ ଦେଇଥାଏ । ତେଣୁ ଏହାକୁ ନଖରେ ଲଗେଇଲେ ସୁନ୍ଦର ଦେଖାଯାଏ । ଏଥିରୁ ନଖକୁ ଶୀତଦିନିଆ ଲୁକ୍ ମିଳିଥାଏ । ତେଣୁ ଏ ପ୍ରକାର ନେଲ୍ ଆର୍ଟ ବର୍ତ୍ତମାନ ଟ୍ରେଣ୍ଡରେ ରହିଛି । ଏହା ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

**ମିଲ୍‌କ ହ୍ୱାଇଟ୍**

ନଖକୁ ସମ୍ପୂର୍ଣ୍ଣ ଧଳା ଓ ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ, ମିଲ୍‌କ ହ୍ୱାଇଟ୍ ନେଲ ଡିଜାଇନ୍ କରିପାରିବେ । ଏଥିପାଇଁ ନଖରେ ଧଳା ରଙ୍ଗର ଦୁଇ ପରସ୍ତ କରି ଲଗାନ୍ତୁ । ଏହା ଦ୍ୱାରା ନଖ ମିଲ୍‌କ ହ୍ୱାଇଟ୍ ଦେଖାଯାଏ ।

**ସଫ୍ଟ ଓମ୍ବ୍ରେ**

ଓମ୍ବ୍ରେ ଲିପ୍ସ ବ୍ୟତୀତ ଓମ୍ବ୍ରେ ସଫ୍ଟ ନେଲ୍ ଆର୍ଟ ଏବେ ଟ୍ରେଣ୍ଡରେ ରହିଛି । ଏହି ଡିଜାଇନ୍ ଉଜ୍ଜ୍ୱଳ ଧଳା ରଙ୍ଗରୁ ଆରମ୍ଭ ହୋଇ, ଧୀରେ ଧୀରେ ହାଲୁକା ଗୋଲାପି ରଙ୍ଗକୁ ପରିବର୍ତ୍ତନ ହୋଇଥାଏ । ଯାହା ନଖର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଏକ କ୍ଲାସିକ୍ ଲୁକ୍ ଦେଇଥାଏ ।

**ଷ୍ଟାର ଡିଜାଇନ୍**

କିଛି ଯୁବତୀ ନଖରେ ନେଲ୍‌ପଲିସ୍ ଲଗାଇବାକୁ ପସନ୍ଦ କରନ୍ତିନି । ଏପରି ସ୍ଥଳେ ନେଲ୍ ଅଏଲ୍ ଲଗାଇ ଷ୍ଟାର୍ ଡିଜାଇନ୍ କରି ନଖକୁ ଏକ ସୁନ୍ଦର ଲୁକ୍ ଦେଇପାରିବେ ।

■ ଫାଙ୍କା ପଡ଼ିଛି ସଭାପତି ପଦ

## ଫେବୃଆରୀ ୨୩ରେ ଓସିଏ ନିର୍ବାଚନ!

କଟକ,୧୫।୧(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ସଭାପତି କିଏ ହେବ ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇ ସାରିଲାଣି। ରାଜ୍ୟର ଅନେକ ବରିଷ୍ଠ କ୍ରୀଡ଼ା ସଙ୍ଗଠକଙ୍କ ନାମ ଧିରେ ଧିରେ ଚର୍ଚ୍ଚାକୁ ଆସୁଛି। ତେବେ ଫେବୃଆରୀ ୯ ତାରିଖରେ ଅନ୍ତର୍ଜାତୀୟ ମ୍ୟାଚ୍ ଶେଷ ହେବା ପରେ ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଏବଂ ସଭାପତି ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ନିର୍ବାଚନ ନିମନ୍ତେ ଓସିଏ ପକ୍ଷରୁ ମଧ୍ୟ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇ ସାରିଲାଣି।

ଗତ ୨୯ରେ ଓସିଏର ବାର୍ଷିକ ସାଧାରଣ ପରିଷଦ ବୈଠକ ଅବସରରେ ପ୍ରଣବ ପ୍ରକାଶ ଦାସ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ପତ୍ର ପ୍ରଦାନ କରିଥିବା ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ନିୟମ ଅନୁସାରେ ୪୫ଦିନ ଭିତରେ ପଦ ପୂରଣ ହେବ। ତେବେ ଫେବୃଆରୀ ୧୦ ତାରିଖ ସୁଦ୍ଧା ନୂତନ ସଭାପତି ଦାୟିତ୍ୱ ଗ୍ରହଣ କରିବା କଥା। ମାତ୍ର ଏହା ପୂର୍ବଦିନ ବାରବାଟୀରେ ଭାରତ-ଇଂଲଣ୍ଡ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ ରହିଥିବାରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଏବଂ ସଭାପତି ନିମନ୍ତେ କର୍ମକର୍ତ୍ତା ନିର୍ବାଚନକୁ ଫେବୃଆରୀ ୨୩କୁ ଘୁଞ୍ଚାଇ ଦିଆଯାଇଛି। ଓସିଏର ନିର୍ବାଚନ ଅଧିକାରୀ ଏମ୍.ଏଲ୍ ମଜୁମଦାର ଓସିଏ ସହ ଅନୁବନ୍ଧିତ ୟୁନିଟ୍ ଅର୍ଥାତ୍ କ୍ଲବ୍, ଜିଲ୍ଲା ସଂଘ ସମେତ ଅନ୍ୟମାନଙ୍କୁ ଚିଠି କରି ଓସିଏ ନିର୍ବାଚନକୁ କାହାକୁ ପ୍ରତିନିଧି କରାଯିବ ତାହାର ତାଲିକା ମାଗିଛନ୍ତି। ଅନୁବନ୍ଧିତ ୟୁନିଟ ଗୁଡିକ ଆସନ୍ତା ୨୭ ତାରିଖ ସୁଦ୍ଧା ପ୍ରତିନିଧି ତାଲିକା ପ୍ରଦାନ କରିବେ।

## ପାରା କ୍ରୀଡ଼ାରେ ଓଡ଼ିଶାକୁ ୨ ପଦକ




ଭୁବନେଶ୍ୱର, ୧୫।୧ (ସମିସ): ଆନ୍ଧ୍ରପ୍ରଦେଶର ଭାଇଜାଗରେ ଚାଲିଥିବା ୯ମ ପାରା ବୋସିଆ ଜାତୀୟ ଚାମ୍ପିଅନସିପ୍‌ରେ ସୋନାଲି ଓଝା ଓ ସୁଧୀର ମଲିକଙ୍କୁ ନେଇ ଗଠିତ ଓଡ଼ିଶା ମିଶ୍ରିତ ଦଳ ରୌପ୍ୟ ପଦକ ଜିତିଛନ୍ତି। ମିଶ୍ରିତ ଦଳ ବି-୪ ବର୍ଗରେ ଏହି ଯୋଡି ଫାଇନାଲରେ ଜତିନ ଖୁସ୍‌ୱା ଓ ପୂଜା ଗୁପ୍ତାଙ୍କଠାରୁ ୪-୫ରେ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ଦମୟନ୍ତୀ ଓଝା ବି-୪ ବର୍ଗରେ ଅନ୍ୟତମ ଓଡ଼ିଆ ଖେଳାଳି ସୋନାଲି ଓଝାଙ୍କୁ ୫-୪ରେ ପରାସ୍ତ କରି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଦୁଇ ଭଉଣୀ ସେମିଫାଇନାଲରେ ପରାସ୍ତ ହେବା ପରେ କାଂସ୍ୟ ପଦକ ପାଇଁ ଖେଳିଥିଲେ।

## କାଲିଠାରୁ ଉତ୍କଳ ଓପନ୍ ଟେନିସ

ଭୁବନେଶ୍ୱର, ୧୫।୧ (ସମିସ): ନିଖିଳ ଓଡ଼ିଶା ଉତ୍କଳ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ଏକାଦଶ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବ। ଏସ୍ ଟେନିସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଚଳିତ ସଂସ୍କରଣରେ ମୋଟ୍ ୩ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ୧୨ ଓ ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ, ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ, ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ, ମହିଳା ସିଙ୍ଗଲ୍ସ ଓ ପୁରୁଷ ଭେଟେରାନବର୍ଗରେ ମ୍ୟାଚ୍ ଖେଳାଯିବ ବୋଲି ବୁଧବାର ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ରେଜିଷ୍ଟ୍ରେସନର ଅନ୍ତିମ ଦିବସ ରହିଛି। ରେଜିଷ୍ଟ୍ରେସନ ଲାଗି ମୋ-୯୪୩୭୦୬୦୬୫୩ରେ ଯୋଗାଯୋଗ କରିବାକୁ କୁହାଯାଇଛି।

## ୫ମ ଥର ଫାଇନାଲରେ କର୍ଣ୍ଣାଟକ

ଭଦୋଦାରା,୧୫।୧(ଏଜେନ୍ସି): କର୍ଣ୍ଣାଟକ ଏଥର ବିଜୟ ହଜାରେ ଟ୍ରଫି ଦିନିକିଆ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ କର୍ଣ୍ଣାଟକ ୧୬ ବଲ ବାକିଥାଇ ୫ ୱିକେଟରେ ହରିୟାଣାକୁ ପରାସ୍ତ କରି ୫ମ ଥର ପାଇଁ ଫାଇନାଲ ଟିକଟ ହାସଲ କରିଛି। କର୍ଣ୍ଣାଟକର ଦେବଦତ୍ତ ପଡିକାଲ ୮୬ ରନ କରିବା ସହ ୩ଟି କ୍ୟାଚ୍ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ହରିୟାଣା ୯ ୱିକେଟ ହରାଇ ୨୩୭ ରନ ସଂଗ୍ରହ କରିଥିଲା। ଜବାବରେ କର୍ଣ୍ଣାଟକ ୪୭.୨ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଗୁରୁବାର ଏଠାରେ ବିଦର୍ଭ ଓ ମହାରାଷ୍ଟ୍ର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଶନିବାର ଫାଇନାଲ ଖେଳାଯିବ।

---

ତୃତୀୟ ମହିଳା ଦିନିକିଆ: ଆୟର୍ଲାଣ୍ଡ ୩୦୪ ରନରେ ପରାସ୍ତ

# ଭାରତର ସର୍ବବୃହତ୍ ବିଜୟ

ପ୍ରତୀକାଙ୍କ ବୃହତ୍ ଓ ମନ୍ଧାନାଙ୍କ ଦ୍ରୁତତମ ଶତକ ■ ୩-୦ରେ ଭାରତର ସିରିଜ ସୁଇପ୍




ରାଜକୋଟ୍,୧୫।୧(ଏଜେନ୍ସି): ଦିନିକିଆ କ୍ରିକେଟରେ ଭାରତୀୟ ମହିଳା ଦଳ ଇତିହାସ ସୃଷ୍ଟି କରିଛି। ଏଠାରେ ବୁଧବାର ଖେଳାଯାଇଥିବା ଆୟର୍ଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ୩୦୪ରେ ବିଜୟ ହାସଲ କରିଛି। ଏଥିସହ ଭାରତ ରନ ଦୃଷ୍ଟିକୋଣରୁ ଦିନିକିଆ ଇତିହାସରେ ସର୍ବବୃହତ୍ ବିଜୟ ହାସଲ କରିଛି। ସିରିଜର ସବୁ ମ୍ୟାଚ୍ ଜିତି ଭାରତ ୩-୦ରେ କ୍ଲିନ୍ ସୁଇପ୍ କରିଛି। ଏହାପୂର୍ବରୁ ଭାରତ ୨୦୧୭ରେ ଆୟର୍ଲାଣ୍ଡକୁ ୨୪୯ ରନରେ ପରାସ୍ତ କରି ସର୍ବବୃହତ୍ ବିଜୟ ହାସଲ କରିଥିଲା।

### ବିସିସିଆଇ ଅମ୍ପାୟାରଙ୍କ ଝିଅ ପ୍ରତୀକା ଶ୍ରେଷ୍ଠ ଖେଳାଳି

ଟସ୍ ଜିତି ଭାରତ ୫ ୱିକେଟ ହରାଇ ୪୩୫ ରନ ସଂଗ୍ରହ କରିଥିଲା। ମହିଳା ଦିନିକିଆ କ୍ରିକେଟରେ ଏହା ଚତୁର୍ଥ ସର୍ବାଧିକ ସ୍କୋର ବିବେଚିତ ହୋଇଛି। ଜବାବରେ ଆୟର୍ଲାଣ୍ଡ ୩୧.୪ ଓଭରରେ ୧୩୧ ରନରେ ଅଲ୍‌ଆଉଟ ହୋଇଥିଲା। ୨୪ ବର୍ଷୀୟା ଓପନର ପ୍ରତୀକା ରାୱଲ୍ ସର୍ବାଧିକ ୧୫୪ ରନର ଶତକୀୟ ପାଳି ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସାରା ସିରିଜରେ ୩୧୦ ରନକରି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ପ୍ରତୀକା ହେଉଛନ୍ତି ବିସିସିଆଇ ସ୍ୱୀକୃତିପ୍ରାପ୍ତ ଲେବଲ୍-୨ ଅମ୍ପାୟାର ପ୍ରଦୀପ ରାୱଲଙ୍କ ଝିଅ। ଆୟର୍ଲାଣ୍ଡର ସାରା ଫୋର୍ବ୍ସ ୪୧ ଓ ଓର୍ଲା ପ୍ରେଣ୍ଡରଗାଷ୍ଟ ୩୬ ରନ କରିଥିଲେ। ଭାରତର ଦୀପ୍ତି ଶର୍ମା ୩, ତନୁଜା କନୱାର ୨ ୱିକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ତରଫରୁ ମନ୍ଧାନା ୮୦ ବଲରୁ ୧୨ ଚୌକା ଓ ୭ ଛକା ସହ ୧୩୫ ରନ କରିଥିଲେ। ସେ ୭୦ ବଲରୁ ଶତକ ଅର୍ଜନ କରି ଭାରତର ଦ୍ରୁତତମ ଶତକ ହାସଲ କରି ରେକର୍ଡ କରିଛନ୍ତି। ସେହିପରି ପ୍ରତୀକା ୧୨୯ ବଲରୁ ୨୦ ଚୌକା ଓ ୧ ଛକା ସହ ୧୫୪ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ।

**ମହିଳା ଦିନିକିଆରେ ୫ ସର୍ବୋଚ୍ଚ ଦଳଗତ ସ୍କୋର**

| ଦଳ | ସ୍କୋର | ପ୍ରତିପକ୍ଷ | ବର୍ଷ |
|---|---|---|---|
| ନ୍ୟୁଜିଲାଣ୍ଡ | ୪୯୧/୪ | ଆୟର୍ଲାଣ୍ଡ | ୨୦୧୮ |
| ନ୍ୟୁଜିଲାଣ୍ଡ | ୪୫୫/୫ | ପାକିସ୍ତାନ | ୧୯୯୭ |
| ନ୍ୟୁଜିଲାଣ୍ଡ | ୪୪୦/୩ | ଆୟର୍ଲାଣ୍ଡ | ୨୦୧୮ |
| ଭାରତ | ୪୩୫/୫ | ଆୟର୍ଲାଣ୍ଡ | ୨୦୨୫ |
| ନ୍ୟୁଜିଲାଣ୍ଡ | ୪୧୮ | ଆୟର୍ଲାଣ୍ଡ | ୨୦୧୮ |




---

ଖୋ ଖୋ ବିଶ୍ୱକପ୍

## କ୍ୱାର୍ଟରରେ ଭାରତୀୟ ମହିଳା ଓ ପୁରୁଷ ଦଳ

ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଖୋ ଖୋ ବିଶ୍ୱକପର ପ୍ରଥମ ସଂସ୍କରଣରେ ଆୟୋଜକ ଭାରତୀୟ ପୁରୁଷ ଓ ମହିଳା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତୀୟ ମହିଳା ଦଳ ୮୪ ପଏଣ୍ଟରେ ଇରାନକୁ ହରାଇ ନକ୍‌ଆଉଟ୍‌ରେ ସ୍ଥାନ ପକ୍କା କରିଥିଲା। ମ୍ୟାଚରେ ଭାରତ ୧୦୦-୧୬ ପଏଣ୍ଟରେ ବିଜୟୀ ହୋଇଥିଲା। ଏଥିପୂର୍ବରୁ ଭାରତ ପ୍ରଥମ ଦିବସରେ ୧୭୫-୧୮ ପଏଣ୍ଟର ବୃହତ୍ ବ୍ୟବଧାନରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଦୁଇ ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଭାରତ ଗ୍ରୁପ୍-ଏ'ର ଶୀର୍ଷ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଗୁରୁବାର ମାଲେସିଆକୁ ଭେଟିବ। ଭାରତୀୟ ଦଳରେ ଦୁଇଜଣ ଓଡ଼ିଆ ଖେଳାଳି ଶୁଭଶ୍ରୀ ସିଂ ଓ ମଗାଇ ମାଝୀ ଖେଳୁଛନ୍ତି।




### ପୁରୁଷ ଦଳର ହ୍ୟାଟ୍ରିକ ବିଜୟ

ସେହିଭଳି ପୁରୁଷ ଖୋ ଖୋ ବିଶ୍ୱକପ୍‌ରେ ଭାରତୀୟ ଦଳ ଏହାର ଦମ୍‌ଦାର ପ୍ରଦର୍ଶନ ଜାରି ରଖି ହ୍ୟାଟ୍ରିକ ବିଜୟ ହାସଲ କରିଛି। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ବୁଧବାର ୭୦-୩୮ ପଏଣ୍ଟରେ ପେରୁକୁ ପରାସ୍ତ କରିଥିଲା। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚରେ ଭାରତ ଯଥାକ୍ରମେ ୪୨-୩୭ରେ ନେପାଳକୁ ଓ ୬୪-୩୪ରେ ବ୍ରାଜିଲକୁ ହରାଇଥିଲା। ଫଳରେ ୩ ମ୍ୟାଚରୁ ୬ ପଏଣ୍ଟ ସହ କ୍ୱାର୍ଟରରେ ଭାରତ ସ୍ଥାନ ନିଶ୍ଚିତ କରିଛି। ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ଗୁରୁବାର ଭୁଟାନକୁ ଭେଟିବ।

■ ଅଷ୍ଟ୍ରେଲିଆନ୍ ଓପନ୍

## ତୃତୀୟ ରାଉଣ୍ଡରେ ଜୋକୋଭିଚ୍

ମେଲବୋର୍ଣ୍ଣ,୧୫।୧(ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଉଭୟ ପୁରୁଷ ଓ ମହିଳା ଏକକରେ ସିଡେଡ ଖେଳାଳିମାନଙ୍କ ବିଜୟ ଅଭିଯାନ ଜାରି ରହିଛି। ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ୭ମ ସିଡ୍ ସର୍ବିୟ ଅଭିଜ୍ଞ ଖେଳାଳି ନୋଭାକ ଜୋକୋଭିଚ୍ ବୁଧବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୧, ୬-୭, ୬-୭, ୫-୭ ସେଟ୍‌ରେ ପର୍ତ୍ତୁଗାଲରେ ଜେମି ଫରିଆଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏଥିସହ ୩୭ ବର୍ଷୀୟ ଜୋକୋଭିଚ୍ ଅଷ୍ଟ୍ରେଲିଆନ୍ ଓପନ୍‌ରେ ୪୩୦ତମ ମ୍ୟାଚ୍ ଖେଳି ସ୍ୱିଜରଲାଣ୍ଡ କିମ୍ବଦନ୍ତୀ ରୋଜର ଫେଡରରଙ୍କୁ ପଛରେ ପକାଇଛନ୍ତି। ସେହିପରି ଅନ୍ୟ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ଗୁଡିକରେ ଦ୍ୱିତୀୟ ସିଡ୍ ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ, ତୃତୀୟ ସିଡ୍ ସ୍ପେନ୍‌ର କର୍ଲୋସ ଆଲକାରାଜ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଷଷ୍ଠସିଡ୍ ଡେନମାର୍କର କାସ୍ପେର ରୁଡ୍ ୨-୬, ୬-୩, ୧-୬, ୪-୬ ସେଟ୍‌ରେ ଜାକୁବ୍ ମେନସିକଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଅପରପକ୍ଷରେ ମହିଳା ଏକକରେ ଟପ୍ ସିଡ୍ ବେଲାରୁଷର ଅରିନା ସାବାଲେଙ୍କା ୬-୩, ୭-୫ ସେଟ୍‌ରେ ସ୍ପେନ୍‌ର ଜେସିକା ମାନେରିଓଙ୍କୁ ହରାଇଛନ୍ତି। ସେହିଭଳି ଆମେରିକାର କୋକୋ ଗଫ୍, ଜେସିକା ପେଗୁଲା, ସ୍ପେନର ପାଉଲା ବଡୋସା ମଧ୍ୟ ୨ୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି।



---

## ଓଡ଼ିଶା ୱାରିୟର୍ସର ପ୍ରଥମ ପରାଜୟ

ରାଞ୍ଚି, ୧୫।୧ (ଏଜେନ୍ସି): ଏଠାରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ୱାରିୟର୍ସ ପ୍ରଥମ ପରାଜୟବରଣ କରିଛି। ବୁଧବାର ଖେଳାଯାଇଥିବା ଏକ ମ୍ୟାଚରେ ସୁରମା ହକି କ୍ଲବ ୨-୧ ଗୋଲରେ ଓଡ଼ିଶା ୱାରିୟର୍ସକୁ ମାତ୍ ଦେଇଛି। ଏଥିସହ ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ଓଡ଼ିଶା ୨ୟ ସ୍ଥାନକୁ ଖସିଆସିଛି। ସେହିଭଳି ସୁରମା ହକି କ୍ଲବ ୨ୟ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇ ଅଙ୍କ ତାଲିକାର ଶୀର୍ଷକୁ ଉଠିଛି। ଓଡ଼ିଶା ଗୁରୁବାର ରାରହ ବେଙ୍ଗଲ ଟାଇଗର୍ସକୁ ଭେଟିବ।

ରାଞ୍ଚିର ଜୟପାଲ୍ ସିଂହ ଷ୍ଟାଡିୟମରେ ବୁଧବାର ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚର ଆରମ୍ଭରୁ ସୁରମା ହକି କ୍ଲବର ହିନା ବାନୋ ଗୋଲ୍ ଦେଇ ୧-୦ରେ ଆଗୁଆ କରାଇଥିଲେ। ନେହା ଗୋୟଲଙ୍କ ନେତୃତ୍ୱରେ ଖେଳୁଥିବା ଓଡ଼ିଶା ୱାରିୟର୍ସ ଏହାପରେ ମ୍ୟାଚକୁ ଫେରିବାକୁ ଆପ୍ରାଣ ଉଦ୍ୟମ କରିଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ଖେଳ ଯୋଗୁ ୨ୟ ଓ ୩ୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ତଥା ୪୭ତମ ମିନିଟ୍‌ରେ ସୋନମ ଏକ ଫିଲ୍ଡ ଗୋଲ୍ ଦେଇ ସୁରମାର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇଥିଲେ। ତେବେ ମ୍ୟାଚ ଶେଷ ହେବାକୁ ୩ ମିନିଟ୍ ବାକି ଥିବାବେଳେ ଫ୍ରିକି ମୋଇସ୍ ଓଡ଼ିଶା ପାଇଁ ଗୋଲ୍ ଖାତା ଖୋଲିଥିଲେ। ତେବେ ଏହା କେବଳ ଓଡ଼ିଶାର ପରାଜୟ ବ୍ୟବଧାନକୁ କେବଳ ହ୍ରାସ କରିଥିଲା। ଶେଷରେ ସୁରମା ହକି କ୍ଲବ ୨-୧ରେ ଜିତି ୩ ପଏଣ୍ଟ ହାତେଇନେଇଥିଲା।

ହକି ଇଣ୍ଡିଆ ଲିଗ୍

### ବେଙ୍ଗଲ ଟାଇଗର୍ସର ୪ର୍ଥ ବିଜୟ

ରାଉରକେଲା, ୧୫।୧ (ସମିସ): ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ରାରହ ବେଙ୍ଗଲ ଟାଇଗର୍ସ ୫-୩ ଗୋଲରେ ୟୁପି ରୁଦ୍ରସକୁ ପରାସ୍ତ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଜି. ବୋକାର୍ଡ, ଯୁଗରାଜ ସିଂହ ଓ ସୁଖଜିତ୍ ସିଂହଙ୍କ ଗୋଲ୍ ବଳରେ ବେଙ୍ଗଲ ଟାଇଗର୍ସ ୩-୦ରେ ଅଗ୍ରଣୀ ଲାଭ କରିଥିଲା। ଏଥିସହ ବେଙ୍ଗଲ ୬ଷ୍ଠ ମ୍ୟାଚରୁ ୪ର୍ଥ ବିଜୟ ହାସଲ କରି ୧୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ରୁଦ୍ରସର ଏହାର ୬ଷ୍ଠ ମ୍ୟାଚରୁ ୩ୟ ପରାଜୟ ଥିଲା। ଦଳ ୯ ପଏଣ୍ଟ ସହ ୪ର୍ଥ ସ୍ଥାନକୁ ଖସିଯାଇଛି। ଗୁରୁବାର କଳିଙ୍ଗ ଲାନ୍ସର୍ସ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ପ୍ରିୟବ୍ରତ ସ୍ମାରକୀ ସ୍ନୁକର

### ସେମିରେ ସୁବ୍ରତ-ରାକେଶ

ଭୁବନେଶ୍ୱର, ୧୫।୧ (ସମିସ): ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ୍ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଏଠାରେ ଚାଲିଥିବା ପ୍ରିୟବ୍ରତ ସ୍ମାରକୀ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ଆଶୁତୋଶ ପାଢ଼ୀ, ସୁବ୍ରତ ଦାସ ଓ ଡ. ରାକେଶ ପ୍ରଧାନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ କ୍ୱାର୍ଟରରେ ସୁବ୍ରତ ୩-୨ ଫ୍ରେମରେ ଅଲ୍‌ତାଫ ଅଲିଙ୍କୁ, ଆଶୁତୋଷ ୩-୦ରେ ସୁମିତ୍ ସାହୁଙ୍କୁ ଓ ରାକେଶ ୩-୧ ଫ୍ରେମରେ ଚିରଞ୍ଜୀବ ସିଂଙ୍କୁ ହରାଇଥିଲେ। ସୁବ୍ରତ ଓ ରାକେଶଙ୍କ ମଧ୍ୟରେ ପ୍ରଥମ ସେମିଫାଇନାଲ ଓ ଆଶୁତୋଷ ଶେଷ କ୍ୱାର୍ଟରର ବିଜେତାଙ୍କୁ ଗୁରୁବାର ସେମିରେ ଭେଟିବେ।

---

ପରାଜୟ ପରେ କଠୋର ହେଲା ବିସିସିଆଇ

# ପତ୍ନୀଙ୍କ ଯୋଗୁ ଫେଲ୍ ମାରୁଛନ୍ତି ଖେଳାଳି!

ନୂଆଦିଲ୍ଲୀ,୧୫।୧(ଏଜେନ୍ସି): ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତର ପରାଜୟ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆହୁରି କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି। ଏହି ସିରିଜରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରି ୧-୩ରେ ପରାସ୍ତ ହୋଇଥିଲା। ଫଳରେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲା। ଏହି ପରାଜୟକୁ ବୋର୍ଡ ବେଶ୍ ଗମ୍ଭୀରତା ସହ ଗ୍ରହଣ କରିଛି। ତେଣୁ ଖେଳାଳିମାନଙ୍କ ଉପରେ ବୋର୍ଡ କଡ଼ା ଆଭିମୁଖ୍ୟ ଗ୍ରହଣ କରିବ। ସାଥିରେ ପତ୍ନୀ ଓ ପରିବାର ରହୁଥିବାରୁ ବିଦେଶୀ ଗସ୍ତରେ ଭାରତୀୟ ତାରକାମାନେ ଫେଲ୍ ମାରୁଛନ୍ତି ବୋଲି ଚର୍ଚ୍ଚା ହେଉଛି ଓ ଏଥିପାଇଁ ଖେଳାଳିଙ୍କ ଉପରେ ନୂଆ ନିୟମ ଜାରି କରାଯିବ। କୌଣସି ବିଦେଶ ଗସ୍ତ ୪୫ ଦିନରୁ ଅଧିକ ହେଲେ ଖେଳାଳିଙ୍କ ପତ୍ନୀ ଓ ପରିବାର ତାଙ୍କ ସହ ଦୁଇ ସପ୍ତାହରୁ ଅଧିକ ରହିପାରିବେ ନାହିଁ। ଯଦି ଗସ୍ତ ଆହୁରି କମ୍ ସମୟର ହେବ ତେବେ ପତ୍ନୀ ଓ ପରିବାର ମାତ୍ର ଗୋଟିଏ ସପ୍ତାହ ସାଥିରେ ରହିପାରିବେ। ଏଥିସହ ସବୁ ଖେଳାଳି ଟିମ୍ ବସ୍‌ରେ ହିଁ ଯାତ୍ରା କରିବେ। ଅଷ୍ଟ୍ରେଲିଆ ଗସ୍ତରେ ବିରାଟ କୋହଲି ଓ ଯଶପ୍ରୀତ ବୁମ୍‌ରା ଟିମ୍ ବସ୍‌ରେ ନଯାଇ, ଅଲଗା ଗାଡିରେ ଗସ୍ତ କରୁଥିଲେ। ଏବେ ସବୁ ଖେଳାଳିଙ୍କୁ ଟିମ୍ ବସ୍‌ରେ ହିଁ ଯିବାକୁ ହେବ। କୋଭିଡ୍ -୧୯ ବେଳେ ଯେଉଁ ନିୟମ ସବୁ ଲାଗୁ କରାଯାଇଥିଲା ସେସବୁକୁ ପୁଣିଥରେ ଲାଗୁ କରାଯିବ ବୋଲି କୁହାଯାଇଛି। ଆଗାମୀ ଦିନରେ ଭାରତ ଇଂଲଣ୍ଡ ବିପକ୍ଷରେ ଏକ ଦୀର୍ଘ ଘରୋଇ ସିରିଜ ଖେଳିବ। ଏହି ସିରିଜରେ ବୋର୍ଡ ଏକାଧିକ ନିୟମ ଲାଗୁ କରିବ ବୋଲି ଆଶା କରାଯାଉଛି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ମ୍ୟାନେଜର ଗୌରବ ଆରୋରାଙ୍କ ପାଇଁ ମଧ୍ୟ ନିୟମ ଲାଗୁ କରାଯିବ।



### ଲଗେଜ୍ ଉପରେ କଟକଣା

ଏଥର ଖେଳାଳିମାନେ ବିଦେଶ ଗସ୍ତରେ ଦେଢ଼ କ୍ୱିଣ୍ଟାଲ ଅର୍ଥାତ ୧୫୦ କେଜିରୁ ଅଧିକ ଜିନିଷ ପତ୍ର ସାଥିରେ ନେଇପାରିବେ ନାହିଁ। ଯଦି କୌଣସି ଖେଳାଳି ଏହାଠାରୁ ଅଧିକ ଓଜନର ବସ୍ତୁ ନେବେ ତେବେ ବିସିସିଆଇ ଖର୍ଚ୍ଚ ବହନ କରିବ ନାହିଁ। ଖେଳାଳିମାନେ ଅତିରିକ୍ତ ଖର୍ଚ୍ଚ ବହନ କରିବେ ବୋଲି ଜଣାଯାଇଛି। ବୋର୍ଡର ଏହି ଆଭିମୁଖ୍ୟକୁ ପୂର୍ବତନ କ୍ରିକେଟର ତଥା ଭାଷ୍ୟକାର ଆକାଶ ଚୋପ୍ରା ସମର୍ଥନ କରି ଏକ୍ସରେ ପୋଷ୍ଟ କରିଛନ୍ତି। କ୍ରିକେଟ ଟୁରରେ ୧୫୦ କେଜିରୁ ଅଧିକ ଜିନିଷ ନେବାର କ'ଣ ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କୌଣସି କ୍ରିକେଟ କିଟ୍ ବ୍ୟାଗ୍ ୪୦ କେଜିରୁ ଓ ୧୫ଟି ବ୍ୟାଟର ଓଜନ ୨୦ କେଜିରୁ ଅଧିକ ହେବନାହିଁ। ତାହାଲେ ଖେଳାଳିମାନେ କ'ଣ ୧୧୦ କେଜିର ପୋଷାକ ସାଥିରେ ନେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଆନ୍ତଃସ୍କୁଲ କ୍ରିକେଟ୍

## କିସ୍‌କୁ ହରାଇ ବିଜେଇଏମ୍ ଚାମ୍ପିଅନ



ଭୁବନେଶ୍ୱର, ୧୫।୧ (ସମିସ): ଭେଟେରାନ କ୍ରିକେଟ୍ ଆସୋସିଏସନ୍ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ସ୍ଥାନୀୟ ହାଇଟେକ୍ ମେଡିକାଲ ଗ୍ରାଉଣ୍ଡରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କିସ୍‌କୁ ୯୨ ରନରେ ପରାସ୍ତ କରି ବିଜେଇଏମ୍ ଚଳିତ ସଂସ୍କରଣର ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବିଜେଇଏମ୍ ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ୫୦ ରନ ବଳରେ ୩୦ ଓଭରରେ ୫ ୱିକେଟ୍ ହରାଇ ୧୮୨ ରନ କରିଥିଲା। ପ୍ରତିପକ୍ଷ କିସ୍ ସ୍କୁଲର ଆଦିତ୍ୟ ଧାରୁଆ ୩ଟି ୱିକେଟ୍ ନେଇଥିଲେ। ଜବାବରେ କିସ୍ ଦଳ ୯୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜେଇଏମ୍‌ର ମହମ୍ମଦ ଶାବଜାଇବ ଆଲାମ ୩ ଓ ମୃତ୍ୟୁଞ୍ଜୟ ୨ଟି ୱିକେଟ ନେଇଥିଲେ। ବିଜେଇଏମ୍‌ର ପ୍ରଣିକ ପ୍ରିୟାଂଶ ନାୟକ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ବ୍ୟାଟର୍ ହୋଇଥିଲେ। ସେହିଭଳି ମୃତ୍ୟୁଞ୍ଜୟ ଫାଇନାଲର, ଶ୍ରେୟାଂଶ ନାୟକ ଶ୍ରେଷ୍ଠ ବୋଲର, ବିନୋଦ ଧାରୁଆ ଶ୍ରେଷ୍ଠ ଫିଲ୍ଡର, ରୁଦ୍ର ପ୍ରସାଦ ସ୍ୱାଇଁ ଶ୍ରେଷ୍ଠ ୱିକେଟ୍‌ରକ୍ଷକ ପୁରସ୍କାର ପାଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଦେବବ୍ରତ ମହାନ୍ତି, ଅଂଶୁମାନ ମହାପାତ୍ର, ରାଜଶେଖର ସୁବୁଦ୍ଧି, ଲଳିତ ମହାନ୍ତି, ବାବୁଧାନ ପଟ୍ଟନାୟକ, ନବରଞ୍ଜନ ପଟ୍ଟନାୟକ, ବଳଭଦ୍ର ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS